# ଜୀବିତ ଈଶ୍ୱର

## ଈଶ୍ୱର ତାହାଙ୍କ ପ୍ରତିଜ୍ଞାରେ ବିଶ୍ୱସ୍ତ

ଅଷ୍ଟାଦଶ ଶତାବ୍ଦୀରେ ମୋରେଭିଆନ୍ ମିଶନେରୀ **ଖ୍ରୀଷ୍ଟୋଫର୍ ଡାନୀ** ମଧ୍ୟ-ଆମେରିକାର ଆରାୱାକା ନାମକ ଭାରତୀୟ ଲୋକମାନଙ୍କ ମଧ୍ୟରେ ଅନେକ କାର୍ଯ୍ୟ କରିଥିଲେ । ପ୍ରାୟ ଦୁଇ ବର୍ଷ ସେ ଏହି ନିଷ୍ଠୁର ଭାରତୀୟ ଓ ହିଂସ୍ରକ ପଶୁମାନଙ୍କ ମଧ୍ୟରେ ଘଞ୍ଚ ଜଙ୍ଗଲରେ ଏକାକୀ ବାସ କରୁଥିଲେ । ଦିନେ ହଠାତ୍ ତାଙ୍କ କୁଡ଼ିଆ ଘରର ଉପର ଛାତରୁ ଏକ ବିଷଧର ସର୍ପ ସନ୍ଧ୍ୟା ସମୟରେ ତାଙ୍କ ଉପରେ ପଡ଼ିଲା, ଦୁଇ ତିନି ଥର ତାଙ୍କୁ କାମୁଡ଼ିବା ପରେ ତାଙ୍କର ଦେହରେ ଗୁଡ଼େଇ ହୋଇଗଲା । ଏହି ସାହସୀ ମିଶନେରୀ ସେହି ସମୟରେ ନିଜ ନିମନ୍ତେ ଚିନ୍ତା ନ କରି ଯେଉଁ ଲୋକମାନଙ୍କୁ ପାପରୁ ଉଦ୍ଧାରର ପଥ ଦେଖାଇବା ନିମନ୍ତେ ସେ ଆସିଥିଲେ, ସେମାନଙ୍କ ବିଷୟରେ ଅଧିକ ଚିନ୍ତିତ ହୋଇ ପଡ଼ିଲେ । ଯଦି ତାଙ୍କୁ ମୃତାବସ୍ଥାରେ ଦେଖିବାକୁ ମିଳେ, ତେବେ ସ୍ଥାନୀୟ ଲୋକମାନେ ତାଙ୍କୁ ହତ୍ୟା କରିଛନ୍ତି ବୋଲି ଜନରବ ହେବ । ତେଣୁ ଖଣ୍ଡିଏ ଚକ୍ ଖଡ଼ି ନେଇ ଟେବୁଲ୍ ଉପରେ ଏହା ଲେଖିଲେ, 'ଗୋଟିଏ ସର୍ପ ଦଂଶନରେ ମୁଁ ମୃତ୍ୟୁବରଣ କରିଛି' । ହଠାତ୍ ତାଙ୍କର ଏହି ବାକ୍ୟ ସ୍ମରଣକୁ ଆସିଲା, 'ସେମାନେ ହସ୍ତରେ ସର୍ପ ଧରିବେ, ପୁଣି ପ୍ରାଣନାଶକ କୌଣସି ପଦାର୍ଥ ପାନ କଲେ, ସେମାନଙ୍କର କିଛି କ୍ଷତି ହେବ ନାହିଁ । ତହିଁରେ ସର୍ପଟିକୁ ହାତରେ ଧରି ସେ ବାହାରେ ଫିଙ୍ଗି ଦେଇ ଶାନ୍ତିରେ ରାତ୍ରିରେ ବିଶ୍ରାମ ନେଲେ । ତହିଁ ଆରଦିନ କୌଣସି ଅସୁସ୍ଥତା ବିନା ସେ ଶଯ୍ୟାତ୍ୟାଗ କରି ପୂର୍ବ ପରି ଆପଣା କାର୍ଯ୍ୟକୁ ଚାଲିଗଲେ । ଦୀର୍ଘ ୨୭ ବର୍ଷ ଖ୍ରୀଷ୍ଟୋଫର୍ ସେହି ଲୋକମାନଙ୍କ ମଧ୍ୟରେ ସଫଳତାର ସହ ସେବାକାର୍ଯ୍ୟ କରିଥିଲେ ।

ଈଶ୍ୱର ବିଶ୍ୱସ୍ତ, ତାହାଙ୍କର ପ୍ରତିଜ୍ଞାସକଳ ଶକ୍ତିଶାଳୀ ଓ ବାସ୍ତବ! ପ୍ରତିଜ୍ଞା ରକ୍ଷା କରିବାରେ ସେ ବିଶ୍ୱସ୍ତ ଅଟନ୍ତି । ଆସ, ନିର୍ଭୟରେ ତାଙ୍କ ଉପରେ ଆପଣାର ସମସ୍ତ ଭାର ସମର୍ପଣ କରି ଜୀବନର ସମସ୍ତ ପ୍ରତିକୂଳ ପରିସ୍ଥିତିରେ ଅଗ୍ରସର ହେଉ ।

**'ଆକାଶ ଓ ପୃଥିବୀ ଲୋପ ପାଇବ, ମାତ୍ର ମୋହର ବାକ୍ୟସମୂହ କଦାପି ଲୋପ ପାଇବ ନାହିଁ'(ମାଥିଉ ୨୪:୩୫) ।**

**'ଈଶ୍ୱରଙ୍କ ବାକ୍ୟ ଅନନ୍ତକାଳସ୍ଥାୟୀ'(୧ମ ପିତର ୧:୨୫) ।**

**'କାରଣ ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ଯେପର୍ଯ୍ୟନ୍ତ ଆକାଶମଣ୍ଡଳ ଓ ପୃଥିବୀ ଲୋପ ନ ପାଇବ, ସେପର୍ଯ୍ୟନ୍ତ ସମସ୍ତ ନ ଘଟିବା ଯାଏ ବ୍ୟବସ୍ଥାରୁ ଏକ ମାତ୍ରା କି ଏକ ବିନ୍ଦୁ କୌଣସି ପ୍ରକାରେ ଲୋପ ପାଇବ ନାହିଁ'( ମାଥିଉ ୫:୧୮) ।**



# ଅତୁଳନୀୟ ପ୍ରେମ

**କ୍ରୋମୱେଲ୍‌ଙ୍କ** ଜୀବନକାଳ ମଧ୍ୟରେ ଜଣେ ସୈନିକ ଏକ ଗୁରୁତର ଅପରାଧରେ ଦଣ୍ଡିତ ହୋଇଥିବାରୁ ତାଙ୍କୁ ମୃତ୍ୟୁଦଣ୍ଡ ଆଦେଶ ଜାରି କରାଯାଇଥିଲା । ଏକ ନିର୍ଦ୍ଧିଷ୍ଟ ସମୟ ଓ ଦିନରେ ସେହି ମୃତ୍ୟୁଦଣ୍ଡର କାର୍ଯ୍ୟକ୍ରମ କରାଯିବା ପୂର୍ବରୁ ଏକ ଘଣ୍ଟା ବାଜିବ ଏବଂ ତାପରେ କାର୍ଯ୍ୟକ୍ରମ ଆରମ୍ଭ କରାଯିବାର ସ୍ଥିର ହୋଇଥିଲା । ସେହି ସମୟ ଥିଲା ଉକ୍ତ ସୈନିକଙ୍କ ନିମନ୍ତେ ଦ୍ୱିଗୁଣ ଶୋକର ସମୟ, କାରଣ ସେ ଯେ କେବଳ ଜଣେ ଯୁବକ ଥିଲେ, ତାହା ନୁହେଁ, ମାତ୍ର ଏକ ସୁନ୍ଦରୀ ଝିଅ ସହିତ ତାଙ୍କର ବିବାହ ନିର୍ବନ୍ଧ ମଧ୍ୟ ହୋଇଥିଲା । ସେହି ଯୁବତୀ ଝିଅ ଜଣକ ଯୁବକଙ୍କୁ ଏତେ ପ୍ରେମ କରୁଥିଲା ଯେ, ତାଙ୍କର ଜୀବନକୁ ରକ୍ଷା କରିବା ନିମନ୍ତେ ସେ ସମସ୍ତ ପ୍ରକାର ପ୍ରଚେଷ୍ଟା ମଧ୍ୟ କରିଥିଲା, ମାତ୍ର ସମସ୍ତ ବିଫଳ ହୋଇଥିଲା । ଏପରିକି ଟଙ୍କା ଲାଞ୍ଚ ଦେଇ ଘଣ୍ଟି ନ ବଜାଇବା ପାଇଁ ଜଗୁଆଳୀକୁ ସେ ମଣାଇଥିଲା, ମାତ୍ର ସେଥିରେ ମଧ୍ୟ ସେ ବିଫଳ ହୋଇଥିଲା । ସୈନିକଙ୍କର ମୃତ୍ୟୁଦଣ୍ଡ ସମୟ ନିକଟବର୍ତ୍ତୀ ହୋଇ ଆସୁଥାଏ – ତାହାଙ୍କୁ ସମ୍ମୁଖକୁ ଅଣାଗଲା, ଅନ୍ୟ ସୈନିକମାନେ ଉତ୍କଣ୍ଠାର ସହ ଘଣ୍ଟାର ସଂକେତକୁ ଅପେକ୍ଷା କରି ରହିଥାନ୍ତି– ମାତ୍ର ଘଣ୍ଟି ନ ବାଜିବାରୁ ସମସ୍ତେ ଆଶ୍ଚର୍ଯ୍ୟାନ୍ୱିତ ହେଲେ । ଅନ୍ୟମାନଙ୍କର ଅଜ୍ଞାତସାରରେ ଉକ୍ତ ଯୁବତୀ ଝିଅଟି ଘଣ୍ଟି ଝୁଲୁଥିବା ସ୍ଥାନକୁ ଚଢ଼ି, ଘଣ୍ଟିର ମଧ୍ୟଭାଗକୁ ଧରି ରଖି ଥାଏ । ସେହି ବୃଦ୍ଧ ତଥା ବଧିର ଘଣ୍ଟିବଜାଳୀ ଝୁଲୁଥିବା ଦଉଡ଼ିଟିକୁ ଖୁବ୍ ଜୋରରେ ଟାଣି ଘଣ୍ଟିକୁ ବଜାଇବା ପାଇଁ ଚେଷ୍ଟା କଲେ, ଘଣ୍ଟିଟି ଏ ପାଖ ସେପାଖ ଦୋହଲିବାକୁ ଲାଗିଲା, ମାତ୍ର ସେଥିରୁ କୌଣସି ଶବ୍ଦ ବାହାରିଲା ନାହିଁ, କାରଣ ସେହି ଉଦାରମତି ଝିଅଟି ଆଶାଶୂନ୍ୟ ଭାବରେ ଘଣ୍ଟିର ମଧ୍ୟଭାଗକୁ ଧରି ରଖିଥାଏ । ଏହି ସଂକଟ ପୁଣି ବିପଦପୂର୍ଣ୍ଣ ଅବସ୍ଥାରେ କ୍ଷତବିକ୍ଷତ ଓ ରକ୍ତାକ୍ତ ଶରୀରରେ ଘଣ୍ଟି ସହିତ ଝିଅଟି ମଧ୍ୟ ଝୁଲୁଥାଏ । ସେଥିପାଇଁ ସେହି ରାତିରେ ଘଣ୍ଟି ଆଉ ବାଜି ନ ଥିଲା । ଯେତେବେଳେ କ୍ରୋମୱେଲ୍ ସମସ୍ତ ଘଟଣା ଶୁଣିବାକୁ ପାରିଲେ, ସେ ସଙ୍ଗେ ସଙ୍ଗେ ଦୋଷୀ ସୈନିକଙ୍କୁ ନିର୍ଦ୍ଦୋଷରେ ଖଲାସ କରି ଦେଲେ । ବାସ୍ତବରେ, ଯେଉଁ ଝିଅଟି ନିଜ ଜୀବନକୁ ବିପଦ ସମ୍ମୁଖରେ ଫିଙ୍ଗି ଦେଇ ସେହି ଯୁବକଙ୍କ ଜୀବନକୁ ମୃତ୍ୟୁମୁଖରୁ ଉଦ୍ଧାର କରିବାକୁ ପଛଘୁଞ୍ଚା ଦେଇ ନ ଥିଲା, ତା'ର ସେହି ଗଭୀର ପ୍ରେମ ନିକଟରେ ନିଜକୁ ସମର୍ପଣ କରିବାଠାରୁ ଯୁବକଙ୍କର ଜୀବନରେ ଅନ୍ୟ କୌଣସି ଶ୍ରେଷ୍ଠ ବିଷୟ ନ ଥିଲା । ପରବର୍ତ୍ତୀ ଜୀବନ ସେହି ଝିଅକୁ ସମ୍ମାନର ସହ ସନ୍ତୁଷ୍ଟ କରିବାର ଆନନ୍ଦ କ'ଣ ଯୁବକଙ୍କ ଜୀବନରେ ଯଥେଷ୍ଟ ହେବ ନାହିଁ ?

ବାସ୍ତବରେ ଏହା ଏକ ହୃଦୟସ୍ପର୍ଶୀ ଘଟଣା । ଆମ୍ଭମାନଙ୍କ ପ୍ରତି ଖ୍ରୀଷ୍ଟ ଯୀଶୁଙ୍କର ପ୍ରେମ ଅତି ଗଭୀର ପୁଣି ବାସ୍ତବ ।

**‘କିନ୍ତୁ ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ, ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରୁଅଛନ୍ତି । ଅତଏବ, ଏହା ଆହୁରି ସୁନିଶ୍ଚିତ ଯେ, ଆମ୍ଭେମାନେ ଏବେ ତାହାଙ୍କ ରକ୍ତ ଦ୍ୱାରା ଧାର୍ମିକ ଗଣିତ ହେବାରୁ ତାହାଙ୍କ ଦ୍ୱାରା ଈଶ୍ୱରଙ୍କ କ୍ରୋଧରୁ ରକ୍ଷା ପାଇବା‘(ରୋମୀ ୫:୮,୯) ।**

## ଈଶ୍ୱର କଥା କହନ୍ତି

ଯେକୌଣସି ବ୍ୟକ୍ତି ଈଶ୍ୱରଙ୍କର ସ୍ୱର ଶୁଣି ପାରନ୍ତି । ମନୁଷ୍ୟ ଯେତେବେଳେ ଶୁଣିବ, ଈଶ୍ୱର ସେତେବେଳେ କଥା କହନ୍ତି । ଯେତେବେଳେ ଈଶ୍ୱର କଥା କହନ୍ତି, ମନୁଷ୍ୟ ପରିବର୍ତ୍ତିତ ହୁଏ, ମନୁଷ୍ୟର ପରିବର୍ତ୍ତନରେ ଦେଶର ପରିବର୍ତ୍ତନ ହୁଏ । ପର୍ବତ ଶିଖରରେ ଈଶ୍ୱର **ମୋଶା**ଙ୍କୁ ଯାହା କହିଥିଲେ, ତଦ୍ଦ୍ୱାରା ସମସ୍ତ ମାନବଜାତି ବିଶେଷ ପ୍ରଭାବିତ ହୋଇଥିଲେ । ଈଶ୍ୱର **ଜର୍ଜ ମୁଲର**ଙ୍କୁ କଥା କହିଲେ, ଫଳରେ ସେ ଆଧୁନିକ ଜଗତର ବିଶ୍ୱାସର ଜଣେ ବୀର ବୋଲି ପରିଚିତ ହୋଇ ପାରିଥିଲେ । ଗୋଟିଏ ବିଶ୍ରାମବାର ପ୍ରାତଃକାଳରେ ସମୁଦ୍ର କୂଳରେ ବୁଲୁଥିବା ସମୟରେ **ହଡ୍‌ସନ୍ ଟେଲର୍** ଈଶ୍ୱରଙ୍କ ସ୍ୱର ଶୁଣିଲେ । ଆହ୍ୱାନର ବାଧ୍ୟତା ସ୍ୱରୂପେ ସେ ଚୀନ୍ ଦେଶର ପ୍ରତ୍ୟେକ ସହରରେ ସୁସମାଚାର ସେବାକାର୍ଯ୍ୟକୁ ପ୍ରତିଷ୍ଠା କରିଥିଲେ । ଈଶ୍ୱର **ଡ:ଏ.ବି.ସିମ୍‌ସନ୍**ଙ୍କୁ କଥା କହିଲେ, ଫଳରେ ଉଚ୍ଚ ଭବିଷ୍ୟତର ସମସ୍ତ ବିଷୟକୁ ପରିତ୍ୟାଗ କରି ସେ ଅବ୍ରାହାମଙ୍କ ପରି ଅଜଣା ସ୍ଥାନକୁ ଅଗ୍ରସର ହେଲେ । ବାଧ୍ୟତାର ଫଳ ସ୍ୱରୂପେ ଆଜି  ପୃଥିବୀର କୋଡ଼ିଏରୁ ଅଧିକ ଦେଶରେ ‘ଖ୍ରୀଷ୍ଟିୟାନ ଓ ମିଶନେରୀ ଆଲିୟାନ୍‌ସ୍‘ ସୁସମାଚାର ପ୍ରଚାର ଅନୁଷ୍ଠାନଟି ଫଳପ୍ରଦ ଭାବରେ କାର୍ଯ୍ୟ କରି ଚାଲିଛି ।

‘ଆମ୍ଭେ ଯେଉଁ ଦେଶ ତୁମ୍ଭକୁ ଦେଖାଇବା, ସେହି ଦେଶକୁ ଯାଅ‘ ଏହି କୋମଳ ଓ ଶାନ୍ତ ସ୍ୱର **ଚାର୍ଲସ୍ କାଓମାନ୍** ଶୁଣି ପାରିଲେ, ଫଳରେ ଏସିଆର ଶହେରୁ ଉର୍ଦ୍ଧ୍ୱ ସ୍ଥାନମାନଙ୍କରେ ‘ଓରିୟେଣ୍ଟାଲ୍ ମିଶନେରୀ ସୋସାଇଟି‘ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟ କରି ଚାଲିଛି । ଆଜି ମଧ୍ୟ ଈଶ୍ୱର ତାଙ୍କ ଲୋକମାନଙ୍କୁ କଥା କହୁଛନ୍ତି । ଯେଉଁମାନେ ତାହାଙ୍କର ସ୍ୱର ଶୁଣି ବାଧ୍ୟ ହେବେ, ସେମାନଙ୍କୁ ସେ ତାହାଙ୍କର ନିରୁପିତ ଯୋଜନା ଅନୁସାରେ ତାହାଙ୍କର ଗୌରବ ଓ ଅନ୍ୟମାନଙ୍କର ଆଶୀର୍ବାଦର କାରଣ କରିବେ । ସେ ଦିନ ସଦାପ୍ରଭୁ **ଯିରିମିୟ**ଙ୍କୁ **କହିଲେ,‘ମୁଁ ବାଳକ ବୋଲି କୁହ ନାହିଁ, କାରଣ ଆମ୍ଭେ ତୁମ୍ଭକୁ ଯାହା ନିକଟକୁ ପଠାଇବା, ତୁମ୍ଭେ ତାହା ନିକଟକୁ ଯିବ ଓ ଆମ୍ଭେ ତୁମ୍ଭକୁ ଯାହା ଆଜ୍ଞା କରିବା, ତାହା ତୁମ୍ଭେ କହିବ‘(ଯିରିମିୟ ୧:୭) ।** ଆଜି କ'ଣ ତାହାଙ୍କର କ୍ଷୀଣ ସ୍ୱର ଶୁଣି ବାଧ୍ୟ ହେବେ?



## ଜୀବନର ଝଡ଼ରେ ଈଶ୍ୱରଙ୍କ ଶାନ୍ତି

୧୮୭୩ ମସୀହାରେ ଜଣେ ସଫଳୀକୃତ ଖ୍ରୀଷ୍ଟିୟାନ ବ୍ୟବସାୟୀ **ଏମ୍. ସ୍ପାଫୋର୍ଡ** ଚିକାଗୋରେ ଘଟିଥିବା ଅଗ୍ନିକାଣ୍ଡରେ ତାଙ୍କର ସମସ୍ତ ସଂପତ୍ତି ହରାଇଥିଲେ । କିଛି ସପ୍ତାହ ପରେ ତାଙ୍କର ସ୍ତ୍ରୀ ଓ ଚାରୋଟି ସନ୍ତାନ ଫ୍ରାନ୍‌ସ୍ ପରିଦର୍ଶନରେ ଜାହାଜରେ ଯାତ୍ରା କରିବା ସମୟରେ ସମ୍ମୁଖରୁ ଆସୁଥିବା ଏକ ବ୍ରିଟିଶ୍ ଜାହାଜ ସହିତ ଧକ୍କା ଲାଗିବା ଫଳରେ ଦୁଇ ଘଣ୍ଟା ମଧ୍ୟରେ ଜାହାଜଟି ସଂପୂର୍ଣ୍ଣ ଜଳମଗ୍ନ ହୋଇଥିଲା । ଜାହାଜରେ ଥିବା ୨୨୬ ଜଣ ଯାତ୍ରୀ ପ୍ରାଣ ହରାଇଥିଲେ । ତାଙ୍କର ସ୍ତ୍ରୀଙ୍କ ବ୍ୟତୀତ ଅନ୍ୟ ଚାରୋଟି ସନ୍ତାନ ବରଫ ଜଳରେ ବିମଗ୍ନ ହୋଇ ଥିଲେ । ଅନ୍ୟ ଏକ ପଥରେ ଇଉରୋପକୁ ଆସି ତାଙ୍କ ସ୍ତ୍ରୀଙ୍କୁ ସାକ୍ଷାତ କରିବାକୁ ଯାଉଥିବା ସମୟରେ ସେ ଏହି ଦୁଃଖଦାୟକ ସମ୍ବାଦ ପାଇଥିଲେ । ପରବର୍ତ୍ତୀ ସମୟରେ ଯେଉଁ ସ୍ଥାନରେ ଏହି ଘଟଣା ଘଟିଥିଲା, ତାହାଙ୍କୁ ସେହି ସ୍ଥାନ ଦେଖାଇ ଦିଆ ଯାଇଥିଲା । ଯଦ୍ୟପି ଏହା ତାଙ୍କ ହୃଦୟକୁ ଭଗ୍ନ କରିଥିଲା, ତଥାପି ଈଶ୍ୱରଙ୍କଠାରୁ ଶାନ୍ତି ଓ ସାନ୍ତ୍ୱନାର ଅପେକ୍ଷାରେ ସେ ଥିଲେ । ହଠାତ୍ ତାଙ୍କ ମନ ମଧ୍ୟରେ ଏକ ସ୍ଥିର ଶାନ୍ତି ସେ ଅନୁଭବ କରି ପାରିଥିଲେ । ଲୋତକପୂର୍ଣ୍ଣ ଆଖିରେ ହାତରେ କଲମ ନେଇ ସେ ହୃଦୟର କୋହକୁ ଲେଖିବା ପାଇଁ ଆରମ୍ଭ କଲେ । ‘ଯେତେବେଳେ ଦୁଃଖ ରୂପ ଢେଉ ମୋ ଉପର ଦେଇ ଚାଲିଯାଏ, ସେତେବେଳେ ଶାନ୍ତିରୂପ ନଦୀରେ ମୋର ଯାତ୍ରା ହୁଏ, ଯାହା କିଛି ମୋ ଜୀବନରେ ଆସୁ ନା କାହିଁକି ତୁମେ ମୋତେ କହିବା ପାଇଁ ଶିଖାଇଲ, ମୋର ହୃଦୟ ସୁସ୍ଥିର ଅଟେ‘ ।

ଆଜି ଆମର ପୃଥିବୀ ଅଶାନ୍ତ, ସମସ୍ତେ ଶାନ୍ତିର ଅନ୍ୱେଷୀ । ଯୀଶୁ ହିଁ ଏକମାତ୍ର ଶାନ୍ତିରାଜା । ଯୀଶୁ କହିଲେ, **‘ମୁଁ ତୁମ୍ଭମାନଙ୍କୁ ଶାନ୍ତିଦାନ କରି ଯାଉଅଛି, ମୋହର ନିଜର ଶାନ୍ତି ତୁମ୍ଭମାନଙ୍କୁ ଦାନ କରୁଅଛି ; ଜଗତ ଯେପରି ଦାନ କରେ, ମୁଁ ତୁମ୍ଭମାନଙ୍କୁ ସେପରି ଦାନ କରୁନାହିଁ । ତୁମ୍ଭମାନଙ୍କର ହୃଦୟ ଉଦବିଗ୍ନ କି ଭୟଗ୍ରସ୍ତ ନ ହେଉ‘ (ଯୋହନ ୧୪:୨୭) ।**

**‘ସେଥିରେ ସମସ୍ତ ବୋଧର ଅଗମ୍ୟ ଯେ ଈଶ୍ୱରଙ୍କ ଶାନ୍ତି, ତାହା ତୁମ୍ଭମାନଙ୍କର ହୃଦୟ ଓ ମନକୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗୀତାରେ ସୁରକ୍ଷା କରି ରଖିବ‘ , ‘ତୁମ୍ଭେମାନେ ଯେସମସ୍ତ ବିଷୟ ମୋଠାରୁ ଶିଖିଅଛ, ପାଇଅଛ , ଶୁଣିଅଛ  ଓ ମୋଠାରେ ଦେଖିଅଛ, ସେହିସବୁ କର, ସେଥିରେ ଶାନ୍ତିଦାତା ଈଶ୍ୱର ତୁମ୍ଭମାନଙ୍କର ସହବର୍ତ୍ତୀ ହେବେ‘( ଫିଲିପ୍‌ପୀ ୪:୭, ୯) ।**

## ଈଶ୍ୱରଙ୍କ ମାର୍ଗସକଳ ଆଶ୍ଚର୍ଯ୍ୟ

ଖ୍ରୀଷ୍ଟିୟାନ ହୋଇଥିଲେ ମଧ୍ୟ **ଉଇଲିୟମ୍ କୋପର**ଙ୍କ ଜୀବନରେ ଥରେ ଏକ ଗଭୀର ନୈରାଶ୍ୟତା ଆସିଥିଲା । ଏକ କୁହୁଡ଼ିଆ ସକାଳେ ସେ ଗୋଟିଏ ଟାକ୍ସି ଡକାଇ ଟେମ୍ସ୍ ନଦୀ ଉପରେ ଥିବା ଲଣ୍ଡନ ପୋଲ ନିକଟକୁ ନେଇ ଯିବା ପାଇଁ ତାଙ୍କୁ କହିଲେ । ସେ ନୈରାଶ୍ୟରେ ଏପରି ବୁଡ଼ି ଯାଇଥିଲେ ଯେ, ସେଦିନ ସେ ଆତ୍ମହତ୍ୟା କରିବା ପାଇଁ ମନସ୍ଥ କରିଥିଲେ । କୁହୁଡ଼ିଆ ରାସ୍ତାରେ ପ୍ରାୟ ଦୁଇ ଘଣ୍ଟା ଭ୍ରମଣ କଲା ପରେ ଗାଡ଼ିଚାଳକ ବାଟବଣା ହୋଇ ଯାଇଛନ୍ତି ବୋଲି ସ୍ୱୀକାର କଲେ । ବିଳମ୍ବ ହେତୁ ଉଇଲିୟମ୍ ବିରକ୍ତି ମନୋଭାବରେ ଗାଡ଼ିରୁ ଓହ୍ଲାଇ ପଡ଼ି ପାଦରେ ଚାଲି ଚାଲି ଲଣ୍ଡନ ପୋଲ ଅନୁସନ୍ଧାନରେ ବାହାରିଲେ । ଅଳ୍ପ ପାହୁଣ୍ଡ ଯାତ୍ରା କଲା ପରେ ଦେଖି ପାରିଲେ ଯେ ସେ ନିଜ ଘରର ଫାଟକ ପାଖରେ ଆସି ପହଞ୍ଚିଛନ୍ତି । ଗାଡ଼ିଟି କେବଳ ବୃତ୍ତାକାରରେ ଘରର ଚାରି ପାଖରେ ଘୁରୁଥିଲା । ଈଶ୍ୱରଙ୍କର ନିୟନ୍ତ୍ରଣକାରୀ ହସ୍ତ ଓ ପବିତ୍ର ଆତ୍ମାଙ୍କର ବାଧାକୁ ଅନୁଭବ କରି ସେ ଜାଣି ପାରିଲେ ଯେ ସମସ୍ୟାରୁ ଉଦ୍ଧାର ପାଇବାର ଏକମାତ୍ର ମାର୍ଗ ହେଉଛି ଈଶ୍ୱରଙ୍କ ନିକଟକୁ ଫେରି ଆସିବା, ମାତ୍ର ନଦୀଗର୍ଭକୁ ଡେଇଁ ପଡ଼ିବା ନୁହେଁ । କୃତଜ୍ଞ ହୃଦୟରେ ସେ ବସି ଏହି ନିଷ୍ପତ୍ତିର ଗୀତଟିକୁ ଲେଖିଥିଲେ, 'ଆଶ୍ଚର୍ଯ୍ୟ କାର୍ଯ୍ୟ ସାଧନ କରିବା ନିମନ୍ତେ ଈଶ୍ୱର ଅଲୌକିକ ଭାବରେ ପରିସ୍ଥିତିକୁ ନିୟନ୍ତ୍ରଣ କରିଥାନ୍ତି' । ଇଂରାଜୀ ଭାଷାରେ ଲିଖିତ ଏହି ଗୀତଟି ଦୀର୍ଘ ବର୍ଷ ଧରି ଅନେକଙ୍କ ଜୀବନରେ ଆଶା ଓ ଭରସା ଭରି ଦେଇଛି ।

ଆମ୍ଭମାନଙ୍କର ଜୀବନରେ କୌଣସି ଘଟଣା ଆକସ୍ମିକ ନୁହେଁ, ଈଶ୍ୱର ସବୁର ନିୟନ୍ତ୍ରଣକାରୀ ଅଟନ୍ତି । ସେ ସମସ୍ତଙ୍କ ଜୀବନରେ ଆପଣା ସଂକଳ୍ପ ସାଧନରେ କାର୍ଯ୍ୟରତ । ଜୀବନରେ ନୈରାଶ୍ୟତା, ବିଫଳତା ହେଉଛି ଆମ ଜୀବନରେ ଈଶ୍ୱରଙ୍କ ନିମନ୍ତେ କାର୍ଯ୍ୟ କରିବାର ଉପଯୁକ୍ତ ସମୟ । କାରଣ ସଦାପ୍ରଭୁ କହନ୍ତି, **'ତୁମ୍ଭମାନଙ୍କ ପକ୍ଷରେ ଆମ୍ଭେ ଯେ ସକଳ ସଂକଳ୍ପ କରିଅଛୁ, ତାହା ଆମ୍ଭେ ଜାଣୁ । ତୁମ୍ଭମାନଙ୍କର ଅନ୍ତିମ କାଳରେ ତୁମ୍ଭମାନଙ୍କୁ ଭରସା ଦେବା ନିମନ୍ତେ ସେ ସବୁ ଅମଙ୍ଗଳର ନୁହେଁ, ମାତ୍ର ମଙ୍ଗଳର ସଂକଳ୍ପ ଅଟେ' (ଯିରିମିୟ ୨୯:୧୧) ।**

**'ଯେହେତୁ ସଦାପ୍ରଭୁ କହନ୍ତି, ଆମ୍ଭର ସଂକଳ୍ପସକଳ ତୁମ୍ଭମାନଙ୍କର ସଂକଳ୍ପ ପରି ନୁହେଁ, କିଅବା ତୁମ୍ଭମାନଙ୍କର ମାର୍ଗସକଳ ଆମ୍ଭର ମାର୍ଗ ପରି ନୁହେଁ । କାରଣ ପୃଥିବୀ ଅପେକ୍ଷା ଆକାଶମଣ୍ଡଳ ଯେପରି ଉଚ୍ଚ, ସେପରି ଆମ୍ଭର ମାର୍ଗସକଳ ତୁମ୍ଭମାନଙ୍କର ମାର୍ଗ ଅପେକ୍ଷା ଓ ଆମ୍ଭର ସଂକଳ୍ପସକଳ ତୁମ୍ଭମାନଙ୍କର ସଂକଳ୍ପ ଅପେକ୍ଷା ଉଚ୍ଚତର ଅଟେ'(ଯିଶାଇୟ ୫୫: ୮-୯) ।**



## ଅତୁଳନୀୟ ଖ୍ରୀଷ୍ଟ

ସେ ପିତାଙ୍କର କୋଳରୁ ଜଣେ ନାରୀର ଗର୍ଭକୁ ଆସିଲେ । ସେ ମନୁଷ୍ୟରୂପ ଧାରଣ କଲେ, ଯେପରି ଆମେ ଈଶ୍ୱରଙ୍କ ସଦୃଶ ହୋଇ ପାରିବା । ସେ ମନୁଷ୍ୟପୁତ୍ର ହେଲେ, ଯେପରି ଆମେ ଈଶ୍ୱରଙ୍କ ସନ୍ତାନ ହୋଇପାରିବା । ସେ ସ୍ୱର୍ଗରୁ ଅବତରଣ କଲେ, ଯେଉଁ ସ୍ଥାନର ନଦୀ ବରଫ ହୁଏ ନାହିଁ, ପବନ ପ୍ରବାହିତ ହୁଏ ନାହିଁ, ବରଫ ବାୟୁମଣ୍ଡଳକୁ ଶୀତଳ କରି ପାରେ ନାହିଁ, ଫଳ ମଳିନ ହୁଏ ନାହିଁ, କେହି ପୀଡ଼ିତ ହୁଅନ୍ତି ନାହିଁ କିଅବା ସେଠାରେ କୌଣସି କବର ସ୍ଥାନ ନାହିଁ, କାରଣ କେହି ସେଠାରେ ମୃତ୍ୟୁବରଣ କରନ୍ତି ନାହିଁ ।

ସେ ଅପ୍ରାକୃତିକ ଭାବରେ ଜନ୍ମଗ୍ରହଣ କଲେ, ଦାରିଦ୍ର୍ୟତାରେ ଜୀବନ କାଟିଲେ, ଲୁକ୍କାୟିତ ଭାବରେ ବୃଦ୍ଧି ପାଇଲେ, ବାଲ୍ୟାବସ୍ଥାରେ କେବଳ ଥରେ ନିଜର ପ୍ରଦେଶର ସୀମା ଅତିକ୍ରମ କରି ବାହାରକୁ ଯାତ୍ରା କରିଥିଲେ । ଶୈଶବାବସ୍ଥାରେ ସେ ଜଣେ ରାଜାଙ୍କୁ ଆତଙ୍କିତ କରିଥିଲେ, ବାଲ୍ୟାବସ୍ଥାରେ ଜ୍ଞାନୀମାନଙ୍କୁ ହତବୁଦ୍ଧି କରିଥିଲେ । ଯୌବନାବସ୍ଥାରେ ପ୍ରକୃତି ଉପରେ କର୍ତ୍ତୃତ୍ୱ କରିଥିଲେ । ଢେଉ ଉପରେ ସମୁଦ୍ରକୁ ଶାନ୍ତ କରିଥିଲେ । ବିନା ଔଷଧରେ ପୀଡ଼ିତମାନଙ୍କୁ ସୁସ୍ଥ କରିଥିଲେ । ତାହାଙ୍କର ସେବା ବିନାମୂଲ୍ୟର ଥିଲା । ଯଦ୍ୟପି କୌଣସି ଗୀତ ଲେଖି ନ ଥିଲେ, ତଥାପି ସମସ୍ତ ଗୀତରଚକଙ୍କଠାରୁ ସେ ଅଧିକ ଗୀତର ପ୍ରସଙ୍ଗ ସୃଷ୍ଟି କରିଥିଲେ । ଯଦ୍ୟପି ସେ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରି ନ ଥିଲେ, ତଥାପି ସମସ୍ତ ଶିକ୍ଷାକେନ୍ଦ୍ରର ଛାତ୍ରମାନଙ୍କଠାରୁ ତାହାଙ୍କ ଦ୍ୱାରା ଶିକ୍ଷା ପ୍ରାପ୍ତ ଛାତ୍ରମାନେ ସର୍ବାଧିକ ଅଟନ୍ତି । ଚିକିତ୍ସକମାନେ ଔଷଧ ମାଧ୍ୟମରେ ଯେତେ ଲୋକମାନଙ୍କୁ ଶାରୀରିକ ସୁସ୍ଥତା ଦେଇଥିଲେ, ତା' ଅପେକ୍ଷା ଅଧିକ ଭଗ୍ନ ହୃଦୟଗୁଡ଼ିକୁ ସେ ବିନା ଔଷଧରେ ଯୋଡ଼ି ଦେଇଥିଲେ ।

ଯଦ୍ୟପି ସେ କୌଣସି ସେନାବାହିନୀର ଅଧ୍ୟକ୍ଷ ନ ଥିଲେ କିଅବା କୌଣସି ସୈନିକକୁ ନିଯୁକ୍ତି ଦେଇ ନ ଥିଲେ, ଏପରିକି ବନ୍ଧୁକ ଚଳାଇ ନ ଥିଲେ, ତଥାପି ତାଙ୍କର ନେତୃତ୍ୱରେ ଅଧିକ ସ୍ୱେଚ୍ଛାସେବୀମାନେ ନିଜ ଜୀବନକୁ ମୃତ୍ୟୁ ପର୍ଯ୍ୟନ୍ତ ସମର୍ପଣ କରିଥିଲେ ।

ସେ ଥିଲେ ଜ୍ୟୋତିର୍ବିଜ୍ଞାନର ଉଜ୍ଜ୍ୱଳ ତାରକା, ଭୂବିଦ୍ୟାର ଦୃଢ଼ପ୍ରସ୍ତର, ପ୍ରାଣୀବିଜ୍ଞାନର ସିଂହ ଓ ମେଷଶାବକ, ସମସ୍ତ ବିଶୃଙ୍ଖଳିତ ବିଷୟର ସମାଧାନକାରୀ, ସମସ୍ତ ରୋଗର ଆରୋଗ୍ୟକାରୀ ଅଟନ୍ତି । ଅନେକ ମହାନ୍ ଓ ବିଦ୍ୱାନ ବ୍ୟକ୍ତିମାନେ ଆସି ଚାଲି ଯାଇଛନ୍ତି, ମାତ୍ର ସେ ସଦାକାଳ ଜୀବିତ ଅଟନ୍ତି । ହେରୋଦ ରାଜା ତାହାଙ୍କୁ ମାରି ପାରି ନ ଥିଲେ, ଶୟତାନ ତାହାଙ୍କୁ ପ୍ରଲୋଭିତ କରି ପାରି ନ ଥିଲା, ମୃତ୍ୟୁ ତାହାଙ୍କୁ ବିନଷ୍ଟ କରି ପାରି ନ ଥିଲା, କିଅବା କବର ମଧ୍ୟ ତାହାଙ୍କୁ ଧରି ରଖି ପାରି ନ ଥିଲା ।

ଜୀର୍ଣ୍ଣ ବସ୍ତ୍ର ନିମନ୍ତେ ସେ ଆପଣାର ବାଇଗଣି ବସ୍ତ୍ରକୁ ଏଡ଼ାଇ ଦେଲେ, ସେ ଧନୀ ଥିଲେ, ମାତ୍ର ଆମ୍ଭମାନଙ୍କ ନିମନ୍ତେ ଦରିଦ୍ର ହେଲେ । କେତେ ଦରିଦ୍ର? ମରିୟମଙ୍କୁ ପଚାରୁ, ପଣ୍ଡିତମାନଙ୍କୁ ପଚାରୁ ! ସେ ଅନ୍ୟର ଗୁହାଳରେ ଜନ୍ମ ହେଲେ, ଅନ୍ୟର ନୌକାରେ ହ୍ରଦ ପାରି ହେଲେ, ଅନ୍ୟର ଗଧ ଉପରେ ଚଢ଼ି ବିଜୟଯାତ୍ରା କଲେ, ଅନ୍ୟର କବରରେ ସ୍ଥାନ ପାଇଲେ । ସମସ୍ତେ ବିଫଳ ହେଲେ, ମାତ୍ର ସେ ସର୍ବଜୟୀ ! ସେ ନିଷ୍ପାପୀ, ଦଶ ସହସ୍ର ମଧ୍ୟରେ ପ୍ରଧାନ, ସର୍ବାଙ୍ଗ ସୁନ୍ଦର, **ସେ ହେଉଛନ୍ତି ମୋହର ମୁକ୍ତିକର୍ତ୍ତା, ସେ ଅତୁଳନୀୟ ଖ୍ରୀଷ୍ଟ ।**

ଯାହା ମୁଁ ଭାବେ, ଯାହା ମୁଁ ଲେଖେ , ମୁଁ ଯାହା କିଛି ଅଟେ, ସେସମସ୍ତ ଖ୍ରୀଷ୍ଟ ଯୀଶୁଙ୍କର ଈଶ୍ୱରତ୍ୱ ଉପରେ ସଂସ୍ଥାପିତ, ଯେ କି ଆମର ବିପଥଗାମୀ ଯାତ୍ରା ପଥରେ ଏକମାତ୍ର ଆଶାର କେନ୍ଦ୍ରସ୍ଥଳ । କେଡ଼େ ମହାନ ଈଶ୍ୱର, ଯେ କି ଆମ୍ଭମାନଙ୍କ ପରିତ୍ରାଣ ନିମନ୍ତେ ଆପଣାକୁ ଶୂନ୍ୟ କଲେ, ଯେପରି ସମସ୍ତ ସ୍ୱର୍ଗୀୟ ଗୌରବରେ ଆମେ ବିଭୂଷିତ ହୋଇ ପାରିବା । ଏହିପରି ଯୀଶୁଙ୍କର ବ୍ୟକ୍ତିଗତ ପରିଚୟ ଆମେ ଜୀବନରେ ପାଇଛୁ କି ?

**ପ୍ରେରିତ ପାଉଲ ଲେଖନ୍ତି, 'ଖ୍ରୀଷ୍ଟ ଯୀଶୁଙ୍କର ଯେପରି ମନ ଥିଲା, ତୁମ୍ଭମାନଙ୍କର ସେହିପରି ମନ ହେଉ । ସେ ଈଶ୍ୱର ରୂପୀ ହେଲେହେଁ, ଈଶ୍ୱରଙ୍କ ସହିତ ସମାନ ହୋଇ ରହିବା ନିଜ ନିମନ୍ତେ ଧରି ରଖିବାର ବିଷୟ ମନେ କଲେ ନାହିଁ, କିନ୍ତୁ ମନୁଷ୍ୟ ସଦୃଶ ହୋଇ ଦାସରୂପ ଧାରଣ କରି ଆପଣାକୁ ଶୂନ୍ୟ କଲେ, ପୁଣି ମନୁଷ୍ୟ ଭାବରେ ଦେଖା ଯାଇ ମୃତ୍ୟୁ ପର୍ଯ୍ୟନ୍ତ , ହଁ, କ୍ରୁଶୀୟ ମୃତ୍ୟୁ ପର୍ଯ୍ୟନ୍ତ ଆଜ୍ଞାବହ ହୋଇ ଆପଣାକୁ ଅବନତ କଲେ । ଏହି କାରଣରୁ ଈଶ୍ୱର ତାହାଙ୍କୁ ଅତିଶୟ ଉନ୍ନତ କରିଅଛନ୍ତି, ପୁଣି ସମସ୍ତ ନାମ ଅପେକ୍ଷା ସର୍ବୋତ୍କୃଷ୍ଟ ନାମ ତାହାଙ୍କୁ ପ୍ରଦାନ କରିଅଛନ୍ତି, ଯେପରି ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳରେ ଥିବା ପ୍ରତ୍ୟେକ ଜାନୁ ଯୀଶୁଙ୍କ ନାମରେ ନତ ହେବ, ପୁଣି ପିତା ଈଶ୍ୱରଙ୍କ ଗୌରବ ନିମନ୍ତେ ପ୍ରତ୍ୟେକ ଜିହ୍ୱା ଯୀଶୁଖ୍ରୀଷ୍ଟ ପ୍ରଭୁ ବୋଲି ସ୍ୱୀକାର କରିବ' (ଫିଲିପ୍ପୀ ୨:୫-୧୧) ।**

## ସେ ମନୁଷ୍ୟରୂପୀ ହେଲେ

ଥରେ ଜଣେ ବ୍ୟକ୍ତି ସକାଳେ ରାସ୍ତାରେ ଚାଲୁଥିବା ସମୟରେ କେହି ଜଣେ ବାଟ ପାଖରେ କେତେକ ଗହମ ଦାନା ପକାଇ ଦେଇଥିବାର ଦେଖିଲେ । ଭୋକିଲା ଚଢ଼େଇଗୁଡ଼ିକ ଆସି ଖୁବ୍ ଆନନ୍ଦରେ ସେ ସବୁ ଖାଇବା ପାଇଁ ଆରମ୍ଭ କରୁଥାନ୍ତି । ବ୍ୟକ୍ତିଜଣକ କିଛି ସମୟ ସୁସ୍ଥିର ଭାବରେ ଠିଆ ହୋଇ କ୍ରମଶଃ ସେହି ଚଢ଼େଇମାନଙ୍କ ଆଡ଼କୁ ଯିବା ପାଇଁ ଲାଗିଲେ । ସେଥିରେ ଚଢ଼େଇମାନେ ଟିକିଏ ଅସ୍ଥିର ହୋଇ ପଡ଼ିଲେ । ବ୍ୟକ୍ତିଜଣକ ଯେତେ ଅଧିକ ଆଗକୁ ବଢୁଥାନ୍ତି, ସେତେ ଅଧିକ ସେମାନେ ଅସ୍ଥିର ଓ



ଭୟଭୀତ ହୋଇ ପଡୁଥାନ୍ତି । ଶେଷରେ ସେମାନେ ଭୟରେ ଆପଣା ଖାଦ୍ୟ ଛାଡ଼ି ଉଡ଼ି ଚାଲିଗଲେ ।

ବ୍ୟକ୍ତିଜଣକ କିଛି ସମୟ ଠିଆ ହୋଇ ଏହି ସମସ୍ତ ଘଟଣା ଚିନ୍ତା କରିବାକୁ ଲାଗିଲେ । କାହିଁକି ଚଢ଼େଇମାନେ ଭୟଭୀତ ହୋଇ ଉଡ଼ି ଚାଲିଗଲେ? ହଠାତ୍ ତାଙ୍କ ମନରେ ଏହି ଭାବନା ଆସିଲା, 'ହୋଇପାରେ, ମୁଁ ତା'ର ଏକମାତ୍ର କାରଣ, ଚଢ଼େଇମାନଙ୍କ ପାଖରେ ମୁଁ ହୁଏତ ବଡ଼ ପରି ଦେଖାଗଲି' । ଆଉ ଏକ ଚିନ୍ତା ତାଙ୍କ ମନ ମଧ୍ୟକୁ ଆସିଲା,' ସେମାନଙ୍କୁ ଭୟଭୀତ ନ କରି ମୁଁ କିପରି ସେମାନଙ୍କ ନିକଟକୁ ଯାଇ ପାରିବି? ଯଦି କେବଳ ମୁଁ ସେମାନଙ୍କ ପରି ଗୋଟିଏ ଚଢ଼େଇ ହୋଇ ପାରିବି, ଫଳରେ ସେମାନଙ୍କ ମଧ୍ୟକୁ ଉଡ଼ି ଯାଇ ପାରିବି' ।

ଯେତେବେଳେ ସ୍ୱର୍ଗୀୟ ଦୂତମାନଙ୍କ ମାଧ୍ୟମରେ ଈଶ୍ୱର ଅବ୍ରାହାମଙ୍କ ତମ୍ବୁର ନିକଟବର୍ତ୍ତୀ ହେଲେ, ସେଥିରେ ଅବ୍ରାହାମ ଭୟ କରିଥିଲେ । ଜ୍ୱଳନ୍ତା ବୁଦା ମଧ୍ୟରୁ ଯେତେବେଳେ ଈଶ୍ୱର ମୋଶାଙ୍କୁ କଥା କହିଥିଲେ, ସେତେବେଳେ ମୋଶା ଭୟଭୀତ ହୋଇଥିଲେ । ମାତ୍ର ଯେତେବେଳେ ମେଷପାଳକମାନେ ବେଥଲିହିମ ଅଭିମୁଖେ ଯାତ୍ରା କରିଥିଲେ, ମନୁଷ୍ୟରୂପ ଧାରଣ କରିଥିବା ଈଶ୍ୱରଙ୍କ ପୁତ୍ରଙ୍କ ଉପସ୍ଥିତିରେ ସେମାନେ ଭୟଭୀତ ହୋଇ ନ ଥିଲେ । ପ୍ରେମରେ ଈଶ୍ୱର ମନୁଷ୍ୟରୂପ ଧାରଣ କରି ଆମ୍ଭମାନଙ୍କ ସଦୃଶ ହୋଇ ଏହି ଜଗତକୁ ଆସିଥିଲେ ।

ବାସ୍ତବରେ ଆମ୍ଭମାନଙ୍କ ପାଇଁ କେଡ଼େ ମହତ୍ତ୍ୱପୂର୍ଣ୍ଣ ସମ୍ବାଦ ! ମନୁଷ୍ୟମାନଙ୍କୁ ଉଦ୍ଧାର କରିବା ପାଇଁ ଯୀଶୁ ଈଶ୍ୱରରୂପୀ ହେଲେହେଁ ମନୁଷ୍ୟରୂପ ଧାରଣ କଲେ, ମନୁଷ୍ୟମାନଙ୍କ ମଧ୍ୟରେ ବାସ କଲେ, ଦାସରୂପୀ ହେଲେ, ଶେଷରେ କ୍ରୁଶୀୟ ମୃତ୍ୟୁଭୋଗ ପର୍ଯ୍ୟନ୍ତ ପିତାଙ୍କର ବାଧ୍ୟ ହେଲେ (ଫିଲିପ୍ପୀ ୨:୬-୮) । ଈଶ୍ୱରଙ୍କର ମହତପୂର୍ଣ୍ଣ ପ୍ରେମ ଓ ତ୍ୟାଗ ନିକଟରେ ଆପଣାକୁ ସମର୍ପଣ କରି ଜୀବନର ଶେଷ ପର୍ଯ୍ୟନ୍ତ ତାହାଙ୍କର ପ୍ରେମର ଦାସ ହୋଇ ରହିବା ଆମ ପକ୍ଷରେ ଏକ ସାର୍ଥକ ଜୀବନ ହେବ ।

## ଏକମାତ୍ର ମଧ୍ୟସ୍ଥି

ଆମେରିକାର ଏକ ବେସାମରିକ ଯୁଦ୍ଧ ସମୟରେ ଜଣେ ବ୍ୟକ୍ତି, ମୃତ୍ୟୁଶଯ୍ୟାରେ ପଡ଼ିଥିବା ନିଜର ସ୍ତ୍ରୀଙ୍କୁ ସାକ୍ଷାତ କରିବା ନିମନ୍ତେ ପ୍ରେସିଡେଣ୍ଟ ଲିଙ୍କନଙ୍କ ନିକଟକୁ ଏକ ଅନୁମତି ପତ୍ର ପାଇବା ନିମନ୍ତେ ଯାଇଥିଲେ । ସୁରକ୍ଷାବାହିନୀମାନେ କୌଣସି ପ୍ରକାରେ ପ୍ରେସିଡେଣ୍ଟଙ୍କୁ ସାକ୍ଷାତ କରିବା ନିମନ୍ତେ ଅନୁମତି ଦେଇ ନ ଥିଲେ । ନିରାଶ ମନରେ ଓ ଭଗ୍ନ ହୃଦୟର ସହିତ ଦରିଦ୍ର ବ୍ୟକ୍ତିଜଣକ ଫେରି ଆସୁଥିବା ସମୟରେ ପ୍ରେସିଡେଣ୍ଟଙ୍କର ସାନ ପୁଅ ତାଙ୍କୁ ଦେଖି ତାଙ୍କର ହାତ ଧରି ପରିସ୍ଥିତି ବିଷୟରେ

ପଚାରିଲା । ବ୍ୟକ୍ତିଙ୍କଠାରୁ ସମସ୍ତ ବିଷୟ ଶୁଣି ସାରିବା ପରେ ପୁଅଟି ତାଙ୍କୁ କହିଲା,'ହେଉ ଠିକ୍ ଅଛି, ମୋର ହାତ ଧର, ମୁଁ ପ୍ରେସିଡେଣ୍ଟ ଲିଙ୍କନଙ୍କର ପୁଅ, ମୁଁ ବାପାଙ୍କ ନିକଟକୁ ତୁମକୁ ନେଇଯିବି' । ପାହାଚ ଅତିକ୍ରମ କରି ସେହି ବ୍ୟକ୍ତିଜଣଙ୍କୁ ପ୍ରେସିଡେଣ୍ଟଙ୍କ ଅଫିସ ଗୃହ ନିକଟକୁ ନେଇଗଲା, ମାତ୍ର ଭିତରକୁ ପ୍ରବେଶ କରିବା ନିମନ୍ତେ ସୁରକ୍ଷାବାହିନୀ ତାଙ୍କୁ ଅନୁମତି ନ ଦେଇ କହିଲେ, 'ପ୍ରେସିଡେଣ୍ଟ କାର୍ଯ୍ୟ ବ୍ୟସ୍ତ ଅଛନ୍ତି' । ମାତ୍ର ସେମାନଙ୍କ କଥାରେ ପୁଅଟି  ନିରାଶ ନ ହୋଇ ସେହି ବ୍ୟକ୍ତିଙ୍କ ହାତକୁ ସେହିପରି ଜାବୁଡ଼ି ଧରି ଥାଏ । ଠିକ୍ ସେହି ସମୟରେ କବାଟଟି ଖୋଲିଗଲା ଏବଂ ପୁଅଟି ଉଚ୍ଚ ସ୍ୱରରେ 'ବାପା'ବୋଲି ଡାକ ଦେଇ କହିଲା, 'ମୋତେ ଭିତରକୁ ଯିବା ନିମନ୍ତେ ଦ୍ୱାରରକ୍ଷୀଙ୍କୁ ଆଜ୍ଞା ଦିଅ' । ପ୍ରେସିଡେଣ୍ଟ ଲିଙ୍କନ ହାତରୁ କଲମ ଥୋଇ ଦେଇ ତାଙ୍କର ପୁଅ ଓ ବ୍ୟକ୍ତି ଜଣଙ୍କୁ ଭିତରକୁ ଆସିବା ନିମନ୍ତେ ଅନୁମତି ଦେଲେ । ପୁଅଟି ତା'ର ନୂତନ ବନ୍ଧୁଙ୍କୁ ନେଇ ବାପାଙ୍କ ନିକଟରେ ଉପସ୍ଥିତ ହେଲା । ବ୍ୟକ୍ତିଙ୍କ ପରିସ୍ଥିତି ବିଷୟରେ ଅବଗତ ହୋଇ ପ୍ରେସିଡେଣ୍ଟ କାଳିରେ କଲମ ବୁଡ଼ାଇ ଅନୁମତି ପତ୍ର ଉପରେ ନିଜର ସ୍ୱାକ୍ଷର ଲେଖି ବ୍ୟକ୍ତିଜଣଙ୍କୁ ତାଙ୍କ ଗୃହକୁ ଯିବା ନିମନ୍ତେ ଅନୁମତି ପ୍ରଦାନ କଲେ ।

ପାପ ହେତୁ ଈଶ୍ୱର ଓ ଆମ ମଧ୍ୟରେ ଏକ ଅବିଚ୍ଛେଦ୍ୟ ପ୍ରାଚୀର ସୃଷ୍ଟି ହୋଇଥିଲା  । ମାତ୍ର ଯୀଶୁଙ୍କର କ୍ରୁଶୀୟ ମୃତ୍ୟୁଭୋଗ ହେତୁ ସେହି ପ୍ରାଚୀର ଭଗ୍ନ ହୋଇ ଈଶ୍ୱରଙ୍କ ସହିତ ଆମେ ପୁନର୍ମିଳିତ ହୋଇ ପାରିଛୁ । ଯୀଶୁ ହିଁ ଆମର ଏକମାତ୍ର ମିଳନକର୍ତ୍ତା  **। ଯୀଶୁ କହିଲେ, 'ମୁଁ ପଥ, ସତ୍ୟ ଓ ଜୀବନ, ମୋ ଦେଇ ନ ଗଲେ କେହି ପିତାଙ୍କ ନିକଟକୁ ଯାଇ ପାରେ ନାହିଁ' (ଯୋହନ ୧୪: ୬) ।**

**'ସମସ୍ତ ବିଷୟ ଈଶ୍ୱରଙ୍କଠାରୁ ହୋଇଅଛି, ସେ ଖ୍ରୀଷ୍ଟଙ୍କ ଦ୍ୱାରା ଆପଣା ସହିତ ଆମ୍ଭମାନଙ୍କୁ ସମ୍ମିଳିତ କରିଅଛନ୍ତି ଓ ସେହି ସମ୍ମିଳନର ସେବକପଦ ଆମ୍ଭମାନଙ୍କୁ ଦେଇଅଛନ୍ତି'( ୨ୟ କରନ୍ଥୀ ୫: ୧୮) ।**

**'ତାହାଙ୍କ(ଯୀଶୁଙ୍କ) ଦ୍ୱାରା ଯେଉଁମାନେ ଈଶ୍ୱରଙ୍କ ନିକଟବର୍ତ୍ତୀ ହୁଅନ୍ତି, ସେମାନଙ୍କୁ ସେ ସଂପୂର୍ଣ୍ଣ ରୂପେ ପରିତ୍ରାଣ ଦେବାକୁ ସକ୍ଷମ ଅଟନ୍ତି, ଯେଣୁ ସେମାନଙ୍କ ନିମନ୍ତେ ନିବେଦନ କରିବା ପାଇଁ ସେ ନିତ୍ୟ ଜୀବିତ' (ଏବ୍ରୀ ୭: ୨୫) ।**

## ଯୀଶୁଙ୍କ ପରି ବନ୍ଧୁ କିଏ ?

ଇଂରାଜୀର ଏହି ଗୀତରଚକ **ଯୋଷେଫ ଷ୍ଟିଫେନ୍** ଆୟରଲାଣ୍ଡରେ ୧୮୨୦ ମସୀହାରେ ଜନ୍ମଗ୍ରହଣ କରିଥିଲେ । ପ୍ରଥମ ୨୫ ବର୍ଷ ସେଠାରେ ସେ ଅତିବାହିତ କରିଥିଲେ । ପରେ କାର୍ଯ୍ୟ ଅନ୍ୱେଷଣରେ କାନାଡ଼ାକୁ ସ୍ଥାନାନ୍ତରୀତ ହେଲେ । ଅନେକ ଦୁଃଖ, କଷ୍ଟ ଓ ନୈରାଶ୍ୟତାର ମଧ୍ୟରେ



ଜୀବନ ଅତିବାହିତ କଲା ପରେ ୬୬ ବର୍ଷ ବୟସରେ ସେ ମୃତ୍ୟୁବରଣ କରିଥିଲେ । ବିବାହର ପୂର୍ବ ସନ୍ଧ୍ୟାରେ ଯେଉଁ ଝିଅକୁ ସେ ବିବାହ କରିବା ନିମନ୍ତେ ପ୍ରସ୍ତୁତ ଥିଲେ, ସେ ଆକସ୍ମିକ ଭାବରେ ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିଲେ । ଏହି ଦୁଃଖପୂର୍ଣ୍ଣ ଘଟଣା ମାଧ୍ୟମରେ ସେ ଖ୍ରୀଷ୍ଟଙ୍କର ବାସ୍ତବ ପରିଚୟ ପାଇଥିଲେ । ସେହି ଦୁଃଖକୁ ବର୍ଣ୍ଣନା କରା ଯାଇ ନ ପାରେ । ଅତି ସହଜରେ ସେହି ମର୍ମାନ୍ତୁକ ଦୁଃଖଦାୟକ ଘଟଣା ତାଙ୍କୁ ଜୀବନର ଅପରପାର୍ଶ୍ୱକୁ କଢ଼ାଇ ନେଇ ପାରିଥାଆନ୍ତା – ଜୀବନରେ ଅବିଶ୍ୱାସ , ମନରେ ତିକ୍ତତା, ହୃଦୟରେ କଠିନତା ଭରି ଦେଇଥାଆନ୍ତା! ମାତ୍ର ଏହି ଦୁଃଖମୟ ଅବସ୍ଥାରେ ହୃଦୟ ମଧ୍ୟରୁ ଏହି "What a friend we have in Jesus" ଗୀତଟିକୁ ସେ ଲେଖି ପାରି ଥିଲେ , ତାହା ଆଜି ପର୍ଯ୍ୟନ୍ତ ସହସ୍ର ସହସ୍ର ଶୋକାଭିଭୂତ ଶ୍ରୋତାମାନଙ୍କ ଜୀବନରେ ଶାନ୍ତି, ସାନ୍ତ୍ୱନା ଓ ଆଶା ଭରି ଦେଇଛି ।

ଜଣେ ବ୍ୟବସାୟୀ ନିଜର ବ୍ୟବସାୟ ହରାଇ ବସିଥିଲେ । ବିଫଳତାରେ ଜୀବନ କାଟିବା ପରିବର୍ତ୍ତେ ସପରିବାରରେ ଆତ୍ମହତ୍ୟା କରିବା ପାଇଁ ଦୃଢ଼ ସଂକଳ୍ପବଦ୍ଧ ହୋଇଥିଲେ । ବାପା ଏକ ବିଷାକ୍ତ ଗ୍ୟାସ ସିଲିଣ୍ଡର ଆଣିଲେ । ସମସ୍ତେ ଗୋଟିଏ କୋଠରୀ ମଧ୍ୟରେ ଆବଦ୍ଧ ହୋଇ ରହିଲେ, ବାପା ଗ୍ୟାସ ସିଲିଣ୍ଡରର ଠିପିଟିକୁ ଖୋଲିଲେ । ଫଳରେ ବିଷାକ୍ତ ଗ୍ୟାସ୍ ନିର୍ଗତ ହେବାରୁ ସଙ୍ଗେ ସଙ୍ଗେ ପିଲାମାନେ ଅଚେତ ହୋଇ ପଡ଼ିଲେ । ହଠାତ୍ ପଡ଼ୋଶୀ ଘରୁ ରେଡିଓ ମାଧ୍ୟମରେ ଉକ୍ତ ଗୀତଟି, 'ଯୀଶୁଙ୍କ ପରି ଆଉ କିଏ ବନ୍ଧୁ, What a friend we have in Jesus" ଗୀତଟି ବାଜି ଉଠିଲା । ଗୀତଟିର ଶବ୍ଦଗୁଡ଼ିକ ବାପାଙ୍କ ମନକୁ ଗଭୀର ଭାବରେ ସ୍ପର୍ଶ କରିଥିଲା ଏବଂ ତତକ୍ଷଣାତ୍ ସିଲିଣ୍ଡରଟିକୁ ସେ ବନ୍ଦ କରିଦେଲେ । ଜୀବନରେ ବଞ୍ଚି ରହି ସବୁ ପରିସ୍ଥିତିକୁ ସମ୍ମୁଖୀନ କରି ଆଗକୁ ବଢ଼ିବା ପାଇଁ ସେ ନୂତନ ସିଦ୍ଧାନ୍ତ ନେଇଥିଲେ । ଜୀବନରେ ଯୀଶୁଙ୍କୁ ନେଇ ପୁନର୍ବାର ସେ ଆପଣା ବ୍ୟବସାୟକୁ ଦୃଢ଼ ସଂକଳ୍ପ ମଧ୍ୟରେ ଆରମ୍ଭ କରିଥିଲେ ।

ଯୀଶୁଙ୍କ ନିକଟରେ ବିଫଳତା ଶେଷ ନୁହେଁ । ବିଫଳତା ଓ ନୈରାଶ୍ୟତାକୁ ପରିବର୍ତ୍ତନ କରି ସଫଳତା ଓ ବିଜୟ ପଥରେ ଅଗ୍ରସର ହେବା ନିମନ୍ତେ ସେ ଆମ୍ଭମାନଙ୍କ ପକ୍ଷରେ ସମର୍ଥ ଈଶ୍ୱର । ଯଦି ଆଜି ଆମେ ଦୁଃଖରେ ଭାଙ୍ଗି ପଡ଼ିଛୁ, ତେବେ ଆସୁ, ଠିଆ ହେଉ, ଊର୍ଦ୍ଧ୍ୱକୁ ଚାହୁଁ ଓ ତାହାଙ୍କର ସ୍ୱର ଶୁଣି ତାହାଙ୍କର ବାଧ୍ୟ ହେଉ । ଏହା ହିଁ ବିଜୟର ପ୍ରଥମ ସୋପାନ । **ପାଉଲ କହନ୍ତି, 'ମୋହର ଶକ୍ତିଦାତାଙ୍କ ସହାୟତାରେ ମୁଁ ସମସ୍ତ କିଛି କରିପାରେ' (ଫିଲିପ୍ପୀ ୪:୧୩) ।**

**'ନିଶ୍ଚୟ ସେ ଆମ୍ଭମାନଙ୍କର ଯାତନା ସବୁ ଧାରଣ କରିଅଛନ୍ତି ଓ ଆମ୍ଭମାନଙ୍କର ବ୍ୟଥା ସବୁ ବହିଅଛନ୍ତି.....ସେ ଆମ୍ଭମାନଙ୍କର ଅଧର୍ମ ନିମନ୍ତେ କ୍ଷତ ବିକ୍ଷତ ହେଲେ ଓ ଆମ୍ଭମାନଙ୍କର ଅପରାଧ ନିମନ୍ତେ ଚୂର୍ଣ୍ଣ ହେଲେ, ଆମ୍ଭମାନଙ୍କର ଶାନ୍ତିଜନକ ଶାସ୍ତି ତାହାଙ୍କ ଉପରେ ବର୍ତ୍ତିଲା ଓ ତାହାଙ୍କ ପ୍ରହାରରେ**

**ଆମ୍ଭେମାନେ ସୁସ୍ଥ ହେଲୁ‘ (ଯିଶାଇୟ ୫୩:୪,୫) ।**

## ଖ୍ରୀଷ୍ଟ ହିଁ ମୋ ପାଇଁ ଯଥେଷ୍ଟ

‘ସାଲଭେସନ୍ ଆରମି‘ ର ପ୍ରତିଷ୍ଠାତା **ଜେନେରାଲ୍ ଉଇଲିୟମ୍ ବୁଥ୍**ଙ୍କର ସାନ ଝିଅ ତା’ର କେତେକ ଧନୀ ସାଙ୍ଗମାନଙ୍କ ସହିତ ଗୋଟିଏ ଦିନ କ୍ଷେପଣ କରିବା ପାଇଁ ନିମନ୍ତ୍ରିତ ହୋଇ ସେମାନଙ୍କ ଗୃହକୁ ଯାଇଥିଲା । ସାଙ୍ଗମାନଙ୍କର ଗୃହ ସୁନ୍ଦର ଅଟ୍ଟାଳିକା ସଦୃଶ, ସୌଖୀନ ଆସବାବ ପତ୍ର ଓ ସାଜସଜାରେ ପରିପୂର୍ଣ୍ଣ ଥିଲା । ମାତ୍ର ଝିଅର ବାପା ଓ ମାଆ ଲଣ୍ଡନ ସହରର ଗୋଟିଏ କ୍ଷୁଦ୍ର ଗୃହରେ ବାସ କରୁଥିଲେ । ଝିଅଟି ସାଙ୍ଗମାନଙ୍କ ଗୃହରୁ ଫେରି ଆସି ତା’ର ପିଲାଳିଆ ସ୍ୱରରେ ମାଆଙ୍କୁ କହିଲା,‘ମାଆ, ମୋର ଇଚ୍ଛା ଯେପରି ଆମ ଗୃହରେ ଆଉ କିଛି ଅଧିକ ସୁନ୍ଦର ସୁନ୍ଦର ଆସବାବ ପତ୍ର ଥିଲେ ଖୁବ୍ ଭଲ ହୁଅନ୍ତା‘ ! ବାପା ଝିଅର ଉକ୍ତିକୁ ଦୂରରୁ ଶୁଣି ପାରି ତାକୁ ପାଖକୁ ଡାକି, ନିଜର କୋଳରେ ବସାଇଲେ । ଖଣ୍ଡେ କାଗଜରେ ପେନସିଲ ଦ୍ୱାରା ଗୋଟିଏ ଗୋଲାକାର ବୃତ୍ତଟିଏ ଆଙ୍କିଲେ, ବୃତ୍ତଟିର ମଧ୍ୟ ଭାଗରେ  ଗୋଟିଏ କ୍ଷୁଦ୍ର ବିନ୍ଦୁଟିଏ ଦେଲେ । ଯତ୍ନ ସହକାରେ ଗୋଲାକାର ବୃତ୍ତଟିକୁ ‘ପାର୍ଥିବ ବସ୍ତୁ ଭାବରେ ଏବଂ ମଧ୍ୟ ଭାଗରେ ଥିବା ବିନ୍ଦୁଟିକୁ ‘ଯୀଶୁ‘ ନାମରେ ନାମାଙ୍କିତ କଲେ । ତାପରେ ଝିଅକୁ ପଚାରିଲେ, ‘ ପ୍ରିୟ ଝିଅ, ତୋ ଜୀବନରେ କ୍ଷୁଦ୍ର ବିନ୍ଦୁର ନ୍ୟାୟ ଯୀଶୁଙ୍କୁ ଏବଂ ଗୋଲାକାର ବୃତ୍ତର ନ୍ୟାୟ ପ୍ରାର୍ଥିବ ବିଷୟସକଳକୁ ଚାହୁଁଛୁ କିଅବା ଗୋଲାକାର ବୃତ୍ତର ନ୍ୟାୟ ଯୀଶୁଙ୍କୁ ଏବଂ କ୍ଷୁଦ୍ରବିନ୍ଦୁର ନ୍ୟାୟ ପ୍ରାର୍ଥିବ ବସ୍ତୁକୁ  ଚାହୁଁଛୁ? ଉଚ୍ଚସ୍ୱରରେ ସାନ ଝିଅଟି ଉତ୍ତର ଦେଲା, ‘ନା, ବାପା , ମୁଁ କ୍ଷୁଦ୍ର ବିନ୍ଦୁର ନ୍ୟାୟ ପ୍ରାର୍ଥିବ ବିଷୟ ବସ୍ତୁକୁ ଏବଂ ଗୋଲାକାର ବୃତ୍ତର ନ୍ୟାୟ ଯୀଶୁଙ୍କୁ ମୋ ଜୀବନରେ ବାଞ୍ଛା କରେ‘ ।

ଏହା ଏକ କୌତୁହଳ ବିଷୟ ପରି ମନେ ହୋଇପାରେ । ମାତ୍ର ଏହା ବାସ୍ତବ । କେଉଁ ବିଷୟ ଆମ ଜୀବନର କେନ୍ଦ୍ରସ୍ଥାନ ଅଧିକାର କରିଛି? ଯୀଶୁ, ନା ଜଗତ? ବାକ୍ୟରେ ଲେଖାଯାଏ, **‘ସଂସାର କିଅବା ସେଥିରେ ଥିବା ବିଷୟ ସବୁକୁ ପ୍ରେମ ନ କର । କେହି ଯଦି ସଂସାରକୁ ପ୍ରେମ କରେ, ପିତାଙ୍କ ପ୍ରେମ ତାହାଠାରେ ନାହିଁ । କାରଣ ଶାରୀରିକ ଅଭିଳାଷ, ଚକ୍ଷୁର ଅଭିଳାଷ ଓ ଲୌକିକ ଗର୍ବ, ସଂସାରରେ ଥିବା ଏହି ସମସ୍ତ ବିଷୟ ପିତାଙ୍କଠାରୁ ନୁହେଁ, ମାତ୍ର ସଂସାରରୁ ଉତ୍ପନ୍ନ ହୋଇଥାଏ । ପୁଣି ସଂସାର ଓ ସେଥିର ଅଭିଳାଷ ଅନିତ୍ୟ, ମାତ୍ର ଯେ ଈଶ୍ୱରଙ୍କ ଇଚ୍ଛା ପାଳନ କରେ, ସେ ନିତ୍ୟସ୍ଥାୟୀ‘ (୧ମ ଯୋହନ ୨:୧୫-୧୭) ।**

**‘ଯାହା ସବୁ ମୋ ପକ୍ଷରେ ଲାଭଜନକ ଥିଲା, ସେହି ସବୁ ମୁଁ ଖ୍ରୀଷ୍ଟଙ୍କ ନିମନ୍ତେ କ୍ଷତିଜନକ ବୋଲି ଗଣ୍ୟ କରିଅଛି । ହଁ, ପ୍ରକୃତରେ ମୁଁ ମୋହର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଜ୍ଞାନର ଉତ୍କୃଷ୍ଟତା ନିମନ୍ତେ**



**ସମସ୍ତ ବିଷୟ କ୍ଷତିଜନକ ବୋଲି ଗଣ୍ୟ କରେ, ତାହାଙ୍କ ନିମନ୍ତେ ମୁଁ ସମସ୍ତ ବିଷୟର କ୍ଷତି ସହ୍ୟ କଲି, ପୁଣି ସେହି ସବୁ ଆବର୍ଜ୍ଜନା ସ୍ୱରୂପ ଗଣ୍ୟ କରେ, ଯେପରି ମୁଁ ଖ୍ରୀଷ୍ଟଙ୍କୁ ଲାଭ କରି ପାରେ ଓ ତାହାଙ୍କର ପରି ଜଣାଯାଏ‘ (ଫିଲିପ୍ପୀ ୩:୭-୮) ।**

## ଯୀଶୁଙ୍କ ନାମରେ ଶକ୍ତି

ଜଣେ ଯୁବକ ଯୁଦ୍ଧ କ୍ଷେତ୍ରରେ ଆହତ ଅବସ୍ଥାରେ ପଡ଼ି ଥାଆନ୍ତି । ନିକଟରେ ଚାଲି ଯାଉଥିବା ଜଣେ ବନ୍ଧୁ ତାଙ୍କ ନିକଟକୁ ଯାଇ ତାଙ୍କର ଗୋଡ଼ ଓ ହାତକୁ ସଳଖ କଲେ, ମୁହଁରୁ ରକ୍ତ ପୋଛି ଦେଲେ ଏବଂ କିଛି ପାଣି ପିଇବାକୁ ଦେଇ ପଚାରିଲେ, ‘ଆଉ କିଛି ମୁଁ ତୁମ ପାଇଁ କରି ପାରେ କି‘ ? ‘ହଁ, ତୁମେ ଆଉ ଗୋଟିଏ ବିଷୟ ମୋ ପାଇଁ କରିପାର‘ ଆହତ ଯୁବକ ତାଙ୍କୁ ଉତ୍ତର ଦେଲେ । ପୁନର୍ବାର ସେ କହିଲେ, ‘ଯଦି ତୁମ ପାଖରେ ଖଣ୍ଡିଏ କାଗଜ ଅଛି, ତେବେ ମୋର ବାପାଙ୍କ ପାଖକୁ ଦୁଇ ଧାଡ଼ି ଚିଠି ଲେଖି ଦିଅ, ମୁଁ ସେଥିରେ ମୋର ଦସ୍ତଖତ କରି ପାରିବି । ଅନ୍ୟ ଗୋଟିଏ ପ୍ରଦେଶରେ ମୋର ବାପା ଜଣେ ବିଚାରକର୍ତ୍ତା ଅଛନ୍ତି । ଯଦି ତାଙ୍କ ନିକଟକୁ ତୁମେ ଏହି ଚିଠିଟି ନେଇ ଯିବ, ତେବେ ସେ ନିଶ୍ଚୟ ତୁମକୁ ସାହାଯ୍ୟ କରିବେ‘ । ଚିଠିଟି ଏହି ପ୍ରକାରେ ଲେଖା ଥିଲା,‘ପ୍ରିୟ ବାପା, ମୁଁ ବର୍ତ୍ତମାନ ଯୁଦ୍ଧ କ୍ଷେତ୍ରରେ ମୃତପ୍ରାୟ ଅବସ୍ଥାରେ ପଡ଼ି ରହିଛି । ଏହିପରି ଅବସ୍ଥାରେ ମୋର ଏହି ବନ୍ଧୁଜଣକ ମୋତେ ସମସ୍ତ ପ୍ରକାରେ ସାହାଯ୍ୟ କରୁଛନ୍ତି । ଯଦି କେବେ ସେ ତୁମ ପାଖକୁ ଯାଆନ୍ତି, ତେବେ ତୁମ ପୁଅ **ଚାର୍ଲୀ** ସକାଶେ ତାଙ୍କ ପ୍ରତି ଦୟା କରିବ‘ । କ୍ଷତବିକ୍ଷତ ଆଙ୍ଗୁଳିରେ ସେ ଆପଣାର ନାମ ତଳେ ଲେଖି ଦେଲେ ।

ଗୃହ ଯୁଦ୍ଧର ଅବସାନ ଘଟିଲା, ସୈନ୍ୟମାନେ ଆପଣା ଆପଣା ସ୍ଥାନକୁ ଫେରି ଗଲେ । ସେମାନଙ୍କ ମଧ୍ୟରୁ ଜଣେ ଛିଣ୍ଡା ୟୁନିଫର୍ମରେ ସେହି ପ୍ରଧାନ ବିଚାରକର୍ତ୍ତାଙ୍କ ଗୃହ ଆଡ଼େ ଯିବାକୁ ଲାଗିଲେ, ମାତ୍ର ଜଗୁଆଳିମାନେ ତାଙ୍କୁ ଆଗକୁ ଯିବାକୁ ଅନୁମତି ଦେଲେ ନାହିଁ, କାରଣ ସେ ଜଣେ ବାରବୁଲା ଲୋକ ପରି ଦେଖା ଯାଉଥିଲେ । ବିଚାରକର୍ତ୍ତା ଗୃହରୁ ଆସିବା ପର୍ଯ୍ୟନ୍ତ ସେ ବାହାରେ ଅପେକ୍ଷା କରି ରହିଲେ । ବିଚାରକର୍ତ୍ତା ଆସିବାର ଦେଖି ସେ ତାଙ୍କ ସମ୍ମୁଖରେ ନଇଁ ପଡ଼ି ସେହି ଛିଣ୍ଡା କାଗଜଟିକୁ ତାଙ୍କ ହାତକୁ ବଢ଼ାଇଦେଲେ । କୌଣସି ସାହାଯ୍ୟ ମାଗିବା ଆଶାରେ ବ୍ୟକ୍ତିଟି ଆସିଛନ୍ତି ଭାବି ତାଙ୍କୁ ଧକ୍କା ମାରି ଠେଲି ଦେଲେ । ସୈନ୍ୟଜଣକ ପୁନର୍ବାର ଉଠି ତାଙ୍କ ପୁଅର ଦସ୍ତଖତ ଥିବା କାଗଜ ଖଣ୍ଡିକୁ ବଢ଼ାଇ ଦେଲେ – ତାହା ସମସ୍ତ ବିଷୟକୁ ବଦଳାଇ ଦେଇଥିଲା । ସୈନିକଙ୍କୁ କୁଣ୍ଢାଇ ପକାଇ ଲୁହ ଛଳ ଛଳ ଆଖିରେ କହିଲେ, ଅର୍ଥ ଦ୍ୱାରା ଯାହା କିଣା ଯାଇ ପାରେ ଓ ମୋର ସମସ୍ତ ସଂପତ୍ତି ଆଜିଠାରୁ ତୁମର ହେଲା‘ । ସେହି ନାମରେ ଏହି ସମସ୍ତ ସମ୍ଭବ ହୋଇ ପାରିଲା । ଯୀଶୁଙ୍କର ନାମ ଅଦ୍ୱିତୀୟ ନାମ

····ସେହି ନାମରେ ପରିତ୍ରାଣ ଓ ଅନନ୍ତଜୀବନ !

**ଯୀଶୁ କହିଲେ, 'ମୋ ନାମରେ ପିତାଙ୍କୁ ଯାହା କିଛି ମାଗିବ, ସେ ତାହା ତୁମକୁ ଦେବେ' (ଯୋହନ ୧୪:୧୪) ।**

**'ଏପର୍ଯ୍ୟନ୍ତ ତୁମ୍ଭେମାନେ ମୋ ନାମରେ କିଛି ମାଗି ନାହଁ, ମାଗ, ପୁଣି ତୁମ୍ଭମାନଙ୍କର ଆନନ୍ଦ ଯେପରି ପରିପୂର୍ଣ୍ଣ ହୁଏ, ସେଥିନିମନ୍ତେ ତୁମ୍ଭେମାନେ ତାହା ପାଇବ'( ଯୋହନ ୧୬:୨୪) ।** ସେହି ନାମକୁ ଆପଣ କ'ଣ ଜାଣିଛନ୍ତି ?

## ଜୀବିତ ଖ୍ରୀଷ୍ଟ

ଥରେ **ସାଧୁ ସୁନ୍ଦର ସିଂ** ଇଂଲଣ୍ଡ ପରିଦର୍ଶନ କରିବା ସମୟରେ ଜଣେ ଆଧୁନିକବାଦୀ ଅଧ୍ୟାପକ ପଚାରିଲେ, 'ହିନ୍ଦୁ ଧର୍ମରେ ନ ଥିବା କେଉଁ ବିଷୟ ତୁମେ ଖ୍ରୀଷ୍ଟ ଧର୍ମରେ ପାଇଲ, ଯାହା କି ତୁମ ଜୀବନରେ ଏହି ପ୍ରକାର ଅଦ୍ଭୁତ ପରିବର୍ତ୍ତନ ଆଣିଛି'? ସୁନ୍ଦର ସିଂ ଉତ୍ତର ଦେଲେ, 'ତାହା ଖ୍ରୀଷ୍ଟ' । ଏପ୍ରକାର ଉତ୍ତରରେ ଅଧ୍ୟାପକ ବିଶେଷ ସନ୍ତୁଷ୍ଟ ନ ହୋଇ ପୁନର୍ବାର ପଚାରିଲେ, 'କେଉଁ ଶିକ୍ଷା କି ଧର୍ମମତ ଖ୍ରୀଷ୍ଟଧର୍ମରେ ରହିଛି, ଯାହାକି ତୁମ୍ଭର ପୂର୍ବ ଧର୍ମ ବିଶ୍ୱାସରେ ନ ଥିଲା'? ଉତ୍ତରରେ ସୁନ୍ଦର ସିଂ କହିଲେ, 'ଏହା କୌଣସି ଶିକ୍ଷା ବା ଧର୍ମମତ ନୁହେଁ, ମାତ୍ର ଏହା ଜୀବିତ ଖ୍ରୀଷ୍ଟ' । ତଥାପି ମଧ୍ୟ ଅଧ୍ୟାପକ ବିରୋଧ କରି କହିଲେ, 'ହୋଇପାରେ, ମୁଁ ମୋର ପ୍ରଶ୍ନକୁ ତୁମ ନିକଟରେ ସୁସ୍ପଷ୍ଟ କରି ପାରି ନାହିଁ । ଖ୍ରୀଷ୍ଟଧର୍ମର କେଉଁ ଦର୍ଶନ ଶାସ୍ତ୍ର ହିନ୍ଦୁଧର୍ମର ଦର୍ଶନଶାସ୍ତ୍ରଠାରୁ ଭିନ୍ନ, ଯାହାଦ୍ୱାରା କି ତୁମେ ଖ୍ରୀଷ୍ଟଧର୍ମକୁ ଏତେ ଆଲିଙ୍ଗନ କରିପାରିଛ'? ସମାନ ଉତ୍ତର ଦେଇ ସୁନ୍ଦର ସିଂ କହିଲେ, 'ସେ ଖ୍ରୀଷ୍ଟ ଅଟନ୍ତି, ଏହା କୌଣସି ଧର୍ମନୀତି, ଦର୍ଶନଶାସ୍ତ୍ର କିଅବା କୌଣସି ଧର୍ମୀୟ ଶିକ୍ଷା ନୁହେଁ, ମାତ୍ର ଖ୍ରୀଷ୍ଟ, ଯେ କି କ୍ରୁଶାର୍ପିତ, ପୁନଃରୁତ୍‌ଥିତ ହୋଇ ସ୍ୱର୍ଗାରୋହଣ କରି ପୁନର୍ବାର ଆସିବା ନିମନ୍ତେ ପ୍ରତିଜ୍ଞା ଦେଇଛନ୍ତି । ଖ୍ରୀଷ୍ଟ ପବିତ୍ରଆତ୍ମାଙ୍କ ଦ୍ୱାରା ଆମ୍ଭମାନଙ୍କ ହୃଦୟରେ ସେହି ଅନନ୍ତ ଭରସା ଦେଇଛନ୍ତି, 'ଆମେ ତାହାଙ୍କର' ।

ଯୀଶୁ ସତ୍ୟ ଓ ଜୀବିତ । **ସେ କହିଲେ, 'ମୁଁ ପୁନରୁତ୍‌ଥାନ ଓ ଜୀବନ, ଯେ ମୋଠାରେ ବିଶ୍ୱାସ କରେ, ସେ ଯଦ୍ୟପି ମରେ, ତଥାପି ସେ ବଞ୍ଚିବ, ପୁଣି ଯେ କେହି ବଞ୍ଚେ ଓ ମୋଠାରେ ବିଶ୍ୱାସ କରେ, ସେ କଦାପି କେବେହେଁ ମରିବ ନାହିଁ' (ଯୋହନ ୧୧:୨୫-୨୬)** । ଏହି ପୁନରୁତ୍‌ଥିତ ଓ ଜୀବିତ ଖ୍ରୀଷ୍ଟଙ୍କୁ ଆପଣ ବ୍ୟକ୍ତିଗତ ଭାବରେ ଅନୁଭବ କରିଛନ୍ତି କି? ଯଦି କରି ନାହାନ୍ତି, ହୋଇପାରେ ଏହି ମୁହୂର୍ତ୍ତରେ ନିଜର ହୃଦୟ ଖୋଲି ତାଙ୍କୁ ନିଜର ପରିତ୍ରାଣକର୍ତ୍ତା ଭାବରେ ଗ୍ରହଣ କରନ୍ତୁ ।



**' ଯେପରି ମୁଁ ତାହାଙ୍କୁ, ତାହାଙ୍କ ପୁନରୁତ୍‌ଥାନର ଶକ୍ତି ଓ ତାହାଙ୍କ ମୃତ୍ୟୁଭୋଗରେ ତାହାଙ୍କ ତୁଲ୍ୟ ହୋଇ ତାହାଙ୍କ ଦୁଃଖଭୋଗର ସହଭାଗୀତା ଜ୍ଞାତ ହୁଏ'(ଫିଲିପ୍‌ପୀ ୩:୧୦) ।**

## ସମସ୍ତ ହିଁ ଯୀଶୁଙ୍କର

ଅତ୍ୟନ୍ତ ନିର୍ଯ୍ୟାତୀତ ପୁଣି ଦାସତ୍ୱ ଅବସ୍ଥାରେ ପଡ଼ିଥିବା ଜଣେ ଆଫ୍ରିକୀୟ ଖ୍ରୀଷ୍ଟ ବିଶ୍ୱାସୀ ଯୁବତୀ ଝିଅ ବିଷୟରେ ଏକ ସତ୍ୟ ଘଟଣା ରହିଛି । ନିଜର ଗ୍ରାମ୍ୟ ମଣ୍ଡଳୀର ବଡ଼ଦିନ ଉପାସନାରେ ଉପହାର ଦେବା ନିମନ୍ତେ ସେ ଆସିଥିଲା । ଏହି ଆଫ୍ରିକାର ଖ୍ରୀଷ୍ଟିୟାନମାନେ ବିଶେଷ ଦରିଦ୍ର ଥିଲେ । ତେଣୁ ଉପହାର ଦେବା ସମୟରେ କିଛି ପରିବା, ଫୁଲତୋଡ଼ା କିଅବା ଗୋଟିଏ ବା ଦୁଇଟି ଟଙ୍କା ଦେବା ସେମାନଙ୍କ ନିମନ୍ତେ ଅତି ବହୁମୂଲ୍ୟ ଥିଲା । ମାତ୍ର ୧୬ ବର୍ଷ ବୟସର ବାଳିକାଟି ନିଜେ ପିନ୍ଧିଥିବା ଲୁଗା କାନିରେ ବନ୍ଧା ହୋଇଥିବା ୮୫ ଟଙ୍କା ବାହାର କରି ମିଶନେରୀଙ୍କ ହସ୍ତରେ ସମର୍ପଣ କରିଥିଲା । ଯେଉଁ ଯୀଶୁଙ୍କୁ ସେ ଏତେ ପ୍ରେମ କରୁଥିଲା, ତାହାଙ୍କର ସେହି ଜନ୍ମ ଦିନରେ ତାହା ଥିଲା ଝିଅଟିର ପ୍ରେମ ଉପହାର । ମିଶନେରୀ ସେଥିରେ ଅତି ଚମତ୍କୃତ ହୋଇ ପଡ଼ି ସେହି ଉପହାରକୁ ଗ୍ରହଣ କରିବା ନିମନ୍ତେ କୁଣ୍ଠାବୋଧ କଲେ । ଉପାସନା ସମାପ୍ତ ହେଲା ଉତ୍ତାରେ ସେ ଝିଅଟିକୁ ପଚାରିଲେ,'ତୁମେ ଏତେ ପରିମାଣର ଅର୍ଥ କେଉଁଠାରୁ ପାଇଲ'? ଉତ୍ତରରେ ଝିଅଟି କହିଲା, 'ଯୀଶୁଙ୍କୁ ଦେବା ନିମନ୍ତେ ଯେଉଁ ଉପହାରରେ ମୋର ହୃଦୟ ପରିତୃପ୍ତ ହେବ, ସେଥି ନିମନ୍ତେ ମୁଁ ନିକଟବର୍ତ୍ତୀ ଏକ ସ୍ଥାନକୁ ଯାଇ ଜଣେ କାରଖାନାର ମାଲିକଙ୍କ ନିକଟରେ ୮୫ ଟଙ୍କା ନିମନ୍ତେ ମୋର ସାରା ଜୀବନକୁ ଦାସ୍ୟକର୍ମରେ ବିକ୍ରୟ କରିଥିଲି' । ସେହି ଉପହାର ଥିଲା ତା'ର ସାରା ଜୀବନର ଶକ୍ତି ଓ ସେବାର ମୂଲ୍ୟ, ଯାହାକୁ ଆଣି ସେ ଯୀଶୁଙ୍କ ପାଦ ତଳେ ବିନା ଦ୍ୱିଧାରେ ସମର୍ପଣ କରିଥିଲା । ଉପହାର ପଛରେ ଥିଲା ଯୀଶୁଙ୍କ ପ୍ରତି ତା'ର ଜୀବନର ପ୍ରଗାଢ଼ ପ୍ରେମ । ଯୋହନ ୧୨:୧-୮ ପଦ ମଧ୍ୟରେ ମରିୟମଙ୍କର ପ୍ରେମପୂର୍ଣ୍ଣ ତ୍ୟାଗର ଉପହାର ଘଟଣା ସ୍ମରଣ କରୁ । ସାରାବର୍ଷର ସଞ୍ଚିତ ଧନର ଉପହାରକୁ ଯୀଶୁଙ୍କ ପାଦ ତଳେ ସେ ଢାଳି ଦେଇଥିଲେ । ଆମ ଜୀବନର ସବୁକିଛି ପାଇବା ନିମନ୍ତେ ଯୀଶୁ ହିଁ କେବଳ ଯୋଗ୍ୟ ଅଟନ୍ତି । ଆଜି ମୋର ସବୁ କିଛି ତାହାଙ୍କୁ ସମର୍ପଣ କରିଛି କି? ଜୀବନର ବାସ୍ତବ ପରିତୃପ୍ତତା କେବଳ ଏହିଠାରେ ହିଁ ଥାଏ । 'ଯେଉଁ ଦାନ ଓ ଉପହାରରେ ତ୍ୟାଗ ନ ଥାଏ, ତାହା ଉତ୍କୃଷ୍ଟତର ଦାନ ନୁହେଁ, ଯଦି ତାହାଙ୍କୁ ଆମେ ଜୀବନର ପ୍ରଭୁ ଭାବରେ ସ୍ୱୀକାର କରିଛୁ, ତେବେ ଆମର ସମସ୍ତ ବିଷୟ ଉପରେ ତାହାଙ୍କର ପୂର୍ଣ୍ଣ ଅଧିକାର ଅଛି ।

**'ସେ (ଯୀଶୁ) ଅଦୃଶ୍ୟ ଈଶ୍ୱରଙ୍କର ପ୍ରତିମୂର୍ତ୍ତୀ, ସମସ୍ତ ସୃଷ୍ଟିର ପ୍ରଥମଜାତ, କାରଣ ଦୃଶ୍ୟ ଓ ଅଦୃଶ୍ୟ, ସ୍ୱର୍ଗରେ ଓ ପୃଥିବୀରେ ସମସ୍ତ ବିଷୟ ତାହାଙ୍କ ଦ୍ୱାରା ସୃଷ୍ଟ ହେଲା, ସିଂହାସନ କି ପ୍ରଭୁତ୍ୱ କି ଆଧିପତ୍ୟ କି କର୍ତ୍ତାପଣ, ସମସ୍ତ ତାହାଙ୍କ ଦ୍ୱାରା ଓ ତାହାଙ୍କ ନିମନ୍ତେ ସୃଷ୍ଟ ହୋଇଅଛି' (କଲସୀ**

୧:୧୫,୧୬) ।

## ଈଶ୍ୱରଙ୍କ ବାକ୍ୟ

### ବାଇବଲ୍ - ଏକ ସଂପଦ

ଅନେକ ବର୍ଷ ପୂର୍ବେ ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତି ହଠାତ୍ ତାଙ୍କର ବ୍ୟବହାର ହେଉ ନ ଥିବା ଏକ ପାରିବାରିକ ବାଇବଲରୁ ୫,୦୦୦ ଡଲାର୍ (୩୦,୦୦୦) ଟଙ୍କା ଥିବାର ଆବିଷ୍କାର କଲେ । ବାଇବଲର ବିଭିନ୍ନ ପୃଷ୍ଠାରେ ଉକ୍ତ ଟଙ୍କାଗୁଡ଼ିକ ସାଇତା ହୋଇ ରଖା ଯାଇଥିଲା । ୧୮୭୪ ମସୀହାରେ ତାଙ୍କର ଜଣେ ମାଉସୀ ମୃତ୍ୟୁ ପୂର୍ବରୁ ତାଙ୍କ ଉଇଲ୍ ସହିତ ବାଇବଲଟିକୁ ମଧ୍ୟ ତାଙ୍କର ଏହି ପୁତୁରାଙ୍କ ହସ୍ତରେ ସମର୍ପଣ କରିଥିଲେ । କଷ୍ଟକର ପରିସ୍ଥିତିର ଚାପାରେ ପୁତୁରା ତାଙ୍କର ସ୍ୱଳ୍ପ ପେନସନ୍ ଅର୍ଥରେ ଅତି ଦରିଦ୍ରାବସ୍ଥାରେ କାଳାତିପାତ କରୁଥିଲେ । ଅତି ସହଜରେ ତାଙ୍କର ଦରିଦ୍ରାବସ୍ଥାର ପରିବର୍ତ୍ତନ ହୋଇ ପାରିଥାଆନ୍ତା, ଯଦି ସେ କେବଳ ସେହି ଅର୍ଥଗୁଡ଼ିକୁ ପୂର୍ବରୁ ଦେଖି ପାରି ଥାଆନ୍ତେ! ଯାହା ହେଲେ ମଧ୍ୟ, ଉକ୍ତ ବର୍ଷଗୁଡ଼ିକ ମଧ୍ୟରେ ସେ କେବେହେଲେ ସେହି ପିତଳର ବାକ୍ସଟିକୁ ଖୋଲି ନ ଥିଲେ, ଯାହା ଭିତରେ କି ସେହି ବାଇବଲଟି ବନ୍ଧା ଅବସ୍ଥାରେ ରଖା ଯାଇଥିଲା । ଶେଷରେ ଯେତେବେଳେ ତାଙ୍କର ଏହି ଅବଶିଷ୍ଟ ଜୀବନକାଳ ନିଜର ପୁତ୍ରଙ୍କ ସହିତ କ୍ଷେପଣ କରିବା ନିମନ୍ତେ ବାକ୍ସଟିକୁ ସଜାଡ଼ିବାକୁ ଆରମ୍ଭ କଲେ, ସେତେବେଳେ ବାଇବଲ ମଧ୍ୟରେ ଥିବା ସେହି ଅଜଣା ଅର୍ଥଗୁଡ଼ିକୁ ସେ ଦେଖି ପାରିଥିଲେ । ଦୁଃଖର ବିଷୟ ଉକ୍ତ ସଂପଦକୁ ଉପଭୋଗ କରିବା ନିମନ୍ତେ ସେ ବେଶୀ ବର୍ଷ ବଞ୍ଚି ପାରି ନ ଥିଲେ ।

ଈଶ୍ୱରଙ୍କ ବାକ୍ୟ ଆମ ପାଇଁ ଏକ ଅମୂଲ୍ୟ ସଂପଦ । ଆମେ ଆଜି କେତେ ଭାଗ୍ୟବାନ୍ ଯେ ଆମ ହାତରେ, ଆମ ଭାଷାରେ ତାହା ପାଇପାରିଛୁ । ମାତ୍ର ପ୍ରଶ୍ନ ଉଠେ, ତାହା କ'ଣ ଆମେ ନିତ୍ୟ ଖୋଲୁଛୁ ଏବଂ ପାଠ କରୁଛୁ? ଆଜିଠାରୁ ତାହାକୁ ପାଠ କରିବା ପାଇଁ ଆରମ୍ଭ କରୁ । ନିତ୍ୟ ଏହାକୁ ଧ୍ୟାନ କରିବା ଦ୍ୱାରା ଆମର ଆତ୍ମିକ ଦାରିଦ୍ର୍ୟତା ଦୂର ହୋଇ ଈଶ୍ୱରଙ୍କ ପକ୍ଷରେ ଆମେ ଧନଶାଳୀ ହୋଇ ପାରିବା । **ଦାଉଦ କହନ୍ତି, 'ମୁଁ ଯେପରି ତୁମ୍ଭର ବିଧି ସବୁ ଶିଖିବି, ଏଥିପାଇଁ ମୁଁ ଯେ ଦୁଃଖଗ୍ରସ୍ତ ହେଲି, ଏହା ମୋ ପକ୍ଷରେ ଭଲ ହେଲା । ହଜାର ହଜାର ସୁନା ଓ ରୁପା ଅପେକ୍ଷା ତୁମ୍ଭ ମୁଖର ବ୍ୟବସ୍ଥା ମୋ ପାଇଁ ଅତି ଉତ୍ତମ' (ଗୀତ ୧୧୯:୭୧-୭୨) ।**

**'ଲେଖାଅଛି, ମନୁଷ୍ୟ କେବଳ ରୋଟୀରେ ବଞ୍ଚିବ ନାହିଁ, ମାତ୍ର ଈଶ୍ୱରଙ୍କ ମୁଖରୁ ନିର୍ଗତ ପ୍ରତ୍ୟେକ ବାକ୍ୟରେ ବଞ୍ଚିବ' (ମାଥିଉ ୪:୪) ।**

**'ଆକାଶ ଓ ପୃଥିବୀ ଲୋପ ପାଇବ, ମାତ୍ର ମୋହର ବାକ୍ୟସମୂହ କଦାପି ଲୋପ ପାଇବ ନାହିଁ' ( ମାଥିଉ ୨୪:୩୫) ।**



## ଈଶ୍ୱରଙ୍କ ବାକ୍ୟ ଦର୍ପଣସ୍ୱରୂପ

ଥରେ ଜଣେ ମିଶନେରୀ ଛୁଟୀ ପରେ ନିଜର ସେବାକ୍ଷେତ୍ର ଆଫ୍ରିକାକୁ ଫେରି ଆସିବା ସମୟରେ ଆଭ୍ୟନ୍ତରୀଣ ଜଙ୍ଗଲ ମଧ୍ୟରେ ବାସ କରୁଥିବା ଲୋକମାନଙ୍କ ପାଇଁ କେତେକ ଛୋଟ ଛୋଟ ଆକର୍ଷଣୀୟ ଉପହାର ସଙ୍ଗରେ ଆଣିଥିଲେ । ଅନ୍ୟ ଉପହାରଗୁଡ଼ିକ ସହିତ ଆଣିଥିବା କେତେକ ଛୋଟ ଛୋଟ ଦର୍ପଣ ମଧ୍ୟରୁ ଗୋଟିଏ ଦର୍ପଣ ଜଣେ ମହିଳାଙ୍କୁ ଦାନ କଲେ । ତାହା ପାଇ ମହିଳାଜଣକ ଖୁବ୍ ଖୁସି ହେଲେ । ପୂର୍ବରୁ ସେ କେବେହେଲେ ଦର୍ପଣ କ'ଣ ତାହା ଦେଖି ନ ଥିଲେ, ମାତ୍ର ବର୍ତ୍ତମାନ ଦର୍ପଣରେ ନିଜର ଜୀର୍ଣ୍ଣ ଶରୀର ଓ କୁତ୍ସିତ ଅବସ୍ଥାକୁ ଦେଖି ବିରକ୍ତ ଓ କ୍ରୋଧାନ୍ୱୀତ ହୋଇ ଦର୍ପଣଟିକୁ ଭାଙ୍ଗିବା ପାଇଁ ଉଦ୍ୟତ ହେଲେ, କାରଣ ସେ ନିଜର ବାସ୍ତବ ଅବସ୍ଥାକୁ ଗ୍ରହଣ କରିବା ପାଇଁ ଇଚ୍ଛୁକ ନ ଥିଲେ ।

ଈଶ୍ୱରଙ୍କ ବାକ୍ୟ ଦର୍ପଣସ୍ୱରୂପ- ତାହା ଆମ୍ଭମାନଙ୍କ ଆଭ୍ୟନ୍ତରୀଣ ଜୀବନର ପାପପୂର୍ଣ୍ଣ ଅବସ୍ଥାକୁ ଦେଖାଇ ଦେବା ସଙ୍ଗେ ସଙ୍ଗେ କିପରି ଏକ ପରିଷ୍କୃତ ଓ ପବିତ୍ର ଜୀବନ କାଟି ପାରିବା, ତାହା ପ୍ରକାଶ କରିଥାଏ । **'ଈଶ୍ୱରଙ୍କ ବାକ୍ୟ ଜୀବନ୍ତ ଓ କାର୍ଯ୍ୟସଧକ, ପୁଣି ଦ୍ୱିଧାର ଖଡ୍‌ଗଠାରୁ ତୀକ୍ଷ୍ଣତର, ଆଉ ପ୍ରାଣ ଓ ଆତ୍ମା, ଗ୍ରନ୍ଥି ଓ ମଜ୍ଜାର ବିଚ୍ଛେଦ ପର୍ଯ୍ୟନ୍ତ ପରିଭେଦକ ଏବଂ ହୃଦୟର ଚିନ୍ତା ଓ ଭାବର ସୂକ୍ଷ୍ମ ବିଚାରକ ଅଟେ' (ଏବ୍ରୀ ୪:୧୨) ।**

## ଚିରନ୍ତନ ବାକ୍ୟ

ଥରେ ଜଣେ ଯୁବକ ତା'ର ପ୍ରଥମ ଛୁଟୀ ସମୟ ପରିବାରଠାରୁ ଦୂରରେ କ୍ଷେପଣ କରିବା ପାଇଁ ନିଜର ବାକ୍ସ ସଜାଡୁ ଥିଲେ । ପାଖରେ ତାଙ୍କର ଜଣେ ବନ୍ଧୁ ଠିଆ ହୋଇ ସବୁ ଦେଖୁଥାଆନ୍ତି, କିପରି ଯୁବକ ଗୋଟିଏ ପରେ ଆଉ ଗୋଟିଏ ଜିନିଷ ଏପରିକି ନିଜର ଲୁଗାପଟା, ଜୋତା, ପୁସ୍ତକ, ଖେଳ ସାମଗ୍ରୀ ଇତ୍ୟାଦି ଯତ୍ନ ସହକାରେ ବାକ୍ସରେ ସଜାଡ଼ି ରଖୁଥାନ୍ତି । ଶେଷରେ କେବଳ ଛଅ ଇଞ୍ଚ ଲମ୍ବ ଓ ଚାରି ଇଞ୍ଚ ପ୍ରସ୍ଥର ସ୍ଥାନଟିଏ  ଅବଶିଷ୍ଟ ରହିଲା । ବନ୍ଧୁଜଣକ ପଚାରିଲେ,'ଏହି ଛୋଟ ଖାଲି ସ୍ଥାନରେ ତୁମେ କ'ଣ ରଖିବ?' ଉତ୍ତରରେ ଯୁବକ ଜଣକ କହିଲେ, 'ମୁଁ ଖାଲି ସ୍ଥାନରେ ମୋର ଯାତ୍ରା ସମ୍ବଳିତ ପୁସ୍ତକ, ଏକ ଦୀପ, ଗୀତପୁସ୍ତକ, ଏକ ଦୂରବୀକ୍ଷଣ ଯନ୍ତ୍ର, ଏକ ଅଣୁବୀକ୍ଷଣ ଯନ୍ତ୍ର, ଅନେକ ଉତ୍ତମ ଜୀବନୀ, ପ୍ରେମପୂର୍ଣ୍ଣ ଚିଠିସମୂହ, କେତେକ ଐତିହାସିକ ପୁସ୍ତକ, ଏକ ହାତୁଡ଼ି ଓ ଗୋଟିଏ ତୀକ୍ଷ୍ଣ ଖଣ୍ଡା ସଦୃଶ ମୋର ମାଆ ଦେଇଥିବା ବାଇବଲଟିକୁ ରଖିବି ।

ଜୀବନଯାତ୍ରାରେ ଈଶ୍ୱରଙ୍କ ବାକ୍ୟକୁ ନେଇ ଆଗେଇବା ହିଁ ସଫଳତାର ପ୍ରଥମ ସୋପାନ । ପ୍ରତିଜ୍ଞାତ ଦେଶକୁ ପ୍ରବେଶ କରିବା ପୂର୍ବରୁ ଈଶ୍ୱର ଯିହୋଶୂୟଙ୍କୁ ସତର୍କ କରାଇ କହିଲେ, **'ଏହି ବ୍ୟବସ୍ଥା ପୁସ୍ତକ ତୁମ୍ଭ ମୁଖରୁ ବିଚଳିତ ନ ହେଉ, ମାତ୍ର ତୁମ୍ଭେ ତହିଁର ଲେଖା ଅନୁସାରେ ମାନିବାକୁ ଓ କରିବାକୁ ଦିବାରାତ୍ର ତାହା ଧ୍ୟାନ କର, ତାହା କଲେ ତୁମ୍ଭେ ଆପଣା ପଥ ସଫଳ କରିବ ଓ ତୁମ୍ଭେ କୁଶଳ ପ୍ରାପ୍ତ ହେବ'(ଯିହୋଶୂୟ ୧:୮)** । ଆଜି ଆମେ ଈଶ୍ୱରଙ୍କ ବାକ୍ୟକୁ କିପରି ବ୍ୟବହାର କରୁଛୁ? ଦୈନନ୍ଦିନ ଜୀବନରେ ଏହାକୁ ପାଠ କରିବା ସହିତ ତହିଁ ଅନୁସାରେ ଜୀବନ କାଟିବା ଏକ ଜରୁରୀ ବିଷୟ । **ଦାଉଦ କହନ୍ତି, 'ସଦାପ୍ରଭୁଙ୍କ ବ୍ୟବସ୍ଥାରେ ଯାହାର ଆମୋଦ ଥାଏ ଓ ଯେ ଦିବାରାତ୍ର ତାହାଙ୍କର ବ୍ୟବସ୍ଥା ଧ୍ୟାନ କରେ, ସେ ଧନ୍ୟ' (ଗୀତ ୧:୨ ପଦ ) । 'ଈଶ୍ୱରଙ୍କ ବାକ୍ୟ ଜୀବନ୍ତ ଓ କାର୍ଯ୍ୟସାଧକ, ପୁଣି ଦ୍ୱିଧାର ଖଡ୍‌ଗଠାରୁ ତୀକ୍ଷ୍ଣତର, ଆଉ ପ୍ରାଣ ଓ ଆତ୍ମା, ଗ୍ରନ୍ଥି ଓ ମଜ୍ଜାର ବିଚ୍ଛେଦ ପର୍ଯ୍ୟନ୍ତ ପରିଭେଦକ ଏବଂ ହୃଦୟର ଚିନ୍ତା ଓ ଭାବର ସୂକ୍ଷ୍ମ ବିଚାରକ ଅଟେ'( ଏବ୍ରୀ ୪:୧୨) ।**

## ଈଶ୍ୱରଙ୍କ ବାକ୍ୟର ଶକ୍ତି

ଦ୍ୱିତୀୟ ବିଶ୍ୱଯୁଦ୍ଧ ପୂର୍ବରୁ ବାଇବଲ ବିତରଣକାରୀ **ମାଇକେଲ୍ ବିଲେଷ୍ଟର୍** ନାମକ ଜଣେ ବ୍ୟକ୍ତି ପୋଲାଣ୍ଡର ଏକ କ୍ଷୁଦ୍ର ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଗୋଟିଏ ବାଇବଲ ଦାନ କରିଥିଲେ । ତାହା ପଢ଼ି ବ୍ୟକ୍ତିଜଣଙ୍କ ଜୀବନରେ ଏକ ବିରାଟ ପରିବର୍ତ୍ତନ ଆସିଥିଲା । ଅନ୍ୟମାନେ ଯେପରି ଉକ୍ତ ବାଇବଲକୁ ପଢ଼ିବେ, ସେଥିପାଇଁ ସେହି ପୁସ୍ତକଟିକୁ ସେମାନଙ୍କୁ ଦେଇଥିଲେ । ତାହା ପଢ଼ିବା ଦ୍ୱାରା ଜଣକ ପରେ ଜଣେ ଏହିପରି ପ୍ରାୟ ୨୦୦ ଜଣରୁ ଅଧିକ ସେହି ଗ୍ରାମର ଲୋକମାନେ ପ୍ରଭୁଯୀଶୁଙ୍କର ପରିଚୟ ପାଇଲେ ।

୧୯୪୦ ମସୀହାରେ ଯେତେବେଳେ ବିଲେଷ୍ଟର୍ ପୁନର୍ବାର ଫେରି ଆସିଲେ, ଉପାସନା ନିମନ୍ତେ ସମସ୍ତ ବିଶ୍ୱାସୀମାନେ ଏକତ୍ର ହୋଇ ତାଙ୍କ ମୁଖରୁ ଈଶ୍ୱରଙ୍କ ବାକ୍ୟ ଶୁଣିବା ପାଇଁ ତାଙ୍କୁ ଅନୁରୋଧ କଲେ । ବାଇବଲର କେତେକ ମୁଖସ୍ଥ ପଦଗୁଡ଼ିକୁ କହିବା ନିମନ୍ତେ ସେ ସେମାନଙ୍କୁ ଉତ୍ସାହ ଦେଇଥିଲେ । ସେଥିରେ ଜଣେ ବ୍ୟକ୍ତି ଠିଆ ହୋଇ କହିଲେ, ହୋଇପାରେ ଆପଣ ଆମ୍ଭମାନଙ୍କୁ ଭୁଲ୍ ବୁଝିଛନ୍ତି, ବାଇବଲର ପଦଗୁଡ଼ିକ କି ପର୍ବଗୁଡ଼ିକ ବିଷୟରେ ଆପଣ ଆମ୍ଭମାନଙ୍କୁ ପଚାରୁଛନ୍ତି?' ଗ୍ରାମର ବିଶ୍ୱାସୀମାନେ ବାଇବଲର କେତେକ ନିର୍ଦ୍ଦିଷ୍ଟ ପଦଗୁଡ଼ିକ ଯେ କେବଳ ମୁଖସ୍ଥ କରିଥିଲେ ତାହା ନୁହେଁ, ମାତ୍ର ଅନେକ ପୁରା ପର୍ବ ଓ କେତେକ ପୁସ୍ତକ ମଧ୍ୟ ମୁଖସ୍ଥ କରିଥିଲେ । ୧୩ ଜଣ ବିଶ୍ୱାସୀ ସଂପୂର୍ଣ୍ଣ ଭାବରେ ମାଥିଉ, ଲୂକ ଏବଂ ଆଦିପୁସ୍ତକର ଅର୍ଦ୍ଧେକ ଅଂଶ ସଂପୂର୍ଣ୍ଣ ଭାବରେ ମୁଖସ୍ଥ କରିଥିଲେ । ଅନ୍ୟ ଜଣେ ବିଶ୍ୱାସୀ ସଂପୂର୍ଣ୍ଣ ଗୀତସଂହିତା ପୁସ୍ତକଟିକୁ ମଧ୍ୟ ମୁଖସ୍ଥ କରିଥିଲେ ।



ବାସ୍ତବରେ ଏହା କେତେ ଆଶ୍ଚର୍ଯ୍ୟର ବିଷୟ ଯେ ଗୋଟିଏ ବାଇବଲ ଏହି ପ୍ରକାର ଏକ ମହତ୍ କାର୍ଯ୍ୟ ସାଧନ କରି ପାରିଥିଲା । ହୃଦୟ ମଧ୍ୟରେ ଈଶ୍ୱରଙ୍କ ବାକ୍ୟ ବୀଜ ସଦୃଶ କାର୍ଯ୍ୟ କରି ଧାର୍ମିକ ଜୀବନ ସୃଷ୍ଟି କରିଥାଏ । ଈଶ୍ୱରଙ୍କ ବାକ୍ୟ ଶକ୍ତିଶାଳୀ ଓ କାର୍ଯ୍ୟସାଧକ । ଏହା ପଥପ୍ରଦର୍ଶକ ଓ ଜୀବନଦାୟକ । ଏହା ଆମ୍ଭମାନଙ୍କୁ ପାପ ଓ ଅନ୍ଧକାର ମଧ୍ୟରେ ଆଲୋକ ପ୍ରଦାନ କରେ । ସେଥିପାଇଁ ଏହା ନିତ୍ୟ ପାଠ କରିବା ପାଇଁ ଆମେ ଅବହେଳା ନ କରୁ । ସଦାପ୍ରଭୁ କହନ୍ତି, **'ଦେଖ, ଯେଉଁ ଦିନ ଆମ୍ଭେ ଏହି ଦେଶକୁ ଦୁର୍ଭିକ୍ଷ ପ୍ରେରଣ କରବା, ଏମନ୍ତ ଦିନ ଆସୁଅଛି, ତାହା ଅନ୍ନ କିଅବା ଜଳ ପିପାସାର ଦୁର୍ଭିକ୍ଷ ନୁହେଁ, ମାତ୍ର ସଦାପ୍ରଭୁଙ୍କର ବାକ୍ୟ ଶୁଣିବାର ଦୁର୍ଭିକ୍ଷ ହେବ । ଲୋକମାନେ ଏକ ସମୁଦ୍ରଠାରୁ ଅନ୍ୟ ସମୁଦ୍ର ପର୍ଯ୍ୟନ୍ତ, ଉତ୍ତର ଦିଗରୁ ପୂର୍ବ ଦିଗ ପର୍ଯ୍ୟନ୍ତ ଭ୍ରମଣ କରିବେ, ସେମାନେ ସଦାପ୍ରଭୁଙ୍କର ବାକ୍ୟର ଅନ୍ୱେଷଣ କରିବା ପାଇଁ ଏଣେ ତେଣେ ଦୌଡ଼ିବେ,ଆଉ ତାହା ପାଇବେ ନାହିଁ' (ଆମୋଷ ୮:୧୧-୧୨) । ସେଥିପାଇଁ ଦାଉଦ କହନ୍ତି, 'ମୁଁ ଯେପରି ତୁମ୍ଭ ବିରୁଦ୍ଧରେ ପାପ ନ କରେ, ସେଥିପାଇଁ ମୁଁ ଆପଣା ହୃଦୟ ମଧ୍ୟରେ ତୁମ୍ଭର ବାକ୍ୟ ସଞ୍ଚୟ କରି ରଖିଅଛି' (ଗୀତ ୧୧୯:୧୧) ।**

**'ତୁମ୍ଭର ବିଧାନ ସବୁ ମୁଁ କେବେ ପାସୋରିବି ନାହିଁ, କାରଣ ତଦ୍ୱାରା ତୁମ୍ଭେ ମୋତେ ସଚେତ କରିଅଛ' ( ଗୀତ ୧୧୯:୯୩ ) ।**

## ସୁସମାଚାର ପତ୍ରିକାର ଶକ୍ତି

ଫ୍ରାନ୍‌ସର ଜଣେ ଯୁବକ ନିରାଶ ହୋଇ ଡାକ୍ତରଖାନାରେ ବସିଥିବା ସମୟରେ ଏକ ସୁସମାଚାର ପତ୍ରିକା ତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ତାହାକୁ ପାଠ କରିବା ଦ୍ୱାରା ସେ ଖ୍ରୀଷ୍ଟଙ୍କର ପ୍ରକୃତ ପରିଚୟ ପାଇଲେ । ପରବର୍ତ୍ତୀ ସମୟରେ ନୌବାହିନୀର **ସେନାଧ୍ୟକ୍ଷ କଲିନ୍** ନାମରେ ପରିଚିତ ସେହି ବ୍ୟକ୍ତି ଫ୍ରାନ୍‌ସର ପ୍ରଧାନ ସଂସ୍କାରକ ହୋଇ ପାରିଥିଲେ । ସେହି ସମାନ ପତ୍ରିକାଟି ଜଣେ ନର୍ସ ମଧ୍ୟ ପାଠ କରି **ଲେଡି ଆବିସ୍**ଙ୍କୁ ଦେବା ଦ୍ୱାରା ତାଙ୍କର ଜୀବନ ମଧ୍ୟ ପରିବର୍ତ୍ତନ ହୋଇଥିଲା । ଖ୍ରୀଷ୍ଟିୟାନମାନଙ୍କ ପ୍ରତି ତାଡ଼ନା ଘଟିବା ସମୟରେ ସେହି ମହିଳା 'ପାଲାଟିନେଟ୍' ନାମକ ଏକ ସ୍ଥାନକୁ ପଳାୟନ କରି ହଲାଣ୍ଡର ଜଣେ ଖ୍ରୀଷ୍ଟିୟାନ ବ୍ୟକ୍ତିଙ୍କର ପରିଚୟ ପାଇ ତାଙ୍କୁ ବିବାହ କରିଥିଲେ । ଅଳ୍ପ ସମୟ ମଧ୍ୟରେ ତାଙ୍କର ଖ୍ରୀଷ୍ଟିୟ ସାକ୍ଷ୍ୟ ସମଗ୍ର ଇଉରୋପ ମହାଦେଶରେ ଏକ ଗଭୀର ପ୍ରଭାବ ପକାଇଥିଲା । ସେହି ବ୍ୟକ୍ତି ଅନ୍ୟ କେହି ନ ଥିଲେ, ମାତ୍ର ହଲାଣ୍ଡର ସୁପ୍ରସିଦ୍ଧ ରାଜା **ଓରେନ୍‌ଜର ଉଇଲିୟମ୍ ।**

ଈଶ୍ୱରଙ୍କର ବାକ୍ୟ ଶକ୍ତିଯୁକ୍ତ, କାର୍ଯ୍ୟସାଧକ ଓ ଜୀବନ ପରିବର୍ତ୍ତନକାରୀ ଅଟେ । ଯେଉଁମାନେ

ଏହି ସତ୍ୟ ବାକ୍ୟରେ ବିଶ୍ୱାସ କରନ୍ତି, ସେମାନଙ୍କ ଜୀବନରେ ଅଦ୍ଭୁତ ପରିବର୍ତ୍ତନ ଆସିଥାଏ । ହୁଏତ ପାପ ଆମକୁ ଈଶ୍ୱରଙ୍କ ବାକ୍ୟଠାରୁ ଦୂରେଇ ରଖିବ, ନଚେତ୍ ଈଶ୍ୱରଙ୍କ ବାକ୍ୟ ଦ୍ୱାରା ଆମେ ପାପଠାରୁ ଦୂରରେ ରହିବା । **ସଦାପ୍ରଭୁ କହନ୍ତି,'ଆମ୍ଭ ମୁଖରୁ ନିର୍ଗତ ବାକ୍ୟ କେବେହେଲେ ନିଷ୍ଫଳ ହୋଇ ଆମ୍ଭ ନିକଟକୁ ଫେରି ଆସିବ ନାହିଁ, ମାତ୍ର ଆମ୍ଭେ ଯାହା ଇଚ୍ଛା କରୁ, ତାହା ସିଦ୍ଧ କରିବ ଓ ଯେଉଁ କାର୍ଯ୍ୟ ପାଇଁ ଆମ୍ଭେ ପ୍ରେରଣ କରୁ, ତହିଁରେ କୃତାର୍ଥ ହେବ' (ଯିଶାଇୟ ୫୫:୧୧) ।**

**'କାରଣ ମୁଁ ସୁସମାଚାର ସମ୍ବନ୍ଧରେ ଲଜ୍ଜାବୋଧ କରେ ନାହିଁ, ଯେଣୁ ତାହା ପ୍ରତ୍ୟେକ ବିଶ୍ୱାସୀ ପକ୍ଷରେ ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଶକ୍ତି ଅଟେ, ପ୍ରଥମତଃ ଯିହୁଦୀ ପକ୍ଷରେ, ଆଉ ମଧ୍ୟ ଗ୍ରୀକ୍ ପକ୍ଷରେ' ( ରୋମୀ ୧:୧୬) ।**

## ପରିବର୍ତ୍ତନକାରୀ ସୁସମାଚାର

ବିବର୍ତ୍ତନବାଦର ମୁଖ୍ୟ ବ୍ୟକ୍ତି ଚାର୍ଲସ୍ **ଡାରଉଇନ୍ ଥରେ** ଜଣେ ମିଶନେରୀଙ୍କୁ ଏହି କଥା କହିଥିଲେ, 'ଏହି ଗ୍ରାମରେ ଆମ୍ଭମାନଙ୍କର ଦୀର୍ଘ ବର୍ଷର କାର୍ଯ୍ୟ ଯାହା କରି ପାରି ନ ଥିଲା, ତାହା ଆପଣଙ୍କ ଅଳ୍ପ ମାସର ସେବାକାର୍ଯ୍ୟ ଦ୍ୱାରା ଅଧିକ ପରିବର୍ତ୍ତନ ଆଣି ପାରିଛି । ଏପରିକି ଜଣେ ମଦ୍ୟପୀ ଜୀବନକୁ ମଧ୍ୟ ଆମେ ପରିବର୍ତ୍ତନ କରି ପାରି ନାହୁଁ, ମାତ୍ର ଆପଣଙ୍କ ସେବାକାର୍ଯ୍ୟ ଦ୍ୱାରା ଆଉ ଜଣେ ହେଲେ ମଦ୍ୟପୀ ଏହି ଗ୍ରାମରେ ଅବଶିଷ୍ଟ ନାହାନ୍ତି' ।

ପରବର୍ତ୍ତୀ ସମୟରେ ଡାରଉଇନ୍ ଦକ୍ଷିଣ ଆମେରିକାର ତାହିରା ଡେଲ୍ ଫିଉଗୋ ଅଞ୍ଚଳକୁ ଯାତ୍ରା କରିଥିଲେ । ସେଠିକାର ଲୋକମାନଙ୍କର ଭୟାନକ ଦାସତ୍ୱ ଅବସ୍ଥା ଅବର୍ଣ୍ଣନୀୟ । ପରବର୍ତ୍ତୀ ସମୟରେ ଜଣେ ମିଶନେରୀ ସେହି ଅଞ୍ଚଳରେ ସୁସମାଚାର ପ୍ରଚାର କରିବାକୁ ଆରମ୍ଭ କଲେ । ଯେତେବେଳେ ଡାରୱଇନ୍ ସେହି ସ୍ଥାନ ପରିଦର୍ଶନରେ ପୁନର୍ବାର ଯାଇଥିଲେ, ଲୋକମାନଙ୍କର ପରିବର୍ତ୍ତନ ଦେଖି ସୁସମାଚାରର ଅସୀମ ଶକ୍ତିକୁ ସ୍ୱୀକାର କରିଥିଲେ । ଯାହା ସେ ଦେଖିଲେ, ତାହା ତାଙ୍କୁ ଏପରି ପ୍ରଭାବିତ କରିଥିଲା ଯେ, ତାଙ୍କର ମୃତ୍ୟୁ ପର୍ଯ୍ୟନ୍ତ ସୁସମାଚାର ସେବାକାର୍ଯ୍ୟ ନିମନ୍ତେ ସେ ଆର୍ଥିକ ସହାୟତା କରିଥିଲେ ।

ସୁସମାଚାରର ଶକ୍ତି ଏବେ ମଧ୍ୟ ଅକ୍ଷୁର୍ଣ୍ଣ ରହିଛି । ଯୀଶୁ ହିଁ ସେହି ସତ୍ୟ ସୁସମାଚାର । ଯେ ତାହାଙ୍କଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ଲାଭ କରିବ । ପାଉଲ ତାହା ନିଜ ବିଦ୍ରୋହୀ ଜୀବନରେ ଅନୁଭବ କରି ପାରିଥିଲେ । ସେ ସାକ୍ଷ୍ୟ ଦେଇ କହନ୍ତି,' **କାରଣ ମୁଁ ସୁସମାଚାର ସମ୍ବନ୍ଧରେ ଲଜ୍ଜାବୋଧ କରେ ନାହିଁ, ଯେଣୁ ତାହା ପ୍ରତ୍ୟେକ ବିଶ୍ୱାସୀ ପକ୍ଷରେ ପରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଶକ୍ତି ଅଟେ' (ରୋମୀ ୧:୧୬) ।**



# ପ୍ରାର୍ଥନା

## ବିଶ୍ୱାସଯୁକ୍ତ ପ୍ରାର୍ଥନା

ଜଣେ ବାଳକ ଥରେ ମଣ୍ଡଳୀର ଏକ ପ୍ରାର୍ଥନାସଭାରେ ଯୋଗ ଦେଇଥିଲା । ପ୍ରାର୍ଥନା ସମାପ୍ତ ହେବା ପୂର୍ବରୁ ଚାଳକ ମହାଶୟଙ୍କ ନିକଟକୁ ଯାଇ କହିଲା, 'ଆଜ୍ଞା, ପୁନର୍ବାର ଏହିପରି ପ୍ରାର୍ଥନା ସଭା ସମୟରେ ଦୟାକରି ଆପଣଙ୍କ ଲୋକମାନଙ୍କୁ ମୋର ଭଉଣୀ ଯେପରି ବାଇବଲ ପଢ଼ିବାକୁ ଆରମ୍ଭ କରିବ, ସେଥିପାଇଁ ପ୍ରାର୍ଥନା କରିବାକୁ ଅନୁରୋଧ କରିବେ । ମୁଁ ନିଶ୍ଚିତ ଯଦି ସେ ବାଇବଲ ପଢ଼ିବ, ତେବେ ତା'ର ଜୀବନ ସଂପୂର୍ଣ୍ଣ ପରିବର୍ତ୍ତନ ହୋଇଯିବ' । ତହିଁରେ ପରବର୍ତ୍ତୀ ପ୍ରାର୍ଥନା ସଭାରେ ବାଳକର ପ୍ରାର୍ଥନାର ଅନୁରୋଧଟି ସମସ୍ତଙ୍କ ନିକଟରେ ଚାଳକ ମହାଶୟ ପ୍ରକାଶ କରିଥିଲେ । ପ୍ରାର୍ଥନା ଚାଲୁଥିବା ସମୟରେ ପୁଅଟି ଉଠି ଚାଲିଗଲା । ତା'ପରଦିନ ସକାଳେ ଚାଳକ ମହାଶୟ ବାଳକଟିକୁ ରାସ୍ତାରେ ଦେଖା ପାଇ କହିଲେ, 'ଗତ ସନ୍ଧ୍ୟାରେ ପ୍ରାର୍ଥନା ସମୟରେ ଉଠି ଚାଲିଯିବା ତୁମ ପକ୍ଷରେ ଏକ ଅଶୋଭନୀୟ ବ୍ୟବହାର ହେଲା' । ବାଳକଟି ଉତ୍ତର ଦେଲା, 'ଓଃ, ଆଜ୍ଞା, ଏହି ପ୍ରକାର ବ୍ୟବହାର କରିବା ମୋର ଉଦ୍ଦେଶ୍ୟ ନ ଥିଲା, ମୁଁ ଶୀଘ୍ର ଘରକୁ ଫେରି ଯାଇ ପ୍ରାର୍ଥନାର ଉତ୍ତର ସ୍ୱରୂପେ ମୋର ଭଉଣୀକୁ ପ୍ରଥମ ଥର ନିମନ୍ତେ ବାଇବଲ ପଢ଼ିବାର ଦେଖିବାକୁ ମୁଁ ଇଚ୍ଛା କରିଥିଲି' । ବାଳକଟି ନିଶ୍ଚିତ ଥିଲା ଯେ ଈଶ୍ୱର ସେମାନଙ୍କର ପ୍ରାର୍ଥନା ଶୁଣିଛନ୍ତି ।

ଅନେକ ସମୟରେ ଆମ୍ଭେମାନେ ପ୍ରାର୍ଥନା କରିଥାଉ, ମାତ୍ର ବିଶ୍ୱାସ କରି ନ ଥାଉ । ବିଶ୍ୱାସଯୁକ୍ତ ପ୍ରାର୍ଥନା ଅସାଧ୍ୟ କାର୍ଯ୍ୟ ସାଧନ କରି ଥାଏ । ଯାକୁବ କହନ୍ତି, **'ଯେ ସନ୍ଦେହ କରେ, ସେ ବାୟୁରେ ଇତଃସ୍ତତ ଚାଳିତ ସମୁଦ୍ରର ତରଙ୍ଗ ସଦୃଶ । ସେହିପରି ଲୋକ ପ୍ରଭୁଙ୍କଠାରୁ କିଛି ପାଇବ ବୋଲି ମନେ ନ କରୁ, ସେ ତ ଦ୍ୱିମନା ଲୋକ' (ଯାକୁବ ୧:୬-୭) ।**

**'ମାଗ, ସେଥିରେ ତୁମ୍ଭମାନଙ୍କୁ ଦିଆଯିବ; ଖୋଜ, ସେଥିରେ ତୁମ୍ଭେମାନେ ସନ୍ଧାନ ପାଇବ; ଦ୍ୱାରରେ ମାର, ସେଥିରେ ତୁମ୍ଭମାନଙ୍କ ନିମନ୍ତେ ଫିଟାଇ ଦିଆଯିବ (ମାଥିଉ ୭:୭ ) ।** ଆଜି ଆମ୍ଭମାନଙ୍କର ପ୍ରାର୍ଥନା କେଉଁ ପ୍ରକାର?

## ଆମେ ବର୍ଷା ଆବଶ୍ୟକ କରୁ

୧୮୫୩ ମସୀହାର ଗ୍ରୀଷ୍ମକାଳର ପ୍ରଚଣ୍ଡ ଉତ୍ତାପ ହେତୁ ଅନେକେ ବିଶେଷ ଅଧୈର୍ଯ୍ୟ ହୋଇ

ପଡ଼ିଥିଲେ । ଚାଷୀମାନେ ନିରୁତ୍ସାହିତ ଅବସ୍ଥାରେ ଥିଲେ, ପଶୁମାନେ ଚରାଣୀବିହୀନ ହୋଇ ପଡ଼ିଲେ । ପ୍ରଚାରକ ଚାର୍ଲସ୍ ଫିନ୍ନି ମଣ୍ଡଳୀର ଲୋକମାନଙ୍କର ଅବସ୍ଥା ଦେଖି ଭାରଗ୍ରସ୍ତ ହୋଇ ଏକ ପ୍ରାର୍ଥନା ସଭାର ଆୟୋଜନ କରିଥିଲେ । ସେହିଦିନ ପ୍ରଚଣ୍ଡ ଖରା, ପୁଣି ଆକାଶ ମେଘ ମୁକ୍ତ ଥିଲା । ବର୍ଷା ନିମନ୍ତେ ଫିନ୍ନି ଭାରଗ୍ରସ୍ତ ଭାବରେ ପ୍ରାର୍ଥନା କରି କହିଲେ, 'ହେ ପ୍ରଭୁ, ଆମର ଆବଶ୍ୟକତା ବିଷୟ ତୁମକୁ ଜଣାଇବା ନିମନ୍ତେ କୌଣସି ଅଧିକାର ନାହିଁ, ତଥାପି ତୁମର ପୁତ୍ର କନ୍ୟା ଭାବରେ ପିତାଙ୍କ ନିକଟରେ ଆପଣାର ଆବଶ୍ୟକତା ଜଣାଇବା ନିମନ୍ତେ ତୁମ୍ଭେ ଆମ୍ଭମାନଙ୍କୁ ଆଦେଶ ଦେଇଅଛ । ଆମର ବର୍ଷା ଆବଶ୍ୟକ ଅଛି, କ୍ଷେତ୍ରସକଳ ଶୁଷ୍କ ହୋଇ ଗଲାଣି, ପଶୁମାନେ ଜଳ ବିନା ହାହାକାର କଲେଣି, ତୁମ୍ଭେ ବର୍ଷା ନ ଦେଲେ ସମସ୍ତ କ୍ଷେତ, ପଶୁସକଳ ବିନଷ୍ଟ ହେବେ । ହେ ଈଶ୍ୱର, ବର୍ଷା ପଠାଅ, ବର୍ତ୍ତମାନ ପଠାଅ, ତୁମ୍ଭ ପକ୍ଷରେ ଏହା ସହଜ ସାଧ୍ୟ, ବର୍ଷା ପଠାଅ, ଯୀଶୁଙ୍କ ନାମରେ, ଆମେନ୍' ।

କିଛି ମୁହୂର୍ତ୍ତ ପରେ ଏପରି ପ୍ରବଳ ବର୍ଷାର ଶବ୍ଦ ହେଲା ଯେ, ଫିନ୍ନିଙ୍କର ପ୍ରଚାର କେହି ଶୁଣି ପାରିଲେ ନାହିଁ । ହଁ, ଈଶ୍ୱର ଏକାନ୍ତ ପ୍ରାର୍ଥନାର ଉତ୍ତରଦାତା, ପ୍ରତିଜ୍ଞା ରକ୍ଷା କରିବାରେ ସେ ବିଶ୍ୱସ୍ତ ଅଟନ୍ତି । ଯାକୁବ କହନ୍ତି, **'ଧାର୍ମିକ ବ୍ୟକ୍ତିର ପ୍ରାର୍ଥନା ଅନେକ କାର୍ଯ୍ୟ ସାଧନ କରିପାରେ । ଏଲିୟ ଆମ୍ଭମାନଙ୍କ ପରି ସୁଖ ଦୁଃଖଭୋଗୀ ମନୁଷ୍ୟ ଥିଲେ, ବୃଷ୍ଟି ନ ହେବା ନିମନ୍ତେ ସେ ଏକାନ୍ତ ଚିତ୍ତରେ ପ୍ରାର୍ଥନା କଲେ, ଆଉ ତିନି ବର୍ଷ ଛଅ ମାସ ପର୍ଯ୍ୟନ୍ତ ଦେଶରେ ବୃଷ୍ଟି ହେଲା ନାହିଁ, ସେ ପୁନର୍ବାର ପ୍ରାର୍ଥନା କରନ୍ତେ ଆକାଶରୁ ବୃଷ୍ଟି ହେଲା, ଆଉ ଭୂମି ଆପଣା ଫଳ ଉତ୍ପନ୍ନ କଲା'(ଯାକୁବ ୫:୧୭-୧୮) ।**

**'ତୁମ୍ଭେମାନେ ମୋତେ ମନୋନୀତ କରି ନାହଁ, କିନ୍ତୁ ମୁଁ ତୁମ୍ଭମାନଙ୍କୁ ମନୋନୀତ କରିଅଛି, ଆଉ ତୁମ୍ଭେମାନେ ଯେପରି ଯାଇ ଫଳ ଉତ୍ପନ୍ନ କର ଓ ତୁମ୍ଭମାନଙ୍କର ଫଳ ସ୍ଥାୟୀ ହୁଏ, ଏଥି ନିମନ୍ତେ ତୁମ୍ଭମାନଙ୍କୁ ନିଯୁକ୍ତ କରିଅଛି । ସେଥିରେ ତୁମ୍ଭେମାନେ ମୋ ନାମରେ ପିତାଙ୍କୁ ଯାହା କିଛି ମାଗିବ, ସେ ତାହା ତୁମ୍ଭମାନଙ୍କୁ ଦେବେ'(ଯୋହନ ୧୫:୧୬) ।**

## ଶକ୍ତିର ଭଣ୍ଡାର

ପାଞ୍ଚଜଣ କଲେଜ ଛାତ୍ର ଗୋଟିଏ ରବିବାରରେ ଲଣ୍ଡନ ସହରରେ ସମୟ କ୍ଷେପଣ କରୁଥିବା ବେଳେ ବିଶିଷ୍ଟ ପ୍ରଚାରକ ସି·ଏଚ୍· ସ୍ପରଜନ୍ଙ୍କ ସମ୍ବାଦ ଶୁଣିବାକୁ ତାଙ୍କର ମଣ୍ଡଳୀକୁ ଗଲେ । ଉପାସନା ଗୃହ ଖୋଲିବାର ଅପେକ୍ଷାରେ ଥିବା ସମୟରେ ଜଣେ ବ୍ୟକ୍ତି ଆସି ଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇ କହିଲେ, 'ଆସ, ତୁମ୍ଭମାନଙ୍କୁ ଏହି ଉପାସନା ଗୃହର କେତେକ ବିଶିଷ୍ଟ ସ୍ଥାନ ଦେଖାଇ ଦେବି । ଏହି ମଣ୍ଡଳୀର 'ଶକ୍ତି ଭଣ୍ଡାର'କୁ ଦେଖିବାକୁ ଇଚ୍ଛା କରୁଛ କି? ସେ ଦିନ ସହରର ତାପମାତ୍ରା ଅଧିକ ଥିବାରୁ



ସେମାନେ ସେହି ଶକ୍ତି ଭଣ୍ଡାରକୁ ଦେଖିବା ନିମନ୍ତେ ବିଶେଷ ଆଗ୍ରହୀ ନ ଥିଲେ । ମାତ୍ର ଉକ୍ତ ବ୍ୟକ୍ତିଜଣଙ୍କୁ ଅପମାନିତ କରିବାକୁ ଇଚ୍ଛା ନ କରି ତାଙ୍କର କଥାରେ ସମ୍ମତ ହେଲେ । ଛାତ୍ରମାନଙ୍କୁ ଶିଢ଼ୀର ପାହାଚ ଦେଇ ତଳକୁ ନେଇ ଗଲେ । ଦରଆଉଜା କବାଟଟିକୁ ଆସ୍ତେ ଖୋଲି ଦେଇ ଛାତ୍ରମାନଙ୍କୁ ଧୀର ସ୍ୱରରେ କହିଲେ, 'ଏହା ହେଉଛି ଆମର ସେହି ଶକ୍ତିର ଭଣ୍ଡାର' । ଛାତ୍ରମାନେ ଆଶ୍ଚର୍ଯ୍ୟ ହୋଇ ଦେଖି ପାରିଲେ ଯେ ପ୍ରାୟ ୭୦୦ ଜଣ ଆଣ୍ଠୁ ଭାଙ୍ଗି, ଉପାସନାରେ ଈଶ୍ୱରଙ୍କ ଆଶୀର୍ବାଦ ନିମନ୍ତେ ଏକ ଚିତ୍ତରେ ନିବେଦନ କରୁଛନ୍ତି । ପୁନର୍ବାର କବାଟଟିକୁ ଆଉଜାଇ ଦେଇ ଧୀର ଭାବରେ ବ୍ୟକ୍ତି ଜଣକ ନିଜର ପରିଚୟ ଦେଇ କହିଲେ, 'ମୁଁ ସେହି ସି·ଏଚ୍·ସ୍ପରଜନ୍' । ସେହି ଦିନ ଉପାସନାରେ ଈଶ୍ୱରଙ୍କ ବାକ୍ୟ ଶକ୍ତିଯୁକ୍ତ ଭାବରେ ପ୍ରଚାରିତ ହୋଇ ଥିଲା । ଅନେକେ ପ୍ରଥମଥର ନିମନ୍ତେ ଯୀଶୁଙ୍କର ପରିଚୟ ପାଇଲେ । ଅନ୍ୟ ମାନେ ଆତ୍ମିକ ଜୀବନରେ ଶକ୍ତିଯୁକ୍ତ ହେଲେ ।

ଥେସଲନୀକୀୟ ମଣ୍ଡଳୀ ବିଷୟରେ ପାଉଲ ସାକ୍ଷ୍ୟ ଦେଇ କହନ୍ତି, **'ଆମ୍ଭମାନଙ୍କର ସୁସମାଚାର କେବଳ ବାକ୍ୟରେ ନୁହେଁ, ମାତ୍ର ଶକ୍ତି, ପବିତ୍ରଆତ୍ମା ଓ ଅତ୍ୟନ୍ତ ନିଶ୍ଚୟତା ସହ ତୁମ୍ଭମାନଙ୍କ ନିକଟରେ ଉପସ୍ଥିତ ହେଲା.....୧ମ ଥେସଲନୀକୀ ୧:୫ । 'ପରାକ୍ରମ ଦ୍ୱାରା ନୁହେଁ, କିଅବା ବଳ ଦ୍ୱାରା ନୁହେଁ, ମାତ୍ର ଆମ୍ଭର ଆତ୍ମାଦ୍ୱାରା, ଏହା ସୈନ୍ୟାଧିପତି ସଦାପ୍ରଭୁ କହନ୍ତି' (ଜିଖରିୟ ୪:୬ ପଦ) ।**

## ପ୍ରାର୍ଥନାର ମୌଳିକ ବିଷୟ

ଚୀନ ଦେଶର ଏକ ଆଭ୍ୟନ୍ତରୀଣ ଜଙ୍ଗଲରେ ଜଣେ ମିଶନେରୀ ଦୀର୍ଘ ବର୍ଷ କାର୍ଯ୍ୟ କରିବା ସମୟରେ ଏହି ସତ୍ୟ ଘଟଣା ଘଟିଥିଲା । ଗ୍ରାମର ମହିଳାଜଣକ ଅତି ବୃଦ୍ଧା, ଅତିଶୟ ଦରିଦ୍ର, ପାଖରେ ଥିଲା ତାଙ୍କର ଏକ ଅଯୋଗ୍ୟ ପୁଅ । ବାସ କରୁଥିବା ଗୃହର ଛାତ ଓ ତଳ ଖୁବ୍ ଦୁର୍ବଳ ଅବସ୍ଥାରେ ଥିଲା । ମରାମତିର ଜରୁରୀ ଆବଶ୍ୟକତା ଥିଲା, ମାତ୍ର ସେଥିପ୍ରତି ପୁଅର କୌଣସି ଚିନ୍ତା କିଅବା ମନଯୋଗୀତା ନ ଥିଲା । ଦିନେ ପୁଅ ଘର ଭିତରକୁ ଦୌଡ଼ି ଆସି ଏକ ଭୟଙ୍କର ଝଡ଼ ମାଡ଼ି ଆସୁଥିବାର ସମ୍ବାଦ ମାଆଙ୍କୁ ଦେଇ କହିଲା, 'ମାଆ, ଶୀଘ୍ର ତୁମେ ପ୍ରତିମାମାନଙ୍କ ନିକଟରେ ଧୂପ ଜ୍ୱଳାଅ, କାରଣ ଏକ ଭୟଙ୍କର ଝଡ଼ ମାଡ଼ି ଆସୁଛି' । ମାତ୍ର ବୃଦ୍ଧା ମାଆଜଣକ ଥିଲେ ଖ୍ରୀଷ୍ଟ ବିଶ୍ୱାସୀ, ଆପଣା ସ୍ୱର୍ଗସ୍ଥ ପିତାଙ୍କଠାରେ ତାଙ୍କର ଗଭୀର ବିଶ୍ୱାସ ଥିଲା । ମାଆ ପୁଅକୁ କହିଲେ, 'ନା, ମୋର ସ୍ୱର୍ଗସ୍ଥ ପିତା ଜାଣନ୍ତି, ଘରର ମରାମତି କରିବା ପାଇଁ ମୋ ପାଖରେ ଯଥେଷ୍ଟ ଅର୍ଥ ନାହିଁ, ମୋର ଯତ୍ନ ନେବା ପାଇଁ ସେ ପ୍ରତିଜ୍ଞା କରିଛନ୍ତି, ତାହାଙ୍କଠାରେ ମୁଁ ଭରସା ରଖିବି । ଆଣ୍ଠୋଇ ପଡ଼ି ମାଆ ନିଜକୁ ଓ ଗୃହଟିକୁ ପ୍ରାର୍ଥନାରେ ପ୍ରଭୁଙ୍କ ନିକଟରେ ସମର୍ପଣ କରିଦେଲେ । ପ୍ରାର୍ଥନାରେ ଈଶ୍ୱରଙ୍କ ଶକ୍ତି ଯେ କେତେ, ତାହା ମାଆ ଜାଣିଥିଲେ । ସେ ପ୍ରାର୍ଥନା କଲେ, ନିର୍ଭୟରେ ବିଶ୍ୱାସ କଲେ ଏବଂ ଈଶ୍ୱରଙ୍କ ଉପରେ ଆପଣାର

ସମସ୍ତ ଭାର ସମର୍ପଣ କଲେ ।

ଅଳ୍ପ ସମୟ ମଧ୍ୟରେ ସେହି ଭୟାବହ ଘୂର୍ଣ୍ଣିବାତ୍ୟା ଆସି ସମଗ୍ର ଅଞ୍ଚଳକୁ ଆକ୍ରମଣ କଲା । ଝଡ଼ର ପ୍ରଥମ ଆଘାତରେ ଦୁର୍ବଳ ଗୃହଟି ଭୟଙ୍କର ଭାବରେ ମୋଡ଼ି ହୋଇଗଲା, ଛାତର ଦୁଇଟି ଝୁଲୁଥିବା କାଠକୁ ଏପରି ଦୋହଲାଇ ଯୋଡ଼ି ଦେଇଥିଲା ଯେ କୌଣସି ବଢ଼େଇ ମଧ୍ୟ ସେପରି ଯୋଡ଼ି ପାରି ନ ଥାଆନ୍ତା । ଆଉ ମଧ୍ୟ ନିକଟରେ ଥିବା ନଡ଼ା ଗଦା ସଂପୂର୍ଣ୍ଣ ଭାବରେ ଉଡ଼ି ଆସି ଘର ଉପରର ଚାରିଆଡ଼େ ଛାଉଣୀ ପରି ଖେଳେଇ ହୋଇ ପଡ଼ିଲା । ଫଳରେ ପ୍ରବଳ ବର୍ଷା ସତ୍ତ୍ୱେ ଠୋପାଏ ପାଣି ମଧ୍ୟ ଘର ଭିତରେ ପଡ଼ି ନ ଥିଲା । ବୃଦ୍ଧା ମାଆ କହିଲେ, 'ହଁ, ମୁଁ ଜାଣେ ମୋର ସ୍ୱର୍ଗସ୍ଥ ପିତା ମୋତେ କେବେ ପରିତ୍ୟାଗ କରିବେ ନାହିଁ । ଈଶ୍ୱର ଆପଣା ପ୍ରତିଜ୍ଞାରେ ବିଶ୍ୱସ୍ତ । ତାହାଙ୍କଠାରେ ପ୍ରାର୍ଥନାକାରୀ କେବେ ଲଜ୍ଜିତ ହେବେ ନାହିଁ । ହଁ, ଆମେ ସମସ୍ତେ ପ୍ରାର୍ଥନା କରୁ, ମାତ୍ର ବିଶ୍ୱାସଯୁକ୍ତ ପ୍ରାର୍ଥନା ଯେ ଅସାଧ୍ୟ କାର୍ଯ୍ୟ ସାଧନ କରିଥାଏ, ତାହା ଅନେକ ସମୟରେ ଆମ୍ଭେମାନେ ଭୁଲି ଯାଇଥାଉ । ହୋଇପାରେ, ଆମ୍ଭମାନଙ୍କର ଅନେକ ପ୍ରାର୍ଥନାର ଉତ୍ତର ଏପର୍ଯ୍ୟନ୍ତ ଆମେ ପାଇ ନାହୁଁ- କ୍ଳାନ୍ତ ନ ହୋଇ ପ୍ରାର୍ଥନାରେ ଲାଗି ରହୁ । ପ୍ରଭୁ କହନ୍ତି, **'ତୁମ୍ଭେ ଆମ୍ଭ ନିକଟରେ ପ୍ରାର୍ଥନା କର, ତହିଁରେ ଆମ୍ଭେ ତୁମ୍ଭକୁ ଉତ୍ତର ଦେବା, ପୁଣି ତୁମ୍ଭର ଅଜ୍ଞାତ, ମହତ୍ ଓ ଦୁଷ୍କର ବିଷୟମାନ ତୁମ୍ଭକୁ ଦେଖାଇବା' (ଯିରିମିୟ ୩୩:୩ ) ।**

**'ହେ ପ୍ରିୟମାନେ, ଆମ୍ଭମାନଙ୍କ ହୃଦୟ ଯଦି ଆମ୍ଭମାନଙ୍କୁ ଦୋଷୀ ନ କରେ, ତାହାହେଲେ ଈଶ୍ୱରଙ୍କ ଛାମୁରେ ଆମ୍ଭମାନଙ୍କର ସାହସ ଅଛି, ପୁଣି ଆମ୍ଭେମାନେ ଯାହା ଯାହା ମାଗୁ , ସେହି ସବୁ ତାହାଙ୍କଠାରୁ ପାଇଥାଉ, କାରଣ ଆମ୍ଭେମାନେ ତାହାଙ୍କର ଆଜ୍ଞାପାଳନ କରୁ, ପୁଣି ତାହାଙ୍କ ଦୃଷ୍ଟିରେ ଯାହା ସନ୍ତୋଷଜନକ, ତାହା କରିଥାଉ' (୧ମ ଯୋହନ ୩:୨୧-୨୨) ।**

## ଆଶ୍ଚର୍ଯ୍ୟଜନକ ଉତ୍ତର

**ଜୋସ୍ ମାକଡୋଏଲ୍** ତାଙ୍କ ଅସୁସ୍ଥ ମାଆଙ୍କର ପରିତ୍ରାଣର ବାସ୍ତବ ଅନୁଭୂତି ବିଷୟରେ ନିଶ୍ଚିତ ନ ଥିଲେ । ଅତି ନିରାଶ ହୋଇ ଭାବିଲେ ଯେ ମାଆ ହୁଏତ ବିନାଶ ସ୍ଥାନକୁ ଯିବେ । ଯଦ୍ୟପି ଏହା ଏକ ଅସମ୍ଭବ ଅନୁରୋଧ ଥିଲା, ତଥାପି ସେ ପ୍ରାର୍ଥନା କଲେ, 'ପ୍ରଭୁ , ମୋତେ କୌଣସି ନା କୌଣସି ପ୍ରକାରେ ଉତ୍ତର ଦିଅ, ଯେପରି ମୋର ବିଚଳିତ ମନ ସୁସ୍ଥିର ହେବ, ତାହା ମୁଁ ଜାଣିବା ପାଇଁ ଇଚ୍ଛା କରେ' । ଦୁଇ ଦିନ ପରେ ଜୋସ୍ ସମୁଦ୍ର କୂଳକୁ ବୁଲିବା ପାଇଁ ଗଲେ । ସେଠାରେ ମାଛ ଧରୁଥିବା ଜଣେ ମହିଳା ତାଙ୍କୁ ସାକ୍ଷାତ କରି କଥାବାର୍ତ୍ତା କରିବାକୁ ଆରମ୍ଭ କଲେ । ମହିଳା ଜଣକ ପଚାରିଲେ, 'ଯୁବକ, ତୁମର ପ୍ରକୃତ



ଘର କେଉଁଠାରେ? ଜୋସ୍ ଉତ୍ତର ଦେଲେ , 'ମିଚିଗାନର ୟୁନିୟନ୍ ସହରରେ । ସାଧାରଣତଃ ମୁଁ ଲୋକମାନଙ୍କୁ କହେ, ତାହା ଏକ ସହର ତଳି ଅଞ୍ଚଳ....' । କଥାରେ ବାଧା ଦେଇ ମହିଳାଜଣକ ପୁନର୍ବାର କହିଲେ,'ବାଟଲେ କ୍ରୋକ୍‌ଠାରେ ମୋର ଜଣେ ଆତ୍ମୀୟ ଭଉଣୀ ଅଛନ୍ତି, ତୁମେ ମାକଡୋଏଲଙ୍କ ପରିବାରକୁ ଜାଣିଛ କି'? ଅବାକ୍ ହୋଇ ଜୋସ୍ ଉତ୍ତର ଦେଲେ, 'ହଁ, ମୁଁ ଜୋସ୍ ମାକଡୋଏଲ୍'! ତହିଁରେ ମହିଳାଜଣକ କହିଲେ, 'ଏହା ମୁଁ କୌଣସି ପ୍ରକାରେ ବିଶ୍ୱାସ କରି ପାରୁ ନାହିଁ, ମୁଁ ତୁମ ମାଆଙ୍କର ଭଉଣୀ' । ଜୋସ୍ ପଚାରିଲେ, 'ତେବେ ମୋର ମାଆଙ୍କର ଆତ୍ମିକ ଜୀବନ ବିଷୟରେ ତୁମେ କିଛି ଜାଣିଛ କି'? 'ହଁ, ନିଷ୍ଚିତ ଭାବରେ, ତୁମର ମାଆ ଓ ମୁଁ, ଆମର ତରୁଣ ବୟସରେ ଏକ ଉଦ୍ଦୀପନା ସଭାରେ ଯୋଗ ଦେଇଥିଲୁ । ସଭାର ଚତୁର୍ଥ ଦିନ ସନ୍ଧ୍ୟାରେ ଆମେ ଉଭୟେ ସଭା ମଞ୍ଚ ଉପରକୁ ଯାଇ ପ୍ରଭୁ ଯୀଶୁଙ୍କୁ ଆପଣାର ପରିତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିଥିଲୁ' । ମହିଳାଙ୍କ ଉକ୍ତ ନିଷ୍ଚିତ ବାକ୍ୟ ଶୁଣି ଜୋସ୍ ଉଚ୍ଚ ସ୍ୱରରେ ପ୍ରଭୁଙ୍କର ଧନ୍ୟବାଦ, ପ୍ରଶଂସା କଲେ । ଫଳରେ ଅନ୍ୟ କେଉଟମାନେ ଏ କଥାରେ ଆଚମ୍ବିତ ହୋଇ ପଡ଼ିଲେ ।

ଯଦି ଆମେ ଈଶ୍ୱରଙ୍କର ବାଧ୍ୟ ହେବା, ତେବେ ତାହାଙ୍କର ଇଚ୍ଛାମତେ ଆମର ସମସ୍ତ ପ୍ରାର୍ଥନା ନିବେଦନ ତାହାଙ୍କୁ ଜଣାଇବା, ତେବେ ସେ ଆମର ପ୍ରାର୍ଥନାର ଉତ୍ତର ଆନନ୍ଦ ମନରେ ପ୍ରଦାନ କରିବେ । ହୋଇପାରେ, ଏକ ଆଶ୍ଚର୍ଯ୍ୟଜନକ ପ୍ରାର୍ଥନାର ଉତ୍ତର ଆପଣଙ୍କ ନିକଟବର୍ତ୍ତୀ ଅଛି । ଈଶ୍ୱର ତାହାଙ୍କର ପ୍ରତିଜ୍ଞା ରକ୍ଷାର୍ଥେ ବିଶ୍ୱସ୍ତ ଅଟନ୍ତି । ସେଥିପାଇଁ ବାକ୍ୟରେ ଲେଖାଯାଏ, **'ତୁମ୍ଭେ ଆମ୍ଭ ନିକଟରେ ପ୍ରାର୍ଥନା କର, ତହିଁରେ ଆମ୍ଭେ ତୁମ୍ଭକୁ ଉତ୍ତର ଦେବା, ପୁଣି ତୁମ୍ଭର ଅଜ୍ଞାତ, ମହତ୍ ଓ ଦୁଷ୍କର ବିଷୟମାନ ତୁମ୍ଭକୁ ଦେଖାଇବା' (ଯିରିମିୟ ୩୩:୩) ।**

**'କୌଣସି ବିଷୟରେ ଚିନ୍ତିତ ହୁଅ ନାହିଁ, କିନ୍ତୁ ସମସ୍ତ ବିଷୟରେ ପ୍ରାର୍ଥନା ଓ ବିନତି ଦ୍ୱାରା ଧନ୍ୟବାଦ ସହ ତୁମ୍ଭମାନଙ୍କର ନିବେଦନ ସବୁ ଈଶ୍ୱରଙ୍କ ନିକଟରେ ଜଣାଅ । ସେଥିରେ ସମସ୍ତ ବୋଧର ଅଗମ୍ୟ ଯେ ଈଶ୍ୱରଙ୍କ ଶାନ୍ତି, ତାହା ତୁମ୍ଭମାନଙ୍କର ହୃଦୟ ଓ ମନକୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗୀତାରେ ସୁରକ୍ଷା କରି ରଖିବ' (ଫିଲିପ୍ପୀ ୪:୬,୭) ।**

## କାର୍ଯ୍ୟକାରୀ ପ୍ରାର୍ଥନା

ଥରେ ପାରିବାରିକ ଉପାସନା ସମୟରେ ବାପା, ରାସ୍ତାର ଅପରପାର୍ଶ୍ୱରେ ଥିବା ଜଣେ ପଡ଼ୋଶୀ ବିଧବାଙ୍କର ବିଭିନ୍ନ ଆବଶ୍ୟକତା ବିଷୟରେ ପ୍ରାର୍ଥନା କରିବା ସହିତ କିପରି ସେ ସବୁ ପୂରଣ ହୋଇ ପାରିବ, ତାହା ମଧ୍ୟ ପ୍ରଭୁଙ୍କୁ ଜଣାଇଥିଲେ । ସମବେଦନାରେ ସ୍ତ୍ରୀଙ୍କର ଚକ୍ଷୁରେ ଲୋତକ ଭରି ଯାଇଥିଲା । ମାତ୍ର ପ୍ରାର୍ଥନା ସମୟରେ ପୁଅ ନୀରବ ରହିଥିଲା । ବାପା କେତେବେଳେ ' ଆମେନ୍' କହିବେ ତାହା ସେ ଅପେକ୍ଷା କରି ରହିଥିଲା । ଯେତେବେଳେ ବାପା 'ଆମେନ୍' ବୋଲି କହିଲେ,

ସେତେବେଳେ ପୁଅ ବାପାଙ୍କୁ କହିଲା, 'ବାପା, ତୁମର ଟଙ୍କା ବ୍ୟାଗ୍‌ଟି ମୋତେ ଦିଅ, ମୁଁ ଯାଇ ତୁମ ପ୍ରାର୍ଥନାର ଉତ୍ତର ଆଣିଦେବି' । ପୁଅ ଜାଣିଥିଲା, ପ୍ରାର୍ଥନା ଓ କାର୍ଯ୍ୟ ଏକ ସଙ୍ଗରେ ହେବା ଆବଶ୍ୟକ । ଈଶ୍ୱରଙ୍କ ସହିତ ଆମର ସଂପର୍କ ଆମର କାର୍ଯ୍ୟରେ ପରିପ୍ରକାଶ ହେବା ଏକାନ୍ତ ଆବଶ୍ୟକ । ଯାକୁବ କହନ୍ତି, **'କର୍ମ ବିନା ବିଶ୍ୱାସ ମୃତ । ଯଦି ଜଣେ ଭାଇ ବା ଭଉଣୀ ବସ୍ତ୍ର ବା ଦୈନିକ ଖାଦ୍ୟବିହୀନ ଥାଏ, ଆଉ ତୁମ୍ଭମାନଙ୍କ ମଧ୍ୟରୁ କେହି ତାହାକୁ ଶରୀରର ପ୍ରୟୋଜନୀୟ ଦ୍ରବ୍ୟ କିଛି ହିଁ ନ ଦେଇ କୁହେ, ଉଷ୍ଣ ଓ ତୃପ୍ତ ହୋଇ କୁଶଳରେ ଯାଅ, ସେଥିରେ ବା କି ଲାଭ?' (ଯାକୁବ ୨:୧୫, ୧୬) ।**

**'ପରସ୍ପରର ଭାର ବହନ କରିବା ଦ୍ୱାରା ଆମେ ଈଶ୍ୱରଙ୍କ ବାକ୍ୟ ସଫଳ କରିଥାଉ' (ଗାଲାତୀୟ ୬:୨) ।**

## ଖ୍ରୀଷ୍ଟିୟ ଜୀବନ
## ପରିତୃପ୍ତତାର ଜୀବନ

ଥରେ ଗୋଟିଏ ସାନ ପୁଅ ବଗିଚାରେ ବୁଲୁଥିବା କେତେକ ମହୁମାଛି ତା'ର ହାତକୁ ଆଘାତ କଲେ । ତତକ୍ଷଣାତ୍ ପୁଅଟି ମାଆଙ୍କ ନିକଟକୁ ଯାଇ ଚିତ୍କାର କରି କାନ୍ଦି କାନ୍ଦି କହିଲା, ' ମାଆ, ମାଆ, ମୁଁ ବଗିଚାରେ ବୁଲୁଥିବା ସମୟରେ କେତେକ ମହୁମାଛି ମୋ ହାତକୁ କାମୁଡ଼ି ଦେଲେ, ମୁଁ ଏହି ମହୁମାଛିମାନଙ୍କୁ ବହୁତ ଘୃଣା କରେ' । ପୁଅକୁ କାନ୍ଦରୁ ସୁସ୍ଥିର କରିବା ପରେ ମାଆ ପୁଅକୁ କିଛି ପିଠା ଓ ମହୁ ଖାଇବାକୁ ଦେଲେ । ବଡ଼ ଆଗ୍ରହର ସହ ପୁଅଟି ସେହି ମହୁ ଓ ପିଠା ଖାଉଥିବା ସମୟରେ ମାଆ ତାକୁ ପଚାରିଲେ, ପୁଅରେ, ତୋତେ ମହୁ କିପରି ଲାଗୁଛି? ପୁଅଟି ଉତ୍ତର ଦେଲା, 'ମୋତେ ଖୁବ୍ ମିଠା ଲାଗୁଛି' । ତହିଁରେ ମାଆ ତାକୁ ବୁଝାଇ କହିଲେ, 'ପୁଅରେ, ଯେଉଁ ମହୁମାଛିମାନଙ୍କୁ ତୁ ଏତେ ଘୃଣା କରୁଛୁ, ସେହି ମହୁମାଛିମାନେ ଏହି ସୁସ୍ୱାଦୁ ମହୁ ସଂଗ୍ରହ କରିଥାନ୍ତି' ।

ଅନେକ ସମୟରେ ପ୍ରତିକୂଳ ପରିସ୍ଥିତିରେ ଆମେ ସେହି ସାନ ପୁଅ ପରି ସମାନ ଭାବରେ ପ୍ରତ୍ୟୁତ୍ତର ଦେଇଥାଉ । ମାତ୍ର ସବୁ ଅବସ୍ଥାରେ ସନ୍ତୁଷ୍ଟ ରହିବା ନିମନ୍ତେ ପ୍ରେରିତ ପାଉଲ ଆମ୍ଭମାନଙ୍କୁ ତାଙ୍କ ଜୀବନର ବାସ୍ତବ ଅନୁଭୂତି ମାଧ୍ୟମରେ ଉତ୍ସାହ ଦିଅନ୍ତି । **'କାରଣ ମୁଁ ଯେକୌଣସି ଅବସ୍ଥାରେ ଥାଏ, ସେଥିରେ ସନ୍ତୁଷ୍ଟ ରହିବାକୁ ଶିକ୍ଷା କରିଅଛି । ଦୀନତା ଭୋଗ କରି ଜାଣେ ଓ ପ୍ରଚୁରତା ମଧ୍ୟ ଭୋଗ କରି ଜାଣେ, ସର୍ବବିଧ ଅବସ୍ଥାରେ, ଓ ସର୍ବ ବିଷୟରେ ପରିତୃପ୍ତ ହେବାରେ ବା କ୍ଷୁଧିତ ରହିବାରେ, ପ୍ରଚୁରତା ଭୋଗ କରିବାରେ କିଅବା ଅଭାବଗ୍ରସ୍ତ ହେବାରେ ମୁଁ ସୁଶିକ୍ଷିତ ହୋଇଅଛି । ମୋହର ଶକ୍ତିଦାତାଙ୍କ ସାହାଯ୍ୟରେ ମୁଁ ସମସ୍ତ କରିପାରେ' (ଫିଲିପ୍‌ପୀ ୪:୧୧-୧୩) ।**



**'ଈଶ୍ୱରପରାୟଣତା ସନ୍ତୋଷଭାବଯୁକ୍ତ ହେଲେ ପ୍ରକୃତରେ ବିଶେଷ ଲାଭଜନକ' (୧ମ ତିମଥୀ ୬:୬) ।**

## ସର୍ବପ୍ରଥମ ବିଷୟ

ରାଣୀ ଏଲିଜାବେଥ୍ (୧) ଙ୍କ ରାଜତ୍ୱ କାଳରେ ତାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ରାଜଦୂତର ଦାୟିତ୍ୱ ସଂପନ୍ନ କରିବା ନିମନ୍ତେ ଜଣେ ଅତି କାର୍ଯ୍ୟବ୍ୟସ୍ତ ବ୍ୟବସାୟୀଙ୍କୁ ମନୋନୀତ କରାଯାଇଥିଲା । ଏହି ସମ୍ମାନନୀୟ ସୁଯୋଗର ସମ୍ବାଦ ପାଇ ବ୍ୟକ୍ତିଜଣକ ରାଣୀଙ୍କୁ କ୍ଷମା ପ୍ରାର୍ଥନା ପୂର୍ବକ କହିଲେ ଯେ ଏହା କରିବା ଦ୍ୱାରା ତାଙ୍କର ଆର୍ଥିକ କ୍ଷତି ପୁଣି ନିଜ ବ୍ୟବସାୟର ତତ୍ତ୍ୱାବଧାନରେ ଅନେକ ବ୍ୟତିକ୍ରମ ଘଟିବ । ଉତ୍ତରରେ ରାଣୀ କହିଲେ, 'ବିଦେଶରେ ତୁମେ ମୋର ଦାୟିତ୍ୱ ଭାର ବହନ କର, ତହିଁରେ ମୁଁ ତୁମ୍ଭର ଏଠାକାର ସମସ୍ତ କାର୍ଯ୍ୟର ଭାର ବହନ କରିବି । ବ୍ୟକ୍ତିଜଣକ ନିଯୁକ୍ତିପତ୍ରକୁ ଗ୍ରହଣ କରି ଦୀର୍ଘ ବର୍ଷ ବିଦେଶରେ କାର୍ଯ୍ୟରେ ବିଶ୍ୱସ୍ତ ରହିଲେ । ଫେରି ଆସିବା ପରେ ରାଣୀ ତାଙ୍କର ପ୍ରତିଶ୍ରୁତି ପ୍ରମାଣେ ଆଶାତୀତ ଭାବରେ ବ୍ୟକ୍ତିଙ୍କର ପରିବାର ତଥା ବ୍ୟବସାୟର ସୁଯତ୍ନ ନେଇଥିଲେ ।

ଯେ ଈଶ୍ୱରଙ୍କୁ ଜୀବନରେ ଦ୍ୱିତୀୟ ସ୍ଥାନ ଦେଇଥାଏ, ସେ ପ୍ରକୃତରେ ତାହାଙ୍କୁ କୌଣସି ସ୍ଥାନ ଦେଇ ନ ଥାଏ । ଯେଉଁମାନେ ଈଶ୍ୱରଙ୍କୁ ସର୍ବପ୍ରଥମ ସ୍ଥାନ ଦେଇଥାନ୍ତି, ସେମାନେ କେବେହେଲେ ପଛା ଯାଆନ୍ତି ନାହିଁ । ଈଶ୍ୱର କାହାର ଋଣୀ ନୁହଁନ୍ତି, ମାଗିବା ଭାବିବାଠାରୁ ସେ ଆମ୍ଭମାନଙ୍କୁ ଅଧିକ ଦେବାର ଈଶ୍ୱର ଅଟନ୍ତି । ଯେପରି ଲେଖାଅଛି, **'ଚକ୍ଷୁ ଯାହା ଦେଖି ନାହିଁ, କର୍ଣ୍ଣ ଯାହା ଶୁଣି ନାହିଁ, ଆଉ ମନୁଷ୍ୟର ହୃଦୟରେ ଯାହା ଜାତ ହୋଇନାହିଁ, ଯେ ସମସ୍ତ ବିଷୟ ଈଶ୍ୱର ଆପଣା ପ୍ରେମକାରୀ ଲୋକମାନଙ୍କ ନିମନ୍ତେ ପ୍ରସ୍ତୁତ କରିଅଛନ୍ତି' (୧ମ କରନ୍ଥୀ ୨:୯) ।** ଯଦି ଏହା ସତ୍ୟ, ତେବେ ଆମେ ଆପଣା ଜୀବନରେ ଖ୍ରୀଷ୍ଟଙ୍କୁ ପ୍ରଥମ ସ୍ଥାନ ଦେବା କି? **'ତୁମ୍ଭେମାନେ ପ୍ରଥମରେ ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କର , ଆଉ ଏହି ସମସ୍ତ ବିଷୟ ମଧ୍ୟ ତୁମ୍ଭମାନଙ୍କୁ ଦିଆଯିବ' (ମାଥିଉ ୬:୩୩) ।**

## ସଫଳତାର ମାର୍ଗ

**ଜନ୍ ୱାଟ୍** ଏତେ ଗରୀବ ଥିଲେ ଯେ ଜୋତାର ତଳଭାଗରେ ଥିବା କଣାଟିକୁ ମୋଟା କାଗଜପଟିରେ ସର୍ବଦା ଘୋଡ଼ାଇ ରଖୁଥିଲେ । ମାତ୍ର ୧୫ ବର୍ଷ ବୟସରେ ସ୍ୱ-ଅର୍ଜିତ ସ୍ୱଳ୍ପ ଅର୍ଥକୁ ସଞ୍ଚୟ କରି ବ୍ୟାଙ୍କରେ 'ଜନ୍ ୱାଟ୍ ଏବଂ କଂପାନୀ ନାମରେ' ରଖିବାକୁ ଆରମ୍ଭ କଲେ । ଏହି କାର୍ଯ୍ୟରେ ସେ ଈଶ୍ୱରଙ୍କୁ ତାଙ୍କର ସହଯୋଗୀ ଓ ମୁଖ୍ୟ ମ୍ୟାନେଜର ଭାବରେ ସ୍ୱୀକାର କରିଥିଲେ । ତାଙ୍କର ସମସ୍ତ ବ୍ୟବସାୟ କାର୍ଯ୍ୟକାଳ ମଧ୍ୟରେ ସେ ଏହି ଅଭ୍ୟାସକୁ ବଜାୟ ରଖିଥିଲେ । ସମୟ ଆସିଲା,

ଯେତେବେଳେ ସେ ଜଣେ ବିଶିଷ୍ଟ କୋଟିପତି ଭାବରେ ସର୍ବତ୍ର ପରିଚିତ ହୋଇ ପାରିଥିଲେ ।

ସେହିପରି ସ୍କଟଲାଣ୍ଡର **ଅସୱାଲ୍ଡ ଚାମ୍ବର୍ସ**ଙ୍କ ଜୀବନରେ ଏତେ ଗୁଣାବଳୀ ଥିଲା ଯେ, ୧୮ ବର୍ଷ ବୟସରେ ସେ ଇଉରୋପର ସର୍ବଶ୍ରେଷ୍ଠ ଅଧ୍ୟକ୍ଷମାନଙ୍କ ଅଧୀନରେ ଶିକ୍ଷାଲାଭ କରିବା ନିମନ୍ତେ ନିମନ୍ତ୍ରଣ ପାଇଥିଲେ । ମାତ୍ର ସେହି ସୁଯୋଗକୁ ସେ ଗ୍ରହଣ ନ କରି ଗୋଟିଏ କ୍ଷୁଦ୍ର ବାଇବଲ ସ୍କୁଲରେ ଶିକ୍ଷା ଗ୍ରହଣ କରି ପରେ ଜଣେ ବିଶିଷ୍ଟ ବାଇବଲ ଶିକ୍ଷକ ହୋଇ ପାରିଥିଲେ । ପରବର୍ତ୍ତୀ ସମୟରେ ସେ ଇଜିପ୍ଟକୁ ମିଶନେରୀ ଭାବରେ ଯାଇ ସେଠାସ୍ଥିତ ବ୍ରିଟିଶ୍ ସୈନ୍ୟମାନଙ୍କର ଆତ୍ମିକ ଯତ୍ନ ନେବାରେ ସହାୟକ ହୋଇଥିଲେ । ୪୦ ବର୍ଷ ବୟସରେ ଅସ୍ୱାଲ୍ଡ ତାଙ୍କର ଜାଗତିକ ଜୀବନ ସମାପ୍ତ କରିଥିଲେ ସତ୍ୟ, ମାତ୍ର ଆଧ୍ୟାତ୍ମିକ ଜୀବନର ପରିପକ୍ୱତା ନିମନ୍ତେ ଯେଉଁ ସମସ୍ତ ପୁସ୍ତକ ଗୁଡ଼ିକ ସେ ଲେଖି ଯାଇଛନ୍ତି, ତାହା ଏବେ ମଧ୍ୟ ପାଠକ, ପାଠିକାମାନଙ୍କ ଜୀବନକୁ ଖ୍ରୀଷ୍ଟଙ୍କ ନିମନ୍ତେ ବିଶେଷ ପ୍ରଭାବିତ କରି ପାରିଛି । ଉଭୟେ ଈଶ୍ୱରଙ୍କ ଇଚ୍ଛାକୁ ନିଜ ଜୀବନରେ ସଫଳ କରିବା ନିମନ୍ତେ ସଂକଳ୍ପବଦ୍ଧ ଥିଲେ, ଫଳରେ ସେମାନେ ଜୀବନରେ ସଫଳତା ଲାଭ କରିଥିଲେ । ସଫଳତାର ଏକମାତ୍ର ପଥ ହେଉଛି, ଈଶ୍ୱରଙ୍କର ଇଚ୍ଛାକୁ ନିଜ ଜୀବନରେ ବିନା ଦ୍ୱିଧାରେ ଗ୍ରହଣ କରିନେବା । ଈଶ୍ୱରଙ୍କ ଇଚ୍ଛାହିଁ ଆମ୍ଭମାନଙ୍କ ସର୍ବଶ୍ରେଷ୍ଠ ନିରାପତ୍ତାର ସ୍ଥାନ । ଯୀଶୁ ହିଁ ଆମ୍ଭମାନଙ୍କର ଆଦର୍ଶ । ସେ କହିଲେ,**'କାରଣ ମୁଁ ନିଜ ଇଚ୍ଛା ସାଧନ କରିବାକୁ ଅବତରଣ ନ କରି, ବରଂ ମୋହର ପ୍ରେରଣକର୍ତ୍ତାଙ୍କ ଇଚ୍ଛା ସାଧନ କରିବାକୁ ସ୍ୱର୍ଗରୁ ଅବତରଣ କରିଅଛି' (ଯୋହନ ୬:୩୮)** । ତାହାଙ୍କର ଇଚ୍ଛା ସାଧନ କରିବାରେ ଆମେ ତାହାଙ୍କର ସନ୍ତୋଷପାତ୍ର ହୋଇ ପାରିଥାଉ ।

**'ହେ ସଦାପ୍ରଭୁ, ତୁମ୍ଭର ପଥ ମୋତେ ଶିଖାଅ, ମୁଁ ତୁମ୍ଭ ସତ୍ୟତାରେ ଗମନ କରିବି, ତୁମ୍ଭ ନାମକୁ ଭୟ କରିବା ପାଇଁ ମୋତେ ଏକମନା କର' (ଗୀତ ୮୬:୧୧) ।**

**'ପୁଣି, ଦକ୍ଷିଣରେ କି ବାମରେ ଫେରିବା ବେଳେ ତୁମ୍ଭର କର୍ଣ୍ଣ ତୁମ୍ଭ ପଛ ଆଡୁ ଏହି କଥା ଶୁଣିବ, ପଥ ଏହି, ଏଥିରେ ହିଁ ତୁମ୍ଭେମାନେ ଗମନ କର'(ଯିଶାୟ ୩୦:୨୧) ।**

**'ସଂକୀର୍ଣ୍ଣ ଦ୍ୱାର ଦେଇ ପ୍ରବେଶ କର, କାରଣ ସର୍ବନାଶକୁ ଘେନି ଯିବା ଦ୍ୱାର ଓସାର ଓ ପଥ ପ୍ରଶସ୍ତ, ପୁଣି ତାହା ଦେଇ ପ୍ରବେଶ କରିବା ଲୋକେ ଅନେକ । ଆଉ, ଜୀବନକୁ ଘେନି ଯିବା ଦ୍ୱାର ସଂକୀର୍ଣ୍ଣ ଓ ପଥ ଦୁର୍ଗମ, ପୁଣି ତାହାର ସନ୍ଧାନ ପାଇବା ଲୋକେ ଅଳ୍ପ'(ମାଥିଉ ୭:୧୩-୧୪) ।**

## ସଂପୂର୍ଣ୍ଣ ବାଧ୍ୟତା

ଥରେ ଜଣେ ଇଂରେଜ ଦେଶର କୃଷକ ଆପଣା କ୍ଷେତରେ କାର୍ଯ୍ୟ କରିବା ସମୟରେ ଦଳେ



ଶିକାରୀ ତାଙ୍କର ସେହି କ୍ଷେତ୍ର ମଧ୍ୟ ଦେଇ ଯିବା ପାଇଁ ଉଦ୍ୟତ ହେଉଥିଲେ । ବିଶେଷ କରି ଗୋଟିଏ ନିର୍ଦ୍ଦିଷ୍ଟ କ୍ଷେତ୍ର ଦେଇ ଯିବା ନିମନ୍ତେ ସେ ସେମାନଙ୍କୁ ବାରଣ କରୁଥିଲେ, ଯେପରି ଘୋଡ଼ାମାନଙ୍କର ପାଦ ଦ୍ୱାରା ତାଙ୍କର ସେହି ମୂଲ୍ୟବାନ୍ ଶସ୍ୟଗୁଡ଼ିକ ନଷ୍ଟ ହୋଇ ନ ଯାଏ । ସେଥିପାଇଁ ସେ ତାଙ୍କର ଏକ ବାଳକକୁ କ୍ଷେତ୍ରର ସୁରକ୍ଷା ନିମନ୍ତେ ସେଠାରେ ଜଗାଇ ରଖିଲେ ।

ଦିନେ ଶିକାରୀମାନେ ସେହି ପଥ ଦେଇ ଆସି ଫାଟକ ଖୋଲିବା ନିମନ୍ତେ ଆଦେଶ ଦେବା ପୂର୍ବରୁ ବାଳକଟି ଭୟଭୀତ ଅବସ୍ଥାରେ ଯାଇ ଆପଣା ସ୍ଥାନରେ ଜଗି ରହିଲା । ନିଜର କର୍ତ୍ତାଙ୍କର ସଂପୂର୍ଣ୍ଣ ବାଧ୍ୟ ହେବା ହେତୁ ସେମାନଙ୍କ ନିମନ୍ତେ ଫାଟକ ଖୋଲିବାକୁ ସେ ଅସ୍ୱୀକାର କରିଥିଲା, ଏପରିକି ସେମାନଙ୍କର ଧମକକୁ ଭ୍ରୂକ୍ଷେପ କରି ନ ଥିଲା । ସେମାନଙ୍କର ଟଙ୍କା ଲାଞ୍ଚକୁ ମଧ୍ୟ ସେ ଗ୍ରହଣ କରି ନ ଥିଲା । ଶେଷରେ ଜଣେ ବଳିଷ୍ଠ ଯୁବକ, ବାଳକ ନିକଟକୁ ଆସି ଉଚ୍ଚ ସ୍ୱରରେ ଆଦେଶ ଦେଇ କହିଲେ, 'ରେ ବାଳକ, ତୁ ମୋତେ କ'ଣ ଜାଣି ନାହୁଁ? ମୁଁ ହେଉଛି ୱେଲିଙ୍ଗ୍‌ଟନର ଯୁବରାଜ, ମୋର ଆଦେଶକୁ କେହି ଅମାନ୍ୟ କରି ପାରିବେ ନାହିଁ, ବର୍ତ୍ତମାନ ମୁଁ ତୋତେ ଆଦେଶ ଦେଉଛି, ଫାଟକଟି ଅତିଶୀଘ୍ର ଖୋଲ୍, ଯେପରି ମୁଁ ଓ ମୋର ସଙ୍ଗୀମାନେ ଏହି ରାସ୍ତା ଦେଇ ଯାତ୍ରା କରିବୁ' ।

ବାଳକଟି ଆପଣା ମସ୍ତକରୁ ଟୋପି ବାହାର କରି ଯେଉଁ ବ୍ୟକ୍ତିଙ୍କ ସମ୍ମୁଖରେ ସମସ୍ତ ଇଂଲଣ୍ଡବାସୀ ନତମସ୍ତକ ହୁଅନ୍ତି, ଦୃଢ଼ତାର ସହ ତାଙ୍କୁ ବାଳକଟି ଉତ୍ତର ଦେଲା, 'ମୁଁ ନିଶ୍ଚିତ ଯେ ୱେଲିଙ୍ଗଟନର ଯୁବରାଜ୍ , ମୁଁ ଯେ ଆଦେଶର ଅବାଧ୍ୟ ହୁଏ, ତାହା ସେ କେବେହେଲେ ଇଚ୍ଛା କରିବେ ନାହିଁ । ମୋର କର୍ତ୍ତାଙ୍କର ଅନୁମତି ବିନା କେହି ଯେପରି ତାହା ମଧ୍ୟ ଦେଇ ପ୍ରବେଶ ନ କରିବେ, ଏଥିପାଇଁ ମୁଁ ଫାଟକଟିକୁ ବନ୍ଦ କରି ରଖିବି' । ସେଥିରେ ସେହି ଯୋଦ୍ଧା ଯୁବରାଜ ବାଳକର କଥାରେ ସନ୍ତୁଷ୍ଟ ହୋଇ ମସ୍ତକରୁ ଟୋପି ବାହାର କରି କହିଲେ, 'ମୁଁ ଏହି ପ୍ରକାର ବ୍ୟକ୍ତି ତଥା ଏହି ବାଳକକୁ ସମ୍ମାନୀତ କରୁଛି, ଯେ କି ଅର୍ଥ ଲୋଭରେ କିଅବା ଯୁବରାଜଙ୍କ ଆଦେଶକୁ ଅମାନ୍ୟ କରିବା ବିଷୟରେ ଭୟଭୀତ ହୋଇ ନ ଥିଲା । ଏହି ପ୍ରକାର ସୈନ୍ୟମାନଙ୍କ ସାହାଯ୍ୟରେ ମୁଁ କେବଳ ଫ୍ରାନସକୁ ନୁହେଁ, ମାତ୍ର ସମଗ୍ର ବିଶ୍ୱକୁ ମଧ୍ୟ ଜୟ କରିବା ପାଇଁ ସମର୍ଥ ହୋଇ ପାରିବି । ବାଳକ ହସ୍ତରେ ଗୋଟିଏ ପାଉଣ୍ଡ ମୂଲ୍ୟର ଏକ ସ୍ୱର୍ଣ୍ଣ ମୁଦ୍ରା ଦେଇ ଯୁବରାଜ ଆପଣା ଘୋଡ଼ା ଚଳାଇ ଫେରିଗଲେ । ବାଳକଟି ଆପଣା ଦାୟିତ୍ୱକୁ ଫେରି ଯାଇ ଉଚ୍ଚସ୍ୱରରେ କହି ଉଠିଲା,' ହୁରେ, ହୁରେ, ବିଜୟ, ବିଜୟ, ! ଯାହା ନେପୋଲିୟନ୍ କରି ପାରି ନ ଥିଲେ, ତାହା ମୁଁ ଆଜି କରି ପାରିଛି । ୱେଲିଙ୍ଗଟନର ଯୁବରାଜଙ୍କୁ ଏହି ଫାଟକର ବାହାରେ ରଖି ଦେଇ ପାରିଲି' ।

ଆମ୍ଭମାନଙ୍କ ନିମନ୍ତେ ବାଧ୍ୟତାର କେଡ଼େ ବଡ଼ ଆହ୍ୱାନ! ଯଦି ବାଳକଟି ଜାଗତିକ କର୍ତ୍ତାଙ୍କର ଏତେ ଆଜ୍ଞାବହ ହୋଇ ପାରିଲା, ତେବେ ପ୍ରଭୁମାନଙ୍କର ପ୍ରଭୁ ଯୀଶୁ, ଯେ କି ସ୍ୱର୍ଗ ଓ ମର୍ତ୍ତ୍ୟର କର୍ତ୍ତା, ତାହାଙ୍କର ବାଧ୍ୟ ହେବା କେତେ ଗୁରୁତ୍ୱପୂର୍ଣ୍ଣ ବିଷୟ ! ସଂପୂର୍ଣ୍ଣ ବାଧ୍ୟତାରେ ପୁରସ୍କାର ରହିଛି । ଯୀଶୁ

କହିଲେ, **'ଯେ କେହି ମୋହର ସେବା କରେ, ମୋହର ପିତା ତାହାକୁ ସମ୍ମାନ ଦେବେ'(ଯୋହନ ୧୨:୨୬) । ପାଉଲ ସାକ୍ଷ୍ୟ ଦେଇ କହିଲେ, 'ମୁଁ ସେହି ସ୍ୱର୍ଗୀୟ ଦର୍ଶନର ଅବାଧ୍ୟ ହେଲି ନାହିଁ'( ପ୍ରେରିତ ୨୬:୧୯) ।**

## ସମସ୍ତ ବିଷୟ ମଙ୍ଗଳ ନିମନ୍ତେ

ଏକ ସାମୁଦ୍ରିକ ଝଡ଼ରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଏକ ଜାହାଜ ସଂପୂର୍ଣ୍ଣ ଭାବରେ ନଷ୍ଟ ହୋଇ ଯାଇଥିଲା । ରକ୍ଷା ପାଇଥିବା ଏକମାତ୍ର ଜଣେ ବ୍ୟକ୍ତି ଗୋଟିଏ କ୍ଷୁଦ୍ର ବସତିବିହୀନ ଦ୍ୱୀପରେ ଯାଇ ପହଁଞ୍ଚିଲେ । ତାଙ୍କର ସୁରକ୍ଷା ଓ ସାହାଯ୍ୟ ନିମନ୍ତେ ସେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କଲେ, ମାତ୍ର କୌଣସି ସାହାଯ୍ୟ ତାଙ୍କ ନିକଟରେ ପହଞ୍ଚି ପାରି ନ ଥିଲା । ଘଟଣା କ୍ରମେ ସେ ପାଣି କୂଳରେ ଲାଗିଥିବା ଭାସମାନ କାଠରେ ନିଜର ସୁରକ୍ଷା ନିମନ୍ତେ ଏକ କ୍ଷୁଦ୍ର କୁଡ଼ିଆଟିଏ ତିଆରି କରି ରହିଲେ । ଦିନେ ଖାଦ୍ୟ ଅନ୍ୱେଷଣ କରି ଫେରିବା ସମୟରେ ତାଙ୍କର କୁଡ଼ିଆ ଘରେ ନିଆଁ ଲାଗି ଧୂଆଁ ଆକାଶକୁ ଉଠୁଥିବାର ସେ ଦେଖିଲେ । କ୍ରୋଧାନ୍ୱୀତ ହୋଇ ସେ ଚିତ୍କାର କଲେ, 'ହେ ଈଶ୍ୱର, ତୁମେ କି ପ୍ରକାରେ ଏହା ମୋ ପ୍ରତି କରି ପାରିଲ?' ତହିଁ ଆରଦିନ ସକାଳେ ସୁରକ୍ଷାବାହିନୀମାନଙ୍କ ଶବ୍ଦରେ ସେ ଉଠି ପଡ଼ି ସେମାନଙ୍କୁ ପଚାରିଲେ, 'ମୁଁ ଏଠାରେ ଅଛି ବୋଲି ତୁମ୍ଭେମାନେ କିପରି ଜାଣିଲ? ଉତ୍ତରରେ ସେମାନେ କହିଲେ,'ଆମେ ତୁମର ଏହି ଧୂଆଁର ସଂକେତ ପାଇ ଜାଣି ପାରିଲୁ ଯେ, ନିଶ୍ଚୟ ଏହି ସ୍ଥାନରେ କୌଣସି ବ୍ୟକ୍ତି ଅଛନ୍ତି' ।

ଈଶ୍ୱରଙ୍କର କାର୍ଯ୍ୟ ଓ ଯୋଜନାସକଳ ଆଶ୍ଚର୍ଯ୍ୟ । ସମସ୍ତଙ୍କ ପ୍ରତି ତାହାଙ୍କର ଦୃଷ୍ଟି ସର୍ବଦା ରହିଥାଏ । ଅନେକ ସମୟରେ ଦୁଃଖ, କଷ୍ଟ ଓ ପ୍ରତିକୂଳ ପରିସ୍ଥିତି ମଧ୍ୟ ଦେଇ ଗଲାବେଳେ ଈଶ୍ୱରଙ୍କର ପ୍ରେମ ଆମ ପ୍ରତି କ୍ରୋଧାନ୍ୱୀତ ହେଲା ପରି ମନେ ହୋଇଥାଏ, ମାତ୍ର ଈଶ୍ୱର ସର୍ବଦା ଆମର ନିକଟବର୍ତ୍ତୀ ଥାଆନ୍ତି । ପ୍ରତିକୂଳ ପରିସ୍ଥିତିକୁ ସେ ପରିବର୍ତ୍ତନ କରି ଆମ୍ଭମାନଙ୍କର ମଙ୍ଗଳର କାରଣ କରିଥାନ୍ତି । ପ୍ରଭୁଙ୍କର ସେବକ ପାଉଲ ନିଜର ପ୍ରତିକୂଳ ଅବସ୍ଥାରେ ତାହା ଅନୁଭବ କରି ରୋମୀୟ ମଣ୍ଡଳୀର ବିଶ୍ୱାସୀମାନଙ୍କୁ ଲେଖନ୍ତି, **'ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି, ଯେଉଁମାନେ ତାହାଙ୍କ ସଂକଳ୍ପ ଅନୁସାରେ ଆହୂତ ହୋଇଅଛନ୍ତି, ଈଶ୍ୱର ଯେ ସମସ୍ତ ବିଷୟରେ ସେମାନଙ୍କର ମଙ୍ଗଳ ସାଧନ କରନ୍ତି, ଏହା ଆମ୍ଭେମାନେ ଜାଣୁ' (ରୋମୀ ୮:୨୮ ) ।**

## ଗୃହ ନିର୍ମାଣକାରୀର ଦୃଷ୍ଟାନ୍ତ

ଜଣେ ଧନୀ ବ୍ୟକ୍ତି ସର୍ବଦା ଉତ୍ତମ କାର୍ଯ୍ୟ କରିବାକୁ ଇଚ୍ଛା କରିଥାନ୍ତି । ଦିନେ ନିଜର ବିସ୍ତୀର୍ଣ୍ଣ



ଖୋଲା ପଡ଼ିଆରେ ବୁଲୁଥିବା ସମୟରେ ଜମିର ତଳ ଭାଗରେ ଗୋଟିଏ କ୍ଷୁଦ୍ର କୁଡ଼ିଆ ଘରେ ଜଣେ ବଢ଼େଇ ତାଙ୍କର ବଡ଼ ପରିବାରକୁ ନେଇ ବାସ କରୁଥିବାର ଦେଖିଲେ । ତହିଁରେ ଧନୀ ବ୍ୟକ୍ତିଜଣକ ସେହି ବଢ଼େଇକୁ ଡକାଇ ଏକ ସୁନ୍ଦର ଗୃହର ନକ୍ସା ଦେଖାଇ କହିଲେ, 'ସୁନ୍ଦର ସୂର୍ଯ୍ୟକିରଣ ପଡୁଥିବା ସେହି କ୍ଷୁଦ୍ର ପାହାଡ଼ ଉପରେ ଠିକ୍ ଏହି ନକ୍ସାପରି ଏକ ସୁନ୍ଦର ଗୃହ ତୁମେ ନିର୍ମାଣ କର । ମୁଁ ବିଶ୍ୱାସ କରେ, ତୁମେ ଏହାକୁ ଅତି ସୁନ୍ଦର ଓ ମଜଭୁତ ଭାବରେ ତିଆରି କରିବ । ସବୁଠାରୁ ଉତ୍ତମ କାରୀଗର ଓ ଉତ୍ତମ ସାମଗ୍ରୀ ଦ୍ୱାରା ଏହାକୁ ତିଆରି କରିବ, ଯେପରି ତାହା ଏକ ଉତ୍ତମ ଗୃହ ହୋଇ ପାରିବ' । ଏହା କହି ଧନୀ ବ୍ୟକ୍ତିଜଣକ ସମସ୍ତ କାର୍ଯ୍ୟଭାର ବଢ଼େଇ ହସ୍ତରେ ସମର୍ପଣ କରି ଦୀର୍ଘ ଦିନ ନିମନ୍ତେ ବିଦେଶକୁ ଚାଲି ଗଲେ । ଧନୀ ବ୍ୟକ୍ତି ଚାଲିଗଲା ପରେ ବଢ଼େଇ ମନେ ମନେ କହିଲା, 'ଏହା ହେଉଛି ମୋର ସୁଯୋଗ' । ତହିଁରେ ସେ ନିଜ ନିମନ୍ତେ କିପରି ଅଧିକ ଅର୍ଥ ଲାଭ କରିବ ଭାବି ଅତି ସାଧାରଣ କାର୍ଯ୍ୟକାରୀ ଓ ନିକୃଷ୍ଟତର ସାମଗ୍ରୀ ବ୍ୟବହାର ପୂର୍ବକ ଗୃହଟିକୁ ନିର୍ମାଣ କଲା । ସମୟକ୍ରମେ ଧନୀ ବ୍ୟକ୍ତି ବିଦେଶରୁ ଫେରି ଆସିଲେ । ବଢ଼େଇ ତାଙ୍କ ହସ୍ତରେ ଗୃହର ସମସ୍ତ ଚାବୀ ସମର୍ପଣ କରି କହିଲା,'ଆପଣଙ୍କ ଆଜ୍ଞାନୁସାରେ ମୁଁ ସୁନ୍ଦର ସୂର୍ଯ୍ୟକିରଣ ପଡୁଥିବା ପାହାଡ଼ ଉପରେ ତୁମ ପାଇଁ ଏହି ସୁନ୍ଦର ଗୃହଟି ନିର୍ମାଣ କରି ପାରିଛି' । ଧନୀ ବ୍ୟକ୍ତିଜଣକ ଉତ୍ତର ଦେଲେ, 'ଖୁବ୍ ଉତ୍ତମ, ମୁଁ ଆନନ୍ଦିତ ଯେ ଏହାକୁ ତୁମେ ଖୁବ୍ ଉତ୍ତମ ଭାବରେ ନିର୍ମାଣ କରିଛ । ଗୃହ ନିର୍ମାଣର ପ୍ରଥମ ଅବସ୍ଥାରୁ ଏହି ଗୃହ ତୁମକୁ ଦେବା ନିମନ୍ତେ ମୁଁ ମନରେ ସ୍ଥିର କରିଥିଲି, ବର୍ତ୍ତମାନଠାରୁ ଏହି ଗୃହଟି ତୁମର' । ଏଥିରେ ବଢ଼େଇଟିର ହୃଦୟ ଦୁଃଖରେ ଭାଙ୍ଗି ପଡ଼ିଲା । ନିଜର ପଡ଼ୋଶୀଙ୍କୁ ପ୍ରତାରଣା କରିବାକୁ ଯାଇ ଶେଷରେ ନିଜେ ଠକାମୀରେ ପଡ଼ିଲେ । ସେ ଚାବୀଗୁଡ଼ିକ ନେଇ ଚାଲି ଯାଇ ବାରମ୍ବାର ଅସ୍ପଷ୍ଟ ସ୍ୱରରେ ନିଜକୁ ଧିକ୍କାର କରି କହିବାକୁ ଲାଗିଲେ, ' ଓଃ! ଯଦି ମୁଁ ଜାଣିଥାନ୍ତି ଯେ ଏହି ଗୃହଟି ମୁଁ ନିଜ ପାଇଁ ନିର୍ମାଣ କରୁଛି' ! ଗଭୀର ଦୁଃଖ ଓ ଅନୁଶୋଚନାରେ ତା'ର ହୃଦୟ ଭରିଗଲା ।

ଅନନ୍ତକାଳ ବାସ କରିବା ନିମନ୍ତେ ପ୍ରତ୍ୟେକ ଜଣ ନିଜ ନିମନ୍ତେ ଏକ ଗୃହ ନିର୍ମାଣ କରୁଛନ୍ତି । ତିଆରି କରିବା ସାମଗ୍ରୀଗୁଡ଼ିକ  ନିଜେ କେବଳ ମନୋନୀତ କରୁଛନ୍ତି । ହୁଏତ କୁହା ଯାଇପାରେ , 'ଯାହା ଆମେ ଗ୍ରହଣ କରୁ ତାହା ଆମ ଚରିତ୍ରକୁ ଗଠନ କରେ, ମାତ୍ର ଯାହା ଆମେ ଦାନ କରୁ, ତାହା ଆମର ଆତ୍ମାକୁ ପ୍ରବେଶ କରେ' । ଗୃହ ନିର୍ମାଣକାରୀର ଉଦାହରଣ ଦେଇ ଯୀଶୁ ଆମ୍ଭମାନଙ୍କୁ ସଚେତନ କରାଉଅଛନ୍ତି, ଯେପରି ଆମେ ବୁଦ୍ଧିମାନ ଲୋକ ସଦୃଶ ହେବା । ଯୀଶୁରୂପ ମୂଳଦୁଆ ଉପରେ ଯେ ଆପଣା ଜୀବନ ଗଢ଼େ, ସବୁ ପ୍ରକାର ଦୁଃଖ କ୍ଳେଶ ମଧ୍ୟରେ ସେ ସୁସ୍ଥିର ରହିବ । ଆପଣଙ୍କ ଜୀବନର ମୂଳଦୁଆ କିଏ? (ମାଥିଉ ୭:୨୪-୨୭) । ପୁନର୍ବାର ପାଉଲ କହନ୍ତି , **'କାରଣ ଯେଉଁ ଭିତ୍ତିମୂଳ ସ୍ଥାପିତ ହୋଇଅଛି, ତାହା ବ୍ୟତୀତ ଅନ୍ୟ ଭିତ୍ତିମୂଳ କେହି ସ୍ଥାପନ କରି ପାରେ ନାହିଁ, କାରଣ ସେହି ଭିତ୍ତିମୂଳ ଯୀଶୁଖ୍ରୀଷ୍ଟ । କିନ୍ତୁ ଯଦି ସେହି ଭିତ୍ତିମୂଳ ଉପରେ ସୁନା, ରୂପା, ବହୁମୂଲ୍ୟ ପଥର, କାଠ, ଘାସ ବା ଛଣ**

**ଦେଇ ନିର୍ମାଣ କରେ, ତାହାହେଲେ ପ୍ରତ୍ୟେକ ଜଣର କର୍ମ କିପ୍ରକାର, ତାହା ପ୍ରକାଶ ପାଇବ, ଯେଣୁ ସେହି ଦିନ ଅଗ୍ନି ସହିତ ପ୍ରକାଶିତ ହେବ....' (୧ମ କରନ୍ଥୀ ୩:୧୧-୧୫) ।**

## ଜାହାଜରେ ଯୂନସ

୧୭୪୮ ମସୀହାର ଏକ ବାସ୍ତବ ଘଟଣା । ଇଂଲଣ୍ଡ ଅଭିମୁଖେ ଯାତ୍ରା କରିବା ନିମନ୍ତେ ଏକ ବୃହତ ପଣ୍ୟବାହୀ ଜାହାଜ ଆଫ୍ରିକାର ପଶ୍ଚିମ ଉପକୂଳର ଏକ ଦ୍ୱୀପରୁ ଯାତ୍ରା ଆରମ୍ଭ କଲା । ଅଶ୍ଳୀଳ ଭାଷା ଓ ଈଶ୍ୱରବିହୀନ, ବର୍ବର ଜୀବନ କାଟୁଥିବା ଏକ ସୁପରିଚିତ ଯୁବକ ଜନ୍ ନିଉଟନ୍ ଉକ୍ତ ଜାହାଜରେ ଜଣେ ଯାତ୍ରୀ ଥିଲେ । ପରବର୍ତ୍ତୀ ସମୟରେ ନିଉଟନ୍ ଜାହାଜ ପରିଚାଳକଙ୍କର ବାରମ୍ବାର ଉଚ୍ଚାରଣ କରୁଥିବା ଉକ୍ତିକୁ ଏହି ପ୍ରକାରେ ବର୍ଣ୍ଣନା କରି କହନ୍ତି,'ମୁଁ ଅତ୍ୟନ୍ତ ଦୁଃଖିତ ଯେ ମୋର ଜାହାଜରେ ଜଣେ ଯୂନସ ଅଛି, ଯେଉଁ ଆଡ଼େ ମୁଁ ଜାହାଜ ଚଳାଏ, ସେ ଆଡ଼େ ସର୍ବଦା ବିପତ୍ତି ଘଟେ, ତାଙ୍କ ସକାଶେ ଜାହାଜ ଏ ସମସ୍ତ ବିପତ୍ତିର ସମ୍ମୁଖୀନ ହୋଇଥାଏ' ।

ହୁଏତ ଜାହାଜ ପରିଚାଳକଙ୍କର ମନ୍ତବ୍ୟ ଠିକ୍ ହୋଇପାରେ । ନିଉଟନ୍‌ଙ୍କର ଅତୀତ ଜୀବନ ଈଶ୍ୱରବିହୀନ ଥିଲା । ଯୂନସ ଯାତ୍ରା କରୁଥିବା ଜାହାଜକୁ ଯେପରି ଏକ ଝଡ଼ ଆଘାତ କରି ଥିଲା, ଠିକ୍ ସେହି ପ୍ରକାରେ ଏକ ଆଣ୍ଟଲାଣ୍ଟିକ ସାମୁଦ୍ରିକ ଝଡ଼ ଭୟଙ୍କର ଭାବରେ ଜନ୍ ନିଉଟନଙ୍କୁ ଆପଣା ଈଶ୍ୱରବିହୀନ ଅବସ୍ଥାରୁ ଉଠାଇଥିଲା । ଜାହାଜଟି ପ୍ରାୟ ଭଗ୍ନ ଅବସ୍ଥାରେ ପଡ଼ିଥିଲା । ଏହିପରି ସମୟରେ ଯେତେବେଳେ ଜାହାଜଟି ଗଭୀର ସମୁଦ୍ର ମଧ୍ୟରେ ଭାସି ଯିବାକୁ ଲାଗିଲା, ଈଶ୍ୱରଙ୍କର ଦୟା ଭିକ୍ଷା ପୂର୍ବକ ନିଉଟନ୍ ପ୍ରାର୍ଥନା କରି ଯୀଶୁଙ୍କଠାରେ ସଂପୂର୍ଣ୍ଣ ବିଶ୍ୱାସ ସ୍ଥାପନ କଲେ । ଈଶ୍ୱରଙ୍କ ଅନୁଗ୍ରହରେ ଏହି ପ୍ରକାର ଏକ ତୁଚ୍ଛୀକୃତ ଅପବିତ୍ର ଜଳଯାତ୍ରୀ ପରିବର୍ତ୍ତୀତ ହୋଇ ସେହି ଭରସାଯୁକ୍ତ ଗୀତଟିକୁ ଲେଖିଥିଲେ,'ଆଶ୍ଚର୍ଯ୍ୟଜନକ ସେହି ଈଶ୍ୱରଙ୍କ ଅନୁଗ୍ରହ , Amazing grace" । ଇଂରାଜୀର ଏହି ଗୀତଟିକୁ ଗାଇବା ଓ ଶୁଣିବା ଦ୍ୱାରା ଅନେକଙ୍କ ଜୀବନରେ ଈଶ୍ୱରଙ୍କ ଅନୁଗ୍ରହ ବାସ୍ତବ ହୋଇ ପାରିଛି । **ଈଶ୍ୱରଙ୍କ ବାକ୍ୟ କହେ, 'ବିଳମ୍ବ ବୋଲି ଯେପରି ଭାବନ୍ତି, ପ୍ରଭୁ ଆପଣା ପ୍ରତିଜ୍ଞା ବିଷୟରେ ସେପରି ବିଳମ୍ବ କରନ୍ତି ନାହିଁ, କିନ୍ତୁ ଯେପରି କେହି ବିନଷ୍ଟ ନ ହୁଅନ୍ତି, ବରଂ ସମସ୍ତେ ମନ ପରିବର୍ତ୍ତନ କରନ୍ତି, ଏହା ଇଚ୍ଛା କରି ସେ ତୁମ୍ଭମାନଙ୍କ ପ୍ରତି ଦୀର୍ଘସହିଷ୍ଣୁ ଅଟନ୍ତି' (୨ୟ ପିତର ୩:୯)** । ସେହି ଜୀବନ ପରିବର୍ତ୍ତନକାରୀ ଈଶ୍ୱରଙ୍କ ଅନୁଗ୍ରହକୁ ଆପଣ ନିଜ ଜୀବନରେ ଅନୁଭବ କରି ପାରିଛନ୍ତି କି?

## କାହାର ବାଧ୍ୟ ହେବା?



ସ୍ମୁର୍ଣ୍ଣା ମଣ୍ଡଳୀର **ବିଶପ୍ ଏସ୍ ପଲିକାପ୍** ଯୀଶୁଙ୍କର ପ୍ରିୟ ଶିଷ୍ୟ ଯୋହନଙ୍କୁ ବ୍ୟକ୍ତିଗତ ଭାବରେ ଜାଣିବାର ଆନନ୍ଦ ଲାଭ କରିଥିଲେ । ୧୬୭ ମସୀହାରେ ଖ୍ରୀଷ୍ଟିୟାନ ଭାବରେ ପଲିକାପ୍‌ଙ୍କୁ ବନ୍ଦୀ କରାଯାଇ ସହରର ବିଚାରାଳୟକୁ ଘୋଷାରି ଘୋଷାରି ନିଆ ଯାଇଥିଲା । ଖ୍ରୀଷ୍ଟ ଓ ଖ୍ରୀଷ୍ଟଧର୍ମକୁ ଅସ୍ୱୀକାର କରିବା ପାଇଁ ତାଙ୍କୁ ବଳତ୍କାର କରାଯାଇଥିଲେ ମଧ୍ୟ ସେ ଆପଣା ବିଶ୍ୱାସରେ ଶେଷ ପର୍ଯ୍ୟନ୍ତ ଅଟଳ ରହିଥିଲେ । ବିଚାରକର୍ତ୍ତା ତାଙ୍କୁ ପ୍ରଶ୍ନ କଲେ, 'ଯଦି ତୁମେ ଦେଶର ଶାସନକର୍ତ୍ତାଙ୍କୁ ପ୍ରଭୁ ବୋଲି ସମ୍ବୋଧନ କରିବ ଏବଂ ଜୀବନରକ୍ଷା ନିମନ୍ତେ ଏକ ବଳି ଉତ୍ସର୍ଗ କରିବ, ସେଥିରେ ବା କ'ଣ ଅଛି'? ଉତ୍ତରରେ ପଲିକାପ୍ କହିଲେ, 'ମୁଁ ତାହା କେବେହେଲେ କରି ପାରିବି ନାହିଁ' । ତହିଁରେ ଚାରିପାଖରେ ଘେରି ରହିଥିବା କ୍ରୋଧାନ୍ୱିତ ଲୋକ ସମୂହ ଚିତ୍କାର କରି କହିବାକୁ ଲାଗିଲେ, 'ଏ ହେଉଛନ୍ତି ସେହି ଏସିଆର ଶିକ୍ଷକ, ଖ୍ରୀଷ୍ଟିୟାନମାନଙ୍କର ପିତା, ଆମ୍ଭମାନଙ୍କ ଦେବତାମାନଙ୍କର ବିନାଶକାରୀ, ପୁଣି ଏହି ବ୍ୟକ୍ତି ଆମ ଦେଶର ଧର୍ମ ପରିତ୍ୟାଗ କରିବା ନିମନ୍ତେ ଅନେକ ଭ୍ରାନ୍ତ ଶିକ୍ଷା ମଧ୍ୟ ଦେଉଛନ୍ତି' । ବିଚାରକର୍ତ୍ତା ପୁନର୍ବାର ତାଙ୍କୁ କହିଲେ, 'ପଲିକାପ୍, ରାଜାଙ୍କର ବାଧ୍ୟ ହୋଇ କାଇସରଙ୍କ ନାମରେ ଯୀଶୁଙ୍କୁ ଅସ୍ୱୀକାର କରି ତାହାଙ୍କ ବିରୁଦ୍ଧରେ କେତେକ ଶବ୍ଦ ଉଚ୍ଚାରଣ କର' । ଅତିଶୟ କ୍ରୋଧାନ୍ୱିତ ହୋଇ ବିଶପ୍ ଉତ୍ତର ଦେଲେ, 'ତାହା କିପରି ସମ୍ଭବ? ଅଶୀ ବର୍ଷ ହେଲା ଯେଉଁ ଯୀଶୁଙ୍କର ମୁଁ ସେବା କରି ଆସିଛି, ସେ ମୋ ପ୍ରତି କୌଣସି ଅମଙ୍ଗଳ କରି ନାହାନ୍ତି ବରଂ ସେ ମୋତେ ଅନୁଗ୍ରହରେ ପୂର୍ଣ୍ଣ କରିଛନ୍ତି ଏବଂ ବର୍ତ୍ତମାନ ତାଙ୍କୁ ଅସ୍ୱୀକାର କରିବା ପାଇଁ ତୁମେ ମୋତେ ବାଧ୍ୟ କରୁଛ? ପୁନର୍ବାର ମୁଁ ତୁମ୍ଭଙ୍କୁ କହୁଅଛି, ମୁଁ ଜଣେ ଖ୍ରୀଷ୍ଟିୟାନ, ତାହାହିଁ ମୋର ଧର୍ମ' । ଏହାର କିଛିଦିନ ପରେ ପଲିକାପ୍ ଖ୍ରୀଷ୍ଟଙ୍କ ନିମନ୍ତେ ଏକ ସାକ୍ଷ୍ୟମର ହୋଇଥିଲେ, ତାଙ୍କୁ ଅଗ୍ନି ମଧ୍ୟକୁ ନିକ୍ଷେପ କରାଯାଇଥିଲା, ମାତ୍ର ଅଗ୍ନି ତାଙ୍କର ଚାରିପାଖରେ ଖେଳି ଯାଇ ତାଙ୍କର ମୁଣ୍ଡ ଉପରେ ଏକ ଅର୍ଦ୍ଧ ଗୋଲାକାର ଧନୁ ସୃଷ୍ଟି କଲା । ଏହି ନୂତନ ଆଶ୍ଚର୍ଯ୍ୟ ଘଟଣାରେ ଶାସନକର୍ତ୍ତା କ୍ରୋଧାନ୍ୱିତ ହୋଇ ଗୋଟିଏ ବର୍ଚ୍ଛାରେ ତାହାଙ୍କର ହୃତପିଣ୍ଡକୁ ଆଘାତ କରିବା ଦ୍ୱାରା ତହିଁରୁ ପ୍ରବାହିତ ରକ୍ତରେ ଅଗ୍ନି ନିର୍ବାପିତ ହୋଇଥିଲା ।

ବାସ୍ତବ ଖ୍ରୀଷ୍ଟିୟ ଜୀବନରେ ଏକ ମୂଲ୍ୟ ରହିଛି । ଦୁଃଖ, କଷ୍ଟ ମଧ୍ୟରେ ଆମର ଖ୍ରୀଷ୍ଟିୟ ସାକ୍ଷ୍ୟକୁ ଶେଷ ପର୍ଯ୍ୟନ୍ତ ଧରି ରଖିବା ନିମନ୍ତେ ଆମେ ଆହୂତ । **ଯୀଶୁ କହିଲେ, 'ଯେ ମୋତେ ପ୍ରେମ କରେ, ସେ ମୋହର ଆଜ୍ଞା ସବୁ ପାଳନ କରିବ'** । ଆଜିର ଜଗତ ଅପେକ୍ଷା କରିଛି ଖ୍ରୀଷ୍ଟ ଓ ତାହାଙ୍କର ସୁସମାଚାର ନିମନ୍ତେ କେଉଁମାନେ ଆପଣା ଜୀବନକୁ ବଳି ଦେବେ! **'ଯେ ଆପଣା ଜୀବନ ରକ୍ଷା କରିବା ନିମନ୍ତେ ଚେଷ୍ଟା କରିବ, ସେ ତାହା ନିଶ୍ଚିତ ହରାଇବ, ମାତ୍ର ଯେ ମୋ ନିମନ୍ତେ ଓ ମୋର ସୁସମାଚାର ନିମନ୍ତେ ଆପଣା ପ୍ରାଣ ହରାଇବ, ସେ ଅନନ୍ତକାଳ ନିମନ୍ତେ ତାହା ରକ୍ଷା କରିବ' (ଯୋହନ ୧୨:୨୫)** ।

**'ଯେ କେହି ଲୋକଙ୍କ ସାକ୍ଷାତରେ ମୋତେ ସ୍ୱୀକାର କରିବ, ମୁଁ ମଧ୍ୟ ମୋହର ସ୍ୱର୍ଗସ୍ଥ ପିତାଙ୍କ ସାକ୍ଷାତରେ ତାହାକୁ ସ୍ୱୀକାର କରିବି । ମାତ୍ର ଯେ କେହି ଲୋକଙ୍କ ସାକ୍ଷାତରେ ମୋତେ ଅସ୍ୱୀକାର**

କରିବ, ମୁଁ ମଧ୍ୟ ମୋହର ସ୍ୱର୍ଗସ୍ଥ ପିତାଙ୍କ ସାକ୍ଷାତରେ ତାହାକୁ ଅସ୍ୱୀକାର କରିବି' (ମାଥିଉ ୧୦:୩୨, ୩୩) ।

'କିନ୍ତୁ କେହି ଯଦି ଖ୍ରୀଷ୍ଟିୟାନ ହେବାରୁ ଦଣ୍ଡଭୋଗ କରେ, ତାହାହେଲେ ସେ ଲଜ୍ଜାବୋଧ ନ କରୁ, ବରଂ ଏହି ନାମ ହେତୁରୁ ଈଶ୍ୱରଙ୍କ ମହିମା କୀର୍ତ୍ତନ କରୁ' (୧ମ ପିତର ୪:୧୬) ।

## ଶୁଚି ବିବେକ

ପଦଯାତ୍ରାରେ ପୃଥିବୀ ପରିଭ୍ରମଣକାରୀ ପ୍ରଥମ ମହିଳା ଭାବରେ **ଫ୍ଲୋନା କାମବେଲ୍** ସୁପରିଚିତ, ମାତ୍ର ତାଙ୍କର ଏହି ଆନନ୍ଦ କ୍ଷଣସ୍ଥାୟୀ ଥିଲା । ଲୋକମାନଙ୍କର ସମସ୍ତ ପ୍ରକାର ପ୍ରଶଂସା ସତ୍ତ୍ୱେ କିଛି ବିଷୟ ତାଙ୍କ ମନକୁ ବ୍ୟତିବ୍ୟସ୍ତ କରୁଥିଲା । ତାଙ୍କ ବିବେକରେ ସେ ଗଭୀର ଆଘାତ ଅନୁଭବ କରିବା ଫଳରେ ନିଜର ମାନସିକ ଭାରସାମ୍ୟ ହରାଇବାକୁ ବସିଲେ ।

କେଉଁ ବିଷୟ ତାଙ୍କୁ ବିଚଳିତ କରୁଥିଲା? ସେ ସ୍ୱୀକାର କରି କହିଲେ, 'ମୁଁ ପ୍ରତାରଣା କରିଛି, ଯାତ୍ରାର ନିର୍ଦ୍ଧାରିତ ନିୟମକୁ ମୁଁ ଭଙ୍ଗ କରିଛି, ମଧ୍ୟ ଦୌଡ଼ାର କିଛି ବାଟ ମୁଁ ଗୋଟିଏ ଟ୍ରକରେ ଯାତ୍ରା କରିଛି, ସେଥିପାଇଁ ପୃଥିବୀ ପରିଭ୍ରମଣକାରୀ ପ୍ରଥମ ମହିଳା ଭାବରେ ମୁଁ ସ୍ମରଣୀୟ ରହିବା ସଂପୂର୍ଣ୍ଣ ଅନୁଚିତ । ନିଜର ବିବେକର ଦଂଶନରୁ ଉଦ୍ଧାର ପାଇବା ନିମନ୍ତେ ସେ ତାଙ୍କର ଅର୍ଥ ସାହାଯ୍ୟକାରୀ ବନ୍ଧୁଜଣଙ୍କୁ ଡକାଇ ନିଜର ପ୍ରତାରଣାକୁ ସ୍ୱୀକାର କରିଥିଲେ ।

ଏହା କେତେ ବାସ୍ତବ ! କେତେ ସହଜରେ ଏହି ପ୍ରକାର ଜୀବନ ଆମ୍ଭମାନଙ୍କ ମଧ୍ୟରେ ଦେଖାଯାଏ ! ବିବେକର ଆଘାତ ପ୍ରତି ଆମେ ସଚେତନ ନ ଥାଉ, ଫଳରେ ସମୟାନୁକ୍ରମେ ଆମର ବିବେକ ଶୁପ୍ତ ହୋଇପଡ଼େ, ଆମ ଜୀବନର ଗତିପଥ ଭିନ୍ନ ହୋଇପଡ଼େ । ଶାମଶୋନ୍ ଓ ରାଜା ଶାଉଲଙ୍କ ଜୀବନକୁ ସ୍ମରଣ କରୁ । ଈଶ୍ୱରଙ୍କ ଦ୍ୱାରା ଉଭୟେ ଆହୂତ ହୋଇଥିଲେ, ପବିତ୍ରଆତ୍ମାରେ ପରିପୂର୍ଣ୍ଣ ଥିଲେ, ତଥାପି ଅବାଧ୍ୟତାର ପଥରେ ସେମାନେ ଆପଣା ବହୁମୂଲ୍ୟ ଜୀବନ ଓ ଈଶ୍ୱରଙ୍କ ମହତ୍ ଉଦ୍ଦେଶ୍ୟକୁ ହରାଇ ବସିଲେ । ଦୋଷ ସ୍ୱୀକାରରେ କ୍ଷମା ରହିଛି – ପବିତ୍ରଆତ୍ମା କେବଳ ଆମର ଅନ୍ତରରେ ତାହା ସାଧନ କରି ପାରନ୍ତି । ସେଥିପାଇଁ ବାକ୍ୟରେ ଲେଖାଯାଏ,**'ଆମ୍ଭମାନଙ୍କ ହୃଦୟ ଯଦି ଆମ୍ଭମାନଙ୍କୁ ଦୋଷୀ ନ କରେ, ତାହାହେଲେ ଈଶ୍ୱରଙ୍କ ଛାମୁରେ ଆମ୍ଭମାନଙ୍କର ସାହସ ଅଛି, ପୁଣି ଆମ୍ଭେମାନେ ଯାହା ଯାହା ମାଗୁ, ସେ ସବୁ ତାହାଙ୍କଠାରୁ ପାଇଥାଉ....' (୧ମ ଯୋହନ ୩:୨୧-୨୨) ।**



## ଗୌଣ୍ୟ ବିଷୟ ପ୍ରତି ଦୃଷ୍ଟିପାତ

ଥରେ ଗୋଟିଏ ପରିବାର ବଣଭୋଜୀ ନିମନ୍ତେ ଏକ ହ୍ରଦକୂଳକୁ ଯାଇଥିଲେ । କିଛି ସମୟ ପରେ ତାଙ୍କର ପାଞ୍ଚ ବର୍ଷର ପୁଅ ପାଣି ଭିତରକୁ ପଶି ଯାଇ କ୍ରମଶଃ ଗଭୀରକୁ ଚାଲି ଯାଇ କ୍ରମେ ଅଦୃଶ୍ୟ ହୋଇଗଲା । ପରିବାରର ବୟସ୍କମାନଙ୍କ ମଧ୍ୟରୁ କେହି ପହଁରା ଜାଣି ନ ଥିଲେ । ଭୟଭୀତ ହୋଇ ପିଲାଟିର ଉଦ୍ଧାର ନିମନ୍ତେ ସେମାନେ ଏଣେ ତେଣେ ଧାଉଁଥିବା ସମୟରେ ହଠାତ୍ ପିଲାଟି ପାଣିରେ ଉବୁଟୁବୁ ହୋଇ ସାହାଯ୍ୟ ନିମନ୍ତେ ଚିତ୍କାର କରୁଥିବାର ଦେଖା ଗଲା । ଠିକ୍ ସେହି ସମୟରେ ଜଣେ ବ୍ୟକ୍ତି ସେହି ବାଟ ଦେଇ ଯାଉଥିଲେ । ପରିସ୍ଥିତିକୁ ଆୟତ୍ତ କରିବା ନିମନ୍ତେ ପାଣି ମଧ୍ୟକୁ ସେ ଡେଇଁ ପଡ଼ି ପିଲାଟିକୁ ଅକ୍ଷତ ଅବସ୍ଥାରେ ଉଦ୍ଧାର କଲେ । ସେହି ସମୟରେ ପୁଅଟିର ମାଆ ବିରକ୍ତ ହୋଇ ବଡ଼ ପାଟିରେ କହି ଉଠିଲେ, 'ଜନିର ଟୋପିଟି କାହିଁ?' ବୁଡ଼ି ଯାଉଥିବା ଅବସ୍ଥାରୁ ତାଙ୍କ ପୁଅ ଜନିର ଜୀବନ ଯେ ରକ୍ଷା ହୋଇ ପାରିଲା, ସେଥିରେ ଆନନ୍ଦ କରିବା ପରିବର୍ତ୍ତେ ପାଣିରେ ଭାସି ଯାଇଥିବା ଟୋପି ବିଷୟରେ ସେ ବିରକ୍ତିଭାବ ପ୍ରକାଶ କରିଥିଲେ ।

ଅନେକ ସମୟରେ ଆମେ ଈଶ୍ୱରଙ୍କ ମହାନ୍ କାର୍ଯ୍ୟ, ଦୟା ଓ ଅନୁଗ୍ରହଗୁଡ଼ିକ ପ୍ରତି ଦୃଷ୍ଟି ରଖିବା ପରିବର୍ତ୍ତେ ଛୋଟ ଛୋଟ ବିଷୟରେ ଦୃଷ୍ଟି ରଖି ନିରାଶ ହୋଇପଡୁ, ଫଳରେ ମନରେ ତିକ୍ତତା ଓ ଅସନ୍ତୋଷ ମନୋଭାବ ସୃଷ୍ଟି ହୋଇଥାଏ । ଈଶ୍ୱରଙ୍କ ବାକ୍ୟ କହେ, **'ଯାହା ଯାହା ସତ୍ୟ, ଯାହା ଯାହା ଆଦରଣୀୟ, ଯାହା ଯାହା ଯଥାର୍ଥ, ଯାହା ଯାହା ବିଶୁଦ୍ଧ, ଯାହା ଯାହା ପ୍ରୀତିଭାଜନ, ଯାହା ଯାହା ସୁଖ୍ୟାତିଯୁକ୍ତ, ଯେକୌଣସି ସଦଗୁଣ ଓ ପ୍ରଶଂସାର ବିଷୟ ଥାଏ, ସେହି ସମସ୍ତ ବିଷୟ ଚିନ୍ତା କର' (ଫିଲିପ୍‌ପୀ ୪:୮) ।**

## ଦୈନନ୍ଦିନ ଜୀବନର କ୍ରୁଶ

ଜାପାନକୁ ମିଶନେରୀ ଭାବରେ ଯିବା ନିମନ୍ତେ **ଏମି.କାର୍.ମାଇକେଲ୍**ଙ୍କର ହୃଦୟରେ ପ୍ରବଳ ଇଚ୍ଛା ଥିଲା, ମାତ୍ର ଅସୁସ୍ଥତା ହେତୁ ସେ ଅଧିକ ସମୟ ସେଠାରେ କାର୍ଯ୍ୟ କରି ପାରି ନ ଥିଲେ । ଭାରତକୁ ଆସି ବାଙ୍ଗାଲୋର ସହରରେ ତାଙ୍କର କାର୍ଯ୍ୟ ଆରମ୍ଭ କଲେ । ପୂର୍ବରୁ ଆସିଥିବା ମିଶନେରୀମାନଙ୍କ ମଧ୍ୟରୁ ଜଣେ ବୟସ୍କ ମହିଳା ଅତିମାତ୍ରାରେ ଆଧିପତ୍ୟ ବିସ୍ତାର ପୂର୍ବକ କାର୍ଯ୍ୟ ଏବଂ କଟୁ ବ୍ୟବହାର କରୁଥିବାରୁ ତାଙ୍କ ସହିତ କାର୍ଯ୍ୟ କରିବା ଏମିଙ୍କ ପକ୍ଷରେ କଷ୍ଟକର ହୋଇ ପଡ଼ିଲା । ଉକ୍ତ ମହିଳା ମିଶନେରୀ ଅନେକ ବିଷୟରେ ଅଭିଜ୍ଞ ଥିଲେ, ଏପରିକି ନୂତନ ଯୁବା ମିଶନେରୀମାନଙ୍କ ସହିତ କେଉଁ

ପ୍ରକାର ବ୍ୟବହାର କରିବା ଉଚିତ୍, ତାହା ମଧ୍ୟ ସେ ଭଲ ଭାବରେ ଜାଣିଥିଲେ । ମାତ୍ର ପୂର୍ବ ପରି ନୂତନ ମିଶନେରୀମାନଙ୍କୁ ଅଧିକ କାର୍ଯ୍ୟ କରିବାକୁ ସେ ବାଧ୍ୟ କରୁଥିଲେ । ଏମିଙ୍କ ପକ୍ଷରେ ତାହା ଗ୍ରହଣ କରିବା କଷ୍ଟକର ହୋଇପଡ଼ିଲା । ମନରେ ଅନେକ ଦୁଃଖ ଓ ଆଘାତ ପାଇଲେ । ଏପରିକି ସେହି ସ୍ଥାନ ଛାଡ଼ି ଚାଲି ଯିବା ନିମନ୍ତେ ସେ ଇଚ୍ଛା କଲେ । ନିଜ ଶଯ୍ୟାକୁ ଫେରି ଯାଇ ଈଶ୍ୱରଙ୍କ ନିକଟରେ କାନ୍ଦି କାନ୍ଦି ପ୍ରାର୍ଥନା କରିବା ଛଡ଼ା ତାଙ୍କର ଅନ୍ୟ ଉପାୟ ନ ଥିଲା । ପ୍ରଭୁ ପ୍ରାର୍ଥନା ଶୁଣିଲେ ଏବଂ ତାଙ୍କୁ କହିଲେ, 'ଏମି, ଏହି ସମସ୍ତ ପରିସ୍ଥିତି ମଧ୍ୟରେ ନିଜକୁ ବଳିଦାନ କରିବାର ସୁଯୋଗକୁ କାହିଁକି ଦେଖି ପାରୁ ନାହୁଁ?'

ଏହା କେତେ ବାସ୍ତବ ! ଏହି ମୁହୂର୍ତ୍ତରେ ଆପଣଙ୍କ ଜୀବନରେ ଯଦି କୌଣସି ବିଷୟ କ୍ଷତ ଦେଇଥାଏ, ହୋଇପାରେ ଖ୍ରୀଷ୍ଟଙ୍କ ସହିତ ମୃତ୍ୟୁଭୋଗ କରିବା ନିମନ୍ତେ ତାହା ଆପଣଙ୍କୁ ଆହ୍ୱାନ କରେ । ସେବାର ଆହ୍ୱାନରେ ଏକ ମୂଲ୍ୟ ନିହିତ ଅଛି । ସେଥିପାଇଁ ଯୀଶୁ କହିଲେ, **'ଯେ ମୋହର ଅନୁଗମନ କରିବ, ସେ ପ୍ରଥମେ ଆପଣାକୁ ଅସ୍ୱୀକାର କରୁ, ଆପଣାର କ୍ରୁଶ ବହନ କରି ମୋହର ଅନୁଗମନ କରୁ' (ମାର୍କ ୮:୩୪) ।**

**'ଯେ କେହି ଆପଣା କ୍ରୁଶବହନ କରି ମୋହର ଅନୁଗମନ ନ କରେ, ସେ ମୋହର ଶିଷ୍ୟ ହୋଇ ପାରେ ନାହିଁ' (ଲୂକ ୧୪:୨୭) ।**

**'ମୁଁ ଖ୍ରୀଷ୍ଟଙ୍କ ସହିତ କ୍ରୁଶରେ ହତ ହୋଇଅଛି, ମୁଁ ଆଉ ଜୀବିତ ନୁହେଁ, ମାତ୍ର ଖ୍ରୀଷ୍ଟ ମୋଠାରେ ଜୀବିତ ଅଛନ୍ତି, ପୁଣି ମୁଁ ଶରୀରରେ ଥାଇ ବର୍ତ୍ତମାନ ଯେଉଁ ଜୀବନ ଯାପନ କରୁଅଛି, ତାହା ବିଶ୍ୱାସରେ, ଅର୍ଥାତ୍ ଈଶ୍ୱରଙ୍କ ଯେଉଁ ପୁତ୍ର ମୋତେ ପ୍ରେମ କରି ମୋ ନିମନ୍ତେ ଆପଣାକୁ ଉତ୍ସର୍ଗ କଲେ, ତାହାଙ୍କଠାରେ ବିଶ୍ୱାସ କରି ଯାପନ କରୁଅଛି' (ଗାଲାତୀୟ ୨:୨୦) ।**

**'କିନ୍ତୁ ଆମ୍ଭମାନଙ୍କ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କର କ୍ରୁଶ ବ୍ୟତୀତ ଆଉ କାହିଁରେ ଦର୍ପ କରିବା ମୋଠାରୁ ଦୂରେ ଥାଉ, ତାହାଙ୍କ ଦ୍ୱାରା ଜଗତ ମୋ ପ୍ରତି ଓ ମୁଁ ଜଗତ ପ୍ରତି କ୍ରୁଶରେ ହତ ହୋଇଅଛି' (ଗାଲାତୀ୬:୧୪) ।**

## ସମସ୍ୟାରୁ ଉଦ୍ଧାର

ଆମେ କେବେହେଲେ ଆପଣା ସମସ୍ୟାଠାରୁ ପଳାୟନ କରି ପାରିବା ନାହିଁ, ସବୁବେଳେ ତାହା ଆମ ସହିତରେ ରହିଥିବ କିଅବା କିଛି ସମୟ ପର୍ଯ୍ୟନ୍ତ ତାହାଠାରୁ ଆମେ ଦୂରକୁ ପଳାଇ ଯିବା ପାଇଁ ଚେଷ୍ଟା କରିବା, ମାତ୍ର ସମୟ କ୍ରମେ ତାହା ଆମକୁ ପୁନର୍ବାର ଧରିବ ।



ଅନେକ ବର୍ଷ ପୂର୍ବେ ଇଂଲଣ୍ଡରେ ବ୍ୟାପିଥିବା ଏକ ସଂକ୍ରାମକ ରୋଗରେ ଅନେକ ଲୋକଙ୍କର ପ୍ରାଣହାନୀ ଘଟିଲା । ଏପରିକି ମୃତ ଶରୀରଗୁଡ଼ିକୁ ବୋହି ନେବା ପାଇଁ ପ୍ରତ୍ୟେକ ସନ୍ଧ୍ୟାରେ ଗୋଟିଏ ବଡ଼ ଗାଡ଼ିର ବ୍ୟବସ୍ଥା କରା ଯାଇଥିଲା । ଏହି ପ୍ରକାର ଭୟଙ୍କର ପରିସ୍ଥିତିରୁ ରକ୍ଷା ପାଇବା ପାଇଁ ସେହି ଅଞ୍ଚଳର ଗୋଟିଏ ପରିବାର ଅନ୍ୟ ଏକ ନିରାପଦ ସ୍ଥାନକୁ ଚାଲିଯିବା ନିମନ୍ତେ ଆପଣା ସାମଗ୍ରୀ ସବୁ ବାନ୍ଧିବା ପାଇଁ ଆରମ୍ଭ କଲେ । ସେମାନେ ଅନ୍ୟ ସହରର ଏକ ନିରାପଦ ସ୍ଥାନରେ ପହଞ୍ଚିଲେ ସତ, ମାତ୍ର ସେମାନେ ଜାଣି ନ ଥିଲେ ଯେ ସେହି ସଂକ୍ରାମକ ରୋଗ ଜୀବାଣୁ ମଧ୍ୟ ଆପଣା ସହିତ ଓ ସେମାନଙ୍କର ସାମଗ୍ରୀ ସହିତ ନେଇକରି ଆସିଛନ୍ତି । ଫଳରେ ସେମାନେ ସଙ୍ଗରେ ଆଣିଥିବା ରୋଗ ସେହି ଅଞ୍ଚଳର ଅନେକଙ୍କୁ ଆକ୍ରମଣ କରିଥିଲା ଏବଂ ଅନେକେ ସେଠାରେ ମଧ୍ୟ ମୃତ୍ୟୁବରଣ କଲେ । ହଁ, ଆମେ ଆପଣା ସମସ୍ୟାରୁ କେବେହେଲେ ପଳାଇ ପାରିବା ନାହିଁ । ମାତ୍ର ଈଶ୍ୱର ଆମର ସମସ୍ତ ସମସ୍ୟାର ସମାଧାନକାରୀ । ଏହା ସତ୍ୟ , **ଯୀଶୁ କହିଲେ, 'ତୁମ୍ଭେମାନେ ଆପଣାର ସମସ୍ତ ଭାର ମୋ ଉପରେ ପକାଅ, ଫଳରେ ଆମ୍ଭେ ତୁମ୍ଭକୁ ସମ୍ଭାଳିବା'** ।

**'ହେ ପରିଶ୍ରାନ୍ତ ଭାରଗ୍ରସ୍ତ ଲୋକ ସମସ୍ତେ, ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି । ମୋହର ଯୁଆଳି ଆପଣା ଆପଣା ଉପରେ ଘେନ, ପୁଣି ମୋଠାରୁ ଶିଖ, କାରଣ ମୁଁ ମୃଦୁଶୀଳ ଓ ନମ୍ରଚିତ୍ତ, ଆଉ ତୁମ୍ଭେମାନେ ଆପଣା ଆପଣା ଆତ୍ମାରେ ବିଶ୍ରାମ ପାଇବ' (ମାଥିଉ ୧୧:୨୮-୨୯) ।**

## ଈଶ୍ୱରଙ୍କର ଆଶ୍ଚର୍ଯ୍ୟ ଯୋଜନା

ନର୍ସିଂ କଲେଜରେ ପଢୁଥିବା ସମୟରେ **ଜୁଲି** ହଠାତ୍ ପେଟରେ ଭୟଙ୍କର ଯନ୍ତ୍ରଣା ଅନୁଭବ କରିବା ଦ୍ୱାରା ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ । ଜୁଲିର ଶଯ୍ୟାର ଅପରପାଖ ଶଯ୍ୟାରେ ଜଣେ ମହିଳା ଚିକିତ୍ସାଧୀନ ଥାଆନ୍ତି । ମହିଳାଜଣକ ସାକ୍ଷ୍ୟ ଦେଇ କହନ୍ତି, 'ଅନ୍ୟ କୌଣସି ପ୍ରକାରେ ହୁଏତ ମୁଁ ସେହି ଯୁବତୀ ନର୍ସ ସହିତ ସାକ୍ଷାତ କରି ପାରି ନ ଥାଆନ୍ତି । ସେହି ନର୍ସ ଝିଅଟି ମୋତେ ପ୍ରଭୁଙ୍କର ବାସ୍ତବ ପରିଚୟ ଦେଇଥିଲା । ସୁସ୍ଥତା ପାଇ ଫେରି ଆସିବା ପରେ ମୋ ବିଶ୍ୱାସ ଜୀବନର ମୋଡ଼ ସଂପୂର୍ଣ୍ଣ ଭାବରେ ବଦଳିଗଲା । ଅବହେଳିତ, ଦୁର୍ଦ୍ଦଶାଗ୍ରସ୍ତ, ସାନ ପିଲାମାନଙ୍କୁ ଶିକ୍ଷା ଦେବା ସଙ୍ଗେ ସଙ୍ଗେ ଯେଉଁ ସତ୍ୟତାର ପରିଚୟ ମୁଁ ପାଇଥିଲି, ଯୀଶୁଙ୍କର ଉକ୍ତ ସତ୍ୟତାକୁ ସେହି ପିଲାମାନଙ୍କ ନିକଟରେ ପ୍ରକାଶ କରିଥିଲି' ।

ଆମ୍ଭମାନଙ୍କ ଜୀବନରେ କୌଣସି ଘଟଣା ଆକସ୍ମିକ ନୁହେଁ - ସମସ୍ତ ଈଶ୍ୱରଙ୍କର ଉଚ୍ଚତର ଯୋଜନାର ଅନ୍ତର୍ଭୁକ୍ତ । ଏପରିକି ଦିନ ପ୍ରତିଦିନ ଯେଉଁମାନଙ୍କ ସଂସ୍ପର୍ଶରେ ଆମେ ଆସୁ, ସେମାନଙ୍କ ମାଧ୍ୟମରେ ଈଶ୍ୱର ଆମ୍ଭମାନଙ୍କ ଜୀବନକୁ ଗଠନ କରିଥାଆନ୍ତି, ଫଳରେ ଆମେ ଅନ୍ୟମାନଙ୍କର

ଆଶୀର୍ବାଦର କାରଣ ହୋଇପାରି ଥାଉ । ଈଶ୍ୱରଙ୍କ ବାକ୍ୟ କହେ,'**କାରଣ ସଦାପ୍ରଭୁ କହନ୍ତି, ତୁମ୍ଭମାନଙ୍କ ପକ୍ଷରେ ଆମ୍ଭେ ଯେ ସକଳ ସଂକଳ୍ପ କରିଅଛୁ, ତାହା ଆମ୍ଭେ ଜାଣୁ, ତୁମ୍ଭମାନଙ୍କର ଅନ୍ତିମ କାଳରେ ତୁମ୍ଭମାନଙ୍କୁ ଭରସା ଦେବା ନିମନ୍ତେ ସେ ସବୁ ଅମଙ୍ଗଳର ନୁହେଁ, ମାତ୍ର ମଙ୍ଗଳର ସଂକଳ୍ପ ଅଟେ' (ଯିରିମିୟ ୨୯:୧୧) ।**

## ଦୁଃଖର ପରିବର୍ତ୍ତେ ବିଜୟ

**ଲୁଦିଆ** ଅଳ୍ପ ବୟସରେ ଆପଣା ଦୃଷ୍ଟି ଶକ୍ତି ହରାଇ ବସି ଥିଲା । ଏଥି ସକାଶେ ସେ ଶୋକାଭିଭୂତ କିଅବା ବିରକ୍ତିର ସହ ଗୃହରେ ନିଷ୍କ୍ରିୟ ହୋଇ ବସି ରହି ନ ଥିଲା । ନିଜର ଜୀବିକା ନିର୍ବାହ ନିମନ୍ତେ ସେ ବାହାରକୁ ଯାଇ ଯଥାସାଧ୍ୟ କାର୍ଯ୍ୟ କରୁଥିଲା । ସେହି ସମୟରେ ହଠାତ୍ ଆଗ୍ନେୟଗିରିର ଆକ୍ରମଣରେ ସେହି ସହରରେ ଅନେକ ଧନ, ଜୀବନ ନଷ୍ଟ ହୋଇ ଯାଇଥିଲା । ସମଗ୍ର ସହର ଅନ୍ଧକାରମୟ, ରକ୍ଷାପ୍ରାପ୍ତ ବ୍ୟକ୍ତିମାନେ ଅନ୍ଧକାର ମଧ୍ୟରେ ନିରୁପାୟ ଅବସ୍ଥାରେ ଏଣେ ତେଣେ ଧାଉଁ ଥାଆନ୍ତି । ମାତ୍ର ଲୁଦିଆ ଅନ୍ଧକାରରେ ହଜି ଯାଇ ନ ଥିଲା । ଦୃଷ୍ଟିହୀନତା ସତ୍ତ୍ୱେ ତା'ର ସ୍ପର୍ଶ ଓ ଶ୍ରବଣ ଶକ୍ତିଦ୍ୱାରା ସେ ରାସ୍ତାଗୁଡ଼କ ବିଷୟରେ ଜାଣିଥିଲା । ସେଥିପାଇଁ ଅନୁସନ୍ଧାନ କରି କରି ତା'ର ପ୍ରିୟ ଲୋକମାନଙ୍କୁ ଉଦ୍ଧାର କରିବାକୁ ସେ ଆଗେଇ ଗଲା । ଫଳରେ ସେ ଅନେକଙ୍କୁ ସେମାନଙ୍କର ଭୟଙ୍କର ଦୁର୍ଦ୍ଦଶାରୁ ଉଦ୍ଧାର କରି ପାରିଥିଲା ।

ଜୀବନର ବିଫଳତା, ଶାରୀରିକ ଅକ୍ଷମତା ଅବା ଅନ୍ୟ କୌଣସି ପ୍ରତିକୂଳ ପରିସ୍ଥିତି ଆମ ଜୀବନରେ ଈଶ୍ୱରଙ୍କର ଉଚ୍ଚତର ଯୋଜନାକୁ କେବେହେଲେ ବ୍ୟର୍ଥ କରି ନ ପାରେ । ଜୀବନର ସବୁ ପ୍ରକାର ପରିସ୍ଥିତି ମଧ୍ୟରେ ସେ କାର୍ଯ୍ୟରତ ଈଶ୍ୱର ! ବିଫଳତାକୁ ବିଜୟରେ ପରିଣତ କରିବାର ଈଶ୍ୱର ସେ ହିଁ ଅଟନ୍ତି ! ଯେଉଁ ସ୍ଥାନରେ କ୍ଷତ ନାହିଁ, ସେଠାରେ ଆନନ୍ଦ ନାହିଁ ! କ୍ରୁଶ ବିନା ମୁକୁଟ ଅସମ୍ଭବ ! ସେହି ଉଦ୍ଦେଶ୍ୟରେ ଯୀଶୁ ଏହି ଜଗତକୁ ଆସିଥିଲେ । ସେଥିପାଇଁ ଯିଶାଇୟଙ୍କ ମୁଖ ଦେଇ ଈଶ୍ୱର କହନ୍ତି,'**ସିୟୋନର ଶୋକାର୍ତ୍ତ ଲୋକମାନଙ୍କ ପାଇଁ ନିରୂପଣ କରିବାକୁ ଅର୍ଥାତ୍ ଭସ୍ମର ପରିବର୍ତ୍ତେ ଭୂଷଣ, ଦୁଃଖର ପରିବର୍ତ୍ତେ ସୁଖରୂପ ତୈଳ, ଅବସନ୍ନ ଆତ୍ମାର ପରିବର୍ତ୍ତେ ପ୍ରଶଂସାରୂପ ବସ୍ତ୍ରପ୍ରଦାନ କରିବାକୁ ସେ ମୋତେ ପ୍ରେରଣ କରିଅଛନ୍ତି, ତହିଁରେ ସଦାପ୍ରଭୁ ଯେପରି ଗୌରବାନ୍ୱିତ ହେବେ, ଏଥିପାଇଁ ସେମାନେ ଧର୍ମରୂପ ବୃକ୍ଷ ଓ ତାହାଙ୍କର ଉଦ୍ୟାନ ବୋଲି ବିଖ୍ୟାତ ହେବେ' (ଯିଶାଇୟ ୬୧:୩) ।**

## ପିତାମାତାଙ୍କୁ ସମାଦର

୧୭୨୭ ମସୀହାର ଏକ ସତ୍ୟ ଘଟଣା – ଲଣ୍ଡନ ସହରର ଏକ ଛୋଟ ବହି ଦୋକାନ । ଅତ୍ୟଧିକ କାଶ ଓ କଫ ସତ୍ତ୍ୱେ ଜଣେ ବୃଦ୍ଧ ବ୍ୟକ୍ତି ବଜାରରେ ବିକ୍ରୟ କରିବା ନିମନ୍ତେ ବହିଗୁଡ଼ିକୁ



ସଜାଡ଼ି ରଖୁ ଥାଆନ୍ତି । ସେଦିନ ତାଙ୍କର ୧୮ ବର୍ଷର ପୁଅକୁ ବହିଗୁଡ଼ିକ ବିକ୍ରୀ ନିମନ୍ତେ ବଜାରକୁ ନେବା ପାଇଁ କହିଲେ, ମାତ୍ର ପୁଅଟି କାହାଣୀ ବହି ପଢ଼ିବାରେ ଏପରି ମଜ୍ଜି ଯାଇଥିଲା ଯେ ବାପାଙ୍କର କଥାକୁ ନ ଶୁଣିଲା ପରି ନୀରବ ରହିଲା । ଜିନିଷ ବୋହିବା ଗାଡ଼ି ଆସି ପହଞ୍ଚିଲା – ପ୍ରବଳ ବର୍ଷା ସତ୍ତ୍ୱେ ବାପା ତାଙ୍କର ବାନ୍ଧା ହୋଇଥିବା ବହିଗୁଡ଼ିକୁ ଦୀର୍ଘ ୨୦ ମାଇଲ୍ ଦୂରରେ ଥିବା ବଜାରକୁ ଅତି କଷ୍ଟରେ ନେଇକରି ଗଲେ ।

ପଚାଶ ବର୍ଷ ପରେ ଜଣେ ବୟସ୍କ ବ୍ୟକ୍ତି ଉକ୍ତ ବଜାରସ୍ଥିତ ଦୋକାନରେ ଭୟଙ୍କର ବର୍ଷା ମଧ୍ୟରେ ଦୀର୍ଘ ସମୟ ଠିଆ ହୋଇଥାନ୍ତି । ଯେତେ ବେଳେ ଝଡ଼ ଓ ବର୍ଷାର ପ୍ରଭାବ କମିବାକୁ ଲାଗିଲା, ନିକଟରେ ଥିବା ଏକ ଆଶ୍ରୟସ୍ଥଳରେ କିଛି ସମୟ ଠିଆ ହୋଇ ପରେ ଘରକୁ ଫେରିଲେ । ଠିଆ ହୋଇଥିବା ସମୟରେ ସେ ମୁଣ୍ଡ ନୁଆଇଁ କାନ୍ଦିବାକୁ ଲାଗିଲେ । ସେହି ବ୍ୟକ୍ତିଜଣକ ଥିଲେ, ସୁପ୍ରସିଦ୍ଧ ସାହିତଜ୍ଞ ଶାମୁୟେଲ୍ ଜନ୍‌ସନ୍ । ଅନେକ ବର୍ଷ ପୂର୍ବେ ତାଙ୍କ ବାପାଙ୍କର ଆଦେଶକୁ ଅମାନ୍ୟ କରିବାର ଘଟଣାକୁ ମନେ ପକାଇ ସେ ତାଙ୍କ ହୃଦୟରେ ଗଭୀର ଯନ୍ତ୍ରଣା ଅନୁଭବ କରିଥିଲେ ।

ଆପଣା ପିତାମାତାଙ୍କୁ ସମାଦର କରିବା ଏକ ଦାୟିତ୍ୱଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ । ଏହା ଏକ ମହାନ୍ ସୁଯୋଗ । ପିତାମାତାଙ୍କ ପ୍ରତି ଯଥୋଚିତ ପ୍ରେମ ଓ ସମ୍ମାନ ପ୍ରଦର୍ଶନ କରିବାର ସୁଯୋଗକୁ ହରାଇବା, ପରବର୍ତ୍ତୀ ଜୀବନରେ ଗଭୀର ଅନୁଶୋଚନା ଆଣିଥାଏ । ଆଜି ଅନେକ ପିତାମାତା ଅବହେଳିତ ଓ ଏକାକୀ । ଧନ୍ୟ ସେହି ପୁଅ ଓ ଝିଅମାନେ, ଯେଉଁମାନେ ଆପଣା ପିତାମାତାଙ୍କୁ ଉପଯୁକ୍ତ ସମ୍ମାନ ଓ ସମାଦର କରି ଶେଷ ପର୍ଯ୍ୟନ୍ତ ସେମାନଙ୍କର ସମସ୍ତ ପ୍ରକାର ଯତ୍ନ ନେଇଥାଆନ୍ତି । ଈଶ୍ୱରଙ୍କ ଆଶୀର୍ବାଦ ସେମାନଙ୍କର ପଶ୍ଚାତଗାମୀ ହୋଇଥାଏ । ପାଉଲ ଉପଦେଶ ଦେଇ କହନ୍ତି, **'ହେ ପିଲାମାନେ, ସମସ୍ତ ବିଷୟରେ ପିତାମାତାଙ୍କର ଆଜ୍ଞାବହ ହୁଅ, କାରଣ ଏହା ପ୍ରଭୁଙ୍କ ସହଭାଗୀତାରେ ସନ୍ତୋଷଜନକ ବ୍ୟବହାର' (କଲସୀ ୩:୨୦) ।**

**'ହେ ପିଲାମାନେ, ପ୍ରଭୁଙ୍କ ସକାଶେ ଆପଣା ଆପଣା ପିତାମାତାଙ୍କର ବଶୀଭୂତ ହୁଅ, କାରଣ ତାହା ଯଥାର୍ଥ । ଆପଣା ପିତାମାତାଙ୍କୁ ସମାଦର କର , ଯେପରି ତୁମର ମଙ୍ଗଳ ହେବ, ଆଉ ତୁମ୍ଭେ ପୃଥିବୀରେ ଦୀର୍ଘାୟୁ ହେବ' (ଏଫିସୀ ୬:୧-୩) ।**

## ପାପ ସ୍ୱୀକାର

ଥରେ ଜଣେ ଯୁବରାଜ ନିଜ ଜମିର ଏକ ପୃଥକୀକୃତ ସ୍ଥାନରେ ତାଙ୍କର ପ୍ରିୟ ବତକମାନଙ୍କ ନିମନ୍ତେ କୋଠରୀଟିଏ ନିର୍ମାଣ କରିଥିଲେ । କିଛି ଦିନ ପରେ ତାଙ୍କର ପାଳିତ ପୁଅକୁ ଏକ ଛୋଟ

ବନ୍ଧୁକଟିଏ ଉପହାର ଦେଇ କହିଲେ, 'ଦେଖ୍ ପୁଅ, ତୁ ଅନ୍ୟ ସବୁଆଡ଼େ ବନ୍ଧୁକ ମାରି ପାରୁ, ମାତ୍ର ଏହି ବତକମାନଙ୍କଠାରୁ ଦୂରରେ ରହିବୁ, ଯେପରି ଦୁର୍ଘଟଣାବଶତଃ କୌଣସି ବତକକୁ ତୁ ମାରି ନ ଦେଉ' । ଏହା କହି ସେ ଚାଲିଗଲେ । ପିଲାଳିଆ ଭାବରେ, ପୁଅକୁ ଯାହା ନ କରିବାକୁ କୁହା ଯାଇଥିଲା, ତାହାହିଁ ସେ କରିଥିଲା, ଫଳରେ ଗୋଟିଏ ଅତି ପ୍ରିୟ ବତକଟିକୁ ସେ ବନ୍ଧୁକରେ ମାରିଦେଲା । ଗୃହର ଚାକର ଏହି ଘଟଣା ଦେଖିଥିଲା । କାଠ ବୋହିବା ନିମନ୍ତେ ସମୟ ଉପସ୍ଥିତ ହେଲା, ତେଣୁ ଚାକରଟି ପୁଅକୁ କିଛି କାଠ ବୋହିକରି ଆଣିବା ନିମନ୍ତେ ନିର୍ଦ୍ଦେଶ ଦେଲା । ପୁଅଟି ଯେତେବେଳେ ଅସମ୍ମତ ହେଲା, ଚାକର କହିଲା, 'ଦେଖ, ଯୁବରାଜ୍ଙ୍କୁ ମୁଁ ତୋର କାର୍ଯ୍ୟ ବିଷୟରେ କହିଦେବି' । ସେଥିରେ ପୁଅଟି ଭୟଭୀତ ହୋଇ କାଠ ବୋହି କରି ଆଣିଲା । ସେହି ପ୍ରକାରେ ଚାକରଟି ପୁଅଟିକୁ ପାଣି ବୋହିବା ନିମନ୍ତେ ନିର୍ଦ୍ଦେଶ ଦେବାରୁ ସେ ପାଣି ମଧ୍ୟ ବୋହି କରି ଆଣିଲା । ସମୟ କ୍ରମେ ଅଧିକ କାଠ, ଅଧିକ ପାଣି ପୁଅକୁ ବୋହିବାକୁ ପଡ଼ିଲା । ମାଲିକ ଆସିବା ପୂର୍ବରୁ ଚାକର ସେ ପୁଅଟି ସାହାଯ୍ୟରେ ଗୃହର ସମସ୍ତ କାର୍ଯ୍ୟ କରାଇ ଶେଷ କରିଥାଏ । ଦିନେ ଏ ସବୁର ସମାପ୍ତି ଘଟିଲା । ପୁଅଟି ଚାକରର ଧମକରେ ଓ କାର୍ଯ୍ୟର ଭାରରେ ଅତିଷ୍ଠ ହୋଇ ପଡ଼ିଲା ଏବଂ ସ୍ଥିର କଲା, ସେ ଯୁବରାଜଙ୍କ ପାଖକୁ ଯିବ ଓ ତା'ର ଦୋଷ ସ୍ୱୀକାର କରି ସେହି କ୍ଳାନ୍ତିଜନକ କାର୍ଯ୍ୟରୁ ମୁକ୍ତି ପାଇବ । ତା'ପରଦିନ ପୁଅଟି ଠିକ୍ ତାହା ହିଁ କଲା । ପୁନର୍ବାର ଯେତେବେଳେ ଚାକରଟି ତାକୁ କାଠ ଓ ପାଣି ବୋହିବାକୁ ନିର୍ଦ୍ଦେଶ ଦେଲା, ସେଥିରେ ସେ କହିଲା, 'ଆଜିଠାରୁ ମୁଁ ତାହା ଆଉ କରିବି ନାହିଁ, କାରଣ ପିତାଙ୍କ ନିକଟରେ ମୋର ଦୋଷ ସ୍ୱୀକାର କରି ତାଙ୍କଠାରୁ କ୍ଷମା ପାଇ ସାରିଛି' ।

ଯୀଶୁ ହିଁ କେବଳ ଆମ ପାପ କ୍ଷମା କରିବାକୁ ସମର୍ଥ । ଯଦି ଏପର୍ଯ୍ୟନ୍ତ ଆମେ ଆପଣାର ପାପ ସ୍ୱୀକାର କରି ନାହୁଁ, ତେବେ ଆଜି ହିଁ ହେଉଛି ସେହି ଉପଯୁକ୍ତ ସମୟ । **'ଯେ ଆପଣା ପାପ ଆଚ୍ଛାଦନ କରେ, ସେ ଦୟା ପାଇବ ନାହିଁ, ମାତ୍ର ଯେ ସ୍ୱୀକାର କରି ଛାଡ଼ଇ , ସେ କ୍ଷମା ପାଇବ' ( ହିତୋପଦେଶ ୨୮:୧୩) ।** ପୁନର୍ବାର ଯୋହନ ଲେଖନ୍ତି, **'ଯଦି ଆମ୍ଭେମାନେ ଆପଣା ଆପଣା ପାପ ସ୍ୱୀକାର କରୁ, ତେବେ ସେ ଆମ୍ଭମାନଙ୍କ ପାପ କ୍ଷମା କରିବାକୁ ଓ ସମସ୍ତ ଅଧର୍ମରୁ ଆମ୍ଭମାନଙ୍କୁ ପରିଷ୍କାର କରିବାକୁ ବିଶ୍ୱସ୍ତ ଓ ନ୍ୟାୟବାନ୍ ଅଟନ୍ତି'(୧ମ ଯୋହନ ୧:୯) ।**

## ଯେପରି ମୁଁ ଭୁଲି ନ ଯାଏ

ଥରେ **ଉଇଲିୟମ୍ ନରିଶ୍** ଗୋଟିଏ ସହରର ଏକ ପୁରାତନ ସ୍ଥାନକୁ ପରିଦର୍ଶନ କରିବାକୁ ଯାଇଥିଲେ । ଏହି ସମୟରେ ଜଣେ ବ୍ୟକ୍ତିଙ୍କୁ ଏକାକୀ ଗୋଟିଏ ଭଗ୍ନ ଅଟ୍ଟାଳିକା ଆଡ଼େ ଏକ ଦୃଷ୍ଟିରେ ଚାହିଁ ରହି ଠିଆ ହୋଇଥିବାର ଦେଖିଲେ । ଅତି ଶୀଘ୍ର ଅଟ୍ଟାଳିକାକୁ ଭାଙ୍ଗି ଦେବା ନିମନ୍ତେ ସବୁ ପ୍ରକାର



କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା । ନରୀଶ୍ ଜାଣି ପାରିଥିଲେ ଯେ ସେହି ବ୍ୟକ୍ତିଜଣକ ନିଶ୍ଚିତ ଭାବରେ ଜଣେ ଧନୀ ବ୍ୟକ୍ତି, ଯେ କି ଅନ୍ୟମାନଙ୍କୁ ସାହାଯ୍ୟ କରିବାରେ ଆପଣା ଜୀବନକୁ ଅତିବାହିତ କରି ଆସିଛନ୍ତି । ତହିଁରେ ସେ ଭଦ୍ର ବ୍ୟକ୍ତିଙ୍କ ନିକଟକୁ ଆସି, ସେହି ସ୍ଥାନରେ ଏହିପରି ଏକ ଦୃଷ୍ଟିରେ ଠିଆ ହୋଇ ରହିବାର ଉଦ୍ଦେଶ୍ୟ ବିଷୟରେ ତାଙ୍କୁ ପଚାରିଲେ । ଉତ୍ତରରେ ଭଦ୍ର ବ୍ୟକ୍ତି କହିଲେ, 'ପ୍ରତ୍ୟେକ ବର୍ଷ ମୁଁ ଏହି ସ୍ଥାନକୁ ଆସେ । ୫୦ ବର୍ଷ ପୂର୍ବେ ମୁଁ ଏହି ସ୍ଥାନରେ ଗୋଟିଏ ସାନ ପିଲା ଅବସ୍ଥାରେ ଠିଆ ହୋଇଥିଲି । ସେତେବେଳକୁ ମୋର ବୟସ ନଅ ବର୍ଷ ଥିଲା । ମୋର ସାନ ଭଉଣୀ ମୋର ଗୋଟିଏ ହାତ ଓ ମୋର ସାନ ଭାଇ ଅନ୍ୟ ହାତକୁ ଜାବୁଡ଼ି ଧରିଥାଆନ୍ତି । ମୋର ବାପା କିଏ, ତାହା ମୁଁ ଜାଣେ ନାହିଁ କିଅବା ମାଆ ମଧ୍ୟ ମୋର ସ୍ମରଣରେ ଆସୁ ନାହାନ୍ତି । ଜଗତ ସମ୍ମୁଖରେ ଆମକୁ ଏହି ସ୍ଥାନରେ ଏକାକୀ ଛାଡ଼ି ଦିଆ ଯାଇଥିଲା । ଏହି ଦ୍ୱାର ନିକଟରେ ଠିଆ ହୋଇ କେବଳ ଈଶ୍ୱରଙ୍କ ବିଷୟରେ କେତୋଟି ଶବ୍ଦ ମୁଁ ଉଚ୍ଚାରଣ କରିଥିଲି, 'ହେ ଆମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା' । ଭାଇ ନରିଶ୍ , ତୁମେ ଜାଣ ଆଜି ମୋର ଅବସ୍ଥା କ'ଣ? ମୋର ପ୍ରାର୍ଥନା ଯଦ୍ୟପି ସେ ଦିନ ଯଥେଷ୍ଟ ନ ଥିଲା, ତଥାପି ମୁଁ ତା'ର ଉତ୍ତର ପାଇ ସାରିଛି । ଯେପର୍ଯ୍ୟନ୍ତ ଏହି ଅଟ୍ଟାଳିକା ସଂପୂର୍ଣ୍ଣ ଭାବରେ ଭୂମିଶାୟୀ ନ ହୋଇଛି, ସେପର୍ଯ୍ୟନ୍ତ ମୁଁ ଏହି ସ୍ଥାନକୁ ପ୍ରତ୍ୟେକ ବର୍ଷ ଆସୁଥିବି, ଯେପରି ମୋ ଜୀବନରେ ଈଶ୍ୱରଙ୍କର ଅସୀମ ପ୍ରେମ ଓ ଉତ୍ତମତାକୁ ଭୁଲି ନ ଯାଏ' ।

ଆଜି ଆମ ବିଷୟରେ କଅଣ? ଯେଉଁ ଅବସ୍ଥାରେ ବର୍ତ୍ତମାନ ଆମେ ଅଛୁ, ତାହା କେବଳ ଈଶ୍ୱରଙ୍କ ଅନୁଗ୍ରହ ଓ ଦୟା ହେତୁ ନୁହେଁ କି? ଗର୍ବ କରିବାର କୌଣସି କାରଣ ନାହିଁ । କୃତଜ୍ଞ ହୃଦୟରେ, ଭୟରେ ପୁଣି କଂପରେ ଈଶ୍ୱରଙ୍କ ସହିତ ଚାଲିବା ଓ ଅନ୍ୟମାନଙ୍କ ସାହାଯ୍ୟ ନିମନ୍ତେ ଜୀବନ କାଟିବା, ଏହାହିଁ ସେ ଆମ ଜୀବନରୁ ଆଶା କରନ୍ତି । ଦାଉଦ କହନ୍ତି,' **ହେ ମୋହର ମନ , ସଦାପ୍ରଭୁଙ୍କର ଧନ୍ୟବାଦ କର ଓ ତାହାଙ୍କର ମଙ୍ଗଳ ଦାନ ସବୁ ପାସୋର ନାହିଁ' (ଗୀତ ୧୦୩:୨ ) ।**

## ଅନୁଶୋଚନା ନାହିଁ

'ବୋର୍ଡନ୍ ପଶୁପାଳନ କେନ୍ଦ୍ର' ର ମାଲିକ **ଉଇଲିୟମ୍ ବୋର୍ଡନ୍** ୧୯୦୪ ମସୀହାରେ ଚିକାଗୋ ବିଶ୍ୱ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇ ଜଣେ ଧନଶାଳୀ ବ୍ୟକ୍ତି ଭାବରେ ସୁପରିଚିତ ଥିଲେ । ତାଙ୍କର ପିତାମାତା ତାଙ୍କୁ ପୃଥିବୀର ସବୁ ଦେଶ ପରିଭ୍ରମଣ କରିବାର ସୁଯୋଗ ଦେଇଥିଲେ । ଏସିଆ, ମଧ୍ୟ-ପ୍ରାଚ୍ୟ ଏବଂ ଇଉରୋପ ଦେଶ ପରିଭ୍ରମଣ କଲାବେଳେ ଦୀନହୀନ, ଅଭାବଗ୍ରସ୍ତ ଲୋକମାନଙ୍କର ଦୁରାବସ୍ଥା ପ୍ରତି ସେ ବିଶେଷ ଭାରଗ୍ରସ୍ତ ହୋଇ ପଡ଼ିଥିଲେ । ପରିବାରକୁ ଚିଠି ଲେଖି ସେ ଜଣାଇଥିଲେ,'ମୁଁ ମୋର ଜୀବନକୁ ସୁସମାଚାରବିହୀନ ଅଞ୍ଚଳ ଗୁଡିକ ନିମନ୍ତେ ବିନିଯୋଗ କରିବି' ।

ତାଙ୍କର ଏହି ସିଦ୍ଧାନ୍ତକୁ ବାଇବଲର ପଶ୍ଚାତ୍ ଭାଗରେ ଦୁଇଟି ଶବ୍ଦରେ ସେ ଲେଖିଥିଲେ, ତାହା ହେଉଛି, 'ସଞ୍ଚୟ ନାହିଁ' । 'ୟେଲ୍' ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେବା ପରେ ଏକ ଉଚ୍ଚପଦସ୍ଥ କାର୍ଯ୍ୟ ସହିତ ଅର୍ଥଲାଭକୁ ପଛରେ ପକାଇ ସେ ଆଉ ଦୁଇଟି ଶବ୍ଦ ଲେଖିଲେ, 'ପଛଘୁଞ୍ଚା ନାହିଁ' । ପ୍ରିନ୍ସଟନ ବାଇବଲ ସେମିନାରୀରୁ ଶିକ୍ଷା ସମାପ୍ତ ପରେ ମୁସଲମାନମାନଙ୍କ ମଧ୍ୟରେ ସୁସମାଚାର ପ୍ରଚାର କରିବା ପାଇଁ ସେ ଚୀନ୍ ଦେଶ ଅଭିମୁଖେ ଯାତ୍ରା କରିଥିଲେ । କେତେକ ପ୍ରସ୍ତୁତି ନିମନ୍ତେ ସେ ଅଳ୍ପ ସମୟ ଇଜିପ୍ଟରେ ଅବସ୍ଥାନ କରିଥିଲେ । ସେଠାରେ ଅବସ୍ଥାନ କରିବା ସମୟରେ ସେ ମସ୍ତିଷ୍କ ଜ୍ୱରରେ ଆକ୍ରାନ୍ତ ହୋଇ ଏକ ମାସ ମଧ୍ୟରେ ମୃତ୍ୟୁବରଣ କଲେ । ଏହା ଏକ 'ବ୍ୟର୍ଥତାର ଜୀବନ' ବୋଲି ଆମେ କହିପାରୁ, ମାତ୍ର ଈଶ୍ୱରଙ୍କର ଅନନ୍ତକାଳୀନ ଯୋଜନାରେ ତାହା ସତ୍ୟ ନୁହେଁ । ବାଇବଲର ପଶ୍ଚାତ୍ ଭାଗରେ ଉକ୍ତ ଚାରୋଟି ଶବ୍ଦ 'ସଞ୍ଚୟ ନାହିଁ', 'ପଛଘୁଞ୍ଚା ନାହିଁ' ସହିତ ଆଉ ଦୁଇଟି ଶବ୍ଦ ସେ ଲେଖିଥିଲେ, 'ଅନୁଶୋଚନା ନାହିଁ'?

ଜୀବନରେ କେତେ ଦୀର୍ଘ ବର୍ଷ ବଞ୍ଚୁ, ତାହା ଯଥେଷ୍ଟ ନୁହେଁ, ମାତ୍ର ଉଦ୍ଦେଶ୍ୟପୂର୍ଣ୍ଣ ଜୀବନ ହିଁ ସାର । ଆମ୍ଭମାନଙ୍କ ହସ୍ତରେ କେବଳ ଗୋଟିଏ ଜୀବନ ସମର୍ପିତ, ତାହା ବହୁମୂଲ୍ୟ, ଏହା ଦିନେ ଶୀଘ୍ର ଶେଷ ହୋଇଯିବ, ମାତ୍ର ଯାହା ଖ୍ରୀଷ୍ଟଙ୍କ ନିମନ୍ତେ ବିନିଯୋଗ ହୋଇଥିବ, ତାହାହିଁ ଚିରସ୍ଥାୟୀ ରହିବ । ଯୀଶୁଙ୍କ ଜୀବନରେ ତାହା ବାସ୍ତବ ଥିଲା । ତାହାଙ୍କର ସାଢ଼େ ତେତିଶ୍ ବର୍ଷର ସୀମିତ ଜୀବନକୁ ସେ ପିତାଙ୍କ ଇଚ୍ଛା ସଫଳ କରିବା ନିମନ୍ତେ ଏକନିଷ୍ଠ ଥିଲେ । ଏହା ମଧ୍ୟ ପାଉଲଙ୍କ ଜୀବନର ଲକ୍ଷ୍ୟ ଥିଲା । ସେ ଲେଖନ୍ତି, **'ମୋ ପକ୍ଷରେ ଜୀବନଧାରଣ ଖ୍ରୀଷ୍ଟ, ପୁଣି ମୃତ୍ୟୁ ଲାଭଜନକ' (ଫିଲିପ୍ପୀ ୧:୨୧) ।**

**'କାରଣ ଆମ୍ଭମାନଙ୍କ ମଧ୍ୟରୁ କେହି ଆପଣା ଉଦ୍ଦେଶ୍ୟରେ ବଞ୍ଚେ ନାହିଁ ଏବଂ ଆପଣା ଉଦ୍ଦେଶ୍ୟରେ ମରେ ନାହିଁ । ଯେଣୁ, ଯଦି ଆମ୍ଭେମାନେ ବଞ୍ଚୁ, ତେବେ ପ୍ରଭୁଙ୍କ ଉଦ୍ଦେଶ୍ୟରେ ବଞ୍ଚୁ, କିମ୍ବା ଯଦି ମରୁ, ତେବେ ପ୍ରଭୁଙ୍କ ଉଦ୍ଦେଶ୍ୟରେ ମରୁ । ଅତଏବ, ଯଦି ଆମ୍ଭେମାନେ ବଞ୍ଚୁ କିମ୍ବା ମରୁ, ଆମ୍ଭେମାନେ ପ୍ରଭୁଙ୍କର ଅଟୁ' (ରୋମୀ ୧୪:୭-୮) ।**

**'ଆଉ ସେ ସମସ୍ତଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ, ଯେପରି ଯେଉଁମାନେ ଜୀବିତ, ସେମାନେ ଆଉ ଆପଣା ଆପଣା ନିମନ୍ତେ ଜୀବନ ଯାପନ ନ କରି ବରଂ ଯେ ସେମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ ଓ ଉତ୍ଥିତ ହେଲେ, ତାହାଙ୍କ ନିମନ୍ତେ ଜୀବନ ଯାପନ କରନ୍ତି'(୨ୟ କରନ୍ଥୀ ୫:୧୫) ।**



## ପରବର୍ତ୍ତୀ ସମୟରେ

ଏବ୍ରୀୟମାନଙ୍କର କିମ୍ବଦନ୍ତୀରେ ଲେଖାଯାଏ, ଥରେ ଜଣେ ଧର୍ମଗୁରୁ ନିଜର ଗଧ ଉପରେ ଚଢ଼ି ଏକ ଜଙ୍ଗଲ ରାସ୍ତାରେ ଯାଉଥିଲେ । ସହଯାତ୍ରୀ ଭାବରେ ଗୋଟିଏ ଗଞ୍ଜା ତାଙ୍କ ପାଖରେ ଥିଲା । ସକାଳ ପାହିଲେ ଗଞ୍ଜାଟି ଯେତେବେଳେ ଡାକେ, ସେତେବେଳେ ଧର୍ମଗୁରୁ ଉଠି ତାଙ୍କର ଧର୍ମଶାସ୍ତ୍ର ପାଠ କରନ୍ତି । ଥରେ ରାତି ହୋଇ ଆସୁଥିବାରୁ ଗୋଟିଏ ଗ୍ରାମରେ ସେ ଆଶ୍ରୟ ନେବା ନିମନ୍ତେ ସ୍ଥିର କଲେ । ମାତ୍ର ଗ୍ରାମବାସୀମାନେ ତାଙ୍କୁ ଅପରିଚିତ ମନେ କରି ଆଶ୍ରୟ ଦେବା ନିମନ୍ତେ ରାଜି ହେଲେ ନାହିଁ । ଫଳରେ ଗ୍ରାମ ବାହାରେ ସେ ଗୋଟିଏ ଗୁମ୍ଫା ପାଇ ସେଠାରେ ରାତିଟି କ୍ଷେପଣ କଲେ । ଶୋଇବା ପୂର୍ବରୁ ସେ ତାଙ୍କର ଛୋଟ ଦୀପଟିକୁ ଜଳାଇ ରଖିଲେ । ରାତିରେ ଭୀଷଣ ପବନ ହେତୁ ବତୀଟି ଲିଭିଗଲା, ଗୋଟିଏ ବିଲୁଆ ଆସି ଗଞ୍ଜାଟିକୁ ନେଇଗଲା ଏବଂ ଗୋଟିଏ ହେଟାବାଘ ଆସି ଗଧଟିକୁ ମାରି ଦେଲା । ସକାଳେ ଧର୍ମଗୁରୁ ଉଠି ଏ ସମସ୍ତ ଘଟଣା ଦେଖି ବିଶେଷ ମର୍ମାହତ ହେଲେ । କିଛି ଖାଦ୍ୟ କିଣିବା ପାଇଁ ଗ୍ରାମ ଭିତରକୁ ଗଲେ, ମାତ୍ର ଆଶ୍ଚର୍ଯ୍ୟର ବିଷୟ ସେ କୌଣସି ବ୍ୟକ୍ତିକୁ ଜୀବିତାବସ୍ଥାରେ ଦେଖି ପାରି ନ ଥିଲେ । ରାତି ମଧ୍ୟରେ ଦଳେ ଡକାୟତ ଗ୍ରାମରେ ପ୍ରବେଶ କରି ସମସ୍ତ ଧନ, ସଂପତ୍ତି ଲୁଣ୍ଠନ କରି, ସମସ୍ତଙ୍କୁ ହତ୍ୟା କରି ଚାଲି ଯାଇଥିଲେ । ଏ ସମସ୍ତ ଦେଖି ଧର୍ମଗୁରୁ ମନେ ମନେ କହିଲେ, 'ବର୍ତ୍ତମାନ ମୋ ଜୀବନରେ ଈଶ୍ୱରଙ୍କ ଯୋଜନାକୁ ମୁଁ ଜାଣି ପାରୁଛି । ଯଦି ଗ୍ରାମବାସୀମାନେ ମୋତେ ଗ୍ରହଣ କରି ଗ୍ରାମରେ ଆଶ୍ରୟ ଦେଇ ଥାଆନ୍ତେ, ତେବେ ସେମାନଙ୍କ ସଦୃଶ ମୁଁ ମଧ୍ୟ ମୃତ୍ୟୁବରଣ କରି ଥାଆନ୍ତି! ଏପରିକି ଯଦି ମୋର ଗଞ୍ଜା ଓ ଗଧଟି ବଞ୍ଚି ଥାଆନ୍ତେ ଏବଂ ମୋର ବତୀଟି ଜଳୁଥାଆନ୍ତା, ତେବେ ଡକାୟତମାନେ ମଧ୍ୟ ମୋର ଏହି ଗୁପ୍ତ ସ୍ଥାନକୁ ଜାଣି ପାରି ମୋର କ୍ଷତି କରି ପାରି ଥାଆନ୍ତେ । ଈଶ୍ୱର ମୋ ପ୍ରତି ଉତ୍ତମ ଅଟନ୍ତି!

ଆମ୍ଭମାନଙ୍କ ଜୀବନରେ ଘଟି ଯାଉଥିବା ବିଷୟଗୁଡ଼ିକୁ ଆମେ ବର୍ତ୍ତମାନ ବୁଝି ପାରି ନ ଥାଉ, ମାତ୍ର ପରବର୍ତ୍ତୀ ସମୟରେ ତାହା ମଧ୍ୟ ଦେଇ ଈଶ୍ୱରଙ୍କର ମହତ୍ତ୍ୱପୂର୍ଣ୍ଣ ଯୋଜନାକୁ ବୁଝି ପାରି ଥାଉ । ଈଶ୍ୱରଙ୍କର ବିନା ଅନୁମତିରେ ଆମ୍ଭମାନଙ୍କ ପ୍ରତି କୌଣସି ଘଟଣା ଘଟି ନ ଥାଏ । ଏହା କ'ଣ ଆମ ଜୀବନରେ ବାସ୍ତବ ନୁହେଁ କି? ଯେଉଁ ବିଷୟଗୁଡ଼ିକ କ୍ଷତିକାରକ ବୋଲି ମନେ ହେଉଥିଲା, ତାହାକୁ ସେ ପରିବର୍ତ୍ତନ କରି ଆମର ମଙ୍ଗଳର କାରଣ କରିଛନ୍ତି । କ୍ରମାଗତ ଭାବରେ ସେହିପରି ଆଶ୍ଚର୍ଯ୍ୟକାର୍ଯ୍ୟ ଆମ୍ଭମାନଙ୍କ ଜୀବନରେ କରିବା ପାଇଁ ଈଶ୍ୱରଙ୍କୁ ସୁଯୋଗ ଦେଉ । ଈଶ୍ୱରଙ୍କ ବାକ୍ୟରେ ଲେଖାଯାଏ, **'ଆମ୍ଭେ ଯାହା କହିଅଛୁ, ଆମ୍ଭେ ତାହା ସିଦ୍ଧ କରିବା, ଆମ୍ଭେ ଯାହା କଳ୍ପନା କରିଅଛୁ, ତାହା ଆମ୍ଭେ ସଫଳ କରିବା'( ଯିଶାଇୟ ୪୬:୧୧ଖ) ।**

**'ଆମ୍ଭର ପଥ ସଦାପ୍ରଭୁଙ୍କଠାରୁ ଗୁପ୍ତ ଓ ଆମ୍ଭର ବିଚାର ଆମ୍ଭର ପରମେଶ୍ୱରଙ୍କ ଜ୍ଞାନର ଅତୀତ, ହେ ଯାକୁବ, ତୁମ୍ଭେ କାହିଁକି ଏହା କହୁଅଛ...? ତୁମ୍ଭେ କି ଜାଣିନାହଁ? ତୁମ୍ଭେ କି ଶୁଣିନାହଁ? ପୃଥିବୀର ପ୍ରାନ୍ତସକଳର ସୃଷ୍ଟିକର୍ତ୍ତା ଅନାଦି ଅନନ୍ତ ପରମେଶ୍ୱର ସଦାପ୍ରଭୁ କ୍ଳାନ୍ତ ହୁଅନ୍ତି ନାହିଁ, କି ଶ୍ରାନ୍ତ ହୁଅନ୍ତି ନାହିଁ, ତାହାଙ୍କର ବୁଦ୍ଧି ବୋଧର ଅଗମ୍ୟ' (ଯିଶାଇୟ ୪୦:୨୭, ୨୮) ।**

## ମୋର ରାସ୍ତା ଏଠାରେ ଶେଷ

ଥରେ ଜଣେ ଆଦିବାସୀ ବ୍ୟକ୍ତିଙ୍କୁ ଯୀଶୁଙ୍କ ବିଷୟ କୁହାଯାଇଥିଲା । ଯୀଶୁ ଯେ ଅନନ୍ତଜୀବନ ନିମନ୍ତେ ଏକମାତ୍ର ପଥ, ସେ ବିଷୟରେ ମିଶନେରୀ ବନ୍ଧୁ ତାଙ୍କୁ ମଣାଇବାକୁ ଚେଷ୍ଟା କରୁଥିଲେ । ବ୍ୟକ୍ତି ଜଣକ ଉତ୍ତର ଦେଲେ, 'ଏହି 'ଯୀଶୁ ପଥ' ଉତ୍ତମ, ମାତ୍ର ମୋର ଜୀବନ ସାରା ମୁଁ ଏହି ଜଙ୍ଗଲ ପଥରେ ଯିବା ଆସିବା କରି ଆସିଛି । ଶେଷ ପର୍ଯ୍ୟନ୍ତ ମୋତେ ଏହି ପଥରେ ଯାତ୍ରା କରିବାକୁ ହିଁ ପଡ଼ିବ' । ପରବର୍ତ୍ତୀ ସମୟରେ ଯେତେବେଳେ ଏହି ଆଦିବାସୀ ବ୍ୟକ୍ତିଜଣକ ମୃତ୍ୟୁର ନିକଟବର୍ତ୍ତୀ ହେଲେ, ଜୀବନରେ ଏହି ଅନ୍ଧକାର ଅବସ୍ଥାରେ ପଥ ଖୋଜି ପାଇବା ପାଇଁ ମିଶନେରୀ ବନ୍ଧୁଙ୍କ ନିକଟକୁ ଯାଇ ପଚାରିଲେ, 'ବର୍ତ୍ତମାନ କ'ଣ ମୁଁ ଯୀଶୁ ରୂପ ପଥକୁ ଫେରି ପାରିବି? ମୃତ୍ୟୁରୂପ ଏହି ଉପତ୍ୟକାରେ ମୋର ରାସ୍ତା ଏହିଠାରେ ହିଁ ଶେଷ ହେଉଛି' । ମିଶନେରୀ ବନ୍ଧୁ ଏହି ସୁଯୋଗରେ ତାଙ୍କୁ ଯୀଶୁଙ୍କଠାରେ ବିଶ୍ୱାସ କରିବା ନିମନ୍ତେ ସାହାଯ୍ୟ କରିଥିଲେ । ହୋଇପାରେ, ଆମ୍ଭମାନଙ୍କ ମଧ୍ୟରୁ କେତେକ ଆଜି ଆମ ନିଜ ଯାତ୍ରାପଥର ଶେଷ ପର୍ଯ୍ୟାୟରେ ଆସି ପହଞ୍ଚିଛୁ – ଆଗକୁ ପଥ ଦେଖି ପାରୁ ନାହୁଁ । ଯୀଶୁଙ୍କଠାରେ ଯେ ବିଶ୍ୱାସ କରେ, ସେ ଜୀବନର ପଥ ପାଏ । ସେଥିପାଇଁ ଯୀଶୁ କହିଲେ, **'ମୁଁ ପଥ, ସତ୍ୟ ଓ ଜୀବନ , ମୋ ଦେଇ ନ ଗଲେ କେହି ପିତାଙ୍କ ନିକଟକୁ ଯାଇ ପାରେ ନାହିଁ' (ଯୋହନ ୧୪: ୬) ।**

**'ତାହାଙ୍କ ଛଡ଼ା ଆଉ କାହାଠାରେ ପରିତ୍ରାଣ ନାହିଁ, କାରଣ ଯାହା ଦ୍ୱାରା ଆମ୍ଭମାନଙ୍କୁ ପରିତ୍ରାଣ ପାଇବାକୁ ହେବ, ଆକାଶ ତଳେ ମନୁଷ୍ୟ ମାନଙ୍କ ମଧ୍ୟରେ ଆଉ କୌଣସି ନାମ ଦିଆ ଯାଇ ନାହିଁ' (ପ୍ରେରିତ ୪:୧୨) ।**

## ଆସୁ, ଉର୍ଦ୍ଧ୍ୱକୁ ଅଗ୍ରସର ହେଉ

ଥରେ **ରାଗନର୍**, ଆୟରଲାଣ୍ଡର କେତେକ ସଙ୍ଗୀମାନଙ୍କ ସହିତ ତରନିୟର୍ ପର୍ବତ ଆରୋହଣ କରିବାର ପ୍ରଚେଷ୍ଟା କରିଥିଲେ । ପ୍ରାୟ ୧୦୦ ଗଜ ଆରୋହଣ କରିବା ପରେ ଦଳର ସଙ୍ଗୀମାନେ



କହିଲେ, 'ଆମେ ଯଥେଷ୍ଟ ଉପରକୁ ଆସିଅଛୁ', ମାତ୍ର ରାଗନର୍ କହିଲେ,'ଆମ ମଧ୍ୟରୁ ଅନ୍ୟ ଜଣେ ସଙ୍ଗୀ ଆମଠାରୁ ଅଧିକ ଉଚ୍ଚକୁ ଆରୋହଣ କରି ଯାଇଛନ୍ତି, ଚାଲ, ତାଙ୍କୁ ଭେଟିବା ନିମନ୍ତେ ଆମେ ଅଧିକ ଉପରକୁ ଅଗ୍ରସର ହେଉ' । ଶେଷରେ ସେହି ସାଙ୍ଗ ନିକଟରେ ପହଞ୍ଚି ଦେଖିଲେ, ଯେ ସେ ଏକ ସୁନ୍ଦର, ଧୀର ଗତିରେ ପ୍ରବାହିତ ବରଫାବୃତ୍ତ ଏକ ନଦୀ ନିକଟରେ ବିଶ୍ରାମ କରୁଛନ୍ତି । ହୋଇପାରେ, ପର୍ବତର ସେହି ସୀମା ପର୍ଯ୍ୟନ୍ତ ଆରୋହଣ କରିବା ନିମନ୍ତେ ସେ ମନସ୍ଥ କରିଥିଲେ । ମାତ୍ର ରାଗନର୍ ଓ ତାଙ୍କ ସଙ୍ଗୀମାନଙ୍କୁ ନିକଟକୁ ଆସୁଥିବା ଦେଖି ସେ ଆନନ୍ଦରେ କୁଦା ମାରି କହିଲେ,'ଯେହେତୁ ତୁମ୍ଭେମାନେ ଏପର୍ଯ୍ୟନ୍ତ ଆସିଅଛ, ଆସ, ଆମେ ସମସ୍ତେ ଆଉ ଅଧିକ ଉପରକୁ ଅଗ୍ରସର ହେଉ' ।

ପୃଥିବୀରେ ଆଜି ଆପଣା ଖ୍ରୀଷ୍ଟିୟ ଜୀବନର ଦୁଃଖ ଓ କ୍ଳେଶ ମଧ୍ୟରେ ଅନେକେ ଆଗକୁ ଅଗ୍ରସର ହୋଇ ପାରୁ ନାହାନ୍ତି । ଜୀବନର ସବୁ ଆଶା ଓ ଭରସା ହରାଇ ବସିଛନ୍ତି । ସେମାନଙ୍କୁ ଦେଖି ଆପଣ ସେମାନଙ୍କ ପାଇଁ କେଉଁ ପ୍ରକାର ବଞ୍ଚିବାର ଆଶା ସୃଷ୍ଟି କରି ପାରିବେ? ଅନ୍ୟମାନଙ୍କୁ ସେମାନଙ୍କ ଅବସ୍ଥାରୁ ଉଠାଇବାକୁ ହେଲେ, ଆପଣ ନିଜେ ସେମାନଙ୍କଠାରୁ ଅଧିକ ଉଚ୍ଚ ସ୍ଥାନରେ ରହିବା ଆବଶ୍ୟକ । ନିଜ ଜୀବନର ସାକ୍ଷ୍ୟ ଦେଇ ପାଉଲ କହନ୍ତି,**'ହେ ଭାଇମାନେ, ମୁଁ ଏପର୍ଯ୍ୟନ୍ତ ତାହା ଧରିଅଛି ବୋଲି ମନେ କରୁ ନାହିଁ, କିନ୍ତୁ ଗୋଟିଏ ବିଷୟ ମୁଁ କରୁଅଛି, ପଶ୍ଚାତ୍ ବିଷୟ ସବୁ ମନରୁ ଦୂର କରି, ସମ୍ମୁଖରେ ଥିବା ବିଷୟଗୁଡ଼ିକ ପ୍ରତି ଦୃଷ୍ଟି ରଖି ଖ୍ରୀଷ୍ଟ ଯୀଶୁଙ୍କଠାରେ ଈଶ୍ୱରଙ୍କ ସ୍ୱର୍ଗୀୟ ଆହ୍ୱାନର ପଣ ପାଇବା ନିମନ୍ତେ ପ୍ରାଣପଣ କରି ଲକ୍ଷ୍ୟସ୍ଥଳକୁ ଦୌଡ଼ୁଅଛି' (ଫିଲିପ୍‌ପୀ ୩:୧୩-୧୪) ।**

**'ଅତଏବ ମୁଁ ଦୌଡ଼ୁଅଛି, ମୁଁ ମୁଷ୍ଟି ଯୁଦ୍ଧ କରୁଅଛି, କିନ୍ତୁ ଶୂନ୍ୟକୁ ଆଘାତ କରିବା ଲୋକ ପରି ନୁହେଁ । ଅନ୍ୟ ଲୋକମାନଙ୍କ ନିକଟରେ ପ୍ରଚାର କରି କାଳେ ମୁଁ ନିଜେ କୌଣସି ପ୍ରକାରେ ଅଗ୍ରାହ୍ୟ ହୁଏ, ଏଥିପାଇଁ ମୋହର ନିଜ ଶରୀରକୁ କଷ୍ଟ ଦେଇ ବଶରେ ଦାସ କରି ରଖୁଅଛି' (୧ମ କରନ୍ଥୀ ୯:୨୬-୨୭) ।**

## ବହୁମୂଲ୍ୟ ଜୀବନ
## ଶୂନ୍ୟ ହସ୍ତରେ ବିଦାୟ

କଥିତ ଅଛି, ମୃତ୍ୟୁଶଯ୍ୟାରେ ଆଲେକଜାଣ୍ଡର ତାଙ୍କର ଲୋକମାନଙ୍କୁ ଆଜ୍ଞା ଦେଇ କହିଥିଲେ, 'ମୋର ମର ଶରୀରକୁ ସମାଧିସ୍ଥ କରିବା ସମୟରେ ମୋ ହସ୍ତଦ୍ୱୟକୁ କଫିନ୍ ବାକ୍ସ ଭିତରେ ନ ରଖି ବାହାରକୁ ଝୁଲାଇ ଦେବ, ଯେପରି ଲୋକମାନେ ତାହା ଦେଖି ଜାଣିବେ ଯେ ମୋର ହସ୍ତ ଦୁଇଟି ଶୂନ୍ୟ । ଗୋଟିଏ ରାଜ୍ୟରେ ଜନ୍ମଗ୍ରହଣ କରି, ପରେ ଅନେକ ରାଜ୍ୟ ଜୟ କରି, ଅନେକ ସଂପତ୍ତିର ଅଧିକାରୀ ହୋଇଥିଲେ ମଧ୍ୟ ମୋର ମୃତ୍ୟୁଶଯ୍ୟାରେ ଗୋଟିଏ କ୍ଷୁଦ୍ର ବିଷୟକୁ ସଙ୍ଗରେ ନେବା ନିମନ୍ତେ ମୁଁ

ଅକ୍ଷମ' ।

ସାଧୁ ଅଗଷ୍ଟିନ୍ କହନ୍ତି, 'ଧନୀମାନେ ହେଉଛନ୍ତି ଭାରବହନକାରୀ ପଶୁ ସଦୃଶ, ଜାଗତିକ ସଂପଦସକଳକୁ ସାରା ଦିନ ବହନ କରନ୍ତି ଏବଂ ମୃତ୍ୟୁର ରାତ୍ରୀରେ ତାହାକୁ ଓହ୍ଲାଇ ପକାନ୍ତି, କବରକୁ କେବଳ କ୍ଳାନ୍ତି, ଜୀବନର କ୍ଷତ ଦାଗଗୁଡ଼ିକୁ ସଙ୍ଗରେ ନେଇ ଯାଆନ୍ତି' । ଏହି ସତ୍ୟତାକୁ କିଏ ଅସ୍ୱୀକାର କରି ପାରେ ! ସେଥିପାଇଁ ୧ମ ଯୋହନ ୨:୧୫-୧୭ ପଦରେ ଲେଖାଯାଏ,' **ସଂସାର କିଅବା ସେଥିରେ ଥିବା ବିଷୟସବୁକୁ ପ୍ରେମ ନ କର । କେହି ଯଦି ସଂସାରକୁ ପ୍ରେମ କରେ, ପିତାଙ୍କ ପ୍ରେମ ତାହାଠାରେ ନାହିଁ....ପୁଣି ସଂସାର ଓ ସେଥିର ଅଭିଳାଷ ଅନିତ୍ୟ, ମାତ୍ର ଯେ ଈଶ୍ୱରଙ୍କ ଇଚ୍ଛା ପାଳନ କରେ, ସେ ନିତ୍ୟସ୍ଥାୟୀ' ।**

**'କାରଣ ଯଦି ଆମ୍ଭମାନଙ୍କର ଏହି ତମ୍ବୁ ରୂପ ପାର୍ଥିବ ଗୃହ ଭାଙ୍ଗିଯାଏ, ତେବେ ଈଶ୍ୱରକୃତ ଅହସ୍ତ ନିର୍ମିତ ଆମ୍ଭମାନଙ୍କର ଏକ ଅନନ୍ତକାଳସ୍ଥାୟୀ ଗୃହ ଯେ ସ୍ୱର୍ଗରେ ଅଛି, ଏହା ଆମ୍ଭେମାନେ ଜାଣୁ'(୨ୟ କରନ୍ଥୀ ୫:୧) ।**

**'ଯେଉଁଠାରେ କୀଟ ଓ କଳଙ୍କ କ୍ଷୟ ନ କରେ ଏବଂ ଚୋରମାନେ ସିନ୍ଧି କାଟି ଚୋରୀ ନ କରନ୍ତି, ଏପରି ସ୍ୱର୍ଗରେ ଆପଣା ଆପଣା ନିମନ୍ତେ ଧନ ସଞ୍ଚୟ କର, କାରଣ ଯେଉଁଠାରେ ତୁମ୍ଭର ଧନ, ସେହିଠାରେ ମଧ୍ୟ ତୁମର ମନ' (ମାଥିଉ ୬:୨୦-୨୧) ।** ଯେ ଈଶ୍ୱରଙ୍କ ଧନରେ ଧନୀ, ସେ ପ୍ରକୃତ ଧନୀ ।

## ଚକ୍ଷୁର ପରିବର୍ତ୍ତନ

**ଏମି.କାର୍ ମାଇକେଲ୍** (୧୮୬୭-୧୯୫୧) ଆପଣାର ଯୌବନାବସ୍ଥାରେ ଆଶା କରୁଥିଲେ ଯଦି ବାଦାମି ରଙ୍ଗ ପରିବର୍ତ୍ତେ ନୀଳରଙ୍ଗର ଚକ୍ଷୁ ତାଙ୍କର ଥାଆନ୍ତା ! ସେଥି ନିମନ୍ତେ ମଧ୍ୟ ସେ ଅନେକ ଥର ପ୍ରାର୍ଥନା କରିଥିଲେ ସୁଦ୍ଧା ତାହା ଘଟି ନ ଥିବାରୁ ସେ ନିରୁତ୍ସାହିତ ହୋଇଥିଲେ ।

କୋଡ଼ିଏ ବର୍ଷ ବୟସରେ ମିଶନେରୀ ହେବାର ସେ ଆହ୍ୱାନ ପାଇଲେ । କିଛି ବର୍ଷ ବିଭିନ୍ନ ସ୍ଥାନରେ ମିଶନେରୀ କାର୍ଯ୍ୟ କରିବା ପରେ ସେ ଭାରତବର୍ଷକୁ ଆସିଲେ । ଏହି ସ୍ଥାନରେ ତାଙ୍କ ଶରୀରର ଗଠନ ପଛରେ ଈଶ୍ୱରଙ୍କର ଆଶ୍ଚର୍ଯ୍ୟ ଜ୍ଞାନ ଓ ଯୋଜନାକୁ ସେ ଅନୁଭବ କରି ପାରିଲେ । ଯଦି ତାଙ୍କର ଆଖି ବାଦାମି ପରିବର୍ତ୍ତେ ନୀଳରଙ୍ଗର ହୋଇଥାଆନ୍ତା, ତେବେ ଭାରତୀୟ ଲୋକମାନଙ୍କ ଦ୍ୱାରା ଗ୍ରହଣୀୟ ହେବା ନିମନ୍ତେ କଷ୍ଟକର ହୋଇଥାଆନ୍ତା ! ସେ ଭାରତରେ ପ୍ରାୟ ୫୫ ବର୍ଷ ଅବହେଳିତ ମହିଳା ଓ ପରିତ୍ୟକ୍ତ ଶିଶୁମାନଙ୍କ ମଧ୍ୟରେ ସେବାକାର୍ଯ୍ୟ କରିଥିଲେ । ସର୍ବ ଅବସ୍ଥାରେ ଈଶ୍ୱରଙ୍କର ବଶ୍ୟତା



ସ୍ୱୀକାର ପଶ୍ଚାତରେ ତାହାଙ୍କର ପ୍ରଚୁର ଆଶୀର୍ବାଦସକଳକୁ ସେ ଅନୁଭବ କରି ପାରିଥିଲେ । ମିଶନେରୀ ସେବାକାର୍ଯ୍ୟ ବିଷୟରେ ଯେତେବେଳେ ତାଙ୍କୁ ପ୍ରଶ୍ନ କରାଯାଇଥିଲା, ଉତ୍ତରରେ ସେ କହିଥିଲେ, 'ମିଶନେରୀ ସେବାକାର୍ଯ୍ୟ ମୃତ୍ୟୁଭୋଗ କରିବା ନିମନ୍ତେ ଏକ ସୁଯୋଗ ମାତ୍ର !

ବାସ୍ତବରେ ଏହା ନିରାଟ ସତ୍ୟ । ଦାଉଦ କହନ୍ତି,**'ମୁଁ ଭୟଙ୍କର ଓ ଆଶ୍ଚର୍ଯ୍ୟରୂପେ ନିର୍ମିତ, ତୁମ୍ଭର କର୍ମସକଳ ଆଶ୍ଚର୍ଯ୍ୟ, ଏହା ମୋ ପ୍ରାଣ ଭଲରୂପେ ଜାଣେ' (ଗୀତ ୧୩୯:୧୪)** । ଆମର ଶରୀରର ଗଠନ ସହିତ ଜୀବନର ସମସ୍ତ ପରିସ୍ଥିତିକୁ ଯେତେବେଳେ ଆମେ ଧନ୍ୟବାଦର ସହ ଗ୍ରହଣ କରି ନେଉ, ସେତେବେଳେ ଈଶ୍ୱର ସେ ସମସ୍ତକୁ ରୂପାନ୍ତରିତ କରି ତାହାଙ୍କର ଗୌରବାର୍ଥେ ବ୍ୟବହାର କରିଥାଆନ୍ତି । ସଦାପ୍ରଭୁ କହନ୍ତି, **'ଆମ୍ଭର ସଂକଳ୍ପସକଳ ତୁମ୍ଭମାନଙ୍କର ସଂକଳ୍ପ ପରି ନୁହେଁ, କିଅବା ତୁମ୍ଭମାନଙ୍କର ମାର୍ଗସକଳ ଆମ୍ଭର ମାର୍ଗ ପରି ନୁହେଁ. କାରଣ ପୃଥିବୀ ଅପେକ୍ଷା ଆକାଶମଣ୍ଡଳ ଯେମନ୍ତ ଉଚ୍ଚ, ତେମନ୍ତ ଆମ୍ଭର ମାର୍ଗସକଳ ତୁମ୍ଭମାନଙ୍କ ମାର୍ଗ ଅପେକ୍ଷା ଓ ଆମ୍ଭର ସଂକଳ୍ପ ସକଳ ତୁମ୍ଭମାନଙ୍କ ସଂକଳ୍ପ ଅପେକ୍ଷା ଉଚ୍ଚତର ଅଟେ' (ଯିଶାଇୟ ୫୫:୮,୯) ।**

## ଶିଶୁର ଜୀବନ ବହୁମୂଲ୍ୟ

**ଲୁଇସ୍ ଆର୍ମଷ୍ଟ୍ରଙ୍ଗ,** ତାଙ୍କର ହାସ୍ୟ ମୁଖମଣ୍ଡଳ, କର୍କଶ ସ୍ୱର, ସଫେଦ ବର୍ଣ୍ଣର ରୁମାଲ୍ ପାଇଁ ଏବଂ ପ୍ରସିଦ୍ଧ ତୁରୀ ବାଦକ ଭାବରେ ସୁପରିଚିତ ଥିଲେ । ମାତ୍ର ତାଙ୍କର ବାଲ୍ୟାବସ୍ଥା ଦାରିଦ୍ର୍ୟତାରେ ପରିପୂର୍ଣ୍ଣ ଥିଲା । ଜନ୍ମାବସ୍ଥାରେ ପିତାଙ୍କ ଦ୍ୱାରା ସେ ପରିତ୍ୟକ୍ତ ଥିଲେ ଏବଂ ବାର ବର୍ଷ ବୟସରେ ସେ ଗୋଟିଏ ବିଦ୍ୟାଳୟରେ ଶିକ୍ଷା ଆରମ୍ଭ କଲେ । ଆଶ୍ଚର୍ଯ୍ୟ ଭାବରେ ସେହି ସ୍କୁଲରେ ତାଙ୍କ ଜୀବନର ଗତିପଥ ସଂପୂର୍ଣ୍ଣ ଭାବରେ ପରିବର୍ତ୍ତିତ ହୋଇଥିଲା ।

ବାଦ୍ୟଯନ୍ତ୍ରର ପ୍ରଧାନ ଅଧ୍ୟକ୍ଷ ପିଟର ଡେଭିସ୍ ନିୟମିତ ଭାବେ ସ୍କୁଲ ପରିଦର୍ଶନ କରି ଛାତ୍ରମାନଙ୍କୁ ବାଦ୍ୟଯନ୍ତ୍ର ଶିକ୍ଷା ଦେଉଥିଲେ । ଅବିଳମ୍ବେ ଲୁଇସ୍ ଦଳଗତ ସଙ୍ଗୀତ ପରିବେଷଣରେ ପାରଦର୍ଶିତା ଲାଭ କରିବା ଫଳରେ ପିଲାମାନଙ୍କ ଦଳର ନେତା ହୋଇ ପାରିଥିଲେ । ପରବର୍ତ୍ତୀ ସମୟରେ ସେ ବିଶ୍ୱ ବିଖ୍ୟାତ ତୁରୀବାଦକ ଭାବରେ ଉଚ୍ଚ ପ୍ରଶଂସିତ ହୋଇ ପାରିଲେ ।

ପ୍ରତ୍ୟେକ ଜୀବନ ପଶ୍ଚାତରେ ଈଶ୍ୱରଙ୍କର ମହତପୂର୍ଣ୍ଣ ଯୋଜନା ରହିଛି । କୌଣସି ପରିସ୍ଥିତି କିଅବା ବ୍ୟକ୍ତିବିଶେଷ ଉକ୍ତ ଯୋଜନାକୁ ପରିବର୍ତ୍ତନ କିମ୍ବା ନଷ୍ଟ କରି ନ ପାରେ । ଶିଶୁର ଜୀବନ ବହୁମୂଲ୍ୟ, ତା'ର ଜୀବନ ଅନ୍ତରାଳରେ ଈଶ୍ୱର ତାହାଙ୍କର ଉଚ୍ଚତର ସଂକଳ୍ପ ରଖିଛନ୍ତି । ବୟସରେ

ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଈଶ୍ୱର ତାହାଙ୍କର ସଂକଳ୍ପ ସାଧନ କରିବାରେ କାର୍ଯ୍ୟରତ! ସେଥିପାଇଁ ଶିଶୁକୁ ଅବହେଳା କରିବା ଏକ ଭୟଙ୍କର ବିଷୟ । ଯୀଶୁ କହିଲେ, **'ଶିଶୁମାନଙ୍କୁ ମୋ ନିକଟକୁ ଆସିବାକୁ ଦିଅ, ତାହାକୁ ମନା କର ନାହିଁ, କାରଣ ସ୍ୱର୍ଗରାଜ୍ୟ ଏହି ପ୍ରକାର ଲୋକମାନଙ୍କର' (ମାର୍କ ୧୦:୧୪) ।**

## ଭଗ୍ନାବଶେଷର ସଂଗ୍ରହକରଣ

ଇଟାଲୀର ଜଣେ ବିଶିଷ୍ଟ ଚିତ୍ରକାରଙ୍କର ଦୋକାନରେ ଗୋଟିଏ ଗରୀବ ବାଳକ କାମ କରୁଥିଲା । ଦିନର କାର୍ଯ୍ୟ ସମାପ୍ତ କଲା ପରେ ଦୋକାନ ପରିଷ୍କାର କରିବାର ଦାୟିତ୍ୱ ତା'ର ଉପରେ ନ୍ୟସ୍ତ ଥିଲା । ଧୀର, ଶାନ୍ତ ଭାବରେ ସେ ପ୍ରତ୍ୟେକ ଦିନ ତା'ର କାମକୁ ସୁନ୍ଦର ଓ ବିଶ୍ୱସ୍ତ ଭାବରେ କରି ଚାଲେ । ବାଳକ ବିଷୟରେ ଚିତ୍ରକାର କେବଳ ସେତିକି ମାତ୍ର ଜାଣି ଥିଲେ । ଦିନେ ବାଳକଟି ତା'ର ମାଲିକଙ୍କ ନିକଟକୁ ଆସି ଅତି ସଂକୋଚ ଭାବରେ କହିଲା, 'ଆଜ୍ଞା, ଆପଣ ଫିଙ୍ଗି ଦେଉଥିବା ଅଦରକାରୀ ଭଙ୍ଗା କାଚଖଣ୍ଡଗୁଡ଼ିକୁ ମୋତେ ଦୟାକରି ଦେବେ କି'? ଉତ୍ତରରେ ଚିତ୍ରକାର କହିଲେ,' ହଁ, କ'ଣ ହେଲା, ସେ ସବୁ ତୁ ନେଇ ପାରୁ, ସେହି ଭଙ୍ଗା କାଚ ଖଣ୍ଡଗୁଡ଼ିକ ଅଦରକାରୀ, କୌଣସି କାର୍ଯ୍ୟଯୋଗ୍ୟ ନୁହେଁ, ସେଗୁଡ଼ିକୁ ନେଇ ତୁ ଯାହା କରିବା କଥା, ତାହା କର୍' ।

ଦୀର୍ଘ ଦିନ ଧରି ହୁଏତ ବାଳକଟି ତା'ର କାର୍ଯ୍ୟ କରିବା ମଧ୍ୟରେ ସେହି ଭଙ୍ଗା କାଚଖଣ୍ଡଗୁଡ଼ିକୁ ଖୁବ୍ ଯତ୍ନ ସହକାରେ ସଂଗ୍ରହ କରୁଥାଏ । ଏହିପରି ଗୋଟିଏ ଦିନ ମାଲିକ ଦୋକାନର ପଛପଟେ ଥିବା ଗୋଦାମ ଘର ଭିତରକୁ ପ୍ରବେଶ କରିବା ସମୟରେ ଲୁକ୍କାୟିତ ଭାବରେ ଗୋଟିଏ ସୁନ୍ଦର କାରୁକାର୍ଯ୍ୟଟି ଅଳିଆଗଦା ମଧ୍ୟରେ ରହିଥିବାର ଦେଖିଲେ । ସେ ତାକୁ ବାହାର ଆଲୁଅକୁ ଆଣି ଦେଖିଲେ ଯେ, ଉକ୍ତ କାରୁକାର୍ଯ୍ୟଟି ଏକ ଉଚ୍ଚକୋଟୀର କାର୍ଯ୍ୟ, ଯାହାକି ପ୍ରାୟ ସଂପୂର୍ଣ୍ଣ ଅବସ୍ଥାକୁ ଆସିଛି । ସେ ଅବାକ୍ ହୋଇ କହିଲେ, 'କେଉଁ ବିଶିଷ୍ଟ ଚିତ୍ରକାର ତା'ର ଏହି ବିରାଟ କାର୍ଯ୍ୟକୁ ମୋର ଦୋକାନର ଗୋଦାମ ଘରେ ଗୁପ୍ତ କରି ରଖିଛି'?ଏହା କହି ସେ ବାଳକକୁ ଡାକି ପଚାରିଲେ, 'ଏହା କ'ଣ ? ମୋତେ କୁହ, କେଉଁ ବିଶିଷ୍ଟ କାରୀଗର,ଏହି ମହତପୂର୍ଣ୍ଣ କାରୁକାର୍ଯ୍ୟକୁ ଏଠାରେ ଗୁପ୍ତ କରି ରଖିଛି'? ଥରି ଥରି ବାଳକଟି ଉତ୍ତର ଦେଲା, 'ହେ ମୋର କର୍ତ୍ତା, ଏହା ମୋର ସେହି ଛୋଟିଆ ନିକୃଷ୍ଟତର କାର୍ଯ୍ୟ । ତୁମର ଅନୁମତି କ୍ରମେ ସେହି ଅଦରକାରୀ ଭଙ୍ଗା କାଚଖଣ୍ଡଗୁଡ଼ିକୁ ମୁଁ ସଂଗ୍ରହ କରି ଧୀରେ ଧୀରେ ଏହି କାରୁକାର୍ଯ୍ୟଟି କରିଅଛି' ।

ଏହା ଆମ୍ଭମାନଙ୍କ ଜୀବନରେ କ'ଣ ବାସ୍ତବ ନୁହେଁ? ଅନେକ ସମୟରେ ଆମ ଜୀବନକୁ ମୂଲ୍ୟହୀନ, ଅଦରକାରୀ ଭାବରେ ଆମେ ଧରି ନେଇ ଥାଉ । ଜଗତରେ ବଞ୍ଚି ରହିବାର ଇଚ୍ଛାକୁ ଆମେ ହରାଇ ବସି ଥାଉ, ମାତ୍ର ଭଙ୍ଗା, ଅପାତ୍ରକୁ ପୁନର୍ବାର ସୁନ୍ଦର ରୂପ ଦେଇ ପୁନର୍ଗଠନ କରିବା ପାଇଁ



ଈଶ୍ୱର ସମର୍ଥ ଅଟନ୍ତି । ଆମେ ହେଉଛୁ ମାଟିପାତ୍ର, ମାତ୍ର ସେ ଆମର କୁମ୍ଭକାର ! ଥରେ ତାଙ୍କୁ ଜୀବନରେ ସୁଯୋଗ ଦେଉ । ଆମ ଜୀବନ ଯେତେ ଚୂର୍ଣ୍ଣୀଭୂତ ହୋଇଥାଉନା କାହିଁକି, ତାହାକୁ ଯୋଡ଼ି, ଏକ ସୁନ୍ଦର ରୂପ ଦେବା ପାଇଁ ସେ ସମର୍ଥ ଅଟନ୍ତି । ଯିରିମିୟ ୧୭ ପର୍ବ ପାଠ କରନ୍ତୁ ।

## ଦୋଷୀ କିମ୍ବା ନିର୍ଦ୍ଦୋଷୀ

ଥରେ ଜଣେ ସମ୍ରାଟ ବନ୍ଦୀଶାଳାକୁ ଯାଇ ଅନେକ ବନ୍ଦୀମାନଙ୍କୁ ସାକ୍ଷାତ କରିଥିଲେ । ଜଣକ ପରେ ଜଣକଙ୍କ ସହିତ କଥାବାର୍ତ୍ତା କରିବା ଫଳରେ ସେ ଜାଣି ପାରିଲେ ଯେ ପ୍ରାୟ ଅଧିକାଂଶ ବନ୍ଦୀ ନିର୍ଦ୍ଦୋଷ, କୌଣସି ଅପରାଧରେ ସେମାନେ ଦୋଷୀ ନୁହଁନ୍ତି । ଜଣେ କହିଲେ, 'ଅନ୍ୟମାନେ ମୋତେ ଫାନ୍ଦରେ ପକାଇ ଏହା କରିଛନ୍ତି' । ଅନ୍ୟ ଜଣେ କହିଲେ,'ବିଚାରକର୍ତ୍ତାଙ୍କର ଅନ୍ୟାୟ ବିଚାର ହେତୁ ଏହା ମୋ ପ୍ରତି ଘଟିଅଛି' । ଆଉ ଜଣେ କହିଲେ, ମୋ ପକ୍ଷରେ ଜଣେ ଭୁଲ୍ ଓକିଲ କାର୍ଯ୍ୟ କଲେ । ଏହିପରି ଅନେକେ ଆପଣାର ନିର୍ଦ୍ଦୋଷତାକୁ ପ୍ରକାଶ କରିଥିଲେ । ମାତ୍ର ଶେଷରେ ଜଣେ ବନ୍ଦୀ ସମ୍ରାଟଙ୍କୁ କହିଲେ, 'ଆଜ୍ଞା, ମୋର କ୍ଷମା ଭିକ୍ଷାର କୌଣସି କାରଣ ନାହିଁ, କାରଣ ମୋର ଅପରାଧ ହେତୁ ମୁଁ ଏହି ଦଣ୍ଡ ପାଇବା ନିମନ୍ତେ ଯୋଗ୍ୟ' । ତହିଁରେ ସମ୍ରାଟ ଦୋଷୀ ବ୍ୟକ୍ତିଜଣକ ପ୍ରତି ଦୃଷ୍ଟିପାତ କରି କହିଲେ, 'ଯଦି ତୁମେ ଦୋଷୀ, ତେବେ ଏହି ନିର୍ଦ୍ଦୋଷୀ , ଉତ୍ତମ ଲୋକମାନଙ୍କ ମଧ୍ୟରେ ଏହି ସ୍ଥାନରେ ରହିବା ତୁମ ପକ୍ଷରେ ଅନୁଚିତ୍, କାରଣ ତୁମେ ସେମାନଙ୍କ ପ୍ରତି ଏକ ମନ୍ଦ ପ୍ରଭାବ ସ୍ୱରୂପ ହେବ । ସେଥିପାଇଁ ମୁଁ ତୁମକୁ ଏହି ସ୍ଥାନରୁ ବାହାର କରି ନେବି । ଭୁଲ୍ ଭାବରେ ବିଚାରିତ ସେହି ଉତ୍ତମ ଲୋକମାନେ ତୁମର ମନ୍ଦତା ଦ୍ୱାରା ପ୍ରଭାବିତ ହୋଇ ସେମାନେ ଯେପରି ମନ୍ଦକର୍ମ ନ କରନ୍ତି, ସେଥିପାଇଁ ତୁମେ ଏହି ସ୍ଥାନରୁ ଆଜି ମୁକ୍ତ' । ଆପଣାର ଦୋଷ ସ୍ୱୀକାର କରିଥିବା ହେତୁ ସେହି ଦୋଷୀ ବ୍ୟକ୍ତି ମୁକ୍ତିଲାଭ କଲା ।

ଅନେକ ସମୟରେ ଆମେ ନିର୍ଦ୍ଦୋଷ ହେଲେ ମଧ୍ୟ ଦଣ୍ଡିତ ହୋଇଥାଉ, ବିଶେଷ କରି ଖ୍ରୀଷ୍ଟ ଓ ତାହାଙ୍କର ସୁସମାଚାର ସକାଶେ ଏସମସ୍ତ ଘଟିଥାଏ । ଯୀଶୁ ତାହାଙ୍କର ପ୍ରାରମ୍ଭିକ ଶିକ୍ଷାରେ ଆମ୍ଭମାନଙ୍କୁ କହିଛନ୍ତି, **'ଲୋକେ ଯେବେ ତୁମ୍ଭମାନଙ୍କୁ ମୋ ସକାଶେ ନିନ୍ଦା ଓ ତାଡ଼ନା କରନ୍ତି, ପୁଣି ମିଥ୍ୟାରେ ତୁମ୍ଭମାନଙ୍କ ବିରୁଦ୍ଧରେ ସମସ୍ତ ପ୍ରକାର ମନ୍ଦ କଥା କହନ୍ତି, ତେବେ ତୁମ୍ଭେମାନେ ଧନ୍ୟ । ଆନନ୍ଦ କର ଓ ଉଲ୍ଲସିତ ହୁଅ , କାରଣ ସ୍ୱର୍ଗରେ ତୁମ୍ଭମାନଙ୍କର ପୁରସ୍କାର ପ୍ରଚୁର, ସେହିପରି ତ ସେମାନେ ତୁମ୍ଭମାନଙ୍କ ପୂର୍ବବର୍ତ୍ତୀ ଭାବବାଦୀମାନଙ୍କୁ ତାଡ଼ନା କରିଥିଲେ'(ମାଥିଉ ୫:୧୧-୧୨)** । ତହିଁ ସଙ୍ଗେ ସଙ୍ଗେ ମଧ୍ୟ ଆମେ ମନେ ରଖିବା ଉଚିତ ଯେ ଯଦି ଆମର ବିବେକ ଆମକୁ କୌଣସି ବିଷୟରେ ଦୋଷୀ କରେ, ତେବେ ତାହା ଗୁପ୍ତ ନ ରଖି, ସ୍ୱୀକାର କରିବା ଉଚିତ । ଦାଉଦ ଆପଣା ଅପରାଧ ସ୍ୱୀକାର କରି କହନ୍ତି, **'ହେ ପରମେଶ୍ୱର, ଆପଣା ସ୍ନେହପୂର୍ଣ୍ଣ କରୁଣା ଅନୁସାରେ ମୋ ପ୍ରତି ଦୟାକର, ତୁମ୍ଭ କୃପାର**

**ବାହୁଲ୍ୟ ଅନୁସାରେ ମୋହର ଅଧର୍ମ ମାର୍ଜନା କର । ମୋ ଅପରାଧରୁ ମୋତେ ସଂପୂର୍ଣ୍ଣ ପ୍ରକ୍ଷାଳନ କର ଓ ମୋ ପାପରୁ ମୋତେ ଶୁଚି କର । କାରଣ ମୁଁ ଆପଣା ଅଧର୍ମ ସ୍ୱୀକାର କରୁଅଛି ଓ ମୋ ପାପ ସର୍ବଦା ମୋ ସମ୍ମୁଖରେ ଅଛି' (ଗୀତ ୫୧:୧-୩) ।**

## ଖ୍ରୀଷ୍ଟଙ୍କ ସଦୃଶ କ୍ଷମା

**ଲୁଇସ୍** , ଫ୍ରାନ୍ସର ଶାସନକର୍ତ୍ତା ହେବା ପୂର୍ବରୁ ତାଙ୍କୁ ଜଞ୍ଜିରରେ ବାନ୍ଧି କାରାଗାରରେ ବନ୍ଦୀ ଅବସ୍ଥାରେ ଅନେକ ଦିନ ରଖା ଯାଇଥିଲା । ତାଙ୍କର ନିକଟତମ ଭାଇ ଚାର୍ଲସଙ୍କର କ୍ରମାଗତ ଧମକ ତାଙ୍କୁ ଅଧିକ ମୃତ୍ୟୁର ଭୟ ମଧ୍ୟକୁ କଢ଼ାଇ ନେଇଥିଲା । ମାତ୍ର ଶେଷରେ ଯେତେବେଳେ କାରାଗାରରୁ ମୁକ୍ତ ହୋଇ ରାଜପଦରେ ସିଂହାସନରେ ବସିଲେ, ଯେଉଁମାନେ ତାଙ୍କ ବିରୁଦ୍ଧରେ ଉଠିଥିଲେ, ସେମାନଙ୍କ ପ୍ରତି ଉପଯୁକ୍ତ ପ୍ରତିଶୋଧ ନେବା ପାଇଁ ରାଜାଙ୍କର ପରାମର୍ଶଦାତାମାନେ ତାଙ୍କୁ ବାରମ୍ବାର ପ୍ରବର୍ତ୍ତାଉଥାନ୍ତି । ମାତ୍ର ଲୁଇସ୍ ସେମାନଙ୍କର ପରାମର୍ଶକୁ ସମର୍ଥନ କରି ନ ଥିଲେ, ବରଂ ସେହି ବିରୋଧି ଲୋକମାନଙ୍କର ନାମଗୁଡ଼ିକୁ କ୍ରମାଗତ ଭାବରେ ଲେଖି, ପ୍ରତ୍ୟେକଙ୍କ ନାମ ପଷ୍ଚାତରେ ଲାଲ୍ ରଂଗରେ ଗୋଟିଏ ଗୋଟିଏ କ୍ରୁଶ ଆଙ୍କି ଦେଇଥିଲେ । ଯେତେବେଳେ ସେହି ଶତୃମାନେ ତାହା ଶୁଣି ପାରିଲେ, ସେମାନେ ଜୀବନ ପ୍ରତି ଭୟଭୀତ ହୋଇ ପଳାଇଗଲେ । ମାତ୍ର ଲୁଇସ୍ ଏହି କାର୍ଯ୍ୟକୁ ବୁଝାଇ କହିଲେ, ପ୍ରତ୍ୟେକ ନାମ ପଷ୍ଚାତରେ ଅଙ୍କିତ କ୍ରୁଶର ଅର୍ଥ, ସେମାନଙ୍କ ପ୍ରତି ଦଣ୍ଡବିଧାନ ନୁହେଁ, ମାତ୍ର କ୍ରୁଶାର୍ପିତ ଖ୍ରୀଷ୍ଟଙ୍କ ନିମନ୍ତେ ତାହା କ୍ଷମାର ଚିହ୍ନ ଅଟେ ।

କେତେ ସହଜରେ ଆମେ ପ୍ରତିଶୋଧ ନେବା ପାଇଁ ମନରେ ଉତ୍ତେଜିତ ହୋଇଥାଉ ! ଆମର ଅପରାଧ ନ ଧରି ଖ୍ରୀଷ୍ଟଙ୍କର ଅତୁଳନୀୟ କ୍ଷମାକୁ ଭୁଲି ଯାଇଥାଉ । ସେଥିପାଇଁ ଈଶ୍ୱରଙ୍କ ବାକ୍ୟରେ ଲେଖାଯାଏ, **'ଆଉ ପରସ୍ପର ପ୍ରତି ସଦୟ ହୁଅ, କୋମଳ ହୃଦୟ ହୁଅ, ପୁଣି ଈଶ୍ୱର ଖ୍ରୀଷ୍ଟଙ୍କଠାରେ ତୁମ୍ଭମାନଙ୍କୁ ଯେପରି କ୍ଷମା କଲେ, ସେହିପରି ପରସ୍ପରକୁ କ୍ଷମା କର' (ଏଫିସୀୟ ୪:୩୨) । 'ପୁଣି ତୁମ୍ଭେମାନେ ଯେକୌଣସି ସମୟରେ ପ୍ରାର୍ଥନା କରିବାକୁ ଠିଆ ହୁଅ, ଯଦି କାହାରି ବିରୁଦ୍ଧରେ ତୁମ୍ଭମାନଙ୍କର କିଛି କଥା ଥାଏ, ତାହା ହେଲେ କ୍ଷମା କର, ଯେପରି ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ମଧ୍ୟ ତୁମ୍ଭମାନଙ୍କ ଅପରାଧ ସବୁ କ୍ଷମା କରିବେ' (ମାର୍କ ୧୧: ୨୫) ।**

## ଖ୍ରୀଷ୍ଟିୟ ସାକ୍ଷ୍ୟ

### ତୁମ୍ଭର ବତୀ ଜ୍ୱଳାଅ



**ବେଞ୍ଜାମୀନ୍ ଫ୍ରାଙ୍କଲିନ୍** ଥିଲେ ଫିଲାଡେଲଫିଆ ସହରର ଜଣେ ବିଶିଷ୍ଟ ନାଗରିକ । ତାଙ୍କର ସମୟରେ ସୂର୍ଯ୍ୟାସ୍ତ ପରେ ସମସ୍ତ ରାସ୍ତା ଅନ୍ଧକାରମୟ ରହୁଥିଲା । ସହରରେ ବାସ କରୁଥିବା ସହନାଗରିକମାନଙ୍କ ନିକଟରେ ଗୋଟିଏ ଆଦର୍ଶ ଦେଖାଇବାକୁ ଇଚ୍ଛା କରି ବେଞ୍ଜାମୀନ୍ ତାଙ୍କର ଗୃହ ସମ୍ମୁଖରେ ପ୍ରତ୍ୟେକ ଦିନ ଗୋଟିଏ ଲଣ୍ଠନ ସାରା ରାତି ଜ୍ୱଳାଇ ରଖୁଥିଲେ । ଲୋକମାନେ ଦୂର ରାସ୍ତା ଅନ୍ଧକାରରେ ଅଣ୍ଡାଳି ଅଣ୍ଡାଳି ଯାତ୍ରା କରି ଆସିବା ପରେ ଏହି ଆଲୋକ ନିକଟରେ ପହଞ୍ଚି ବିଶେଷ ଆଶ୍ୱସ୍ତି ଅନୁଭବ କରୁଥିଲେ । ସମୟ କ୍ରମେ ସହରର ପ୍ରତ୍ୟେକେ ନିଜ ନିଜର ଗୃହ ସମ୍ମୁଖରେ ଗୋଟିଏ ଗୋଟିଏ ଲଣ୍ଠନ ଲଗାଇ ରଖିବାକୁ ଆରମ୍ଭ କଲେ । ଫଳରେ ସନ୍ଧ୍ୟା ହୁଅନ୍ତେ ସହରର ସବୁ ଅଞ୍ଚଳ ଲଣ୍ଠନ ଆଲୋକରେ ଆଲୋକିତ ହୋଇ ଏକ ନିରାପଦ ସ୍ଥାନ ଭାବରେ ପରିଚିତ ହୋଇ ପାରିଲା ।

କେତେ ସହଜ ଓ ଆଷ୍ଚର୍ଯ୍ୟ ପରିବର୍ତ୍ତନ ! ତୁମ୍ଭେମାନେ ପ୍ରତ୍ୟେକେ ଗୋଟିଏ ଗୋଟିଏ ବତୀ ସଦୃଶ । ଯେଉଁ ସ୍ଥାନରେ ଆମେ ସଂସ୍ଥାପିତ, ଆଲୋକର ନ୍ୟାୟ ଜ୍ୱଳିବା, ତେବେ ଆମର ପରିବାର, ସମାଜ ତଥା ଦେଶକୁ ଆଲୋକମୟ କରି ପାରିବା । ଫଳରେ ସେହି ସ୍ଥାନଗୁଡ଼ିକରେ ଆମେ ଅନେକଙ୍କୁ ଅନ୍ଧକାରର ବିପଦପୂର୍ଣ୍ଣ ପଥରୁ ରକ୍ଷା କରିପାରିବା । ଯୀଶୁ କହିଲେ,**'ତୁମ୍ଭେମାନେ ଜଗତର ଜ୍ୟୋତିଃ । ପର୍ବତ ଉପରେ ସ୍ଥାପିତ ନଗର ଗୁପ୍ତ ହୋଇ ରହି ନ ପାରେ, କିଅବା ଲୋକମାନେ ଦୀପ ଜାଳି ମାଣ ତଳେ ରଖନ୍ତି ନାହିଁ, ମାତ୍ର ଦୀପରୁଖା ଉପରେ ରଖନ୍ତି, ସେଥିରେ ତାହା ଗୃହରେ ଥିବା ସମସ୍ତ ଲୋକଙ୍କୁ ଆଲୋକ ଦିଏ' (ମାଥିଉ ୫:୧୪-୧୫) ।**

**'କାରଣ ତୁମ୍ଭେମାନେ ପୂର୍ବେ ଅନ୍ଧକାରସ୍ୱରୂପ ଥିଲ, କିନ୍ତୁ ଏବେ ପ୍ରଭୁଙ୍କ ସହଭାଗୀତାରେ ଆଲୋକ ସ୍ୱରୂପ ହୋଇଅଛ, ଆଲୋକର ସନ୍ତାନମାନଙ୍କ ପରି ଆଚରଣ କର, କାରଣ ସମସ୍ତ ପ୍ରକାର ଉତ୍ତମତା, ଧାର୍ମିକତା ଓ ସତ୍ୟ ଆଲୋକର ଫଳ ସ୍ୱରୂପ' ( ଏଫିସୀ ୫:୮-୯ ।**

## ଖ୍ରୀଷ୍ଟିୟ ସାକ୍ଷ୍ୟ

୧୯୭୬ ମସୀହାରେ ଏକ ଭୟାବହ ଭୂମିକଂପ ଦ୍ୱାରା ଗୌତମାଲା ସହରର ପ୍ରାୟ ୨୫୦୦୦ ଲୋକଙ୍କର ପ୍ରାଣହାନୀ ଘଟିଥିଲା । ଲୋକମାନଙ୍କୁ ଉଦ୍ଧାର ଓ ସ୍ଥାନ ପରିଷ୍କାର କରିବା ନିମନ୍ତେ ଅନେକ ସ୍ୱେଚ୍ଛାସେବୀମାନେ ଆଗେଇ ଆସିଥିଲେ । ବିମାନ ବନ୍ଦରରେ ଖ୍ରୀଷ୍ଟିୟାନ ରିଲିଫ୍ ସଂସ୍ଥାର ମୁଖ୍ୟ ବ୍ୟକ୍ତି ଆର୍ଟ ବିଲ୍ସ୍, ଆମେରିକାର ଏକ ବଡ଼ ଡାକ୍ତରୀ କଲେଜର ପୂର୍ବତନ ପ୍ରେସିଡେଣ୍ଟ ଡ:ରେମଣ୍ଡ ବେନ୍ସନ୍‌ଙ୍କର ସାକ୍ଷାତ ପାଇଲେ । ଭୂମିକଂପରୁ ଉଦ୍ଧାର ପାଇଥିବା ଲୋକମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ଉଭୟେ ସେହି ସ୍ଥାନକୁ ଆସୁଥିଲେ ।

ସେହି ରାତିରେ ରହୁଥିବା ହୋଟେଲରେ **ଡଃବେନ୍‌ସନ୍** ଏହିପରି ଏକ ସ୍ଥାନକୁ ଆସିବାର କାରଣ ସେ ଆର୍ଟ ବିଲ୍‌ସ୍‌ଙ୍କୁ କହିଲେ, 'ମୁଁ ଯେ ଜଣେ ଅସ୍ତ୍ରୋପଚାର ଡାକ୍ତର, ତାହା ନୁହେଁ, ମାତ୍ର ମୁଁ ଜଣେ ଖ୍ରୀଷ୍ଟିୟାନ । ଡାକ୍ତର ଭାବରେ ମୁଁ ମୋହର  କାର୍ଯ୍ୟରେ ଆନନ୍ଦ ପାଏ ସତ, ମାତ୍ର ଏହି ସ୍ୱାସ୍ଥ୍ୟସେବା ମାଧ୍ୟମରେ ମୋର ଖ୍ରିଷ୍ଟିୟ ସାକ୍ଷ୍ୟକୁ ଅନ୍ୟମାନଙ୍କ ନିକଟରେ ପ୍ରକାଶ କରିବାର ଉଚ୍ଚତର ଆହ୍ୱାନ ପ୍ରତି ମୁଁ ବିଶେଷ ସଚେତନ ଅଟେ । ତାହାହିଁ ମୋତେ ଆଜି ଏହି ଗୌତମାଲା ସହରର ଦୂରାବସ୍ଥା ସ୍ଥାନକୁ କଢ଼ାଇ ଆଣିଛି' ।

ବାସ୍ତବରେ ଆମେ ଖ୍ରୀଷ୍ଟଙ୍କର ସାକ୍ଷୀ । ଆମେ ଯେ କେହି ହେଉନା କାହିଁକି, ଯେଉଁ ପରିସ୍ଥିତିରେ ଥାଉ ନା କାହିଁକି ଖ୍ରିଷ୍ଟିୟ ସାକ୍ଷ୍ୟ ବହନ କରିବା ନିମନ୍ତେ ଆମେ ଆହ୍ୱାନପ୍ରାପ୍ତ । ପାଉଲ କହନ୍ତି,**'ତୁମ୍ଭେମାନେ ଭୋଜନ କର କି ପାନ କର, ଅବା ଯାହା କିଛି କର, ଈଶ୍ୱରଙ୍କ ଗୌରବ ନିମନ୍ତେ ତାହା କର' (୧ମ କରନ୍ଥୀ ୧୦:୩୧) ।**

## ପ୍ରକୃତ ଖ୍ରୀଷ୍ଟଧର୍ମ

ଜଣେ ମିଶନେରୀ ଚୀନ୍ ଦେଶରେ କାର୍ଯ୍ୟ କରୁଥିବା ସମୟରେ ଜଣେ ଭଣ୍ଡାରୀ ଜୀବନର ଏକ ସତ୍ୟ ଘଟଣା ପ୍ରକାଶ କରନ୍ତି । ସାଧାରଣ ଭାବରେ ଉକ୍ତ ଭଣ୍ଡାରୀଙ୍କର କେତେକ ସହକର୍ମୀ ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ପେକିଂ ସହରର ବିଭିନ୍ନ ରାସ୍ତା, ଗଳି କନ୍ଦି ଦେଇ ଗଲାବେଳେ, ହାତରେ ଅନେକ ଗଣ୍ଠି ପଡ଼ିଥିବା ଗୋଟିଏ ବାଦ୍ୟ ଯନ୍ତ୍ରରେ ଏକ ଭିନ୍ନ ପ୍ରକାରର ଶବ୍ଦ ସୃଷ୍ଟି କରିବା ଦ୍ୱାରା ଲୋକମାନଙ୍କୁ ଦାଢ଼ି ଖିଅର ହେବା ନିମନ୍ତେ ତାଙ୍କ ନିକଟକୁ ଆକର୍ଷଣ କରିଥାଆନ୍ତି । ଏହିପରି ଦିନେ ରାସ୍ତାରେ ଯାଉଥିବା ସମୟରେ ସେ ରାସ୍ତାରୁ କୋଡ଼ିଏଟି ସୁନାମୁଦ୍ରା ପାଇଲେ । ହଜାଇଥିବା ବ୍ୟକ୍ତିଙ୍କର ସନ୍ଧାନ ପାଇବା ନିମନ୍ତେ ସେ ଚାରିଆଡ଼େ ଅନାଇ ରହିଲେ । ତାଙ୍କ ଆଗେ ଆଗେ ଯାଉଥିବା ବ୍ୟକ୍ତିଙ୍କର ହୁଏତ ସେହି ସୁନାମୁଦ୍ରାଗୁଡ଼ିକ ହୋଇଥିବ ଭାବି ତାଙ୍କର ପଛରେ ଯାଇ ତାଙ୍କ ସାକ୍ଷାତ ପାଇ ପଚାରିଲେ, 'ସାର୍, ଆପଣ କ'ଣ କିଛି ହଜାଇ ଦେଇଛନ୍ତି କି'? ଭଦ୍ର ବ୍ୟକ୍ତିଜଣକ ଆଷ୍ଚର୍ଯ୍ୟ ହୋଇ ଆପଣା ପକେଟ୍ ଅଣ୍ଡାଳିଲା ବେଳକୁ କୋଡ଼ିଏଟି ସୁନାମୁଦ୍ରା ଥିବା ବ୍ୟାଗ୍‌ଟି କେଉଁ ସ୍ଥାନରେ ପଡ଼ି ଯାଇଛି । 'ଠିକ୍ ଅଛି, ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ, ଏଇଟି ତୁମର ସେହି ବ୍ୟାଗ୍' । ବ୍ୟକ୍ତିଜଣକ ଆଷ୍ଚର୍ଯ୍ୟ ହୋଇ ପଚାରିଲେ ,'ତେବେ ତୁମେ କିଏ, ତୁମର ନାମ କ'ଣ? ତୁମର ଘର କେଉଁଠାରେ?' ଉତ୍ତରରେ ଭଣ୍ଡାରୀଜଣକ କହିଲେ, 'ମୁଁ କିଏ, ମୋର ନାମ କ'ଣ, କେଉଁଠାରେ ମୁଁ ରହେ, ତାହା ଜାଣିବା ବଡ଼ ବିଷୟ ନୁହେଁ, ମାତ୍ର ମୁଁ ଜଣେ ଖ୍ରୀଷ୍ଟିୟାନ, ଏହା ମୋର ପରିଚୟ, ସ୍ୱର୍ଗୋପରିସ୍ଥ ଈଶ୍ୱରଙ୍କ ଧର୍ମକୁ ମୁଁ ପାଳନ କରେ । ଅନ୍ୟର ପଦାର୍ଥକୁ ଚୋରୀ କରିବା ତ ବାଇବଲରେ ନିଷେଧ କରାଯାଇଅଛି, ମାତ୍ର ଆକସ୍ମିକ ଭାବରେ ଅନ୍ୟର ବିଷୟବସ୍ତୁକୁ ପାଇ ନିଜ ନିମନ୍ତେ ଧରି ରଖିବା ମଧ୍ୟ ଦୋଷ ଅଟେ' । ଭଦ୍ରବ୍ୟକ୍ତି ଜଣକ ଏହା



ଶୁଣିଲା ପରେ ଏହି ନୂତନ ଧର୍ମ ପ୍ରତି ବିଶେଷ ଆକର୍ଷିତ ହୋଇ ପରବର୍ତ୍ତୀ ସମୟରେ ଗୀର୍ଜା ଉପାସନାରେ ଯୋଗଦାନ କରି ଯୀଶୁଙ୍କୁ ନିଜ ଜୀବନରେ ଗ୍ରହଣ କରିଥିଲେ ।

ଆମର କଥା ଅପେକ୍ଷା କାର୍ଯ୍ୟଦ୍ୱାରା ଆମେ ଆମର ଖ୍ରିଷ୍ଟିୟ ବିଶ୍ୱାସକୁ ଫଳପ୍ରଦ ଓ ଶକ୍ତିଯୁକ୍ତ ଭାବରେ ଅନ୍ୟମାନଙ୍କ ନିକଟରେ ପ୍ରକାଶ କରି ପାରି ଥାଉ । ଈଶ୍ୱରଙ୍କ ବାକ୍ୟ କହେ, **'ସଂସାରରୁ ଆପଣାକୁ ନିଷ୍କଳଙ୍କ ରୂପେ ରକ୍ଷା କରିବା, ଏହା ଆମ୍ଭମାନଙ୍କ ଈଶ୍ୱର ଓ ପିତାଙ୍କ ଛାମୁରେ ବିଶୁଦ୍ଧ ଓ ନିର୍ମଳ ଧର୍ମପରାୟଣତା ଅଟେ' (ଯାକୁବ ୧:୨୭)** । ଥେସଲିନିକୀୟ ବିଶ୍ୱାସୀମାନଙ୍କର ପରିଚୟ ଦେଇ ପାଉଲ ଲେଖନ୍ତି, **'ତୁମ୍ଭେମାନେ ବହୁ କ୍ଲେଶଭୋଗ ମଧ୍ୟରେ ପବିତ୍ରଆତ୍ମାଙ୍କ ଦତ୍ତ ଆନନ୍ଦ ସହ ସେହି ବାକ୍ୟ ଶ୍ରବଣ କରି ଆମ୍ଭମାନଙ୍କ ଓ ପ୍ରଭୁଙ୍କର ଅନୁକାରୀ ହୋଇଥିଲ' (୧ମ ଥେସଲିନିକୀ ୧:୬-୮) ।**

## ଜୀବନ୍ତ ସାକ୍ଷ୍ୟ

ଜଣେ ପ୍ରଚାରକ ନିଜର ସମ୍ବାଦ ଶେଷ କରିବା ପୂର୍ବରୁ ଯୀଶୁଙ୍କୁ ନିଜ ଜୀବନରେ ଗ୍ରହଣ କରିବା ନିମନ୍ତେ ଉପସ୍ଥିତ ଲୋକମାନଙ୍କୁ ଏକ ଆହ୍ୱାନ ଦେଇଥିଲେ । ଆହ୍ୱାନର ବାସ୍ତବ ପ୍ରତ୍ୟୁତ୍ତର ଦେଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ଧନୀ ଓ ସମ୍ଭ୍ରାନ୍ତ ଶ୍ରେଣୀର ମହିଳା ଥିଲେ । କିଛି କହିବା ପାଇଁ ସେ ପ୍ରଚାରକଙ୍କଠାରୁ ଅନୁମତି ମାଗି କହିଲେ, 'ଆପଣଙ୍କୁ ଜଣାଇବା ନିମନ୍ତେ କହୁଛି, ଆପଣଙ୍କର ପ୍ରଚାରିତ ବାକ୍ୟରେ ପ୍ରଭାବିତ ହୋଇ ମୁଁ ସମ୍ମୁଖକୁ ଆସି ନାହିଁ, ମାତ୍ର ମୋର ସମ୍ମୁଖରେ ବସିଥିବା ଏହି ସାଧାରଣ ମହିଳାଙ୍କ ଜୀବନ ଦ୍ୱାରା ପ୍ରଭାବିତ ହୋଇ ମୁଁ ଆଜି ଏହି ସିଦ୍ଧାନ୍ତ ନେଇଛି । କଠିନ ପରିଶ୍ରମ ଫଳରେ ମହିଳାଙ୍କ ହାତର ଅଙ୍ଗୁଳିଗୁଡ଼ିକ କ୍ଷୟ ପାଇଛି । ଦୀର୍ଘ ବର୍ଷର କଠିନ ପରିଶ୍ରମ ତାହାଙ୍କୁ ଏହି ପ୍ରକାର ନିମ୍ନସ୍ତରକୁ ଆଣିଛି । ସେ ମୋହର ଗୃହରେ ସାଧାରଣ ସାହାଯ୍ୟକାରିଣୀ ଭାବରେ କାର୍ଯ୍ୟ କରି ଆସିଛି । ମୁଁ ତାକୁ କେବେ ହେଲେ ଅଧୈର୍ଯ୍ୟ ହେବାର, କି କୌଣସି କଟୁକଥା କହିବାର କିଅବା କୌଣସି ବିରୁଦ୍ଧାତ୍ମକ କାର୍ଯ୍ୟ କରିବାର ଦେଖି ନାହିଁ । ଅନେକ ଛୋଟ ଛୋଟ ନିଃସ୍ୱାର୍ଥପର, ପ୍ରେମପୂର୍ଣ୍ଣ କାର୍ଯ୍ୟଗୁଡ଼ିକ ତା'ର ଜୀବନକୁ ଭରପୁର କରି ରଖିଛି । ଅତି ଲଜ୍ଜ୍ୟାର ସହ କହିବାକୁ ଚାହେଁ, ଅନେକ ଥର ତା'ର ବିଶ୍ୱାସ ଓ ଈଶ୍ୱରଙ୍କ ପ୍ରତି ଦୃଢ଼ ଭରସାକୁ ମୁଁ ପ୍ରକାଶ୍ୟ ଭାବରେ ତାଚ୍ଛଲ୍ୟ କରି ଆସିଛି, ତଥାପି ଯେତେବେଳେ ମୋର ସାନ ଝିଅର ମୃତ୍ୟୁ ଘଟିଲା, ସେତେବେଳେ ସେ ମୋତେ ସାନ୍ତ୍ୱନାପୂର୍ବକ ମୃତ୍ୟୁ ପରେ ଯେଉଁ ଅନନ୍ତ ଜୀବନର ନିଶ୍ଚିତ ଭରସା ରହିଛି, ସେଥିପ୍ରତି ଦୃଷ୍ଟି କରିବାକୁ ମୋତେ ଉତ୍ସାହ ଦେଇ ଏହି ମହିଳା ମୋର ଆଖିରେ ଆଶାର ଲୋତକ ଭରି ଦେଇଥିଲା । ତା'ର ସମର୍ପିତ ଜୀବନର ସେହି ମାଧୁର୍ଯ୍ୟତା ମୋତେ ଖ୍ରୀଷ୍ଟଙ୍କ ନିକଟକୁ ଆକର୍ଷଣ କରିଛି । ଏହି ସୌନ୍ଦର୍ଯ୍ୟପୂର୍ଣ୍ଣ ଜୀବନର ଗୁଣଗୁଡ଼ିକ ପ୍ରତି ଆଜି ମୁଁ ଲାଳାୟିତ' । ପାଳକଙ୍କର ଅନୁରୋଧ କ୍ରମେ ସେହି ସାଧାରଣ ମହିଳାଙ୍କୁ ସମ୍ମୁଖକୁ

ଅଣାଗଲା । ତାଙ୍କ ଆଖିରେ ଆନନ୍ଦର ଅଶ୍ରୁ ଭରି ଯାଇଥିଲା । ମହିଳାଙ୍କ ପରିଚୟ ଦେଇ ପାଳକ ମହାଶୟ କହିଲେ, 'ପ୍ରକୃତରେ ଆଜିର ବାସ୍ତବ ବକ୍ତା ମୁଁ ନୁହେଁ, ମାତ୍ର ଏହି ମହିଳା ଅଟନ୍ତି' ।

ବାସ୍ତବରେ ଆମ୍ଭମାନଙ୍କ କଥା ଅପେକ୍ଷା ଆମର ଗୁପ୍ତ ଜୀବନର ସାକ୍ଷ୍ୟ ଅଧିକ ପ୍ରଭାବଶାଳୀ ଅଟେ । ସେଥିପାଇଁ ଆମର ଦୈନନ୍ଦିନ ଜୀବନର ଆଚରଣ ପ୍ରତି ସଚେତନ ରହିବା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ହୁଏତ ଆମର ଜୀବନ ଦ୍ୱାରା ଅନ୍ୟମାନେ ଯୀଶୁଙ୍କ ନିକଟକୁ ଆକର୍ଷିତ ହୋଇଥାନ୍ତି କିଅବା ତାହାଙ୍କଠାରୁ ଦୂରେଇ ଯାଇଥାଆନ୍ତି । **'ତୁମ୍ଭେମାନେ ଯେଉଁ ଆହ୍ୱାନରେ ଆହୂତ ହୋଇଅଛ, ସେଥିର ଯୋଗ୍ୟ ଆଚରଣ କର ଅର୍ଥାତ୍ ସର୍ବପ୍ରକାର ନମ୍ରତା, ମୃଦୁତା ଓ ଦୀର୍ଘସହିଷ୍ଣୁତା ସହ ପ୍ରେମରେ ପରସ୍ପର ପ୍ରତି ସହନଶୀଳ ହୁଅ, ଶାନ୍ତିରୂପ ବନ୍ଧନରେ ଆତ୍ମାଙ୍କ ଐକ୍ୟ ରକ୍ଷା କରିବା ନିମନ୍ତେ ଯତ୍ନବାନ ହୁଅ' (ଏଫିସୀୟ ୪:୨,୩) । ୧ମ କରନ୍ଥୀ ୧୩ ପର୍ବ ପାଠ କରନ୍ତୁ ।**

## ଅନ୍ୟମାନଙ୍କୁ ସାହାଯ୍ୟ

**ଅବ୍ରାହାମ ଲିଙ୍କନ୍** ଆମେରିକାର ରାଷ୍ଟ୍ରପତି ପଦରେ ନିଯୁକ୍ତି ପାଇବା ପରେ ଜଣେ ଭଦ୍ର ବ୍ୟକ୍ତି ତାଙ୍କଠାରୁ କିଛି ସାହାଯ୍ୟ ପାଇବା ନିମନ୍ତେ ତାଙ୍କ ଘରକୁ ଆସିଥିଲେ, ମାତ୍ର ସେ ଘରେ ନାହାନ୍ତି ବୋଲି ଜଣେ ସରକାରୀ ଅଫିସରଙ୍କଠାରୁ ଜାଣି ସେ ନିରାଶ ହୋଇ ଫେରି ଯାଉଥିବା ସମୟରେ ବାରଣ୍ଡାରେ ତାଙ୍କର ସାନ ପୁଅଙ୍କ ସାକ୍ଷାତ ପାଇଲେ । ରେଳ ଷ୍ଟେସନରେ ତାଙ୍କ ବାପାଙ୍କର ସାକ୍ଷାତ ପାଇବାର ସମ୍ଭାବନା ବିଷୟରେ ପୁଅ ସେହି ଭଦ୍ର ବ୍ୟକ୍ତିଙ୍କୁ ସୂଚନା ଦେଲେ । ତାଙ୍କର ଜଣେ ବନ୍ଧୁଙ୍କୁ ସାକ୍ଷାତ କରିବା ପାଇଁ ଲିଙ୍କନ୍ ରେଳ ଷ୍ଟେସନ୍‌କୁ ଯାଇଥିଲେ । ମାତ୍ର ବ୍ୟକ୍ତିଜଣକ ରାଷ୍ଟ୍ରପତି ଲିଙ୍କନଙ୍କୁ କେବେ ଦେଖି ନାହାନ୍ତି ବୋଲି ପୁଅଙ୍କୁ କହିଲେ । ଉତ୍ତରରେ ପୁଅ ବ୍ୟକ୍ତିଜଣଙ୍କୁ କହିଲେ, 'ତୁମେ ଯଦି ରେଳ ଷ୍ଟେସନକୁ ଯିବ ଏବଂ ଜଣେ ଡେଙ୍ଗା ବ୍ୟକ୍ତି ଅନ୍ୟ ଜଣେ ବ୍ୟକ୍ତିଙ୍କୁ ସାହାଯ୍ୟ କରିବାର ଦେଖିବ, ତେବେ ଜାଣିବ ଯେ ସେ ମୋର ବାପା' । ଅନ୍ୟ ସମସ୍ତ ଉତ୍ତମ ଗୁଣଗୁଡ଼ିକ ଅପେକ୍ଷା ଅବ୍ରାହାମ ଲିଙ୍କନଙ୍କର ଜୀବନରେ ଏହା ହୁଏତ ସର୍ବାପେକ୍ଷା ବଡ଼ ଆଦର୍ଶର ବିଷୟ ଥିଲା ।

ଜଣେ ପ୍ରକୃତ ଖ୍ରୀଷ୍ଟିୟାନ ଜୀବନରେ ଅନ୍ୟମାନଙ୍କୁ ସାହାଯ୍ୟ କରିବାର ଗୁଣଗୁଡ଼ିକ ସର୍ବଦା ପ୍ରତିଫଳିତ ହେବା ଆବଶ୍ୟକ । ଏଥିନିମନ୍ତେ ଆମେ ଆହୂତ । ଲେଖାଯାଏ,' **ଆମ୍ଭେମାନେ ଉତ୍ତମ କର୍ମ କରିବାରେ ଶ୍ରାନ୍ତ ନ ହେଉ, କାରଣ କ୍ଳାନ୍ତ ନୋହିଲେ, ଉପଯୁକ୍ତ ସମୟରେ ଶସ୍ୟ କାଟିବା' (ଗାଲାତୀ ୬:୯) ।**

**'ତୁମ୍ଭେମାନେ ବିଜାତୀମାନଙ୍କ ମଧ୍ୟରେ ସଦାଚରଣ କର, ଯେପରି ସେମାନେ ଯେଉଁ ବିଷୟରେ ତୁମ୍ଭମାନଙ୍କୁ ଦୁଷ୍କର୍ମକାରୀ ବୋଲି ନିନ୍ଦା କରନ୍ତି, ତୁମ୍ଭମାନଙ୍କର ସୁକର୍ମ ଦେଖି ସେହି ବିଷୟରେ କୃପାଦୃଷ୍ଟି**



**ଦିନରେ ଈଶ୍ୱରଙ୍କର ଗୌରବ କରିବେ' (୧ମ ପିତର ୨:୧୨)**

**'ସମସ୍ତ ଆତ୍ମିକ ଜ୍ଞାନ ଓ ବୁଦ୍ଧିରେ ପ୍ରଭୁଙ୍କୁ ସର୍ବ ପ୍ରକାରେ ସନ୍ତୁଷ୍ଟ କରିବା ନିମନ୍ତେ ତାହାଙ୍କ ଯୋଗ୍ୟ ଆଚରଣ କର, ଅର୍ଥାତ୍ ଈଶ୍ୱରଙ୍କ ତତ୍ତ୍ୱଜ୍ଞାନରେ ବଢ଼ି ସମସ୍ତ ସତ୍ କର୍ମର ଫଳରେ ଫଳବାନ ହୁଅ' (କଲସୀ ୧:୧୦) ।**

## ସାହାଯ୍ୟକାରୀ ହସ୍ତ

ସେ ଦିନ ଥିଲା ଅତ୍ୟନ୍ତ ଥଣ୍ଡାଳିଆ ପାଗ ଓ ନୈରାଶ୍ୟଜନକ ଦିନ । **ୱାଶିଂଟନ୍** ନିଜର ବାସସ୍ଥାନରୁ ବାହାରି ପ୍ରବଳ ଥଣ୍ଡାରୁ ସୁରକ୍ଷା ନିମନ୍ତେ ନିଜର ପିନ୍ଧିଥିବା କୋର୍ଟ ଓ ମୁଣ୍ଡର ଟୋପିକୁ ଟାଣି ମୁହଁ ଘୋଡ଼ାଇ ରାସ୍ତାରେ ଚାଲିବା ପାଇଁ ଆରମ୍ଭ କଲେ । ପଥ ମଧ୍ୟରେ ସେ କେତେକ ସୈନିକ ମାନଙ୍କୁ ଏକ ସ୍ଥାନକୁ ସୁରକ୍ଷା କରୁଥିବାର ଲକ୍ଷ୍ୟ କଲେ । ସେ ଯେ ସୈନ୍ୟ ବିଭାଗର ସର୍ବପ୍ରଧାନ ଅଧିନାୟକ, ତାହା ସେ ଦିନ କେହି ଜାଣି ପାରି ନ ଥିଲେ ।

କାର୍ଯ୍ୟସ୍ଥଳୀର ନିକଟରେ ପହଞ୍ଚି ସେ ଦେଖିଲେ ଯେ କେତେକ ସୈନ୍ୟମାନେ ସେମାନଙ୍କର ଉପରିସ୍ଥ ଅଫିସରଙ୍କ ପରିଚାଳନାରେ ବଡ଼ ବଡ଼ କାଠଗଣ୍ଡି ଗୁଡ଼ିକରେ ଏକ ସୁରକ୍ଷାର ସ୍ଥାନ ନିର୍ମାଣ କରୁଥାଆନ୍ତି । ଶେଷରେ ଏକ ବୃହତ୍ କାଠଗଣ୍ଡିକୁ ଉପରକୁ ଉଠାଇବା ନିମନ୍ତେ ସମସ୍ତେ ପ୍ରାଣପଣ କରୁଥିଲେ, ମାତ୍ର ଅଫିସର୍ ଜଣକ ପାଖରେ ଠିଆ ହୋଇ କେବଳ ସେମାନଙ୍କୁ ଆଦେଶ ଦେଉଥାଆନ୍ତି । ଚିତ୍କାର କରି ସେ କହୁଥାଆନ୍ତି, 'ଉଠାଅ, ଜୋରରେ ଉଠାଅ, ସମସ୍ତେ ଏକତ୍ର ଭାବରେ ଉଠାଅ !' ସୈନ୍ୟମାନେ ଅଫିସରଙ୍କ କଥାରେ ଉତ୍ସାହ ଓ ସାହସ ପାଇ କାଠ ଗଣ୍ଡିକୁ ପ୍ରାୟ ଉପରକୁ ଉଠାଇ ଯଥା ସ୍ଥାନରେ ରଖିବା ପୂର୍ବରୁ ତାହା ଖସି ତଳେ ପଡ଼ିଗଲା, କାରଣ କାଠଗଣ୍ଡିଟି ଖୁବ୍ ଭାରି ଥିଲା । ପୂର୍ବ ପରି ଅଫିସର୍ ସୈନ୍ୟମାନଙ୍କୁ କାଠକୁ ପୁନର୍ବାର ଉଠାଇବା ପାଇଁ ଆଦେଶ ଦେଉଥାଆନ୍ତି । ମାତ୍ର ପ୍ରାୟ ତିନିଥର ସେମାନେ ବିଫଳ ହୋଇ ବିଶେଷ ନିରୁତ୍ସାହିତ ହୋଇ ପଡ଼ିଲେ । ୱାଶିଂଟନ୍ ଟିକେ ଦୂରରେ ଠିଆ ହୋଇ ସେହି ସମସ୍ତ ଲକ୍ଷ୍ୟ କରୁଥାଆନ୍ତି । ଶେଷଥର ନିମନ୍ତେ ଯେତେବେଳେ ସେମାନେ ଆପଣାର ସମସ୍ତ ଶକ୍ତି ପ୍ରୟୋଗ କରି କାଠକୁ ଉଠାଉଥିଲେ, ତାହା ନିର୍ଦ୍ଧିଷ୍ଟ ସ୍ଥାନରୁ ପୁନର୍ବାର ଖସି ପଡ଼ିବା ପୂର୍ବରୁ ୱାଶିଂଟନ୍ ସେମାନଙ୍କ ନିକଟକୁ ଦୌଡ଼ି ଯାଇ ତାଙ୍କର ସମସ୍ତ ଶକ୍ତି ପ୍ରୟୋଗ କରି ସେମାନଙ୍କ ସହିତ କାଠଗଣ୍ଡିକୁ ନିରୂପିତ ସ୍ଥାନରେ ରଖି ପାରିଥିଲେ । ଯେତେବେଳେ ସୈନ୍ୟମାନେ ଉକ୍ତ ବ୍ୟକ୍ତିଙ୍କୁ ଧନ୍ୟବାଦ ଦେବା ନିମନ୍ତେ ଆଗେଇ ଆସିଲେ, ସେତେବେଳେ ୱାଶିଂଟନ୍ ଅଫିସରଙ୍କ ପ୍ରତି ଦୃଷ୍ଟି କରି ପଚାରିଲେ, 'ତୁମେ କାହିଁକି ସୈନ୍ୟମାନଙ୍କୁ ସେମାନଙ୍କ ପ୍ରଚେଷ୍ଟାରେ ସାହାଯ୍ୟର ହାତ ବଢ଼ାଇଲ ନାହିଁ? ଉତ୍ତରରେ

ସେ କହିଲେ, 'କାହିଁକି ମୁଁ? ତୁମେ କ'ଣ ଜାଣ ନାହିଁ କି ମୁଁ ସେମାନଙ୍କର ଅଫିସର୍'? ୱାଶିଂଟନ୍ କହିଲେ, 'ହଁ, ତାହା ସତ୍ୟ' । ନିଜର କୋର୍ଟ ଓ ଭିତରେ ପିନ୍ଧିଥିବା ତାଙ୍କର ୟୁନିଫର୍ମକୁ ଦେଖାଇ କହିଲେ, 'ମୁଁ ସେନା ବାହିନୀର ସର୍ବପ୍ରଧାନ ଅଧିନାୟକ, ପରବର୍ତ୍ତୀ ସମୟରେ ଯଦି ତୁମର ଲୋକମାନଙ୍କର କୌଣସି କଠିନ କାର୍ଯ୍ୟ କରିବାର ଥାଏ, ତେବେ ମୋର ସାହାଯ୍ୟ ସର୍ବଦା ସେମାନଙ୍କ ପାଇଁ ରହିଛି' ।

ବାସ୍ତବରେ କେଡ଼େ ମହାନ୍ ଆଦର୍ଶ ! ଏହା କ'ଣ ସତ୍ୟ ନୁହେଁ କି ଆମ ଚାରିପାଖରେ ଆଜି ଅନେକ ଅଛନ୍ତି, ଯେଉଁମାନେ ବିଭିନ୍ନ ବିଷୟରେ କ୍ଳାନ୍ତ, ଭାରଗ୍ରସ୍ତ ଓ ନିରୁତ୍ସାହିତ – ଅନ୍ୟର ଟିକିଏ ସାହାଯ୍ୟର ହାତକୁ ଅପେକ୍ଷା କରି ରହିଛନ୍ତି । ଆମର ଆଖି କ'ଣ ତାହା ଦେଖୁ ନାହିଁ, କାନ କ'ଣ ତାହା ଶୁଣି ନାହିଁ? ତଥାପି ଆମେ ନିରୁତ୍ତର, ନିଷ୍କ୍ରିୟ ! ଆମେ ମନେ ମନେ କହୁ, ମୁଁ କ'ଣ ମୋ ଭାଇର ରକ୍ଷକ ? ହଁ, ନିଶ୍ଚିତ, ଆମେ ଅନ୍ୟର ସାହାଯ୍ୟାର୍ଥେ ଦାୟିତ୍ୱବାନ୍ ଅଟୁ । ଟିକିଏ ସାହାଯ୍ୟ, ପଦେ ଉତ୍ସାହର କଥା, ନିଶ୍ଚିତ ଭାବରେ ତାହା ଅନେକଙ୍କୁ ସଫଳତାର ମାର୍ଗରେ ଅଗ୍ରସର କରାଇବାରେ ସାହାଯ୍ୟ କରିବ । ଆସୁ, ସ୍ୱାର୍ଥପର ନ ହୋଇ ଅନ୍ୟମାନଙ୍କର ଭାର ବହନ କରିବାରେ ଆମେ ଉଦଯୋଗୀ ହେଉ । ଗାଲାତୀ ମଣ୍ଡଳୀର ବିଶ୍ୱାସୀମାନଙ୍କୁ ଉତ୍ସାହ ଦେଇ ପାଉଲ କହନ୍ତି, **'ପରସ୍ପରର ଭାର ବହନ କର, ଏହି ପ୍ରକାରେ ତୁମ୍ଭେମାନେ ଖ୍ରୀଷ୍ଟଙ୍କ ବ୍ୟବସ୍ଥା ସଫଳ କରିବ' (ଗାଲତୀ ୬:୨-୫) ।**

## ପ୍ରକୃତ ବନ୍ଧୁ

**ଅବ୍ରାହାମ ଲିଙ୍କନ** ଆମେରିକାର ରାଷ୍ଟ୍ରପତି ଥିବା ସମୟରେ ବେସାମରିକ ଯୁଦ୍ଧ ଚାଲିଥିଲା । ସେ ସମୟରେ ଅନେକ ସୈନିକ ବିଶ୍ୱାସଘାତକତାର କାର୍ଯ୍ୟ କରି ଧରା ପଡ଼ିଥିଲେ, ଫଳରେ ଅନେକଙ୍କୁ ଫାଶୀଦଣ୍ଡ ଭୋଗିବା ନିମନ୍ତେ ନିଷ୍ପତ୍ତି ନିଆ ଯାଇଥିଲା । ଅନେକ ଧର୍ମଗୁରୁ ଓ ଦେଶର ବିଶିଷ୍ଟ ନେତୃବୃନ୍ଦ ସୈନିକମାନଙ୍କ ପକ୍ଷରେ ଦୟା ଭିକ୍ଷା କରିଥିଲେ । ଯେଉଁଦିନ ଫାଶୀଦଣ୍ଡ ଦିଆଯିବ, ଦଣ୍ଡାଦେଶଗୁଡ଼ିକ ସହିତ ବନ୍ଧୁମାନଙ୍କର ଜୀବନ ରକ୍ଷା କରିବା ନିମନ୍ତେ ରାଷ୍ଟ୍ରପତିଙ୍କ ନିକଟକୁ ଆସିଥିବା ଆବେଦନ ପତ୍ରଗୁଡ଼ିକ ମଧ୍ୟ ପାଠ କରାଯାଇଥିଲା । ଫଳରେ ରାଷ୍ଟ୍ରପତି ଲିଙ୍କନ୍ ଅନେକଙ୍କୁ କ୍ଷମା ଦେଇଥିଲେ । ଶେଷରେ ଜଣେ ବ୍ୟକ୍ତିଙ୍କର ଏହି ଦଣ୍ଡାଦେଶକୁ ନିଆଗଲା କିନ୍ତୁ ତାଙ୍କ ସପକ୍ଷରେ କୌଣସି ଦୟା ଭିକ୍ଷାର ଆବେଦନ ପତ୍ର ଆସି ନ ଥିଲା । ସେଥିରେ ରାଷ୍ଟ୍ରପତି ମହାଶୟ ତାଙ୍କର ସେକ୍ରେଟେରୀଙ୍କ ଆଡ଼େ ଦୃଷ୍ଟି ଆରୋପ କରି କହିଲେ, 'ସାର୍, ମୁଁ ଜାଣିପାରୁଛି ଏହି ବ୍ୟକ୍ତିଙ୍କର କୌଣସି ବନ୍ଧୁ ନାହାନ୍ତି' । ଉତ୍ତରରେ ସେକ୍ରେଟେରୀ କହିଲେ, 'ନା, ରାଷ୍ଟ୍ରପତି ମହାଶୟ' । ସେଥିରେ ରାଷ୍ଟ୍ରପତି ଦଣ୍ଡାଦେଶକୁ ନେଇ ତା' ଉପରେ ଲେଖିଲେ, 'କ୍ଷମାପ୍ରାପ୍ତ' – ଲିଙ୍କନ୍ । ନିମ୍ନଭାଗରେ ନିଜର ସ୍ୱାକ୍ଷର ଦେଇ ସେକ୍ରେଟେରୀଙ୍କୁ କହିଲେ, 'ତେବେ ସାର୍, ମୁଁ ତା'ର ବନ୍ଧୁ ହେବି' !



ଆମ ଚାରିପାଖରେ ଆଜି ଅନେକେ ନିଃସଙ୍ଗ । ହୋଇପାରେ ବିଭିନ୍ନ ପରିସ୍ଥିତିର ଚାପାରେ ସେମାନେ କ୍ଳାନ୍ତ, ଭାରଗ୍ରସ୍ତ, ପରିବାର ଦ୍ୱାରା ପରିତ୍ୟକ୍ତ । ଦାଉଦଙ୍କ ପରି ଅନେକ କହନ୍ତି, ମୋର ପ୍ରାଣ ପାଇଁ କେହି ଚିନ୍ତା କରନ୍ତି ନାହିଁ । ଏହା ସତ୍ୟ ଯେ ପ୍ରତ୍ୟେକଙ୍କ ପାଇଁ ଈଶ୍ୱର ମନଯୋଗୀ ଅଟନ୍ତି, ତଥାପି ମନୁଷ୍ୟ ଭାବରେ ସେମାନେ ଜଣେ ବ୍ୟକ୍ତିଙ୍କୁ ଖୋଜନ୍ତି, ଯେ କି ସେମାନଙ୍କ ପରିସ୍ଥିତିରେ ଶାନ୍ତି ଓ ସାନ୍ତ୍ୱନାର କାରଣ ହୋଇପାରିବେ ।

ଏହିପରି ଜଣେ ବ୍ୟକ୍ତିଙ୍କ ନିମନ୍ତେ ଆପଣ କ'ଣ ଏକ ବନ୍ଧୁ ହୋଇ ପାରିବେ? ଈଶ୍ୱର ଅବ୍ରାହାମଙ୍କୁ ଓ ବେଥାନୀ ଗ୍ରାମର ଲାଜାରଙ୍କୁ ଆପଣା ବନ୍ଧୁ ବୋଲି ପରିଚୟ ଦେବା ପାଇଁ ଲଜ୍ଜିତ ନ ଥିଲେ (ଯିଶାଇୟ ୪୧:୮, ଯୋହନ ୧୧:୧୧) । **'ଜଣେ ପ୍ରେମକାରୀ ଅଛନ୍ତି, ଯେ ଭାଇ ଅପେକ୍ଷା ଅଧିକ ନିକଟରେ ଲାଗି ରହନ୍ତି' (ହିତୋପଦେଶ ୧୮:୨୪ଖ) ।**

## ଅନ୍ୟ କେହି ତାହା କରିପାରିବ !

ଥରେ ଜଣେ ପ୍ରଭୁଙ୍କର ସେବକ ଗାଡ଼ିରେ ଯାତ୍ରା କରିବା ସମୟରେ ହଠାତ୍ ତାଙ୍କ ଗାଡ଼ିର ଆଲୋକରେ ଆଶାଶୂନ୍ୟ ଭାବରେ ହାତ ହଲାଉଥିବା ଜଣେ ମହିଳାଙ୍କୁ ଦେଖି ପାରିଲେ । ଗାଡ଼ିକୁ ଅଟକାଇବା ପାଇଁ ସେ ଇଚ୍ଛା କରୁ ନ ଥିଲେ, କାରଣ ବିଳମ୍ବ ହୋଇ ଯାଇଥିଲା, ପୁଣି ବାହାରେ ଭୀଷଣ ଥଣ୍ଡା ଥିଲା – ସେ ପୁଣି ତାଙ୍କର ସ୍ତ୍ରୀ ସାରାଦିନ ଗୋଟିଏ କ୍ଷୁଦ୍ର ମଣ୍ଡଳୀରେ ସେବାକାର୍ଯ୍ୟ କରି ଅତି କ୍ଳାନ୍ତ ମଧ୍ୟ ହୋଇ ପଡ଼ି ଥିଲେ । ଗାଡ଼ିର ପଛ ଭାଗରେ ତାଙ୍କର ସାନ ପୁଅ ଶୋଇ ପଡ଼ିଥିଲା, ପୁଣି ଆସନ୍ତାକାଲି ସକାଳ ସାଢ଼େ ଆଠଟା ସମୟରେ ବାଇବଲ କଲେଜରେ ତାଙ୍କର କ୍ଲାସ୍ ନେବାର କାର୍ଯ୍ୟକ୍ରମ ଥିଲା । ଏହି ସମସ୍ତ ପରିସ୍ଥିତିରେ ସେ ମନେ ମନେ କହିବା ପାଇଁ ଆରମ୍ଭ କଲେ, ହୁଏତ ଆଉ କିଏ ଏହି ପଥ ଦେଇ ଆସିବ, ଯେ କି ମହିଳାଙ୍କ ପରିସ୍ଥିତି ଦେଖି ତାଙ୍କୁ ସାହାଯ୍ୟ କରି ପାରିବ । ମାତ୍ର ତାଙ୍କ ବିବେକ ତାଙ୍କୁ ଗାଡ଼ି ଅଟକାଇବା ପାଇଁ ଆଘାତ କରୁଥାଏ, ଫଳରେ ସେ ଗାଡ଼ିକୁ ଆଗକୁ ନ ଚଳାଇ ମହିଳାଙ୍କ ଗାଡ଼ି ନିକଟରେ ପହଞ୍ଚି ଦେଖିଲେ ଯେ, ସେହି ଗାଡ଼ିରେ ଅଚେତ ଅବସ୍ଥାରେ ଚାରିଜଣ ସାନ ପିଲା ପଡ଼ି ରହିଛନ୍ତି । ଅନ୍ୟ ଏକ ଗାଡ଼ିର ବିଷାକ୍ତ ଧୂଆଁରେ ଏହି ସାନ ପିଲାମାନେ ଆକ୍ରାନ୍ତ ହୋଇ ଅଚେତ ହୋଇ ପଡ଼ିଥିଲେ । ସଙ୍ଗେ ସଙ୍ଗେ ସେମାନଙ୍କୁ ସେ ଗାଡ଼ିରେ ନେଇ ନିକଟବର୍ତ୍ତୀ ଡାକ୍ତରଖାନାରେ ଚିକିତ୍ସାଧୀନ କରାଇ ଥିଲେ । ଉପଯୁକ୍ତ ସମୟରେ ଚିକିତ୍ସା ପାଇବାରୁ ପିଲାମାନେ ସୁସ୍ଥତା ଆଡ଼କୁ ଫେରି ଆସି ପାରିଲେ ।

ଯଦି ପ୍ରଭୁଙ୍କର ସେହି ଦାସ ତ୍ୟାଗସ୍ୱୀକାର ପୂର୍ବକ ଗାଡ଼ିକୁ ଅଟକାଇ ନ ଥାନ୍ତେ, କିଅବା ପଛରେ ଆସୁଥିବା ଅନ୍ୟ କୌଣସି ବ୍ୟକ୍ତି ସେମାନଙ୍କୁ ସାହାଯ୍ୟ କରିବ ବୋଲି ନିଷ୍ଚିତ ରହିଥାନ୍ତେ, ତେବେ ଅଚେତ ପିଲାମାନଙ୍କର ଶେଷ ଦଶା କ'ଣ ହୋଇଥାଆନ୍ତା! ଏହିପରି ଅନେକ ଅତ୍ୟାବଶ୍ୟକ ବିଷୟଗୁଡ଼ିକ ଆମର ଚାରିପାଖେ ଅପୂରଣୀୟ ହୋଇ ରହି ଯାଉଛି । ହୋଇପାରେ, ଗୋଟିଏ ବୟସ୍କ ଦଂପତ୍ତି ଉପାସନାକୁ ଯିବା ନିମନ୍ତେ ଅକ୍ଷମ, ରୋଗରେ ଆକ୍ରାନ୍ତ ମହିଳାଜଣକ ନିଃସଙ୍ଗ, ଏହିପରି ଅନେକେ ଆଜି ଆମର ଟିକିଏ ସାହାଯ୍ୟ ନିମନ୍ତେ ଅପେକ୍ଷା କରି ରହିଛନ୍ତି । ଆମେ କହୁ ଆମେ ବହୁତ ବ୍ୟସ୍ତ, ସମୟ ଅଭାବ, ଅର୍ଥ ମଧ୍ୟ ନାହିଁ । ଆମର ଏହି ଯୁକ୍ତିଗୁଡ଼ିକ କ'ଣ ବାସ୍ତବରେ ଯୁକ୍ତିଯୁକ୍ତ ! ଆଜି ଦେଖିବା ନିମନ୍ତେ ଏକ ଉନ୍ମୁକ୍ତ ଆଖି, ଶୁଣିବା ନିମନ୍ତେ ଏକ ଉନ୍ମୁକ୍ତ କାନ ପୁଣି ଅନୁଭବ କରିବା ନିମନ୍ତେ ଏକ ବିଗଳିତ ହୃଦୟ, ପୁଣି ସାହାଯ୍ୟ ନିମନ୍ତେ ଇଚ୍ଛୁକ ହାତ ଓ ଗୋଡ଼ର ଆବଶ୍ୟକତା ରହିଛି । ଆପଣ ଓ ମୋ ବିଷୟରେ କ'ଣ? ବାକ୍ୟରେ ଲେଖାଯାଏ, '**ଅତଏବ ସୁଯୋଗ ଅନୁସାରେ ସମସ୍ତଙ୍କର ବିଶେଷତଃ ଏକ ପରିବାରଭୁକ୍ତ ବିଶ୍ୱାସୀମାନଙ୍କର ମଙ୍ଗଳ କରୁ' (ଗାଲାତୀ ୬:୧୦) ।**

**'କାରଣ ଆମ୍ଭେମାନେ ତାହାଙ୍କର ରଚନା, ଯେସମସ୍ତ ସତ୍ କାର୍ଯ୍ୟ ଆମ୍ଭେମାନେ କରିବୁ ବୋଲି ଈଶ୍ୱର ପୂର୍ବରୁ ଆୟୋଜନ କରିଥିଲେ, ଆଚରଣରେ ସେହି ସବୁ ସାଧନ କରିବା ନିମନ୍ତେ ଖ୍ରୀଷ୍ଟ ଯୀଶୁଙ୍କଠାରେ ସୃଷ୍ଟ' (ଏଫିସୀ ୨:୧୦) ।**

**' ପରୋପକାର କରି ସମସ୍ତ ସତ୍ କର୍ମରେ ଧନୀ ହୁଅନ୍ତି, ଆଉ ମୁକ୍ତ ହସ୍ତରେ ଓ ଉଦାର ଭାବରେ ଦାନ କରନ୍ତି, ଏଥି ନିମନ୍ତେ ସେମାନଙ୍କୁ ଆଜ୍ଞା ଦିଅ' (୧ମ ତିମଥୀ ୬:୧୮) ।**

## ପ୍ରତିଶୋଧ ନ ନିଅ

ଅନେକ ବର୍ଷ ପୂର୍ବେ ଚୀନ୍ ଦେଶକୁ ପ୍ରେରିତ ମିଶନେରୀ ଈଶ୍ୱରଙ୍କ ବାକ୍ୟ ନେଇ ଗୋଟିଏ ପରେ ଆଉ ଗୋଟିଏ ଗ୍ରାମକୁ ଯାଉଥିଲେ । ସେବାକାର୍ଯ୍ୟରେ ବିଶେଷ ଫଳ ଦେଖା ଯାଉ ନ ଥିଲା । ନିଜକୁ ସେ ପ୍ରଶ୍ନ ପଚାରିବାକୁ ଲାଗିଲେ, 'ମୋର ସେବାକାର୍ଯ୍ୟ ପ୍ରାୟ ବ୍ୟର୍ଥ ପରି ମନେ ହେଉଛି' । ଦିନେ ଜଣେ ଚୀନ୍ ଦେଶୀୟ ଯୁବକ ତାଙ୍କୁ କହିଲେ,'ଗୁରୁ, ମୁଁ ତୁମର ପ୍ରଚାରିତ ସମ୍ବାଦ ଶୁଣିଛି । ଯାହାଙ୍କୁ ଯୀଶୁ ବୋଲି କହନ୍ତି, ତାହାଙ୍କ ବିଷୟରେ ତୁମେ ଖୁବ୍ ସୁନ୍ଦର ଭାବରେ ପ୍ରଚାର କରୁଛ । ମୋ ଜୀବନରେ ଏକ ଆତ୍ମିକ କ୍ଷୁଧା ରହିଛି । ଯାହାକୁ ତୁମେ ଖ୍ରୀଷ୍ଟ ବୋଲି କହୁଛ, ସେ ମୋର ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ଉତ୍ତର ନିଷ୍ଚୟ ଦେବେ' । ମିଶନେରୀ ପଚାରିଲେ, 'ତେବେ ପ୍ରଶ୍ନଟି କ'ଣ?' ଏହା ହେଉଛି ତାହା, ଏହା କହି ଯୁବକଜଣକ ଅତି ଜୋରରେ ମିଶନେରୀଙ୍କ ଗାଲରେ ଚାପୁଡ଼ାଟିଏ ମାରିଲେ । ଆଶ୍ଚର୍ଯ୍ୟ, ଅପମାନିତ ଓ ନିରାଶ ହୋଇ ଈଶ୍ୱରଙ୍କ ଦାସ କିଛି ସମୟ ନୀରବ ରହିବା ପରେ ପଚାରିଲେ, 'ତୁମେ



କାହିଁକି ମୋ ପ୍ରତି ଏପ୍ରକାର କଲ'? ଯୁବକ ଉତ୍ତରରେ କହିଲେ,'ତୁମ ପ୍ରତି ଏହି ପ୍ରକାର ଅପମାନିତ ବ୍ୟବହାରରେ ତୁମର ପ୍ରତିକ୍ରିୟା ଦେଖିବା ନିମନ୍ତେ ମୁଁ ତାହା କରିଥିଲି – ତୁମେ ମୋ ପ୍ରତି ପ୍ରତିଶୋଧ ନେବ କି ନାହିଁ, ତାହା ଦେଖୁଥିଲି' । ତହିଁରେ ମିଶନେରୀ କହିଲେ, 'ପ୍ରତିଶୋଧ କୌଣସି ଉତ୍ତମ କାର୍ଯ୍ୟ ସାଧନ କରି ନ ଥାଏ । ମୋର ପ୍ରଭୁ କହିଥିଲେ,' ଲୋକମାନେ ଯେତେବେଳେ ତୁମ୍ଭକୁ ତିରସ୍କାର କରନ୍ତି, ସେତେବେଳେ ତୁମେ ଧନ୍ୟ....ଆନନ୍ଦ କର ଓ ଉଲ୍ଲସିତ ହୁଅ' (ମାଥିଉ ୫:୧୧,୧୨) । ଲୁହ ଭରା ଆଖିରେ ଯୁବକ ଜଣକ କହିଲେ, 'ହେ ଗୁରୁ, ମୁଁ ତୁମର କ୍ଷମା ଭିକ୍ଷା କରୁଛି' ।

ଅନ୍ୟମାନଙ୍କଠାରୁ ଆପଣ କ'ଣ ସେହି ପ୍ରକାର ଅପମାନଜନକ ଦୁର୍ବ୍ୟବହାର ପାଉଛନ୍ତି କି? ପ୍ରତିଶୋଧ ନେବା ନିମନ୍ତେ ମନ ଓ ହୃଦୟ ଉତ୍ତେଜିତ ହେଉଛି କି? ପ୍ରଭୁ କହନ୍ତି, '**ପ୍ରତିଶୋଧ ନେବା ଆମ୍ଭର ଅଧିକାର' । 'ମନ୍ଦ ବଦଳରେ କାହାରି ମନ୍ଦ କର ନାହିଁ, ସମସ୍ତ ମନୁଷ୍ୟଙ୍କ ଦୃଷ୍ଟିରେ ଯାହା ଯାହା ଉତ୍ତମ , ସେହି ସବୁ ଚିନ୍ତା କର, ସମ୍ଭବ ହେଲେ , ତୁମର ଯେତେ ପର୍ଯ୍ୟନ୍ତ ସାଧ୍ୟ ସମସ୍ତ ଲୋକଙ୍କ ସହିତ ଶାନ୍ତିରେ ରୁହ । ହେ ଭାଇମାନେ, ତୁମ୍ଭେମାନେ ନିଜେ ନିଜେ ପ୍ରତିଶୋଧ ନିଅ ନାହିଁ, କିନ୍ତୁ କ୍ରୋଧ ପାଇଁ ସ୍ଥାନ ଛାଡ଼ି ଦିଅ, କାରଣ ଲେଖାଅଛି, ପ୍ରଭୁ କହନ୍ତି, ପ୍ରତିଶୋଧ ନେବା ଆମ୍ଭର ଅଧିକାର, ଆମ୍ଭେ ପ୍ରତିଫଳ ଦେବା' (ରୋମୀ ୧୨:୧୭-୧୯ ) ।**

## ଶତ୍ରୁକୁ ପ୍ରେମ କର

ଥରେ ଆମେରିକାରେ ଯୁଦ୍ଧ ଚାଲୁଥିବା ସମୟରେ ଜଣେ ବାପଟିଷ୍ଟ ପାଳକ **ପିଟର୍ ମିଲର୍** ଦୀର୍ଘ ୭୦ ମାଇଲ୍ ପଦଯାତ୍ରା କରି, ମାଇକେଲ ୱିଟମାନ୍ଙ୍କୁ ମୃତ୍ୟୁ ଦଣ୍ଡରୁ ରକ୍ଷା କରିବା ନିମନ୍ତେ ଆସିଥିଲେ । ୱିଟମାନ୍ଙ୍କୁ ଦେଶଦ୍ରୋହୀ ଭାବରେ ଧରା ଯାଇ ମୃତ୍ୟୁ ଦଣ୍ଡାଦେଶ ଦିଆ ଯାଇଥିଲା । ମିଲରଙ୍କ ଆବେଦନକୁ ଶୁଣି ଜର୍ଜ ୱାଶିଂଟନ୍ କହିଲେ, 'ମୁଁ ତୁମର ବନ୍ଧୁଙ୍କର ଜୀବନ ରକ୍ଷା କରି ନ ପାରେ' । ମିଲର୍ ଉତ୍ତର ଦେଲେ,'ମୋର ବନ୍ଧୁ! କାହିଁକି, ସେ ତ ମୋର ସବୁଠାରୁ ବଡ଼ ଶତ୍ରୁ' ! ୱାଶିଂଟନ୍ କହିଲେ, 'କଅଣ ? ତୁମର ଶତ୍ରୁର ଜୀବନ ରକ୍ଷା କରିବା ପାଇଁ ତୁମେ ଦୀର୍ଘ ୭୦ ମାଇଲ୍ ପଦଯାତ୍ରା କରି ଆସିଛ? – ବିଷୟବସ୍ତୁ ଅନ୍ୟ ପ୍ରକାରେ ଉପସ୍ଥାପିତ କର, ତହିଁରେ ମୁଁ ତାହାଙ୍କୁ କ୍ଷମା ଦେବି' ।

'ପ୍ରତିଶୋଧ ନେବା ସଦାପ୍ରଭୁଙ୍କର ଅଧିକାର । ଯେ ଶତ୍ରୁକୁ କ୍ଷମା କରେ, ସେ ତ ପ୍ରକୃତ ଖ୍ରୀଷ୍ଟିୟାନ! ଆମର ବିରୁଦ୍ଧରେ ଉଠିଥିବା ଲୋକମାନଙ୍କୁ ଈଶ୍ୱରଙ୍କ ହସ୍ତରେ ସମର୍ପଣ କରି **ଈଶ୍ୱର, ଖ୍ରୀଷ୍ଟଙ୍କଠାରେ ତୁମ୍ଭମାନଙ୍କୁ ଯେପରି କ୍ଷମା କଲେ, ସେହିପରି ପରସ୍ପରକୁ କ୍ଷମା କର' (ଏଫିସୀ ୪:୩୨ଖ) ।**

## ତୁମ୍ଭର ହସ୍ତ ଅପରିଷ୍କାର କି?

ଯେଉଁମାନେ ଅନ୍ୟମାନଙ୍କଠାରୁ ଆପଣାକୁ ପୃଥକ ରଖନ୍ତି, ସେମାନଙ୍କର ସାକ୍ଷ୍ୟ ଅତି ହୀନ ଓ ଦୁର୍ବଳ ! ଅଖ୍ରୀଷ୍ଟିୟାନମାନେ ଦୈନନ୍ଦିନ ଜୀବନରେ ଖ୍ରୀଷ୍ଟବିଶ୍ୱାସୀମାନଙ୍କ ଜୀବନରୁ ଖ୍ରୀଷ୍ଟଙ୍କର ଆଚରଣ ଦେଖିବା ପାଇଁ ଅପେକ୍ଷା କରନ୍ତି ।

ଯେତେବେଳେ **ଏଫ୍.ବି.ମେୟର୍** ଇଂଲଣ୍ଡର କ୍ରାଏଷ୍ଟ ଚର୍ଚ୍ଚରେ ପାଳକୀୟ ଦାୟିତ୍ୱ ବହନ କରିଥିଲେ, ସେତେବେଳେ କେବଳ ଧନୀ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ ଉପାସନାରେ ଯୋଗଦାନ କରୁଥିଲେ । ଏହି ପ୍ରଥାକୁ ପରିବର୍ତ୍ତନ କରିବା ପାଇଁ ସହରର ଉପକଣ୍ଠରେ ଥିବା ଦରିଦ୍ର ଲୋକ ମାନଙ୍କ ସହିତ ବନ୍ଧୁତ୍ୱ ସ୍ଥାପନ କରିବା ପାଇଁ ସେ ଚେଷ୍ଟା କଲେ ।

ଦିନେ ଜଣେ ଅଳିଆ ଆବର୍ଜନା ସଂଗ୍ରହକାରୀ ତା'ର ଗାଡ଼ି ଉପରୁ ଉଚ୍ଚ ସ୍ୱରରେ କହିଲା,'ଶୁଭ ପ୍ରାତଃକାଳ, ମେୟର୍ ଭାଇ' ! ପ୍ରତ୍ୟୁତ୍ତରରେ ସେ କହିଲେ, 'ଶୁଭ ପ୍ରାତଃକାଳ ଭାଇ' । ଲୋକଟି ଯେତେବେଳେ ଗାଡ଼ିରୁ ଡେଇଁ ପଡ଼ିଲା, ମେୟର୍ ତାଙ୍କର ହାତକୁ ବଢ଼ାଇ ଦେଲେ । ଅଳିଆ ସଂଗ୍ରହକାରୀ ନିଜର ହାତକୁ ଫେରାଇ ନେଇ କହିଲା, 'କ୍ଷମା କରିବେ ସାର୍, ମୋର ହାତ ତୁମର ହାତ ପରି ପରିଷ୍କାର ନୁହେଁ' । ମାତ୍ର ଉତ୍ତରରେ ପାଳକ କହିଲେ, 'କ୍ରାଏଷ୍ଟ ଚର୍ଚ୍ଚରେ ଅନେକ ସାବୁନ୍ ଓ ପାଣି ଅଛି । ତୁମର ହାତ ମୋତେ ଦିଅ' । ତହିଁରେ ଉଭୟେ କରମର୍ଦ୍ଦନ କରିବା ସଙ୍ଗେ ସଙ୍ଗେ ରାସ୍ତାରେ ଉଭୟେ ଏକତ୍ର ଚାଲିବା ପାଇଁ ଆରମ୍ଭ କଲେ । ଅଳ୍ପ ସମୟ ପରେ ସେମାନେ ଅନ୍ୟ ଚାରି ଜଣଙ୍କୁ ରାସ୍ତାରେ ଭେଟିଲେ, ଅଳିଆ ସଂଗ୍ରହକାରୀ ଭାଇଜଣକ ମେୟରଙ୍କ ହାତକୁ ଧରିଥିବା ଅବସ୍ଥାରେ ସେମାନଙ୍କୁ କହିଲା, 'ଏହି ଦେଖ ବନ୍ଧୁଗଣ, ଏହି ନୂଆ ବ୍ୟକ୍ତି ଜଣକ ମୋର ଅପରିଷ୍କାର ହାତକୁ ଧରି କରମର୍ଦ୍ଦନ କରିଛନ୍ତି' । ସେଥିରେ ଜଣେ ଉତ୍ତର ଦେଲେ, 'ଖୁବ୍ ଭଲ, ଯଦି ସେ ତାହା କରିଛନ୍ତି, ତେବେ ତାହାଙ୍କର ବାକ୍ୟ ମଧ୍ୟ ଆମେ ଶୁଣିବା' । ପରବର୍ତ୍ତୀ ସମୟରେ ଜଣକ ପରେ ଜଣେ ସମସ୍ତେ ପ୍ରଭୁଙ୍କର ବାକ୍ୟ ଶୁଣିବା ନିମନ୍ତେ ଉପାସନାଗୃହକୁ ଯିବା ପାଇଁ ଆରମ୍ଭ କଲେ ।

ଆମର କଥା ଅପେକ୍ଷା କାର୍ଯ୍ୟ ଅଧିକ ଶକ୍ତିର ସହ କାର୍ଯ୍ୟ କରିଥାଏ । ଅନ୍ୟମାନଙ୍କୁ ଲାଭ କରିବାକୁ ହେଲେ, ସେମାନଙ୍କ ସଦୃଶ ଆମ୍ଭମାନଙ୍କୁ ହେବାକୁ ପଡ଼ିବ । ସେଥିପାଇଁ **'ଯୀଶୁ ଈଶ୍ୱରରୂପୀ ହେଲେହେଁ ଆମ୍ଭମାନଙ୍କ ନିମନ୍ତେ ସେ ମନୁଷ୍ୟରୂପ ଧାରଣ କଲେ, ଦାସ ସ୍ୱରୂପ ହେଲେ, ଶେଷରେ କ୍ରୁଶୀୟ ମୃତ୍ୟୁଭୋଗ ପର୍ଯ୍ୟନ୍ତ ପିତାଙ୍କର ବାଧ୍ୟ ହେଲେ ..... (ଫିଲିପ୍ପୀ ୨:୬-୯)** ।

**'ଯୀଶୁଙ୍କର ଯେଉଁ ପ୍ରକାର ମନ ଥିଲା , ଆମର ମଧ୍ୟ ସେହି ପ୍ରକାର ମନ ହେବା ଆବଶ୍ୟକ ।**



ମିଶନେରୀ ପାଉଲ ଯୀଶୁଙ୍କର ଆଦର୍ଶକୁ ନିଜ ଜୀବନରେ ପ୍ରତିଫଳିତ କରିଥିଲେ, **'ଯେପରି ମୁଁ ଦୁର୍ବଳମାନଙ୍କୁ ଲାଭ କରି ପାରେ , ଏଥିପାଇଁ ମୁଁ ଦୁର୍ବଳମାନଙ୍କ ନିକଟରେ ଦୁର୍ବଳ ପରି ହେଲି, ଯେପରି ମୁଁ ଯେକୌଣସି ପ୍ରକାରେ କେତେକଙ୍କୁ ରକ୍ଷା କରି ପାରେ, ଏଥିପାଇଁ ମୁଁ ସମସ୍ତଙ୍କ ନିକଟରେ ସବୁପ୍ରକାର ହୋଇଅଛି' (୧ମ କରନ୍ଥୀ ୯:୨୨-୨୩) ।**

## ଭୁଲ୍ ସିଦ୍ଧାନ୍ତ

ଅନେକ ସମୟରେ ଅନ୍ୟମାନଙ୍କ ଜୀବନର ଉତ୍ତମ ବିଷୟଗୁଡ଼ିକୁ ନ ଦେଖି ଆମେ ତରତରରେ ସେମାନଙ୍କ ପ୍ରତି ନାସ୍ତିବାଚକ ଧାରଣା ମନରେ ପୋଷଣ କରିଥାଉ । ଯେଉଁ ଭୁଲ୍‌ଗୁଡ଼ିକ ଆମେ ଅନ୍ୟମାନଙ୍କଠାରେ ଦେଖି ଥାଉ, ତାହା ଅନେକ ସମୟରେ ଆମ ଜୀବନର ପ୍ରତିଫଳନ ମାତ୍ର ।

ଥରେ **ବିଶପ୍ ପୋଟର୍** ଇଉରୋପକୁ ଆଟଲାଣ୍ଟିକ୍ ସମୁଦ୍ର ପାର ହେଉଥିବା ଏକ ବୃହତ୍ ଜାହାଜରେ ଯାତ୍ରା କରୁଥିଲେ । ଜାହାଜରେ ନିଜର ରହିବା ସ୍ଥାନ ଗ୍ରହଣ କରିବା ପୂର୍ବରୁ ଜାଣି ପାରିଲେ ଯେ ଅନ୍ୟ ଜଣେ ବ୍ୟକ୍ତି ମଧ୍ୟ ତାଙ୍କର ସହଯାତ୍ରୀ ଭାବରେ ସମାନ ପ୍ରକୋଷ୍ଠରେ ରହିବେ । ନିଜର ରହିବା ସ୍ଥାନ ଦେଖି ଆସିବା ପରେ ଜାହାଜର ଅଧ୍ୟକ୍ଷଙ୍କ ନିକଟକୁ ଯାଇ ନିଜର ସୁନା, ଘଣ୍ଟା ଓ ଅନ୍ୟାନ୍ୟ ମୂଲ୍ୟବାନ ବସ୍ତୁଗୁଡ଼ିକୁ ସୁରକ୍ଷିତ ଅବସ୍ଥାରେ ରଖିବା ନିମନ୍ତେ ଅନୁରୋଧ କରି କହିଲେ, 'ଯଦ୍ୟପି ମୁଁ ସାଧାରଣ ଭାବରେ ଏହି ପ୍ରକାର ସୁଯୋଗର ଅଧିକାରୀ ହେବା ନିମନ୍ତେ ଯୋଗ୍ୟ ନୁହେଁ, ତଥାପି ଯେଉଁ ବ୍ୟକ୍ତି ମୋ ସହିତ ସମାନ ପ୍ରକୋଷ୍ଠରେ ରହିବେ, ତାଙ୍କ ସକାଶେ ମୁଁ ଆପଣଙ୍କୁ ଏହି ପ୍ରକାର ଅନୁରୋଧ କରୁଛି' । ବାହ୍ୟିକ ଭାବରେ ସେହି ବ୍ୟକ୍ତିଙ୍କୁ ଦେଖି ବିଶପ୍ ଭାବିଲେ, ସହଯାତ୍ରୀ ବନ୍ଧୁଜଣକ ବିଶେଷ ବିଶ୍ୱାସଭାଜନ ହୋଇ ନ ପାରନ୍ତି । ଜାହାଜର ଅଧ୍ୟକ୍ଷ ବିଶପ୍‌ଙ୍କର ମୂଲ୍ୟବାନ ବସ୍ତୁଗୁଡ଼ିକୁ ଗ୍ରହଣ କଲା ପରେ କହିଲେ, 'ବିଶପ୍ ମହାଶୟ, ଏହା ଉତ୍ତମ, ତୁମ ପକ୍ଷରେ ମୁଁ ଏହି ସବୁ ବସ୍ତୁଗୁଡ଼ିକର ଯତ୍ନ ନେବି, ମାତ୍ର କିଛି ସମୟ ପୂର୍ବରୁ ତୁମର ସହଯାତ୍ରୀ ମଧ୍ୟ ମୋ ନିକଟକୁ ଆସି ଠିକ୍ ସେହି କାରଣରୁ ତାଙ୍କର ମୂଲ୍ୟବାନ ବସ୍ତୁଗୁଡ଼ିକର ସୁରକ୍ଷା ନିମନ୍ତେ ମୋ ହସ୍ତରେ ସମର୍ପଣ କରି ଯାଇଅଛନ୍ତି' ।

ଏହା କେତେ ବାସ୍ତବ! ଈଶ୍ୱରଙ୍କ ବାକ୍ୟ କହେ,**'ସମୟ ପୂର୍ବରୁ କାହାର ବିଚାର କରନାହିଁ', 'ତୁମ୍ଭେମାନେ ଯେପରି ବିଚାରିତ ନ ହୁଅ, ଏଥିପାଇଁ ବିଚାର କର ନାହିଁ । କାରଣ ଯେଉଁ ବିଚାରରେ ବିଚାର କର, ସେହି ବିଚାରରେ ତୁମ୍ଭେମାନେ ବିଚାରିତ ହେବ, ପୁଣି ଯେଉଁ ମାପରେ ମାପ କର, ସେହି ମାପରେ ତୁମ୍ଭମାନଙ୍କୁ ମପାଇ ଦିଆଯିବ' (ମାଥିଉ ୭:୧-୨)** । ଆମ୍ଭେମାନେ କେବଳ ବାହ୍ୟିକ ଭାବରେ ଦେଖୁ, ମାତ୍ର ଈଶ୍ୱର ହୃଦୟ ପରୀକ୍ଷା କରନ୍ତି । ଅନ୍ୟମାନଙ୍କୁ ଯେତେବେଳେ ଆମେ ବାହ୍ୟିକ ଭାବରେ

ଦେଖୁ, ସେତେବେଳେ ଆମ୍ଭମାନଙ୍କ ମନ ଓ ହୃଦୟରେ ସେମାନଙ୍କ ପ୍ରତି ଈର୍ଷା ଓ ବିଦ୍ୱେଷ ଭାବ ସୃଷ୍ଟି ହୋଇଥାଏ, ଯାହାକି ପ୍ରକୃତ ଖ୍ରୀଷ୍ଟିୟ ଜୀବନର ପରିଚୟ ନୁହେଁ । ସେଥିପାଇଁ ପାଉଲ ଲେଖନ୍ତି, **'ସମୟର ପୂର୍ବେ ପ୍ରଭୁଙ୍କର ନ ଆସିବା ପର୍ଯ୍ୟନ୍ତ, କାହାରି ବିଚାର କର ନାହିଁ' (୧ମ କରନ୍ଥୀ ୪:୫) ।**

## ଖ୍ରୀଷ୍ଟଙ୍କର ସାକ୍ଷୀ

ହାଇସ୍କୁଲରେ ପଢ଼ିବା ସମୟରେ ଜଣେ ଯୁବକ ସମସ୍ତପ୍ରକାର ଅଖ୍ରୀଷ୍ଟିୟ କାର୍ଯ୍ୟକ୍ରମଗୁଡ଼ିକ ବିରୁଦ୍ଧରେ ଠିଆ ହେଉଥିଲେ । ହସ ହସ ମୁହଁରେ ଆତ୍ମଧାର୍ମିକତାବିହୀନ ମନୋଭାବରେ ସେ ତାହା କରୁଥିଲେ । ଛାତ୍ରମାନଙ୍କ ପକ୍ଷରୁ ସେ ପ୍ରେସିଡେଣ୍ଟ ପଦ ପାଇଁ ପ୍ରତିନିଧିତ୍ୱ କରୁଥିଲେ । ସ୍କୁଲରେ କୌଣସି ନାଟକ ବା ଅଭିନୟ ବିରୁଦ୍ଧରେ ସେ ଆପଣା ମତ ସୁସ୍ପଷ୍ଟ ଭାବରେ ପ୍ରକାଶ କରୁଥିଲେ । ପ୍ରତ୍ୟେକ ଦିନ ନୂତନ ନିୟମକୁ ପକେଟରେ ରଖି, ସେ ଯେ ଯୀଶୁଙ୍କୁ ଓ ତାହାଙ୍କର ମଣ୍ଡଳୀକୁ ପ୍ରେମ କରନ୍ତି, ତାହା ବିନା ସଂକୋଚରେ ତାଙ୍କ ସାଙ୍ଗମାନଙ୍କ ନିକଟରେ ପ୍ରକାଶ କରୁଥିଲେ । ଅନେକେ ଭାବୁଥିଲେ ଯେ ସେ ସଂପୂର୍ଣ୍ଣ ଏକ ପାଗଳ ! କେତେକ ତାଙ୍କୁ ପରିହାସ କରୁଥିଲେ ସୁଦ୍ଧା ପ୍ରାୟ ୨୦୦୦ ରୁ ଅଧିକ ଯୁବା ସଙ୍ଗୀମାନଙ୍କ ସମର୍ଥନରେ ସେ ସ୍କୁଲର ପ୍ରେସିଡେଣ୍ଟ ପଦରେ ବିଜୟୀ ହୋଇଥିଲେ । ଗୋଟିଏ କାର୍ଯ୍ୟକାଳ ପ୍ରେସିଡେଣ୍ଟ ପଦରେ ରହିବା ପରେ ପୁନଃନିର୍ବାଚନ ନିମନ୍ତେ ତାଙ୍କର ନାମକୁ ପୁନର୍ବାର ପ୍ରସ୍ତାବ ଦିଆଯାଇଥିଲା । ସହରର ଯୁବାମାନଙ୍କର ଅନୈତିକ କାର୍ଯ୍ୟକଳାପକୁ ପ୍ରତିରୋଧ କରିବାର କାର୍ଯ୍ୟକ୍ରମ ସକାଶୁ ତାଙ୍କୁ ସମାଜର କର୍ତ୍ତୃପକ୍ଷଙ୍କ ଦ୍ୱାରା ଏକ ବିଶେଷ ମାନପତ୍ର ପ୍ରଦତ୍ତ ହୋଇଥିଲା । ଅନ୍ୟମାନଙ୍କଠାରୁ ସେ ଆପଣାକୁ ଭିନ୍ନ ଦେଖାଇବାକୁ ଯତ୍ନଶୀଳ ହେବା ଦ୍ୱାରା, ମଧ୍ୟ ତାଙ୍କର ବାସ୍ତବ ଖ୍ରୀଷ୍ଟିୟ ଆଚରଣ ଦ୍ୱାରା ଅନ୍ୟମାନଙ୍କଠାରୁ ଅଧିକ ସମ୍ମାନର ଅଧିକାରୀ ସେ ହୋଇ ପାରିଥିଲେ ।

ତାଙ୍କର ଏହି ଉତ୍ତମ ମନୋଭାବ ଅନ୍ୟ ନାମଧାରୀ ଖ୍ରୀଷ୍ଟିୟାନ ଯୁବ ଛାତ୍ରମାନଙ୍କୁ ସାହସରେ ଖ୍ରୀଷ୍ଟିୟ ଆଚରଣ ଦେଖାଇବା ନିମନ୍ତେ ଉତ୍ସାହିତ କରିଥିଲା । ଖ୍ରୀଷ୍ଟଙ୍କ ସହାୟତାରେ ସେ ଜଣେ ବଳିଷ୍ଠ ଯୁବନେତା ହୋଇ ପାରିଥିଲେ । ସର୍ବଶେଷରେ ସେ ଏକାକୀ ନ ଥିଲେ । ଖ୍ରୀଷ୍ଟଙ୍କ ପକ୍ଷରେ ସାହସିକତାରେ ଠିଆ ହୋଇଥିବାରୁ ଅନ୍ୟମାନଙ୍କର ସମ୍ମାନ, ବନ୍ଧୁତ୍ୱ ଓ ଲୋକପ୍ରିୟତା ପ୍ରାପ୍ତ ହୋଇ ପାରିଥିଲେ ।

ଅନ୍ୟମାନଙ୍କ ନିକଟରେ ଆମର ସାକ୍ଷ୍ୟ କିପରି? ଆମର ଆଚରଣ ଦ୍ୱାରା ଅନ୍ୟମାନେ ଜାଣନ୍ତି କି ଆମେ ଜଣେ ପ୍ରକୃତ ଖ୍ରୀଷ୍ଟିୟାନ? ଭୟ , ଲଜ୍ଜା କ'ଣ ଆମ ଜୀବନକୁ ଅଧିକାର କରିଛି? କିଅବା ଆମ ଜୀବନ ଦ୍ୱାରା ସେମାନେ ବିଘ୍ନ ପାଉଛନ୍ତି? ଖ୍ରୀଷ୍ଟଙ୍କ ପକ୍ଷରେ ଯେ ଠିଆ ହୁଏ, ଖ୍ରୀଷ୍ଟ ତା'ପକ୍ଷରେ ଠିଆ ହେବେ । **'ତୁମ୍ଭମାନଙ୍କ ଆଲୋକ ଲୋକଙ୍କ ସାକ୍ଷାତରେ ପ୍ରକାଶ ପାଉ, ଯେପରି ସେମାନେ ତୁମ୍ଭମାନଙ୍କ**



**ସତ୍କର୍ମ ଦେଖି ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ମହିମା କୀର୍ତ୍ତନ କରିବେ' (ମାଥିଉ ୫:୧୬) ।**

**'ଯେ କେହି ଲୋକଙ୍କ ସାକ୍ଷାତରେ ମୋତେ ସ୍ୱୀକାର କରିବ, ମୁଁ ମଧ୍ୟ ମୋହର ସ୍ୱର୍ଗସ୍ଥ ପିତାଙ୍କ ସାକ୍ଷାତରେ ତାହାକୁ ସ୍ୱୀକାର କରିବି'(ମାଥିଉ ୧୦: ୩୨) ।**

# ଦାନ

## ଈଶ୍ୱରଙ୍କ ନିମନ୍ତେ ଦାନ

ଥରେ ଜଣେ ବାପା ନିଜର ପୁଅକୁ କିଛି ଅର୍ଥ ଦେଇ କହିଲେ, 'ପୁଅରେ , ତୁ ଏହି ଅର୍ଥକୁ ଯେପରି ଇଚ୍ଛା କରୁ ସେପରି ବ୍ୟବହାର କରିପାରୁ' । ପରବର୍ତ୍ତୀ ସମୟରେ ବାପା ପୁଅକୁ ସେହି ଅର୍ଥ ବିଷୟରେ ପଚାରିବାରୁ ପୁଅଟି କହିଲା, 'ହଁ, ବାପା, ମୁଁ ଜଣକୁ ତାହା ଧାର୍ ସୂତ୍ରରେ ଦେଇଛି' । ବାପା ପଚାରିଲେ, 'ସେଥିରୁ ତୁ ଅଧିକ ସୁଧ ପାଇବୁ ତ'? ଉତ୍ତରରେ ପୁଅ କହିଲା, 'ବାପା, ମୁଁ ସେହି ଅର୍ଥକୁ ଜଣେ ଦରିଦ୍ର ଓ କ୍ଷୁଧିତ ଭିକାରୀକୁ ଦାନ କଲି' । ବାପା କହିଲେ, 'ପୁଅ, ତୁ କେଡ଼େ ମୂର୍ଖ, ସେହି ଅର୍ଥକୁ ତୁ କ'ଣ ଫେରି ପାଇବୁ'? ପୁଅଟି ଉତ୍ତର ଦେଲା, 'ମାତ୍ର ବାପା, ମୋର ଏକ ନିଶ୍ଚିତ ଓ ଉତ୍ତମ ଭରସା ଅଛି , କାରଣ ଈଶ୍ୱରଙ୍କ ବାକ୍ୟ କହେ, **' ଯେ ଦରିଦ୍ରକୁ ଦାନ କରେ , ସେ ଈଶ୍ୱରଙ୍କୁ ତାହା ଦାନ କରେ' ।** ଏହି ସମସ୍ତକୁ ଚିନ୍ତା କଲା ପରେ ବାପା ପୁଅକୁ ପୁନର୍ବାର ଆଉ ସେତିକି ଅର୍ଥ ଦେଲେ । ତହିଁରେ ପୁଅ କହିଲା, 'ଦେଖ ବାପା, ମୁଁ ତୁମକୁ କହିଥିଲି ଯେ ମୁଁ ସେହି ଅର୍ଥକୁ ପୁନର୍ବାର ଫେରି ପାଇବି, ମାତ୍ର ଏତେ ଶୀଘ୍ର ତାହା ଫେରି ପାଇବି ବୋଲି ମୁଁ କେବେ ଆଶା କରି ନ ଥିଲି' ।

ଏହା ନିଶ୍ଚିତ ଯେ ଆମ ହସ୍ତରେ ଥିବା ବିଷୟକୁ ଯେତେବେଳେ ଆନନ୍ଦ ମନରେ ଅନ୍ୟକୁ ଦାନ କରୁ, ତାହା ଅନେକ ଗୁଣରେ ଆମ୍ଭ ନିକଟକୁ ଫେରି ଆସିଥାଏ । ଈଶ୍ୱର କାହାର ଧାରୁଆ ନୁହଁନ୍ତି । ସେଥିପାଇଁ ଅନ୍ୟମାନଙ୍କ ଆବଶ୍ୟକତା ପ୍ରତି ଆମେ ସର୍ବଦା ସଚେତନ ରହିବା ସହିତ ଅକୁଣ୍ଠିତ ଭାବରେ ସାହାଯ୍ୟର ହସ୍ତ ବଢ଼ାଇବା ନିମନ୍ତେ ଅବହେଳା ନ କରୁ । ଈଶ୍ୱର ପ୍ରତିଜ୍ଞା କରି କହିଛନ୍ତି, **'ମୋହର ଈଶ୍ୱର ଖ୍ରୀଷ୍ଟ ଯୀଶୁଙ୍କଠାରେ ତାହାଙ୍କର ଗୌରବମୟ ଐଶ୍ୱର୍ଯ୍ୟ ଅନୁସାରେ ତୁମ୍ଭମାନଙ୍କର ପ୍ରତ୍ୟେକ ଅଭାବ ପୂରଣ କରିବେ' (ଫିଲିପ୍ପୀ ୪:୧୯) ।**

## ଏକ ଉତ୍ସର୍ଗୀକୃତ ମୁଦ୍ରା

ଗୋଟିଏ ସାନ ଝିଅ ଯୀଶୁଙ୍କୁ ଏତେ ପ୍ରେମ କରୁଥିଲା ଯେ ଯେଉଁମାନେ ଯୀଶୁଙ୍କର ପରିଚୟ

ପାଇ ନାହାନ୍ତି,ଏପରି ବର୍ମାର ଲୋକମାନଙ୍କ ନିକଟରେ ସୁସମାଚାର ପହଞ୍ଚାଇବା ପାଇଁ ଗୋଟିଏ ମୁଦ୍ରା, ଜଣେ ମିଶନେରୀଙ୍କ ହସ୍ତରେ ସମର୍ପଣ କରିଥିଲା । ମୁଦ୍ରାଟି କେବଳ ଝିଅର ଏକମାତ୍ର ସମ୍ବଳ ଥିଲା, ମାତ୍ର ପୂର୍ଣ୍ଣ ହୃଦୟରେ ସେ ତାହା ଦାନ କରିଥିଲା । ଝିଅଟିର ଅନ୍ତର କଥା ବୁଝି ପାରି ମୁଦ୍ରାଟିକୁ ଉପଯୁକ୍ତ ଭାବରେ ବ୍ୟବହାର କରିବା ପାଇଁ ମିଶନେରୀ ଇଚ୍ଛା କରିଥିଲେ । ସେହି ମୁଦ୍ରାରେ ସେ ଗୋଟିଏ ଆକର୍ଷଣୀୟ ସୁସମାଚାର ପତ୍ରିକା କିଣି ବର୍ମାର ଜଣେ ମୁଖିଆ ଯୁବକଙ୍କ ହସ୍ତରେ ସମର୍ପଣ କଲେ । ମିଶନେରୀ ବନ୍ଧୁ ଜଣକ ଜାଣି ନ ଥିଲେ ଯେ ବର୍ମାର ଲୋକମାନେ ଅଳ୍ପ ଶିକ୍ଷିତ । ହେଲେ ମଧ୍ୟ ଈଶ୍ୱର ଏହି ପରିସ୍ଥିତିରେ ହସ୍ତକ୍ଷେପ କରି ସେହି ମୁଖିଆଙ୍କ ମନରେ ପତ୍ରିକାରେ ଲିଖିତ ବିଷୟବସ୍ତୁକୁ ଜାଣିବା ପାଇଁ ଆଗ୍ରହଭାବ ସୃଷ୍ଟି କଲେ, ଫଳରେ ସେହି ବ୍ୟକ୍ତି ପ୍ରାୟ ୨୫୦ ମାଇଲ୍ ଅତିକ୍ରମ କରି ଯାଇ ଜଣେ ବ୍ୟକ୍ତିଙ୍କୁ ଉକ୍ତ ପତ୍ରିକାଟିକୁ ଅନୁବାଦ କରିବା ପାଇଁ ଅନୁରୋଧ କଲେ । କ୍ରମାଗତ ଭାବରେ ଈଶ୍ୱର ସେହି ମୁଖିଆଙ୍କ ହୃଦୟରେ କଥା କହିବାକୁ ଲାଗିଲେ । ପବିତ୍ରଆତ୍ମାଙ୍କ ସାହାଯ୍ୟରେ ମୁଖିଆଙ୍କ ଜୀବନରେ ଏକ ଆଶ୍ଚର୍ଯ୍ୟ ପରିବର୍ତ୍ତନ ହୋଇଥିଲା । ନିଜର ଲୋକମାନଙ୍କ ନିକଟକୁ ଫେରି ଆସି ଯୀଶୁ ତାଙ୍କ ଜୀବନରେ ଯେଉଁ ପରିବର୍ତ୍ତନର କାର୍ଯ୍ୟ କରିଅଛନ୍ତି, ତାହା ସମସ୍ତଙ୍କୁ ଜଣାଇଲେ । ପରବର୍ତ୍ତୀ ସମୟରେ ଉକ୍ତ ମିଶନେରୀଙ୍କୁ ନିଜ ଗ୍ରାମକୁ ନିମନ୍ତ୍ରଣ କରି ଲୋକମାନଙ୍କ ନିକଟରେ ଯୀଶୁଙ୍କର କଥା ପ୍ରଚାର କରିବାକୁ ଅନୁରୋଧ କଲେ । ସେହି ଦିନ ଅନେକେ ଈଶ୍ୱରଙ୍କ ବାକ୍ୟ ଶୁଣି ଯୀଶୁଙ୍କଠାରେ ବିଶ୍ୱାସ କଲେ ।

ଅନେକ ସମୟରେ ଆମ୍ଭମାନଙ୍କର ହସ୍ତରେ ନ ଥିବା ବିଷୟଗୁଡ଼ିକ ପ୍ରତି ବିଚଳିତ ହୋଇଥାଉ, ମାତ୍ର ପ୍ରଶ୍ନ ହେଉଛି, ଯାହା କିଛି ଆମ୍ଭମାନଙ୍କ ହସ୍ତରେ ଅଛି, ତାହାକୁ ଆମେ କିପରି ବ୍ୟବହାର କରୁଛୁ? ଆପଣଙ୍କ ହସ୍ତରେ ଆଜି କ'ଣ ଅଛି ? ସମୟ, ଅର୍ଥ କିମ୍ବା ବିଭିନ୍ନ ଗୁଣଗୁଡ଼ିକ···· ଇତ୍ୟାଦି ! ଯାହାକିଛି ଈଶ୍ୱରଙ୍କ ହସ୍ତରେ ପୂର୍ଣ୍ଣ ସମର୍ପିତ ହୁଏ, ତାହାକୁ ସେ ବହୁଗୁଣିତ କରି ତାହାଙ୍କର ଗୌରବ ନିମନ୍ତେ ବ୍ୟବହାର କରି ଥାଆନ୍ତି । ପାଉଲ କହନ୍ତି, **'ଅତଏବ, ହେ ଭାଇମାନେ, ମୁଁ ତୁମ୍ଭମାନଙ୍କୁ ଈଶ୍ୱରଙ୍କ ଦୟା ହେତୁ ବିନତି କରୁଅଛି, ତୁମ୍ଭେମାନେ ଆପଣା ଆପଣା ଶରୀରକୁ ସଜୀବ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳିରୂପେ ଉତ୍ସର୍ଗ କର, ଏହା ତ ତୁମ୍ଭମାନଙ୍କର ଯୁକ୍ତିଯୁକ୍ତ ଉପାସନା'(ରୋମୀ ୧୨:୧) ।**

## ତ୍ୟାଗପୂର୍ଣ୍ଣ ଦାନ

**ଜେନେରାଲ୍ ଚାର୍ଲସ୍ ଜର୍ଜ ଗର୍ଡନ୍**, ଚୀନ୍ ଦେଶରେ ଅତି ନିପୁଣତାର ସହିତ ସାମରିକ ସେବାକାର୍ଯ୍ୟକୁ ସମାପ୍ତ କରିଥିଲେ । ତାଙ୍କୁ ପୁରସ୍କୃତ କରିବା ପାଇଁ ଇଂରେଜ ସରକାର ଇଚ୍ଛାପ୍ରକାଶ କରିଥିଲେ । ସରକାରଙ୍କ ପକ୍ଷରୁ ସେ ସମସ୍ତ ପ୍ରକାର ଅର୍ଥ ଓ ପଦ ମର୍ଯ୍ୟାଦାକୁ ଅଗ୍ରାହ୍ୟ କରିଥିଲେ,



ମାତ୍ର ଶେଷରେ ଯେଉଁ ୩୩ ଗୋଟି ସ୍ଥାନରେ ସେ ତାଙ୍କର ସେବା କରିଥିଲେ, ତାହା ଲେଖା ଥିବା ଏକ ସ୍ୱର୍ଣ୍ଣଫଳକକୁ ସେ ଗ୍ରହଣ କରିଥିଲେ । ତାହା ଥିଲା ତାହାଙ୍କର ସର୍ବଶ୍ରେଷ୍ଠ ଓ ବହୁମୂଲ୍ୟ ସଂପତ୍ତି । ମାତ୍ର ତାଙ୍କର ମୃତ୍ୟୁ ପରେ ସେହି ସ୍ୱର୍ଣ୍ଣଫଳକଟିର କୌଣସି ସନ୍ଧାନ ମିଳି ନ ଥିଲା । ପରବର୍ତ୍ତୀ ସମୟରେ ଜଣା ପଡ଼ିଲା ଯେ, ସେହି ସମୟରେ ମାଞ୍ଚେଷ୍ଟର ସହରରେ ଘଟିଥିବା ଭୟାବହ ଦୁର୍ଭିକ୍ଷରେ ପ୍ରପୀଡ଼ିତ ଶହ ଶହ ଦରିଦ୍ରମାନଙ୍କର ଖାଦ୍ୟ କିଣିବା ଉଦ୍ଦେଶ୍ୟରେ ସେହି ସ୍ୱର୍ଣ୍ଣଫଳକଟିର ବିକ୍ରୀଲବ୍ଧ ଅର୍ଥକୁ ବ୍ୟବହାର କରିବା ନିମନ୍ତେ ସେ ତାହା ଦାନ କରିଥିଲେ । ଯେଉଁ ଦିନ ସେ ସେହି ଫଳକଟିକୁ ପଠାଇଥିଲେ, ସେହି ଦିନ ସେ ନିଜର ଟିପ୍ପଣୀରେ ଏହି କଥା ଉଲ୍ଲେଖ କରିଥିଲେ, 'ଯେଉଁ ଶେଷ ପୁଣି ଏକମାତ୍ର ବିଷୟବସ୍ତୁ ମୋର ଜାଗତିକ ଜୀବନର ବହୁମୂଲ୍ୟ ସଂପଦ ଥିଲା, ତାହା ମୁଁ ଯୀଶୁଖ୍ରୀଷ୍ଟଙ୍କ ହସ୍ତରେ ସମର୍ପଣ କରିଛି' । ଅନ୍ୟମାନଙ୍କର ସାହାଯ୍ୟାର୍ଥେ ନିଜର ବହୁମୂଲ୍ୟ ସଂପଦକୁ ତ୍ୟାଗ କରିବାକୁ ସେ ପ୍ରସ୍ତୁତ ଥିଲେ ।

ଅସହାୟ ଓ ଅଭାବଗ୍ରସ୍ତ ଲୋକମାନେ ଆଜି ଅନେକାଂଶରେ ଆମର ଚାରିପାଖରେ ରହିଛନ୍ତି, ସେମାନଙ୍କ ଆବଶ୍ୟକତା ପ୍ରତି ଆମେ କେତେ ମନଯୋଗୀ? ଆମେ ଯେ ଈଶ୍ୱରଙ୍କର ବହୁବିଧ ଆଶୀର୍ବାଦର ଭଣ୍ଡାରଘରିଆ, ତାହା ଭୁଲି ନ ଯାଉ । ସେ ଆମ୍ଭମାନଙ୍କ ଜୀବନରୁ ବିଶ୍ୱସ୍ତତା ଦାବୀ କରନ୍ତି । ମନେ ରଖୁ, ଯେ ନିଜ ନିମନ୍ତେ ବଞ୍ଚେ, ସେ ସର୍ବାପେକ୍ଷା ଅଧିକ ଦୁଃଖୀ । ମାତ୍ର ଯେ ଅନ୍ୟମାନଙ୍କ ପାଇଁ ବଞ୍ଚି ରହେ, ସେ ହିଁ ପ୍ରକୃତରେ ସୁଖୀ । କରନ୍ଥୀୟ ମଣ୍ଡଳୀକୁ ପ୍ରେରିତ ପାଉଲ ଉତ୍ସାହ ଦେଇ ଲେଖନ୍ତି, **'ଏହା ସତ୍ୟ, ଯେ ଅଳ୍ପ ବୁଣେ, ସେ ମଧ୍ୟ ଅଳ୍ପ କାଟିବ, ଆଉ ଯେ ପ୍ରଚୁର ବୁଣେ, ସେ ମଧ୍ୟ ପ୍ରଚୁର କାଟିବ । ପ୍ରତ୍ୟେକ ଜଣ ଆପଣା ହୃଦୟରେ ଯେପରି ସଂକଳ୍ପ କରିଅଛି, ସେହିପରି କରୁ, କୁଣ୍ଠିତ ଭାବରେ ନୁହେଁ, ଅବା ବାଧ୍ୟ ବାଧ୍ୟକତା ହେତୁରୁ ନୁହେଁ, କାରଣ ହୃଷ୍ଟଚିତ୍ତ ଦାତାଙ୍କୁ ଈଶ୍ୱର ଭଲ ପାଆନ୍ତି । ଆଉ ସମସ୍ତ ବିଷୟ ସର୍ବଦା ଯଥେଷ୍ଟ ରୂପେ ପାଇ ତୁମ୍ଭେମାନେ ଯେପରି ସମସ୍ତ ଉତ୍ତମ କର୍ମ ନିମନ୍ତେ ଅଧିକରୁ ଅଧିକତର ଦାନ କରିପାର, ଏଥି ନିମନ୍ତେ ଈଶ୍ୱର ତୁମ୍ଭମାନଙ୍କୁ ସର୍ବପ୍ରକାର ଅନୁଗ୍ରହ ପ୍ରଚୁର ଭାବରେ ଦେବାକୁ ସମର୍ଥ ଅଟନ୍ତି' (୨ୟ କରନ୍ଥୀ ୯:୬-୮) ।**

## ଆପଣଙ୍କର ହୃଷ୍ଟଚିତ୍ତର ଦାନ

ଥରେ ଇଂଲଣ୍ଡର ରାଣୀ **ମେରୀ** କେତେକ ସାନ ପିଲାମାନଙ୍କ ସହିତ ରାସ୍ତାରେ ବୁଲୁଥିବା ସମୟରେ ହଠାତ୍ ବର୍ଷା ଆସିବାର ଦେଖି ନିକଟରେ ଥିବା ଜଣେ ବ୍ୟକ୍ତିଙ୍କର ଗୃହର ବରଣ୍ଡାରେ ଆଶ୍ରୟ ନେଲେ । କବାଟରେ ଆଘାତ କରି ଗୋଟିଏ ଛତା ମାଗି ଆସନ୍ତାକାଲି ଫେରାଇ ଦେବାର ପ୍ରତିଶ୍ରୁତି ଦେଲେ । ରାଣୀ ଜାଣିଶୁଣି ସେହି ଦିନ ଛଦ୍ମ ବେଶରେ ନିଜର ମୁଖକୁ ଅଧା ଘୋଡ଼ାଇଲା ପରି ଏକ

ଟୋପି ଓ ସାଧାରଣ ବସ୍ତ୍ର ପିନ୍ଧିଥିଲେ । ଏକ ଅପରିଚିତ ମହିଳାଙ୍କୁ ଗୃହକର୍ତ୍ତ୍ରୀ ତାଙ୍କର ସବୁଠାରୁ ଭଲ ଛତା ଦେବା ପାଇଁ ଇଚ୍ଛା ନ କରି, ଆଟୁ ଘରେ ପଡ଼ିଥିବା ଭଙ୍ଗା ଛତାଟିକୁ ଆଣି ମହିଳାଙ୍କୁ ଦେଲେ । ଛତାର କେତେକ କାଡ଼ି ଭାଙ୍ଗି ଯାଇଥିଲା ଓ କନାରେ ଅସଂଖ୍ୟ କ୍ଷୁଦ୍ର କ୍ଷୁଦ୍ର କଣା ମଧ୍ୟ ଥିଲା । କ୍ଷମା ପ୍ରାର୍ଥନା କରି ସେ ଉକ୍ତ ମହିଳାଙ୍କୁ ଛତାଟି ବଢ଼ାଇ ଦେଇଥିଲେ (ଦେଶର ରାଣୀ ବୋଲି ସେ ଜାଣି ପାରି ନ ଥିଲେ) । ପରଦିନ ଆଉ ଜଣେ ସାକ୍ଷାତକାର ବନ୍ଧୁ ତାଙ୍କ ଘରକୁ ଆସିଲେ, ତାଙ୍କର ପୋଷାକ ସୁନାରେ ମଣ୍ଡିତ ଥିଲା ଓ ହାତରେ ତାଙ୍କର ଗୋଟିଏ ଲଫାପା ଥିଲା । ବ୍ୟକ୍ତିଜଣକ କହିଲେ, ‘ଦେଶର ରାଣୀ ତୁମ ନିକଟକୁ ଏହି ଚିଠିଟି ପଠାଇଛନ୍ତି ଏବଂ ଗତକାଲି ତାଙ୍କୁ ଦେଇଥିବା ଛତାଟି ନିମନ୍ତେ ସେ ବ୍ୟକ୍ତିଗତ ଭାବରେ ଆପଣଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ନିରୁତ୍ତର ହୋଇ ମହିଳା ଜଣକର ଆଖିରେ ଲୁହ ଭରିଗଲା । ସେ କହିଲେ, ‘ଓଃ, କେଡ଼େ ବଡ଼ ସୁଯୋଗ ମୁଁ ହରାଇ ବସିଲି ! ଦେଶର ରାଣୀଙ୍କୁ ମୋର ସବୁଠାରୁ ଉତ୍ତମ ଛତା ଦେଇ ପାରିଲି ନାହିଁ । ଏହା କହି ସେ ଉଚ୍ଚସ୍ୱରରେ କାନ୍ଦିବାକୁ ଲାଗିଲେ ।

ହୋଇପାରେ ଜୀବନର ଅନ୍ତିମ ସମୟରେ ଯେତେବେଳେ ସେମାନେ ଆପଣା ପ୍ରଭୁଙ୍କୁ ଭେଟିବେ, ଅନେକେ ସେହି ପ୍ରକାର ସ୍ୱୀକାର କରି କହିବେ, ‘ହାୟ, ହାୟ, ମୋର ପ୍ରଭୁଙ୍କୁ ମୋର ସର୍ବୋତ୍କୃଷ୍ଟ ବିଷୟକୁ ଦେବାର ସୁଯୋଗକୁ ହରାଇ ବସିଲି‘ । ଏବେ ମଧ୍ୟ ଆମ ପାଇଁ ସୁଯୋଗ ରହିଛି । ବିଳମ୍ବ ପୂର୍ବରୁ ଆମ୍ଭର ସର୍ବୋତ୍କୃଷ୍ଟ ବିଷୟ ତାଙ୍କୁ ପ୍ରେମର ଉପହାର ସ୍ୱରୂପେ ସମର୍ପଣ କରି ଦେଉ, କାରଣ ସେ ତାହା ପାଇବା ନିମନ୍ତେ ଯୋଗ୍ୟ ଅଟନ୍ତି । ଲେଖାଯାଏ, **‘ମରିୟମ ଅଧସେର ଅତି ବହୁମୂଲ୍ୟ ବିଶୁଦ୍ଧ ଜଟାମାଂସୀ ତୈଳ ଘେନି ଯୀଶୁଙ୍କ ପାଦରେ ତାହା ଲଗାଇ ଆପଣା କେଶରେ ତାହାଙ୍କ ପାଦ ପୋଛି ଦେଲେ, ଆଉ ତୈଳର ସୁବାସରେ ଘରଟି ମହକି ଗଲା‘ (ଯୋହନ ୧୨:୩) ।**

**‘କେହି ଯେବେ ମୋ ନିକଟକୁ ଆସି ଆପଣା ପିତା, ମାତା, ଭାର୍ଯ୍ୟା, ସନ୍ତାନ, ଭ୍ରାତା ଓ ଭଗ୍ନୀମାନଙ୍କୁ, ଏପରିକି ଆପଣା ପ୍ରାଣକୁ ସୁଦ୍ଧା ଅପ୍ରିୟ ଜ୍ଞାନ ନ କରେ, ତେବେ ସେ ମୋହର ଶିଷ୍ୟ ହୋଇ ପାରେ ନାହିଁ । ଯେ କେହି ଆପଣା କ୍ରୁଶ ବହନ କରି ମୋହର ଅନୁଗମନ ନ କରେ, ସେ ମୋହର ଶିଷ୍ୟ ହୋଇ ପାରେ ନାହିଁ (ଲୂକ ୧୪:୨୬-୨୭) ।**

## ସର୍ବୋତ୍କୃଷ୍ଟ ଦାନ

**ଡୁର୍ ଜେନିଫ୍** କହନ୍ତି, ଥରେ ଜଣେ ଭିକାରୀ ତାଙ୍କ ହାତକୁ ଜାବୁଡ଼ି ଧରି କିଛି ଭିକ୍ଷା ମାଗିଥିଲା । ସେ ନିଜର ପକେଟ୍ ଅଣ୍ଡାଳି ଭିକାରୀକୁ କହିଲେ, ‘ଭାଇ, ମୁଁ ଦୁଃଖିତ, ତୁମକୁ ଦେବା ପାଇଁ ମୋ ପାଖରେ କିଛି ଅର୍ଥ ନାହିଁ । ମାତ୍ର ଭିକାରୀର ମୁହଁରେ ହସ ଖେଳିଗଲା ।  ଭିକାରୀଟି ଉତ୍ତର ଦେଲା,‘ ତାହା



ଯଥେଷ୍ଟ, କିଛି ଅର୍ଥ ଅପେକ୍ଷା ତୁମେ ମୋତେ ଯଥେଷ୍ଟ କିଛି ଅଧିକ ଦେଇଛ, ତୁମେ ଯେ ମୋତେ ଭାଇ ବୋଲି ସମ୍ବୋଧନ କଲ, ତାହା ମୋ ପାଇଁ ଯଥେଷ୍ଟ‘ ।

କୁହାଯାଏ, ପ୍ରେସିଡେଣ୍ଟ ନିର୍ବାଚନ ନିମନ୍ତେ ଯେତେବେଳେ **ଅବ୍ରାହାମ ଲିଙ୍କନ୍**ଙ୍କ ନାମ ପ୍ରସ୍ତାବ ଦିଆଯାଇଥିଲା, ସେତେବେଳେ କେତେକ ଅତିପ୍ରିୟ ସଙ୍ଗୀମାନଙ୍କ ବ୍ୟତୀତ ତାଙ୍କର କୌଣସି ଜାଗତିକ ସମ୍ବଳ ନ ଥିଲା । ଏପରିକି ଆର୍ଥିକ ଭାବରେ ସେ ଏତେ ଅଭାବଗ୍ରସ୍ତ ଥିଲେ ଯେ ନିଜର ପରିବାରକୁ ୱାଶିଂଟନକୁ ସ୍ଥାନାନ୍ତରୀତ କରିବା ନିମନ୍ତେ ଅନ୍ୟମାନଙ୍କଠାରୁ ଧାର୍ ସୂତ୍ରରେ କିଛି ଅର୍ଥ ଆଣିଥିଲେ । ବାସ୍ତବରେ ସଙ୍ଗୀମାନେ ଥିଲେ ତାଙ୍କର ପ୍ରକୃତ ସଂପଦ ।

ଜାଗତିକ ସଂପଦ ମୂଲ୍ୟହୀନ, ମାତ୍ର ମନୁଷ୍ୟମାନେ ହିଁ ବହୁମୂଲ୍ୟ ସଂପଦ । ଯେ ଅସ୍ଥାୟୀ ଧନରେ ଧନୀ, ସେ ବାସ୍ତବ ଭାବରେ ନିର୍ଦ୍ଧନୀ, ମାତ୍ର ଯାହାର ଜୀବନ ଅନ୍ୟମାନଙ୍କ ସହିତ ବନ୍ଧା, ସେ ପ୍ରକୃତ ଧନଶାଳୀ । ବନ୍ଧୁତ୍ୱ ଜୀବନରେ ଆମ ପ୍ରତ୍ୟେକଙ୍କୁ ଅଧିକ ବଢିବା ଆବଶ୍ୟକ । ଏହାର ଅର୍ଥ ଅନ୍ୟମାନଙ୍କୁ ଗ୍ରହଣ, ଉତ୍ସାହ, ପ୍ରେମ, କ୍ଷମା, ଭାରବହନ ଓ ପ୍ରାର୍ଥନା କରିବାକୁ ଆହ୍ୱାନ ଦିଏ । ଯୀଶୁ କହିଲେ, **‘ମୁଁ ତୁମ୍ଭମାନଙ୍କୁ ଆଉ ଦାସ ବୋଲି କହୁନାହିଁ, କାରଣ କର୍ତ୍ତା କ'ଣ କରନ୍ତି, ଦାସ ତାହା ଜାଣେ ନାହିଁ । କିନ୍ତୁ ମୁଁ ତୁମ୍ଭମାନଙ୍କୁ ବନ୍ଧୁ ବୋଲି କହୁଅଛି, କାରଣ ମୁଁ ମୋହର ପିତାଙ୍କଠାରୁ ଯାହା ଯାହା ଶୁଣିଅଛି, ସେହି ସବୁ ତୁମ୍ଭମାନଙ୍କୁ ଜଣାଇଅଛି‘ (ଯୋହନ ୧୫:୧୫) ।**

**‘ତହୁଁ ସଦାପ୍ରଭୁ କହିଲେ, ଆମ୍ଭେ ଯାହା କରିବାକୁ ଉଦ୍ୟତ ଅଟୁ, ତାହା କି ଅବ୍ରାହାମଠାରୁ ଲୁଚାଇବା?‘ (ଆଦି ୧୮:୧୭) ।**

## ଦାନ ଦେବାରେ ଆଶୀର୍ବାଦ

ନିକଟରେ ବିବାହ କରିଥିବା ଜଣେ ଯୁବ ପାଳକ ଏକ ନୂତନ ସ୍ଥାନରେ ବିନା ଦରମାରେ ତାଙ୍କର ସେବାକାର୍ଯ୍ୟ ଆରମ୍ଭ କଲେ - ଅନେକ ସମୟରେ ପଥ ଅନ୍ଧକାର ବୋଲି ମନେ ହେଉଥିଲା, ବିଶେଷ କରି ତାଙ୍କ ସ୍ତ୍ରୀଙ୍କ ନିମନ୍ତେ ତାହା ନୈରାଶ୍ୟନକ ପରିସ୍ଥିତି ଥିଲା, କାରଣ ବିବାହ ପୂର୍ବରୁ ତାଙ୍କର ସ୍ତ୍ରୀ ଶିକ୍ଷକତା କରୁଥିଲେ, ତାଙ୍କର ସଞ୍ଚିତ ଅର୍ଥ ବର୍ତ୍ତମାନ ପରିସ୍ଥିତିରେ ପରିବାରକୁ କିଛି ସମୟ ଚଳାଇବା ପାଇଁ ସହାୟକ ହୋଇଥିଲା । ଏହିପରି ଅବସ୍ଥାରେ ଦିନେ ଜଣେ ଆଫ୍ରିକୀୟ ବାଳକ ତାଙ୍କ ପଛ କବାଟ ବାଟେ ଆସି ପାଳକଙ୍କୁ କହିଲା, ‘ଆଜ୍ଞା, ମୋର ଭଉଣୀ ନିଉଟାଉନ୍‌ଠାରେ ମୃତ୍ୟୁବରଣ କରିଛି, ତାଙ୍କୁ ଦେଖିବାକୁ ଯିବା ନିମନ୍ତେ ମୁଁ ଇଚ୍ଛା କରୁଅଛି, ମାତ୍ର ମୋର ପିନ୍ଧିଥିବା ଲୁଗା ବିଶେଷ ଅପରିଷ୍କାର ପୁଣି ଛିଣ୍ଡି ଯାଇଛି । ନିକଟରେ ବାସ କରୁଥିବା ଜଣେ ମହିଳା ମୋତେ ଖଣ୍ଡେ ସାର୍ଟ ଦେବା

ପାଇଁ କହିଛନ୍ତି, ଅନ୍ୟ କେହି ଜଣେ ଯଦି ମୋତେ ଖଣ୍ଡିଏ ପ୍ୟାଣ୍ଟ ଦେବେ... ' । ଏଥିରେ ପାଳକଙ୍କ ହୃଦୟ ବିଶେଷ ବ୍ୟଥିତ ହେଲା, ସେଥିରେ ସେ ବାଳକକୁ କହିଲେ, 'ଯାଅ, ସାର୍ଟଟି ଉକ୍ତ ମହିଳାଙ୍କଠାରୁ ନେଇ ଆସ, ମୁଁ କ'ଣ କରି ପାରିବି ଦେଖିବି' । ବାଳକଟି ଚାଲିଗଲା ପରେ ତାଙ୍କର ସ୍ତ୍ରୀ ତାଙ୍କୁ କହିଲେ, 'ସେହି ବାଳକକୁ ଦେବା ପାଇଁ ତୁମ ପାଖରେ କ'ଣ ଅଛି? ଉତ୍ତରରେ ପାଳକ କହିଲେ, 'ଆରକାନ୍‌ସରେ ମୋତେ ଯେଉଁ ସୁଟ୍ ଟି ଦାନ ଭାବରେ ଦିଆ ଯାଇଥିଲା, ତାହାହିଁ ଦେବି' । ସେଥିରେ ସ୍ତ୍ରୀ କହିଲେ, 'ତାହା ତ ତୁମର ସବୁଠାରୁ ସୁନ୍ଦର ଓ ମୂଲ୍ୟବାନ ବସ୍ତ୍ର, ବାଳକଟିକୁ ତାହା ଦିଅ ବୋଲି ମୁଁ ଇଚ୍ଛା କରୁନାହିଁ, କାରଣ ବାଳକଟିର କଥା ସତ୍ୟ ବୋଲି କିପରି ଜାଣିବା'? ସ୍ତ୍ରୀଙ୍କ କଥାର ବିପକ୍ଷରେ ଯିବା ପାଳକଙ୍କ ପକ୍ଷରେ କଷ୍ଟକର ହେଲା, ତଥାପି ବାଳକକୁ ସୁଟ୍ ଟିକୁ ଦେବା ନିମନ୍ତେ ସେ ନିଷ୍ଚିତ ଅନୁଭବ କରି ତାହାକୁ ଦେଲେ । ସେଥିରେ ସ୍ତ୍ରୀ ମନ ଦୁଃଖ କରି ଟିକିଏ କାନ୍ଦିଲେ, ପୁଣି ପାଳକ ମଧ୍ୟ କାନ୍ଦିଲେ ସତ, ମାତ୍ର ତାଙ୍କର ହୃଦୟ ମଧ୍ୟରେ ଗଭୀର ଶାନ୍ତି ଓ ତୃପ୍ତତା ସେ ଅନୁଭବ କରି ପାରିଥିଲେ, କାରଣ ସେ ପ୍ରଭୁଙ୍କ ଚାଳନାର ବାଧ୍ୟ ହୋଇ ପାରିଥିଲେ ।

ପାଳକଙ୍କ କାର୍ଯ୍ୟକୁ ସେ ଦିନ କେହି ଦେଖି ନ ଥିଲେ । ତହିଁ ଆରଦିନ ସକାଳେ ଜଣେ ରେଳବାଇ କର୍ମଚାରୀ, ଯାହାଙ୍କୁ ପାଳକ ସମୟକୁ ସମୟ ସାକ୍ଷାତ କରୁଥିଲେ, ସେ ପାଳକଙ୍କୁ ଡାକି ତାଙ୍କ ସହିତ ସହରକୁ ଯିବା ପାଇଁ ଅନୁରୋଧ କଲେ । ସହରରେ ପହଁଞ୍ଚି ଏକ ବଡ଼ ଲୁଗା ଦୋକାନକୁ ଯାଇ ପାଳକଙ୍କ ମାପରେ ସବୁଠାରୁ ଉତ୍ତମ ଏକ ସୁଟ୍ ତାଙ୍କ ନିମନ୍ତେ ଭଦ୍ର ବ୍ୟକ୍ତିଜଣକ କିଣିଦେଲେ । ପାଳକ କହିଲେ, ମୋର ଜୀବନରେ ମୁଁ ଏହି ପ୍ରକାର ସୁନ୍ଦର ବସ୍ତ୍ର କେବେହେଲେ ପିନ୍ଧି ନ ଥିଲି । ଯେତେବେଳେ ମୋର ସ୍ତ୍ରୀ ଏହା ଦେଖିଲେ, ଦାନ ଦେବା ବିଷୟରେ ତାଙ୍କର ମନୋଭାବ ସଂପୂର୍ଣ୍ଣ ପରିବର୍ତ୍ତିତ ହୋଇଗଲା ।

ଈଶ୍ୱରଙ୍କ ବାକ୍ୟ କୁହେ, 'ଗ୍ରହଣ କରିବା ଅପେକ୍ଷା ଦାନ ଦେବା ଅଧିକ ଶ୍ରେୟସ୍କର' । ଦାନର ପରିମାଣ ଅପେକ୍ଷା ଦେବାର ମନୋଭାବକୁ ଈଶ୍ୱର ଦେଖି ଥାଆନ୍ତି, ହୃଷ୍ଟଚିତ୍ତଦାତାଙ୍କୁ ଈଶ୍ୱର ଭଲ ପାଆନ୍ତି **। ଏହା ସତ୍ୟ , 'ଯେ ଅଳ୍ପ ବୁଣେ ସେ ମଧ୍ୟ ଅଳ୍ପ କାଟିବ, ଆଉ ଯେ ଅଧିକ ବୁଣିବ, ସେ ମଧ୍ୟ ପ୍ରଚୁର କାଟିବ' । ପ୍ରତ୍ୟେକ ଜଣ ଆପଣା ହୃଦୟରେ ଯେପରି ସଂକଳ୍ପ କରିଅଛି, ସେହିପରି କରୁ, କୁଣ୍ଠିତ ଭାବରେ ନୁହେଁ, କାରଣ ଈଶ୍ୱର ହୃଷ୍ଟଚିତ୍ତ ଦାତାଙ୍କୁ ଭଲ ପାଆନ୍ତି' (୨ୟ କରନ୍ଥୀ ୯:୬,୭)** । ପ୍ରଭୁ, ତୁମେ ମୋତେ ସେହି ପ୍ରକାର ଜଣେ ବ୍ୟକ୍ତି କର ବୋଲି ମୁଁ ପ୍ରାର୍ଥନା କରୁଛି ।



# ଖ୍ରୀଷ୍ଟିୟ ସେବାକାର୍ଯ୍ୟ

## ଈଶ୍ୱରଙ୍କ ନିମନ୍ତେ ଏକ କାର୍ଯ୍ୟ

୧୭୯୩ ମସୀହା ନଭେମ୍ବର ୧୧ ତାରିଖ, ଫରାସୀ ବିପ୍ଲବ ଚାଲିଥିବା ସମୟରେ ଉତ୍ତ୍ୟକ୍ତ ଜନତା ସହରର ବିଭିନ୍ନ ରାସ୍ତାରେ ଖ୍ରୀଷ୍ଟଧର୍ମକୁ ସଂପୂର୍ଣ୍ଣ ଭାବରେ ଅସ୍ୱୀକାର କରି ବିରୋଧାତ୍ମକ ମନୋଭାବରେ 'ନୋଟରୀ ଡାମ୍' ନାମରେ ଏକ ବୃହତ୍ ଉପାସନା ଗୃହର ଉପରେ ଥିବା କ୍ରୁଶକୁ ଭୂମିସାତ୍ କରିଥିଲେ । ଠିକ୍ ସେହିଦିନ ଉଇଲିୟମ୍ କେରୀ ଭାରତବର୍ଷରେ ଈଶ୍ୱରଙ୍କ ନିମନ୍ତେ ଏକ ମହତ୍ କାର୍ଯ୍ୟ ସାଧନ କରିବା ନିମନ୍ତେ କଲିକତା ସହରରେ ପହଁଞ୍ଚିଲେ । ସମୟ କ୍ରମେ ସମସ୍ତେ ଏହି ବିପ୍ଲବର ଫଳାଫଳକୁ ସଂପୂର୍ଣ୍ଣ ଭାବରେ ପାସୋରି ଯାଇଥିଲେ । ମାତ୍ର ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ଈଶ୍ୱରଙ୍କ ସେବକ କେରୀଙ୍କ ମାଧ୍ୟମରେ ଈଶ୍ୱର ଯେଉଁ ସମସ୍ତ କାର୍ଯ୍ୟ ସାଧନ କରିଥିଲେ, ତାହାର ପ୍ରଭାବ ଏବେ ମଧ୍ୟ ରହିଛି ଓ ରହିଥିବ । ସେବାକାର୍ଯ୍ୟର ସଫଳତାର ଗୁଢ଼ ରହସ୍ୟକୁ ସ୍ୱୀକାର କରି ସେ କହିଥିଲେ ଯେ, ତାଙ୍କର ଭଉଣୀ ଈଶ୍ୱରଙ୍କ ହସ୍ତରେ ନିଜ ଭାଇର ସେବାକାର୍ଯ୍ୟ ନିମନ୍ତେ ବ୍ୟବହୃତ ହେବା ପାଇଁ ଏକ ଶକ୍ତିଶାଳୀ ଅସ୍ତ୍ର ହୋଇ ପାରି ଥିଲେ । ପକ୍ଷାଘାତ ରୋଗରେ ଆକ୍ରମିତ ହୋଇ ଦୀର୍ଘ ୫୦ ବର୍ଷ ଶଯ୍ୟାରେ ସେ ପଡ଼ି ରହିଥିଲେ ମଧ୍ୟ କୌଣସି ଗୋଟିଏ ଦିନ ଭାରତବର୍ଷରେ କାର୍ଯ୍ୟ କରୁଥିବା ନିଜର ଭାଇଙ୍କ ନିମନ୍ତେ ପ୍ରାର୍ଥନା କରିବାକୁ ଭୁଲି ଯାଇ ନ ଥିଲେ । ତାଙ୍କର ଉତ୍ସାହଜନକ ଚିଠି ସହିତ ନିରନ୍ତର ପ୍ରାର୍ଥନା ଯୁଦ୍ଧରେ ସେ ଆପଣା ଭାଇଙ୍କୁ ତୋଳି ଧରିଥିଲେ । ଏହା କୌଣସି ପ୍ରକାରେ ଆଷ୍ଚର୍ଯ୍ୟର ବିଷୟ ନୁହେଁ ଯେ ଉଇଲିୟମ୍ କେରୀ ଆପଣା ଜୋତା ତିଆରି ବ୍ୟବସାୟରୁ ବାହାରି ଆସି ଈଶ୍ୱରଙ୍କ ପକ୍ଷରେ ରାଜଦୂତର କାର୍ଯ୍ୟ କରିବା ଏକ ଗୌରବର ବିଷୟ ମନେ କରିଥିଲେ!

ଈଶ୍ୱରଙ୍କ ହସ୍ତରେ ବ୍ୟବହାର ଯୋଗ୍ୟ ହେବା ନିମନ୍ତେ ଆପଣ କ'ଣ ଚାହାଁନ୍ତି? ଉତ୍ତମ ସ୍ୱାସ୍ଥ୍ୟ ଘେନି ଏହି ଜଗତରେ ନିଜ ନିମନ୍ତେ ବଞ୍ଚି ରହିବା ଏକ ବିଫଳତାର ଜୀବନ । ଈଶ୍ୱର କେବଳ ଏହି ଗୋଟିଏ ବହୁମୂଲ୍ୟ ଜୀବନ ଆମ୍ଭମାନଙ୍କ ହସ୍ତରେ ସମର୍ପଣ କରିଅଛନ୍ତି । ଏହା ଶୀଘ୍ର ଶେଷ ହୋଇଯିବ, ମାତ୍ର ଯାହା ଆମେ ଖ୍ରୀଷ୍ଟ ଓ ତାହାଙ୍କର ସୁସମାଚାର ପାଇଁ ବ୍ୟୟ କରିଥିବା, ତାହାହିଁ ଅନନ୍ତକାଳ ନିମନ୍ତେ ସୁରକ୍ଷିତ ରହିବ । ସେଥିପାଇଁ ଯୀଶୁ କହିଲେ, **'ଯେ ଆପଣା ପ୍ରାଣକୁ ପ୍ରିୟଜ୍ଞାନ କରେ, ସେ ତାହା ହରାଇବ, ଆଉ ଯେ ଆପଣା ପ୍ରାଣକୁ ଇହ ଜଗତରେ ଘୃଣା କରେ, ସେ ତାହା ଅନନ୍ତ ଜୀବନ ନିମନ୍ତେ ରକ୍ଷା କରିବ' (ଯୋହନ ୧୨:୨୫) ।**

**'ଅତଏବ, ଆମ୍ଭେମାନେ ଅନୁଗ୍ରହ ପ୍ରାପ୍ତ ହୋଇ ଏହି ସେବକ ପଦ ପାଇବାରୁ ସାହସବିହୀନ ନୋହୁଁ' (୨ୟ କରନ୍ଥୀ ୪:୧) ।**

## ସୁସମାଚାରର ଅଗ୍ରଗତି

'ଲେଡି ହଲାଣ୍ଡ' ନାମକ ଏକ ଜାହାଜରେ ଜଣେ ବିଶିଷ୍ଟ ମିଶନେରୀ **ଆଲେକ୍‌ଜାଣ୍ଡର୍ ଡଫ୍** ଭାରତବର୍ଷକୁ ଯାତ୍ରା କରୁଥିଲେ । ତାଙ୍କର ଅତି ପ୍ରିୟ ୮୦୦ଟି ପୁସ୍ତକ, କିଛି ଲୁଗାପଟା ଓ ସାମାନ୍ୟ କିଛି ଖାଦ୍ୟ ସାମଗ୍ରୀ ଥିଲା । ଭାରତ ଉପକୂଳରେ ପହଁଞ୍ଚିବାର ଅଳ୍ପ କିଛି ମାଇଲ୍ ପୂର୍ବରୁ ଜାହାଜଟି ଧକ୍କା ଖାଇବା ଫଳରେ ଯଦ୍ୟପି ସମସ୍ତଙ୍କର ଜୀବନ ରକ୍ଷା ପାଇଥିଲା, ତଥାପି ସେମାନଙ୍କର ସମସ୍ତ ଜିନିଷପତ୍ର ନଷ୍ଟ ହୋଇ ଯାଇଥିଲା । ମିଶନେରୀ ଡଫ୍ କୂଳରେ ପହଞ୍ଚି ଆଶା କରୁଥିଲେ ହୁଏତ ତାଙ୍କର କେତେକ ଜିନିଷ ଜାହାଜର ପଛ ଭାଗରେ ସୁରକ୍ଷିତ ଅବସ୍ଥାରେ ଥିବ । ହଠାତ୍ ପାଣିରେ ଭାସି ଆସୁଥିବା ଗୋଟିଏ ଛୋଟ ବସ୍ତୁଟିକୁ ସେ ଦୂରରୁ ଦେଖି ପାରିଲେ । ବସ୍ତୁଟିକୁ ପାଣିର ଅତି ନିକଟରୁ ରକ୍ଷା କରି ପାରିଥିଲେ । ତାହା ଥିଲା ତାଙ୍କର ଯତ୍ନ ସହକାରେ ବନ୍ଧା ଯାଇଥିବା ପ୍ରିୟ ବାଇବଲ୍ ! ଈଶ୍ୱରଙ୍କର ଏକ ବହୁମୂଲ୍ୟ ଆଶୀର୍ବାଦର ଅଂଶ ଭାବରେ ସେ ତାହା ଗ୍ରହଣ କରିଥିଲେ । ଆନନ୍ଦ ମନରେ ଆଲେକ୍‌ଜାଣ୍ଡର୍ ଡଫ୍ ଭାରତରେ ତାଙ୍କର ମିଶନେରୀ କାର୍ଯ୍ୟ ଆରମ୍ଭ କରିଥିଲେ । ତହିଁ ଆରଦିନ ବାଇବଲ୍ ପଢ଼ିବା ସମୟରେ ସେ ତାଙ୍କର ପ୍ରଥମ ପ୍ରଚାର କାର୍ଯ୍ୟ ପାଞ୍ଚଜଣ ବାଳକଙ୍କୁ ନେଇ ଗୋଟିଏ ବରଗଛ ତଳେ ଆରମ୍ଭ କରିଥିଲେ । ଗୋଟିଏ ସପ୍ତାହ ମଧ୍ୟରେ ପ୍ରାୟ ୩୦୦ ରୁ ଅଧିକ ଲୋକମାନେ ଯୀଶୁଙ୍କର ବାକ୍ୟ ଶୁଣିବା ପାଇଁ ଏକତ୍ର ହୋଇଥିଲେ । ଅନେକ ବର୍ଷ ବିତି ଯାଇଛି, ସେହି ବରଗଛ ସ୍ଥାନରେ ଏକ ଉପାସନା ଗୃହ ନିର୍ମାଣ କରାଯାଇ ପ୍ରାୟ ୧୦୦୦ ରୁ ଅଧିକ ସୁସମାଚାରରେ ବିଶ୍ୱାସୀ ଛାତ୍ରମାନେ ପ୍ରାର୍ଥନା ଓ ପ୍ରଶଂସାରେ ଯୀଶୁଙ୍କର ଉପାସନା କରିବାର ଆନନ୍ଦ ଉପଲବ୍ଧି କରି ପାରିଥିଲେ । ଯଦ୍ୟପି ତାଙ୍କ ଯାତ୍ରା ପଥରେ ସେହି ଜାହାଜଟି ଭାଙ୍ଗି ଯାଇଥିଲା, ତଥାପି ସୁସମାଚାର ପ୍ରଚାର ସେବାକାର୍ଯ୍ୟକୁ ତାହା ବିନଷ୍ଟ କରି ପାରି ନ ଥିଲା, ବରଞ୍ଚ ସେବାକାର୍ଯ୍ୟ ବୃଦ୍ଧି ପାଇବାରେ ତାହା ବିଶେଷ ସହାୟକ ହୋଇଥିଲା । ରୋମରେ ବନ୍ଦୀ ଥିବା ଅବସ୍ଥାରେ ପାଉଲ ନିଜର ଅନୁଭୂତିର ସାକ୍ଷ୍ୟ ଦେଇଅଛନ୍ତି । **'ହେ ଭାଇମାନେ, ମୋ ପ୍ରତି ଯାହା ଯାହା ଘଟିଅଛି, ସେହିସବୁ ଯେ ବରଂ ସୁସମାଚାର କାର୍ଯ୍ୟର ବୃଦ୍ଧି ନିମନ୍ତେ ହୋଇଅଛି, ଏହା ତୁମ୍ଭମାନଙ୍କୁ ଜଣାଇବାକୁ ମୁଁ ଇଚ୍ଛା କରେ' (ଫିଲିପ୍ପୀ ୧:୧୨) ।**

ଜୀବନର ହତାଶ ଓ ନୈରାଶ୍ୟଜନକ ପରିସ୍ଥିତିକୁ ଈଶ୍ୱର ତାହାଙ୍କର ସେବାକାର୍ଯ୍ୟ ଓ ଗୌରବର ନିମନ୍ତେ ବ୍ୟବହାର କରିବାକୁ ସମର୍ଥ ଅଟନ୍ତି । କୌଣସି ପରିସ୍ଥିତି କ'ଣ ଆପଣଙ୍କ ଜୀବନକୁ ଚାପି ଦେଇଛି? ମନରେ ଅନେକ ପ୍ରଶ୍ନ ସହିତ ଈଶ୍ୱର ଆପଣଙ୍କ ପରିସ୍ଥିତିରେ ଅମନଯୋଗୀ କିମ୍ବା ନିଷ୍କ୍ରିୟ ବୋଲି ମନେ କରୁଛନ୍ତି କି? ସେ ସର୍ବଦା ଆମର କାର୍ଯ୍ୟରତ ଈଶ୍ୱର ଅଟନ୍ତି! ଭଙ୍ଗା ଜୀବନକୁ ପୁନର୍ଗଠନ ନିମନ୍ତେ ସେ ଏବେ ମଧ୍ୟ ଆପଣଙ୍କ ଜୀବନରେ ସୁଯୋଗ ଖୋଜୁଛନ୍ତି । ତାଙ୍କୁ କ'ଣ ଥରେ ସୁଯୋଗ ଦେବେ କି?



**'ଅତଏବ, ଯଦି କେହି ସେହି ସମସ୍ତଙ୍କଠାରୁ ଆପଣାକୁ ପରିଷ୍କାର କରେ, ତାହାହେଲେ ସେ ପବିତ୍ରୀକୃତ, କର୍ତ୍ତାଙ୍କ ବ୍ୟବହାର ପାଇଁ ଉପଯୁକ୍ତ, ପୁଣି ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ପ୍ରସ୍ତୁତ, ଏପରି ଏକ ସମାଦରର ପାତ୍ର ହେବ' (୨ୟ ତିମଥି ୨:୨୧) ।**

## ରାଜାଙ୍କର ସମ୍ବାଦ

୧୯୩୦ ମସୀହା ଜାନୁୟାରୀ ୨୧ ତାରିଖରେ **ହାରୋଲଡ ଭିଜିୟାନ୍**ଙ୍କର ଅଶେଷ ସାହସୀକତାର କାର୍ଯ୍ୟ ସମଗ୍ର ବିଶ୍ୱରେ ସମ୍ବାଦପତ୍ର ଓ ବେତାର ମାଧ୍ୟମରେ ଘୋଷିତ ହୋଇଥିଲା । ସେହିଦିନ ଇଂଲଣ୍ଡର ରାଜା ପଞ୍ଚମ ଜର୍ଜ ଲଣ୍ଡନ ସୈନ୍ୟବାହିନୀର ଏକ ବିଶେଷ ସଭାରେ ପ୍ରାରମ୍ଭିକ ସମ୍ବାଦ ପରିବେଷଣ କରିବା ନିମନ୍ତେ ମନୋନୟନ କରାଯାଇଥିଲେ । ରାଜାଙ୍କର ଉକ୍ତ ସମ୍ବାଦକୁ ସମଗ୍ର ବିଶ୍ୱରେ ବେତାର ମାଧ୍ୟମରେ ଘୋଷଣା କରାଯିବାର ଏକ ଜରୁରୀ ଆବଶ୍ୟକତା ଥିଲା । ରାଜାଙ୍କର ଭାଷଣ ଆରମ୍ଭ ହେବାର କିଛି ମୂହୁର୍ତ୍ତ ପୂର୍ବରୁ ଜଣେ କର୍ମଚାରୀ ବିଦ୍ୟୁତ୍ ତାରରେ ଝୁଣ୍ଟି ପଡ଼ିବା ଦ୍ୱାରା ତାରଟି ଛିନ୍ନ ହୋଇ ଯାଇଥିଲା, ଫଳରେ ସମଗ୍ର ଆମେରିକାର ଶ୍ରୋତା ବନ୍ଧୁମାନଙ୍କଠାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇ ଯାଇଥିଲା । ଅବିଳମ୍ବେ ବିନାଦ୍ୱିଧାରେ ହାରୋଲ୍‌ଡ ଛିନ୍ନ ତାରର ଗୋଟିଏ ପାଖକୁ ଡାହାଣ ହସ୍ତରେ ଓ ଅନ୍ୟ ପାଖକୁ ବାମ ହସ୍ତରେ ଧରି ରହିବା ଫଳରେ ବିଦ୍ୟୁତଶକ୍ତି ତାଙ୍କ ଶରୀର ମଧ୍ୟ ଦେଇ ବିନା ବାଧାରେ ପ୍ରବାହିତ ହୋଇ ପାରିଥିଲା । ରାଜା ତାଙ୍କର ସମ୍ବାଦ ଶେଷ କରିବା ପର୍ଯ୍ୟନ୍ତ ହାରୋଲ୍‌ଡ୍ ନିଜ ଶରୀରର ସମସ୍ତ କଷ୍ଟ ସତ୍ତ୍ୱେ ତାରକୁ ଧରି ରଖିଥିଲେ ।

ରାଜାମାନଙ୍କର ରାଜା ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କର ପରିତ୍ରାଣ ସମ୍ବାଦ ଆଜି ସମଗ୍ର ପୃଥିବୀରେ ଘୋଷଣା କରାଯିବାର ଜରୁରୀ ଆବଶ୍ୟକତା ରହିଛି । ଆମେ ହିଁ ତାଙ୍କର ଏକମାତ୍ର ମାଧ୍ୟମ । ଯୀଶୁ କହିଲେ, 'ତୁମ୍ଭେମାନେ ମୋହର ସାକ୍ଷୀ' । ଆମ୍ଭମାନଙ୍କ ମଧ୍ୟଦେଇ ସେ ତାହାଙ୍କର ସୁସମାଚାର ସମ୍ବାଦକୁ ଅନ୍ୟମାନଙ୍କ ନିକଟରେ ପ୍ରକାଶ କରିବାକୁ ଇଚ୍ଛା କରନ୍ତି । ଏହା ଏକ ସମର୍ପଣ ଓ ମୂଲ୍ୟକୁ ଦାବୀ କରେ । ଯେପରି ଲେଖାଯାଏ, **'ହେ ଭାଇମାନେ, ତୁମ୍ଭେମାନେ ଆପଣା ଆପଣା ଶରୀରକୁ ସଜୀବ, ପବିତ୍ର ଓ ଈଶ୍ୱରଙ୍କର ସୁଗ୍ରାହ୍ୟ ବଳିରୂପେ ଉତ୍ସର୍ଗ କର, ଏହା ତ ତୁମ୍ଭମାନଙ୍କର ଯୁକ୍ତିଯୁକ୍ତ ଉପାସନା'(ରୋମୀ ୧୨:୧) ।**

**'ତୁମ୍ଭେମାନେ ମୋତେ ମନୋନୀତ କରି ନାହଁ, କିନ୍ତୁ ମୁଁ ତୁମ୍ଭମାନଙ୍କୁ ମନୋନୀତ କରିଅଛି, ଆଉ ତୁମ୍ଭେମାନେ ଯେପରି ଯାଇ ଫଳ ଉତ୍ପନ୍ନ କର ଓ ତୁମ୍ଭମାନଙ୍କର ଫଳ ସ୍ଥାୟୀ ହୁଏ, ଏଥିନିମନ୍ତେ ତୁମ୍ଭମାନଙ୍କୁ ନିଯୁକ୍ତ କରିଅଛି' (ଯୋହନ ୧୫:୧୬) ।**

## ଈଶ୍ୱରଙ୍କ ନିମନ୍ତେ ଜୋତା ନିର୍ମାଣ

ଏକ ନିକୃଷ୍ଟତର କାର୍ଯ୍ୟ ହେଲେ ସୁଦ୍ଧା ଅସଂପୂର୍ଣ୍ଣ ରଖିବା କିଅବା ଅବିଶ୍ୱସ୍ତତାରେ କରିବା ଦ୍ୱାରା ଈଶ୍ୱରଙ୍କର ଗୌରବ ହୁଏ ନାହିଁ । ବିଶିଷ୍ଟ ସୁସମାଚାର ପ୍ରଚାରକ **ଆଇନ୍‌ସାଇଡ୍** ବାଲ୍ୟାବସ୍ଥାରେ ଗୋଟିଏ ଜୋତା ଦୋକାନରେ ଜୋତାର ନିମ୍ନଭାଗରେ ଥିବା ଚମଡ଼ାକୁ ପ୍ରସ୍ତୁତ କରୁଥିଲେ । ଉକ୍ତ ଚମଡ଼ାକୁ ପ୍ରଥମେ ପାଣିରେ ଯଥେଷ୍ଟ ସମୟ ବୁଡ଼ାଇ ରଖିବା ପରେ ଚମଡ଼ାଟି ଶୁଖିବା ପର୍ଯ୍ୟନ୍ତ ତାହାକୁ କ୍ରମାଗତ ଭାବରେ ପିଟିବାକୁ ପଡ଼ିଥାଏ । ନିକଟରେ ଥିବା ଅନ୍ୟ ଏକ ଜୋତା ତିଆରି ଦୋକାନରେ ଜଣେ ପିଲା ଚମଡ଼ାଟିକୁ ପାଣିରେ ନ ବୁଡ଼ାଇ କିଅବା ତାହାକୁ ନ ପିଟି ସଙ୍ଗେ ସଙ୍ଗେ ଜୋତାର ତଳଭାଗରେ କଣ୍ଟା ମାରୁଥିବାର ଲକ୍ଷ୍ୟ କରି ହାରିଶ୍ ନାମକ ଜଣେ ଭଦ୍ର ବ୍ୟକ୍ତି ପିଲାଟିକୁ ପଚାରିଲେ, 'ତୁ କାହିଁକି ଏ ପ୍ରକାର କରୁଛୁ?' ପିଲାଟି ଉତ୍ତର ଦେଲା, 'ଏହି ପ୍ରକାର କରିବା ଦ୍ୱାରା ମୁଁ ଦିନ ମଧ୍ୟରେ ଅନେକ ଜୋତା ପ୍ରସ୍ତୁତ କରି ପାରୁଛି' । ତତ୍ପରେ ହାରିଶ୍ ଆଇନ୍‌ଷ୍ଟାଇନ୍‌ଙ୍କ ନିକଟକୁ ଦୌଡ଼ି ଯାଇ ଉକ୍ତ ପିଲାର କଥା ତାଙ୍କୁ କହିଲେ । ଏହା ଶୁଣି ପାଖରେ ରଖିଥିବା ନିଜର ବାଇବଲ୍ ଖୋଲି ଆଇନ୍‌ସାଇଡ୍ କଲସୀ ୩:୨୩ ପଦଟି ପଢ଼ିଥିଲେ । ସେଥିରେ ଲେଖାଥିଲା, 'ତୁମ୍ଭେମାନେ ଯାହା କିଛି କର, ପ୍ରଭୁଙ୍କ ନିମନ୍ତେ କଲା ପରି ଅନ୍ତର ସହ ତାହା କର, ମନୁଷ୍ୟ ନିମନ୍ତେ କଲା ପରି କର ନାହିଁ' । ଆଇନ୍‌ସାଇଡ୍ ପୁନର୍ବାର କହିଲେ, 'ସାର୍, ମୁଁ ଅର୍ଥ ନିମନ୍ତେ ଜୋତା ତିଆରି କରୁ ନାହିଁ, ମୁଁ ଈଶ୍ୱରଙ୍କ ଗୌରବ ନିମନ୍ତେ ତାହା କରୁଅଛି । ମୁଁ ଯେଉଁ ସମସ୍ତ ଜୋତାଗୁଡ଼ିକୁ ତିଆରି କରିଛି, ଯଦି ସେ ସବୁ ଦିନେ ଯୀଶୁଙ୍କର ବିଚାର ସିଂହାସନ ସମ୍ମୁଖରେ ଖୋଲାଯିବ, ଆଉ ମୋର ମନରେ ଭୟ ହୁଏ, କାଳେ ସେଦିନ ଯୀଶୁ ମୋତେ କହିବେ,'ଆଇନ୍‌ସାଇଡ୍, ଏଗୁଡ଼ିକ ତ ଏକ ଠକାମୀର କାର୍ଯ୍ୟ, ତୁମେ ବିଶ୍ୱସ୍ତ ଓ ସର୍ବୋତ୍କୃଷ୍ଟ ଭାବରେ ଏ ସମସ୍ତ କାର୍ଯ୍ୟ କରି ନାହଁ ।'

ଛୋଟ ବିଷୟକୁ ଉତ୍ତମ ଭାବରେ କରିବା ଈଶ୍ୱରଙ୍କ ଦୃଷ୍ଟିରେ ମହାନ୍ କାର୍ଯ୍ୟ ଅଟେ । ଆଜି ଆମର କାର୍ଯ୍ୟସକଳ କିପରି? ମନୁଷ୍ୟକୁ ସନ୍ତୁଷ୍ଟ କରି ଈଶ୍ୱରଙ୍କ କ୍ରୋଧର ପାତ୍ର ହେବା ଏକ ଭୟଙ୍କର ବିଷୟ! ଦିନେ ଆମର ସମସ୍ତ କାର୍ଯ୍ୟ ଅଗ୍ନି ଦ୍ୱାରା ଯେ ପରୀକ୍ଷିତ ହେବ, ଏହା ଜାଣି ଆସୁ, ଭୟ ଓ କଂପରେ ଆମର ଦାୟିତ୍ୱସକଳ ସଂପାଦନ କରୁ । ଈଶ୍ୱରଙ୍କ ବାକ୍ୟ କହେ,**'କାରଣ ଭଲ ହେଉ ବା ମନ୍ଦ ହେଉ ପ୍ରତ୍ୟେକ ଜଣ ଆପଣା ଶରୀର ଦ୍ୱାରା କୃତ କର୍ମ ଅନୁସାରେ ଫଳ ପାଇବା ନିମନ୍ତେ ଖ୍ରୀଷ୍ଟଙ୍କ ବିଚାରାସନ ଛାମୁରେ ଆମ୍ଭ ସମସ୍ତଙ୍କୁ ପ୍ରକାଶିତ ହେବାକୁ ହେବ' (୨ୟ କରନ୍ଥୀ ୫:୧୦) ।**

**'ଭ୍ରାନ୍ତ ନ ହୁଅ, ଈଶ୍ୱର ବିଦ୍ରୂପର ପାତ୍ର ନୁହଁନ୍ତି, କାରଣ ମନୁଷ୍ୟ ଯାହା ବୁଣେ, ତାହାହିଁ କାଟିବ' (ଗାଲାତୀ ୬:୭) ।**



## ସେବାକାର୍ଯ୍ୟ ପରିବାରଠାରୁ ଆରମ୍ଭ ହୁଏ

ଅନ୍ୟମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିବାର ଇଚ୍ଛା ନେଇ ଥରେ ଜଣେ ମହିଳା ନିଜର ପାଳକଙ୍କୁ ପଚାରିଲେ, 'କେଉଁ ସ୍ଥାନରେ ମୁଁ ଫଳପ୍ରଦ ଭାବରେ ମୋର ସେବାକାର୍ଯ୍ୟକୁ ଆରମ୍ଭ କରିବି'? ତାଙ୍କର ଉତ୍ତରକୁ ପାଳକ ଖଣ୍ଡିଏ କାଗଜରେ ଲେଖି ମହିଳାଙ୍କ ହସ୍ତକୁ ବଢ଼ାଇ ଦେଲେ । ସେଥିରେ ଲେଖାଥିଲା,'ତୁମର ବାପା' । ସୁଦୂର ସ୍ଥାନରେ ଥିବା ଲୋକମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିବା ନିମନ୍ତେ ସେ ଏତେ ଆଗ୍ରହୀ ଥିଲେ ଯେ, ଅତି ନିକଟରେ ଥିବା ନିଜର ବାପାଙ୍କ ପ୍ରତି ତାଙ୍କର ସେବାକୁ ସେ ଅବହେଳା କରୁଥିଲେ । ବିବେକରେ ଆଘାତ ପାଇ ପାଳକଙ୍କ ଉପଦେଶ ଅନୁସାରେ ଆପଣାର ଅବହେଳିତ ସେବାକାର୍ଯ୍ୟ ମଧ୍ୟକୁ ସେ ଚାଲିଗଲେ । ନିୟମିତ ଭାବରେ ସେ ବାପାଙ୍କୁ ସାକ୍ଷାତ କରିବା ସହିତ ତାଙ୍କର ସମସ୍ତ ଆବଶ୍ୟକତାକୁ ଯୋଗାଇଲେ । ତାହାଦ୍ୱାରା ସେ ବାପାଙ୍କ ପ୍ରତି ତାଙ୍କର ପ୍ରେମ ପ୍ରକାଶ କରିବା ସହିତ ତାଙ୍କ ନିକଟରେ ଯୀଶୁଙ୍କର ସାକ୍ଷୀ ସ୍ୱରୂପ ହୋଇ ପାରିଥିଲେ ।

ସୁଦୂର ମିଶନ୍ କ୍ଷେତ୍ରରେ ତ୍ୟାଗ ସ୍ୱୀକାର ସହିତ ଦୁଃଖଭୋଗ ମଧ୍ୟରେ ସେବାକାର୍ଯ୍ୟ କରିବା ନିଶ୍ଚିତ ଭାବରେ ଏକ ପ୍ରଶଂସା ଓ ଆହ୍ୱାନପୂର୍ଣ୍ଣ ବିଷୟ ଅଟେ, ମାତ୍ର ପ୍ରକୃତ ସେବାକାର୍ଯ୍ୟ ସର୍ବଦା ନିକଟରୁ ଅର୍ଥାତ୍ ପରିବାରଠାରୁ ଆରମ୍ଭ ହେବା ଏକାନ୍ତ ଆବଶ୍ୟକ । ପ୍ରକୃତ ଭାବରେ ଆମ ପରିବାର ଓ ପଡ଼ୋଶୀମାନଙ୍କ ମଧ୍ୟରେ ସୁସମାଚାରର ଯଥେଷ୍ଟ ଆବଶ୍ୟକତା ରହିଛି, ଯେଉଁମାନେ କି ଏପର୍ଯ୍ୟନ୍ତ ଯୀଶୁଙ୍କର ବାସ୍ତବ ପରିଚୟ ପାଇ ନାହାନ୍ତି ।

ସେମାନଙ୍କ ପ୍ରତି ଆପଣାର କର୍ତ୍ତବ୍ୟ କରିବାରେ ଆମେ ଅବହେଳା ନ କରୁ । ସେଥିପାଇଁ ଯୀଶୁ ଶିଷ୍ୟମାନଙ୍କୁ ଯିରୁଶାଲମଠାରୁ (ଯାହାକି ସେମାନଙ୍କର ନିଜର ସ୍ଥାନ) ସେବାକାର୍ଯ୍ୟ ଆରମ୍ଭ କରିବାକୁ ଆଦେଶ ଦେଇଥିଲେ (ପ୍ରେରିତ ୧:୮) ।

## ଈଶ୍ୱରଙ୍କ ଦୃଷ୍ଟିରେ ସଫଳତା

ଗୋଟିଏ ଗ୍ରାମର ଜଣେ ମୋଚି ସାରା ଜୀବନ ଖ୍ରୀଷ୍ଟିୟ ସେବାକାର୍ଯ୍ୟରେ ଅତିବାହିତ କରିବା ପାଇଁ ମନରେ ଇଚ୍ଛା କରିଥିଲେ, ମାତ୍ର ବିଭିନ୍ନ ପ୍ରକାର ପ୍ରତିକୂଳ ପରିସ୍ଥିତି ଫଳରେ ସେ ତାଙ୍କର ଶିକ୍ଷାଗତ ଯୋଗ୍ୟତା ହାସଲ କରି ପାରି ନ ଥିବାରୁ ତାଙ୍କର ଲକ୍ଷ୍ୟକୁ ସଫଳ କରି ପାରି ନ ଥିଲେ । କେତେକାଂଶରେ ନିରୁତ୍ସାହିତ ହୋଇଥିଲେ ମଧ୍ୟ ତାଙ୍କର ଆତ୍ମିକ ଜୀବନରେ ସେ ବିଶେଷ ବୃଦ୍ଧି ପାଉଥିଲେ । ଦିନେ ସେ ଜଣେ ଯୁବକଙ୍କର ସଂସ୍ପର୍ଶରେ ଆସିଲେ, ଯାହାଙ୍କର ମନ ଓ ହୃଦୟ ଖ୍ରୀଷ୍ଟଙ୍କ ପ୍ରତି ବିଶେଷ

ତୃଷିତ ଥିଲା । ଯୁବକଙ୍କ ପ୍ରତି ବିଶେଷ ଆଗ୍ରହୀ ହୋଇ ସେ ତାଙ୍କର ସ୍ୱଳ୍ପ ଉପାର୍ଜନରୁ ତାଙ୍କର ଉଚ୍ଚଶିକ୍ଷା ନିମନ୍ତେ ଅର୍ଥ ସାହାଯ୍ୟ କରିଥିଲେ । ପରବର୍ତ୍ତୀ ସମୟରେ ଯେତେବେଳେ ଯୁବକ ଶିକ୍ଷା ସମାପ୍ତ କରି ଖ୍ରୀଷ୍ଟିୟ ସେବାକାର୍ଯ୍ୟରେ ସଂପୃକ୍ତ ହେଲେ, ସେତେବେଳେ ଉକ୍ତ ମୋଚି, ଯୁବକଙ୍କୁ ଏକ ହଳ ଜୋତା ଦାନ କରି କହିଲେ, 'ସୁସମାଚାର ପ୍ରଚାର କରିବା ସମୟରେ ଦୟାକରି ତୁମେ ଏହି ଜୋତା ପିନ୍ଧିବ, ଯାହାଦ୍ୱାରା କି ମୁଁ ଜାଣିବି ଯେ ମୋର ଜୋତା ଉପରେ ତୁମେ ଠିଆ ହୋଇ ପ୍ରଭୁଙ୍କର ସେବା କରୁଛ ଏବଂ ଯେଉଁ କାର୍ଯ୍ୟ କରିବା ପାଇଁ ମୋର ଜୀବନର ଆକାଂକ୍ଷା ଥିଲା, ତାହା ତୁମେ ବର୍ତ୍ତମାନ ସଂପାଦନ କରୁଛ' । ନିଶ୍ଚିତ ଭାବରେ ଦିନେ ସେହି ମୋଚି ତା'ର ପ୍ରେରଣାତ୍ମକ କାର୍ଯ୍ୟ ନିମନ୍ତେ ଖ୍ରୀଷ୍ଟଙ୍କର ପ୍ରଶଂସାର ପାତ୍ର ହେବ ।

ଯେଉଁ ବ୍ୟକ୍ତି ଅନ୍ୟର ବୋଝକୁ ହାଲୁକା କରିଥାଏ, ସେ କୌଣସି ପ୍ରକାରେ ଏହି ଜଗତରେ ବିଫଳ ନୁହେଁ । ଏହା ସତ୍ୟ ଯେ, ଯେଉଁ କାର୍ଯ୍ୟ ଆମେ ନିଜେ କରିବା ପାଇଁ ଇଚ୍ଛା କରିଥାଉ, ତାହା ଅନେକ ସମୟରେ ଅନ୍ୟମାନଙ୍କ ଦ୍ୱାରା ଈଶ୍ୱର ସାଧନ କରିଥାଆନ୍ତି । କେତେକ ସମୟରେ ତାହା ଗ୍ରହଣ କରିବା ଆମ ପକ୍ଷରେ ସହଜ ହୋଇ ନ ଥାଏ, ମାତ୍ର ତାହାହିଁ କ୍ରୁଶର ଏକମାତ୍ର ମାର୍ଗ । ଅନ୍ୟମାନେ ଆଗେଇ ଯାଆନ୍ତୁ, ଆମେ ସେମାନଙ୍କ ପଛରେ ରହି ଯଥାସାଧ୍ୟ ଉତ୍ସାହ ପ୍ରେରଣା ଓ ସହାୟତା ଦେଇ ସେମାନଙ୍କୁ ଆଗକୁ ବଢ଼ାଇ ନେଉ । ତାହା ଥିଲା ବର୍ଣ୍ଣବାସ୍‌ଙ୍କ ଜୀବନର କାହାଣୀ । ସୁସମାଚାରକୁ ଅଗ୍ରସର କରାଇବା ନିମନ୍ତେ ସେ ପାଉଲଙ୍କୁ ଖୋଜି ଆଣିଲେ, ଯଦ୍ୟପି ପାଉଲ ଜଣେ ନୂତନ ବିଶ୍ୱାସୀ ଓ ସେବାକାର୍ଯ୍ୟ ବିଷୟରେ ଅନଭିଜ୍ଞ ଥିଲେ । ପରବର୍ତ୍ତୀ ସମୟରେ ପାଉଲ ଦଳର ଅଗ୍ରଣୀ ହେଲେ ଓ ବର୍ଣ୍ଣବାସ୍ ପଛରେ ଥାଇ ତାଙ୍କୁ ଉତ୍ସାହ ପ୍ରେରଣା ପ୍ରଦାନ କରୁଥିଲେ । ହୋଇପାରେ ସେହିପରି ଉତ୍ସାହ, ପ୍ରେରଣା ଏବଂ ସାହାଯ୍ୟ ଆଜି ଅନେକେ ଆମ ଜୀବନରୁ ଅପେକ୍ଷା କରି ରହିଛନ୍ତି । ଆସୁ, ଅନ୍ୟମାନଙ୍କୁ ଆଗକୁ ଅଗ୍ରସର କରାଇବାରେ ଆମେ ଈଶ୍ୱରଙ୍କର ବାଧ୍ୟ ହେଉ । **'ବିଶ୍ୱାସରେ ବଳବାନ ଯେ ଆମ୍ଭେମାନେ, ଦୁର୍ବଳମାନଙ୍କ ଦୁର୍ବଳତା ସହିବା ଆମ୍ଭମାନଙ୍କର ଉଚିତ, ଆଉ ନିଜ ନିଜର ସୁଖଚେଷ୍ଟା କରିବା ଉଚିତ ନୁହେଁ । ଆସ ଆମ୍ଭମାନଙ୍କର ପ୍ରତ୍ୟେକ ଜଣ ଆପଣା ପ୍ରତିବାସୀର ନିଷ୍ଠା ନିମନ୍ତେ ମଙ୍ଗଳ ସାଧନ କରି ତାହାର ସୁଖଚେଷ୍ଟା କରୁ (ରୋମୀ ୧୫:୧-୨) ।**

**'ସ୍ୱାର୍ଥପରତା ଅବା ଅସାରଗର୍ବ ହେତୁ କିଛି କର ନାହିଁ, ବରଂ ନମ୍ରଚିତ୍ତ ହୋଇ ପ୍ରତ୍ୟେକେ ଅନ୍ୟକୁ ଆପଣାଠାରୁ ଶ୍ରେଷ୍ଠ ମନେ କର । ପ୍ରତିଜଣ କେବଳ ଆପଣା ବିଷୟରେ ମନଯୋଗୀ ନ ହୋଇ ଅନ୍ୟର ବିଷୟରେ ମଧ୍ୟ ମନଯୋଗୀ ହୁଅ' (ଫିଲିପ୍ପୀ ୨:୩-୪) ।**



## ପ୍ରଚୁର ଶସ୍ୟ ଅମଳ

ଥରେ ଜଣେ ଭିକାରୀ ପଥପାର୍ଶ୍ୱରେ ହସ୍ତରେ କିଛି ଖାଦ୍ୟ ଧରି ବସିଥିବା ସମୟରେ ଜଣେ ଧନୀ ବ୍ୟକ୍ତି ବହୁମୂଲ୍ୟ ସୁନ୍ଦର ପୋଷାକ ପିନ୍ଧି ଛଦ୍ମ ବେଶରେ ଉକ୍ତ ଭିକାରୀ ପାଖକୁ ଆସି କହିଲେ, 'ମୁଁ ଜଣେ ଭିକାରୀ, ତୁମର ଖାଦ୍ୟରୁ ମୋତେ କିଛି ଦିଅ' । ଭିକାରୀ ଜଣକ ପ୍ରଥମେ ଅନିଚ୍ଛୁକ ହେଲା, ମାତ୍ର ପରେ କୁଣ୍ଠିତ ମନରେ ଭୋଜନ ପାତ୍ରକୁ ବ୍ୟକ୍ତିଙ୍କ ହସ୍ତକୁ ବଢ଼ାଇ ଦେଲା । ଧନୀ ବ୍ୟକ୍ତି ଜଣକ ଟିକିଏ ଖାଦ୍ୟ ହସ୍ତରେ ନେବା ବେଳକୁ ଭିକାରୀ ତା'ର ପାତ୍ରକୁ ଖୁବ୍ ଜୋରରେ ନିଜ ପାଖକୁ ଟାଣି ନେଇଥିଲା । ଦ୍ୱିତୀୟ ଥର ପୁନର୍ବାର ଉକ୍ତ ବ୍ୟକ୍ତି ଖାଦ୍ୟ ପାଇଁ ବିଶେଷ ଅନୁରୋଧ କଲେ, ଫଳରେ ଭିକାରୀଟି ଖାଦ୍ୟ ପାତ୍ରକୁ ବଢ଼ାଇ ଦେଇ ତତକ୍ଷଣାତ୍ ପାତ୍ରଟିକୁ ଏପରି ଜୋରରେ ନିଜ ଆଡ଼କୁ ଟାଣିନେଲା ଯେ ବ୍ୟକ୍ତିଜଣକ କେବଳ ଗୋଟିଏ ଖାଦ୍ୟ ଦାନା ନିଜ ହାତକୁ ନେବାକୁ ସକ୍ଷମ ହୋଇଥିଲେ । ଏଥିରେ ବ୍ୟକ୍ତିଜଣକ ସେହି ସ୍ଥାନ ଛାଡ଼ି ଚାଲି ଯିବା ପରେ ଭିକାରୀ ତା'ର ଅବଶିଷ୍ଟ ଖାଦ୍ୟ ଭୋଜନ କରିଥିଲା । କିଛି ସମୟ ପରେ ଭିକାରୀଟି ଦେଖି ପାରିଲା ଯେ ତା'ର ଖାଦ୍ୟ ପାତ୍ରର ପଛ ପଟେ ଦୁଇଟି ସ୍ୱର୍ଣ୍ଣ ମୁଦ୍ରା ଲାଗି ରହିଛି । ଯେଉଁ ପରିମାଣରେ ଧନୀ ବ୍ୟକ୍ତି ଭିକାରୀର ପାତ୍ରରୁ କିଛି ଖାଦ୍ୟ ନେଇଥିଲେ, ସେହି ପରିମାଣରେ ଦୁଇଟି ସ୍ୱର୍ଣ୍ଣମୁଦ୍ରା ସେ ଫେରସ୍ତ ଦେଇଥିଲେ । ସ୍ୱର୍ଣ୍ଣମୁଦ୍ରା ଦୁଇଟିକୁ ଦେଖି ଭିକାରୀଟି ମନେ ମନେ କହିଲା, 'ଓଃ, ବର୍ତ୍ତମାନ ମୁଁ ବୁଝିପାରୁଛି, ଯଦି ମୋର ପାତ୍ରଟି ଖାଦ୍ୟରେ ପରିପୂର୍ଣ୍ଣ ଥାଆନ୍ତା ଓ ମୁଁ ତାହା ସଂପୂର୍ଣ୍ଣ ଭାବରେ ସେହି ବ୍ୟକ୍ତିଙ୍କୁ ଆନନ୍ଦ ମନରେ ଦେଇଥାଆନ୍ତି, ତେବେ କେତେ ଅଧିକ ସ୍ୱର୍ଣ୍ଣମୁଦ୍ରା ହାସଲ କରିଥାଆନ୍ତି' !

ଅଧିକାଂଶ ସମୟରେ ତାହାହିଁ ଆମ୍ଭମାନଙ୍କ ଜୀବନରେ ପରିପ୍ରକାଶ ହୋଇଥାଏ । ଦାନର ପରିମାଣ ସହିତ ଆମର ମନୋଭାବ ଅନେକ ସମୟରେ ସେହି ଭିକାରୀର ନ୍ୟାୟ ହୋଇଥାଏ । ଈଶ୍ୱର ଓ ତାହାଙ୍କର ସୁସମାଚାର ସେବାକାର୍ଯ୍ୟ ନିମନ୍ତେ ଆମେ କେତେ ଦାନ କରୁ, ତାହା ଅପେକ୍ଷା ନିଜ ନିମନ୍ତେ କେତେ ଧରି ରଖୁ, ତାହାହିଁ ଗୁରୁତ୍ୱପୂର୍ଣ୍ଣ ବିଷୟ! ଆମେ ପୁଣି ଆମ ହସ୍ତରେ ସମର୍ପିତ ସମସ୍ତ ବିଷୟ ଉପରେ ଖ୍ରୀଷ୍ଟଙ୍କର ସଂପୂର୍ଣ୍ଣ ପ୍ରଭୁତ୍ୱ ରହିବା ଏକାନ୍ତ ଆବଶ୍ୟକ । କରନ୍ଥୀ ମଣ୍ଡଳୀକୁ ଉତ୍ସାହ ଦେଇ ପାଉଲ ଲେଖନ୍ତି, **'କିନ୍ତୁ ଏହା ସତ୍ୟ ଯେ , ଯେ ଅଳ୍ପ ବୁଣେ, ସେ ମଧ୍ୟ ଅଳ୍ପ କାଟିବ, ଆଉ ଯେ ପ୍ରଚୁର ବୁଣେ, ସେ ମଧ୍ୟ ପ୍ରଚୁର କାଟିବ', 'ଈଶ୍ୱରଙ୍କ ଅକଥନୀୟ ଦାନ ନିମନ୍ତେ ତାହାଙ୍କର ଧନ୍ୟବାଦ ହେଉ' (୨ୟ କରନ୍ଥୀ ୯: ୬, ୧୫) ।**

## କର୍ତ୍ତାଙ୍କ ସେବାରେ

ପ୍ରସିଦ୍ଧ ବେହେଲା ବାଦକ **ପାଗାନିନି**ଙ୍କୁ କୌଣସି ଏକ ବିଷୟରେ ସନ୍ଦେହ କରି କିଛି ବର୍ଷ ତାଙ୍କୁ କାରାଗାରରେ ବନ୍ଦୀ କରି ରଖା ଯାଇଥିଲା । ଦୟାପରବଶ ହୋଇ ତାଙ୍କୁ ଏକ ତାର ବିଶିଷ୍ଟ ଗୋଟିଏ ବେହେଲା ଦିଆ ଯାଇଥିଲା । ଏହି ବେହେଲାରେ ବାରମ୍ବାର ଅଭ୍ୟାସ କରିବା ଦ୍ୱାରା ସେ ଏତେ ଦକ୍ଷତା ହାସଲ କରି ପାରିଥିଲେ ଯେ, ଚାରି ତାର ବିଶିଷ୍ଟ ବେହେଲାଠାରୁ ଉକ୍ତ ବେହେଲାର ସ୍ୱର ଅତ୍ୟନ୍ତ ଉଚ୍ଚକୋଟୀର ଥିଲା । ଏହି ବାଦ୍ୟଯନ୍ତ୍ରରେ ସେ ନାଇଟିଙ୍ଗେଲଙ୍କ ସଦୃଶ ଅତି ମଧୁର ସ୍ୱର କିମ୍ବା ଦୁଃଖରେ ଭରା ଏକ ଶିଶୁର କ୍ରନ୍ଦନର ସ୍ୱର ସୃଷ୍ଟି କରି ପାରୁଥିଲେ । ପାଗାନିନିଙ୍କର ମୃତ୍ୟୁ ପରେ ତାଙ୍କର ଏହି ପ୍ରସିଦ୍ଧ ବେହେଲାକୁ ଜେନୋଆଠାରେ ଏକ କାଚ ଖୋଳ ମଧ୍ୟରେ ଏପର୍ଯ୍ୟନ୍ତ ରଖାଯାଇଛି । ଦିନେ ବେହେଲାର କାଠଗୁଡ଼ିକ ନଷ୍ଟ ହେବାର ଦେଖାଗଲା, ମନେ ହେଲା ଯେପରି ବାଦ୍ୟଯନ୍ତ୍ରଟି ଅତି ଶୀଘ୍ର ନଷ୍ଟ ହୋଇଯିବ । ଲୋକମାନଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହେଲା । ଫଳରେ ସେମାନେ କେତେଜଣ ବିଶିଷ୍ଟ ବୈଜ୍ଞାନିକମାନଙ୍କୁ ଡକାଇ ଉକ୍ତ ମୂଲ୍ୟବାନ ବାଦ୍ୟଯନ୍ତ୍ରର ସୁରକ୍ଷା ନିମନ୍ତେ ପରାମର୍ଶ ଲୋଡ଼ିଲେ । ସେମାନଙ୍କର ସିଦ୍ଧାନ୍ତ କ୍ରମେ ପ୍ରତ୍ୟେକ ବର୍ଷ ଉକ୍ତ ବାଦ୍ୟଯନ୍ତ୍ରକୁ ବାହାର କରି ସୁପ୍ରସିଦ୍ଧ ବାଦ୍ୟକାରଙ୍କ ସାହାଯ୍ୟରେ ଅତି କମରେ ଅଧ ଘଣ୍ଟା ବଜାଇବା ପାଇଁ ଏକାନ୍ତ ଆବଶ୍ୟକ ପଡ଼ିଲା । ଫଳରେ କାଠଖଣ୍ଡିକ ପୂର୍ବ ବାଦ୍ୟକାରଙ୍କ ଉନ୍ମାଦନାକୁ ପୁନର୍ବାର ଅନୁଭବ କରି ପାରିବ ଓ ବାଦ୍ୟଯନ୍ତ୍ରଟି ନଷ୍ଟ ହେବାରୁ ରକ୍ଷା ପାଇବ ।

ଆମ୍ଭମାନଙ୍କର ଜୀବନ ବାଦ୍ୟଯନ୍ତ୍ର ସଦୃଶ । ହୋଇପାରେ ଏକ ତାର ବିଶିଷ୍ଟ ଆମର ନିକୃଷ୍ଟ ଜୀବନ । ଆମ୍ଭମାନଙ୍କର ପ୍ରଭୁ ଦେଇଥିବା ଗୋଟିଏ ତୋଡ଼ା ବିଷୟରେ ଆମେ କ'ଣ ନିରୁତ୍ସାହିତ? କର୍ତ୍ତାଙ୍କ ହସ୍ତରେ ପୂର୍ଣ୍ଣ ସମର୍ପିତ ଜୀବନ ହିଁ ତାହାଙ୍କର ବ୍ୟବହାର ଯୋଗ୍ୟ । ଆମ୍ଭେମାନେ ମାଟିର ପାତ୍ର, ସେ ଆମ୍ଭମାନଙ୍କର କୁମ୍ଭକାର । ଭଙ୍ଗାପାତ୍ରକୁ ପୁନର୍ଗଠନ କରି ବ୍ୟବହାର ଯୋଗ୍ୟ କରିବା ପାଇଁ ସେ ସମର୍ଥ ଈଶ୍ୱର । ପାଉଲ କହନ୍ତି, **'ଈଶ୍ୱର ଜ୍ଞାନୀମାନଙ୍କୁ ଲଜ୍ଜା ଦେବା ନିମନ୍ତେ ଜଗତର ମୂର୍ଖ ବିଷୟସବୁ ମନୋନୀତ କଲେ । ପୁଣି ବଳବାନ ବିଷୟ ସବୁକୁ ଲଜ୍ଜାଦେବା ନିମନ୍ତେ ଈଶ୍ୱର ଜଗତର ଦୁର୍ବଳ ବିଷୟ ସବୁ ମନୋନୀତ କଲେ, ଆଉ ଯାହା ଜଗତ ଚକ୍ଷୁରେ ମାନ୍ୟଗଣ୍ୟ, ସେ ସବୁକୁ ବ୍ୟର୍ଥ କରିବା ନିମନ୍ତେ ଈଶ୍ୱର ଜଗତର ନୀଚ ଓ ତୁଚ୍ଛ ବିଷୟ ଗୁଡ଼ିକ, ହଁ, ନଗଣ୍ୟ ବିଷୟଗୁଡ଼ିକ ମନୋନୀତ କଲେ'(୧ମ କରନ୍ଥୀ ୧:୨୮-୨୯) ।**

## ଆହ୍ୱାନରେ ବିଶ୍ୱସ୍ତ

କଲେଜର ପ୍ରଥମ ବର୍ଷରେ ଥରେ ଜଣେ ଯୁବକ ସୂର୍ଯ୍ୟାସ୍ତକୁ ଅନାଇ ରହି ନିଜର ଦୂର ଭବିଷ୍ୟତ୍



ବିଷୟକ ଚିନ୍ତାରେ ମଗ୍ନ ଥିଲେ । ସୂର୍ଯ୍ୟାସ୍ତର ଉଜ୍ଜ୍ୱଳ ଗୌରବ ସମ୍ମୁଖରେ ନିଜର ଅସ୍ପଷ୍ଟ ଭବିଷ୍ୟତକୁ ସେ ଦେଖୁଥିଲେ । ଅପରିହାର୍ଯ୍ୟ ବିଷୟ ନିକଟରେ ନିଜକୁ ନୀରବ ଓ ଭରସାଯୁକ୍ତ ଭାବରେ ସମର୍ପଣ କରିବାର ଏକ ସଂଘର୍ଷ ମଧ୍ୟରେ ସେ ଗତି କରୁଥିଲେ ।

ଯୁବକଟି ଗୋଟିଏ ଗ୍ରାମ୍ୟ ପରିବେଶ ମଧ୍ୟରେ ବୃଦ୍ଧି ପାଇଥିଲେ । ମାତ୍ର ସର୍ବଦା ସେ କିପରି ଦିନେ କଲେଜରେ ପଢ଼ିବେ ଓ ବାଇବଲ ସେମିନାରୀକୁ ଯିବେ ସେ ବିଷୟରେ ଚିନ୍ତା କରୁଥିଲେ । ପରବର୍ତ୍ତୀ ସମୟରେ ପ୍ରଭୁଙ୍କର ସେବା କରିବା ନିମନ୍ତେ ତାଙ୍କର ଏକ ବିରାଟ ସ୍ୱପ୍ନ ଥିଲା । ପିତାଙ୍କର କୃଷିକ୍ଷେତ୍ରର  ନିମ୍ନ ଭାଗରେ ଏକ ଛକ ସ୍ଥାନରେ ଅବସ୍ଥିତ ପ୍ରାଥମିକ ବିଦ୍ୟାଳୟରେ ସେ ତାଙ୍କର ଶିକ୍ଷା ଆରମ୍ଭ କଲେ । ପରବର୍ତ୍ତୀ ସମୟରେ ନିକଟରେ ଥିବା ଫ୍ରି-ଏକାଡେମୀ କଲେଜରେ ଯୋଗଦାନ କରି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ପରେ ସେ ଏକ ସାଂଘାତିକ ରୋଗରେ ଆକ୍ରମିତ ହେଲେ । ଏହି ଉଚ୍ଚାଭିଳାଷୀ ଯୁବକକୁ ଡାକ୍ତରମାନେ ପରାମର୍ଶ ଦେଇ କହିଲେ, 'ତୁମର ସୁସ୍ଥତାର ଏକମାତ୍ର ଉପାୟ ହେଉଛି ନିଜର କାର୍ଯ୍ୟକ୍ଷେତ୍ରକୁ ସଂପୂର୍ଣ୍ଣ ଭାବରେ ପରିବର୍ତ୍ତନ କରିବା' । ଦୁଇ ବର୍ଷ ଧରି ସେ ପିତାଙ୍କର କୃଷିକ୍ଷେତ୍ରରେ ହଳ କରିବା, ବିହନ ବୁଣିବା, ଶସ୍ୟ ଅମଳ କରିବାରେ ଯଥେଷ୍ଟ ପରିଶ୍ରମ କରିଥିଲେ, ଫଳରେ ନିଜର ପାଠ୍ୟପୁସ୍ତକ ପଢ଼ିବା ନିମନ୍ତେ ସେ ଯଥେଷ୍ଟ ସମୟ ପାଇ ନ ଥିଲେ । ପରିଶେଷରେ ନିଜର ଇଚ୍ଛାଅନୁସାରେ ଗୋଟିଏ କଲେଜରେ ପଢ଼ିବା ନିମନ୍ତେ ଯୋଗ ଦେଲେ ।

ପ୍ରଥମ ବର୍ଷ ଶିକ୍ଷା ମଧ୍ୟରେ ସେ ପୁନର୍ବାର ଅସୁସ୍ଥ ହୋଇ ପଡ଼ିଲେ । ସମୟ କ୍ରମେ ସେ ଅନୁଭବ କଲେ ଯେ ତାଙ୍କୁ ନିଜର ଅଭିଳାଷ ଏବଂ ପ୍ରଚାର ସେବାକାର୍ଯ୍ୟକୁ ଈଶ୍ୱରଙ୍କ ହସ୍ତରେ ସମର୍ପଣ କରି ପୁନର୍ବାର ନିଜର ଗୃହକୁ ଫେରି ଯାଇ କୃଷିକର୍ମରେ ନିଯୁକ୍ତ ହେବାକୁ ପଡ଼ିବ । ଦୀର୍ଘ ସମୟ ମାନସିକ ଦ୍ୱନ୍ଦର ମଧ୍ୟରେ ବର୍ତ୍ତମାନ ହୃଦୟରେ ସେ ଶାନ୍ତି ଅନୁଭବ କଲେ । ପରଦିନ ନିଜର ପୁସ୍ତକ ଓ ବାକ୍ସଟିକୁ ସଜାଡ଼ି ଆପଣା ସଙ୍ଗୀ ତଥା ଶିକ୍ଷକମାନଙ୍କଠାରୁ ବିଦାୟ ନେଇ ନୀରବରେ ଗୃହକୁ ଫେରି ଆସିଲେ ।

ନିଷ୍ଠାପର ଭାବରେ ସେ କୃଷିକର୍ମରେ ଆପଣାକୁ ନିୟୋଜିତ କଲେ । ତାଙ୍କର ନୀରବ ଜୀବନ ଚତୁଃପାର୍ଶ୍ୱସ୍ଥ ପଡ଼ୋଶୀ ପ୍ରତିବାସୀମାନଙ୍କ ଉପରେ ଗଭୀର ପ୍ରଭାବ ପକାଇ ଥିଲା । ସୋମବାର ସକାଳୁ ଶନିବାର ସନ୍ଧ୍ୟା ପର୍ଯ୍ୟନ୍ତ ସେ କୃଷି କାର୍ଯ୍ୟରେ ଅକ୍ଳାନ୍ତ ପରିଶ୍ରମ କରୁଥିଲେ, ମାତ୍ର ରବିବାର ଦିନ ନିକଟରେ ଥିବା ମଣ୍ଡଳୀର ପ୍ରାତଃ ଓ ସନ୍ଧ୍ୟାକାଳୀନ ଉପାସନା ସହିତ ସପ୍ତାହର ମଧ୍ୟବର୍ତ୍ତୀ ପ୍ରାର୍ଥନା ସଭାରେ ସେ ନିୟମିତ ଯୋଗ ଦେଉଥିଲେ । ସଣ୍ଡେସ୍କୁଲରେ ଶିକ୍ଷା ଦେବା ସହିତ ଯୁବ ଅନୁଷ୍ଠାନରେ ବିଶେଷ ଉତ୍ସାହର କାରଣ ହୋଇ ପାରିଲେ । ମଣ୍ଡଳୀ ତାଙ୍କୁ ଜଣେ ପ୍ରାଚୀନ ଭାବରେ ନିଯୁକ୍ତି ଦେଲେ ।

ସମାଜର ଗତବୟସ୍କ ପିତାମାତାଙ୍କର ମାନସିକ, ନୈତିକ ଓ ଆଧ୍ୟାତ୍ମିକ ଯତ୍ନ ନେବାରେ ସେ ବିଶେଷ ସହାୟକ ହୋଇପାରି ଥିଲେ । ଯଦ୍ୟପି ସେ ମଣ୍ଡଳୀର ପୁଲ୍‌ପିଟ୍ ଉପରକୁ କେବେ ଚଢ଼ି ନ ଥିଲେ, ତଥାପି ଜଣେ ଖ୍ରୀଷ୍ଟିୟାନ୍ କୃଷକ ଭାବରେ ତାଙ୍କ ଆତ୍ମିକ ଜୀବନର ପ୍ରଭାବ ଅନେକ ଜଣଙ୍କୁ ପ୍ରଭାବିତ କରିଥିଲା ।

ଈଶ୍ୱରଙ୍କ ନିମନ୍ତେ ଆମେ କ'ଣ କରି ପାରିବା, ତାହା ଅପେକ୍ଷା ଈଶ୍ୱର ଆମ୍ଭମାନଙ୍କ ଜୀବନରେ କ'ଣ କରିବା ପାଇଁ ଚାହାଁନ୍ତି, ତାହା ଆବିଷ୍କାର କରି ତାହାଙ୍କ ନିରୂପିତ ସ୍ଥାନରେ ରହି ତାହାଙ୍କ ନିମନ୍ତେ ବିଶ୍ୱସ୍ତ ସାକ୍ଷୀ ହେବା ଅତି ଗୁରୁତ୍ୱପୂର୍ଣ୍ଣ ବିଷୟ । ଆପଣାକୁ ପ୍ରଶ୍ନ ପଚାରୁ, ଯେଉଁ ସ୍ଥାନରେ ମୁଁ ଅଛି, ତାହା କ'ଣ ଈଶ୍ୱରଙ୍କ ନିରୂପିତ ସ୍ଥାନ? ଦମ୍ମେସକ ପଥରେ ପାଉଲ ପଚାରିଲେ, **'ପ୍ରଭୁ, ମୁଁ କ'ଣ କରିବି?' ପ୍ରଭୁ କହିଲେ , 'ଉଠ, ଯାଅ ....' (ପ୍ରେରିତ ୨୨:୧୦) ।** ଆପଣ ଏହି ସ୍ୱର ଶୁଣିଛନ୍ତି କି? ଈଶ୍ୱରଙ୍କ ନିରୂପିତ ସ୍ଥାନରେ ହିଁ ଆମର ଜୀବନ ତାହାଙ୍କର ବ୍ୟବହାର ଉପଯୋଗୀ ହୋଇ ପାରିବ ।

## କେବଳ ମାଧ୍ୟମ ମାତ୍ର

୧୮୭୨ ମସୀହାର ଏକ ସତ୍ୟ ଘଟଣା । ଗୋଟିଏ ଶସ୍ୟାଗାର ମଧ୍ୟରେ ଏକ ସୁସମାଚାର ସଭାର ଆୟୋଜନ କରାଯାଇଥିଲା । ଜଣେ ଧୀର ଓ ଶାନ୍ତ ପ୍ରଚାରକ **ହେନେରୀ ଭାରଲୀ**, ୧ମ ଯୋହନ ୨:୧୭ ପଦ ଉପରେ ତାଙ୍କର ସମ୍ବାଦ ଶେଷ କରିବାକୁ ଯାଉଥିଲେ । ନିକଟରେ ଏକ ପୁଆଳ ଗଦା ଉପରେ ବସି ଥିବା ଜଣେ ଆଗ୍ରହୀ ଯୁବକଙ୍କ ଆଡ଼କୁ ଦୃଷ୍ଟି କରି ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରଚାରକ କହିଲେ, 'ଆଜିର ଜଗତ ଏହିପରି ଏକ ଜୀବନକୁ ଦେଖିବା ପାଇଁ ଅପେକ୍ଷା କରିଛି, ଯେ ଆପଣାକୁ ସଂପୂର୍ଣ୍ଣ ଭାବରେ ଈଶ୍ୱରଙ୍କ ନିକଟରେ ସମର୍ପଣ କରିବ, ଯାହାର ଜୀବନ ମାଧ୍ୟମରେ ଈଶ୍ୱର ଅଲୌକିକ କାର୍ଯ୍ୟ ସାଧନ କରିବା ନିମନ୍ତେ ଏବେ ମଧ୍ୟ ସମର୍ଥ ଅଟନ୍ତି' । ଆଗ୍ରହୀ ଯୁବକଜଣକ ଏତଦ୍‌ଦ୍ୱାରା ବିଶେଷ ପ୍ରଭାବିତ ଓ ଆତ୍ମାରେ ଉତ୍ତେଜିତ ହୋଇ ମନେ ମନେ ଭାବିଲେ, ପ୍ରଚାରକ ବନ୍ଧୁ 'ଯେ କୌଣସି ବ୍ୟକ୍ତି' ବୋଲି ଉଚ୍ଚାରଣ କରି ନ ଥିଲେ । ସେ କହି ନାହାନ୍ତି ଯେ ଜଣେ ଅତି ଶିକ୍ଷିତ, ବୁଦ୍ଧିମାନ କିଅବା ଅନ୍ୟ କୌଣସି ଗୁଣ ବା ପାରଦର୍ଶୀତା ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ଈଶ୍ୱର ତାଙ୍କ ସେବାର ନିମନ୍ତେ ଚାହାଁନ୍ତି, ମାତ୍ର ଯେଉଁ ବ୍ୟକ୍ତି ବ୍ୟବହାର ଉପଯୋଗୀ ହେବା ନିମନ୍ତେ ଇଚ୍ଛୁକ ଥିବେ ବୋଲି କହିଛନ୍ତି । ହଁ, ମୋ ମଧ୍ୟରେ ଥିବା ପବିତ୍ର ଆତ୍ମାଙ୍କ ସହାୟତାରେ ମୁଁ ସେହି ବ୍ୟକ୍ତି ହେବା ପାଇଁ ଚେଷ୍ଟା କରିବି' ।



ଅଳ୍ପ ବର୍ଷ ମଧ୍ୟରେ ଈଶ୍ୱରଙ୍କ ଯୋଜନା ନିକଟରେ ସେହି ଯୁବାର ସମର୍ପିତ ଜୀବନର ପ୍ରଭାବ ସମଗ୍ର ବିଶ୍ୱରେ ପରିପ୍ରକାଶ ହୋଇ ପାରିଥିଲା ।

ସେ ବିଶ୍ୱ ସୁସମାଚାର ପ୍ରଚାରକ **ଡି.ଏଲ୍. ମୁଡି** ଭାବରେ ସୁପରିଚିତ ହୋଇ ପାରିଥିଲେ । ସେ ଅନୁଭବ କରୁଥିଲେ ଯେ , ଜୀବନରେ ଈଶ୍ୱରଙ୍କର ଇଚ୍ଛା ସଫଳ କରିବାକୁ ହେଲେ ପ୍ରଥମେ ସ୍ୱଇଚ୍ଛାକୁ ବଳିଦାନ କରିବାକୁ ପଡ଼ିଥାଏ । ତାଙ୍କୁ ଜଗତର ସମସ୍ତ ବିଷୟକୁ ପଛରେ ପକାଇ, ଚକ୍ଷୁର ଲାଳସା, ଶରୀରର ଅଭିଳାଷ ଓ ଜୀବନର ଅସାର ଗର୍ବକୁ ଜଳାଞ୍ଜଳି ଦେଇ ନିଜର ଚିନ୍ତା ଓ କାର୍ଯ୍ୟକଳାପକୁ ପବିତ୍ରଆତ୍ମାଙ୍କର ସଂପୂର୍ଣ୍ଣ କର୍ତ୍ତୃତ୍ୱ ମଧ୍ୟରେ ରଖିବାକୁ ପଡ଼ିବ । କେତେକଙ୍କ ନିମନ୍ତେ ଜଗତର ବିଷୟବସ୍ତୁ ବିଶେଷ ଆକର୍ଷଣୀୟ, ଅଧିକ ଗୁରୁତ୍ୱପୂର୍ଣ୍ଣ ପୁଣି ଆତ୍ମପ୍ରେମ  ସର୍ବପ୍ରଧାନ ବିଷୟ ହୋଇଥାଏ । ଈଶ୍ୱର ଆମ ମାଧ୍ୟମରେ କାର୍ଯ୍ୟ କରିବା ପୂର୍ବରୁ ପ୍ରଥମେ ସେ ଆମ ଜୀବନରେ କାର୍ଯ୍ୟ କରିବା ସର୍ବପ୍ରଧାନ ବିଷୟ ଅଟେ । ବିନା ସର୍ତ୍ତରେ ତାହାଙ୍କ ହସ୍ତରେ ନିଜ ଜୀବନକୁ ଉତ୍ସର୍ଗ କରିବାକୁ ଭୟଭୀତ କିମ୍ବା ପଛଘୁଞ୍ଚା ନ ଦେଉ । **'କାରଣ ସଦାପ୍ରଭୁଙ୍କ ପ୍ରତି ଯେଉଁମାନଙ୍କର ଅନ୍ତଃକରଣ ସିଦ୍ଧ ଥାଏ, ସେମାନଙ୍କ ସପକ୍ଷରେ ଆପଣାକୁ ବଳବାନ ଦେଖାଇବା ପାଇଁ ତାହାଙ୍କର ଚକ୍ଷୁ ପୃଥିବୀର ସର୍ବତ୍ର ଏଣେ ତେଣେ ଦୌଡ଼ଇ' (୨ୟ ବଂଶାବଳୀ ୧୬:୯) ।**

**'ମାତ୍ର ସଦାପ୍ରଭୁ ମୋତେ କହିଲେ, ମୁଁ ବାଳକ ବୋଲି କୁହନାହିଁ, କାରଣ ଆମ୍ଭେ ତୁମ୍ଭକୁ ଯାହା ନିକଟକୁ ପଠାଇବା, ତୁମ୍ଭେ ତାହା ନିକଟକୁ ଯିବ ଓ ଆମ୍ଭେ ତୁମ୍ଭକୁ ଯାହା ଆଜ୍ଞା କରିବା, ତାହା ତୁମ୍ଭେ କହିବ' (ଯିରିମିୟ ୧:୭) ।**

## ଈଶ୍ୱରଙ୍କୁ ଥରେ ସୁଯୋଗ ଦିଅ

କେତେକ ବର୍ଷ ପୂର୍ବେ ଇଂଲଣ୍ଡର ଜଣେ ସମ୍ଭ୍ରାନ୍ତ ପରିବାରର ମହିଳା ମୃତ୍ୟୁବରଣ କରିଥିଲେ । ଈଶ୍ୱର ତାଙ୍କର ଆଖିକୁ ଛୁଇଁଲେ ଏବଂ ତାହା ବନ୍ଦ ହେଲା, ହୃତପିଣ୍ଡକୁ ସ୍ପର୍ଶ କଲେ, ତହିଁରେ ତାଙ୍କର ହୃଦସ୍ପନ୍ଦନ ବନ୍ଦ ହେଲା ଓ ତାହା ସୁସ୍ଥିର ହେଲା । ତାଙ୍କର ମୃତ ଶରୀରକୁ ଲୋକମାନେ ଏକ ବିରାଟ ଶୋଭାଯାତ୍ରାରେ ଦର୍ଶକମାନଙ୍କର ବସିବା ସ୍ଥାନକୁ ଘେନିଗଲେ, ଯେପରି ସହରର ପୁଣି ପୃଥିବୀର ଅନେକ ବିଶିଷ୍ଟ ବ୍ୟକ୍ତିମାନେ ଆସି ତାଙ୍କ ପ୍ରତି ଶେଷ ସମ୍ମାନ ପ୍ରଦର୍ଶନ କରି ପାରିବେ । ଇଂଲଣ୍ଡ ରାଣୀଙ୍କର ଜଣେ ପ୍ରତିନିଧି, ଦେଶର ବିଶିଷ୍ଟ ବ୍ୟକ୍ତିମାନେ, ଧନୀ ଓ ସମ୍ଭ୍ରାନ୍ତ ଶ୍ରେଣୀର ବ୍ୟକ୍ତିମାନେ ତାଙ୍କର ମୃତ ଶରୀରକୁ ଦେଖି କ୍ରନ୍ଦନ କରିବାକୁ ଆରମ୍ଭ କଲେ । ପରେ ଦରିଦ୍ର ଓ ଅବହେଳିତ ଅନେକ ପୁରୁଷ ଓ ମହିଳାମାନେ ମଧ୍ୟ ଲୋକ ଭିଡ଼ ମଧ୍ୟରେ ତାଙ୍କୁ ଦେଖିବାକୁ ଗଲେ । ହଜାର ହଜାର ବ୍ୟକ୍ତିମାନେ କାନ୍ଦି କାନ୍ଦି ତାଙ୍କର ମୃତ ଶରୀର ପାଖ ଦେଇ ଚାଲି ଯାଉଥିଲେ ।

ଶେଷରେ ଜଣେ ଦରିଦ୍ର ମହିଳା, ଦୁଇ ହାତରେ ଦୁଇ ସାନ ପିଲାଙ୍କୁ ଧରି ମଝି ବାଟ ଦେଇ ଆସିଲେ । କବର ବାକ୍ସ ନିକଟରେ ପହଁଞ୍ଚିଲା ମାତ୍ରେ ସେ ପିଲା ଦୁଇ ଜଣଙ୍କୁ ତଳେ ବସାଇ ଦେଇ ମହିଳାଙ୍କ ମୁହଁ ଘୋଡ଼ା ଯାଇଥିବା କାଚକୁ ଚୁମ୍ବନ ଦେବା ପାଇଁ ନଇଁ ପଡିଲେ । ଲୋକ ଗହଳିକୁ ନିୟନ୍ତ୍ରଣ କରିବା ପାଇଁ ସୁରକ୍ଷାବାହିନୀ ଦରିଦ୍ର ମହିଳାଙ୍କର ହାତ ଧରି ବାଟ ଛାଡ଼ି ଆଗକୁ ଯିବା ପାଇଁ ଅନୁରୋଧ କଲେ । ମହିଳାଜଣକ ମୁଣ୍ଡ ଉଠାଇ ସେହି ସୁରକ୍ଷାବାହିନୀ ଓ ଘେରି ରହିଥିବା ଅସଂଖ୍ୟ ଜନତା ପ୍ରତି ଦୃଷ୍ଟି ଫେରାଇ କହିଲେ, 'ମୋର ପ୍ରିୟ ବନ୍ଧୁଗଣ, ମୁଁ ଆଗକୁ ଯିବି ନାହିଁ, ମୁଁ ଦୀର୍ଘ ୬୦ ମାଇଲ୍ ଅତିକ୍ରମ କରି ଏହି ଦୁଇ ପିଲାଙ୍କୁ ଧରି ପାଦରେ ଚାଲି ଚାଲି ଆସିଛି, ଯେପରି ଏହି ଈଶ୍ୱରଭକ୍ତା ମାଆଙ୍କୁ ଦେଖି କାନ୍ଦିବି' । ବାରମ୍ବାର କାଚକୁ ଚୁମ୍ବନ କରିବା ସହିତ ସେ କାନ୍ଦିବାରେ ଲାଗିଥାଆନ୍ତି, ପୁଣି ତାହାଙ୍କ ସହିତ ଅନ୍ୟମାନଙ୍କ ଆଖିରେ ମଧ୍ୟ ଲୁହ ଭରି ଯାଇଥିଲା ।

ତେବେ ଏହି କଫିନ୍ ବାକ୍ସ ମଧ୍ୟରେ ନିସ୍ତେଜ ଭାବରେ ଶୋଇ ରହିଥିବା ମହିଳାଜଣକ କିଏ? ସେ ଥିଲେ,'**କାଥେରିନ୍ ବୁଥ୍,** ସାଲଭେସନ୍ ଆରମୀର ମାଆ' । ସେ ଥିଲେ ଜଣେ ମହାନ୍, ଆଦର୍ଶ ମହିଳା, ଈଶ୍ୱରଙ୍କ ସେବାରେ ଦରିଦ୍ର, ନିଃସହାୟ ଲୋକମାନଙ୍କର ନିମନ୍ତେ ଆପଣାର ବହୁମୂଲ୍ୟ ଜୀବନ ଅତିବାହିତ କରିଥିଲେ । ଅନ୍ୟମାନଙ୍କ ପାଇଁ ଆଶୀର୍ବାଦର କାରଣ ହେବା ନିମନ୍ତେ ସେ ଈଶ୍ୱରଙ୍କୁ ତାଙ୍କ ଜୀବନରେ କାର୍ଯ୍ୟ କରିବାକୁ ସୁଯୋଗ ଦେଇଥିଲେ । ତାଙ୍କର କାର୍ଯ୍ୟଦକ୍ଷତା, ଜାଗତିକ ସଂପଦ କିଅବା ଯୋଗ୍ୟତା, ଗୁଣାବଳୀ ଦ୍ୱାରା ସେ ଯେ ମହିୟସୀ ମହିଳା ହୋଇ ପାରିଥିଲେ, ତାହା ନୁହେଁ, ମାତ୍ର ଦୁଃଖୀମାନଙ୍କର ସେବାରେ ସେ ଆପଣାକୁ ପୂର୍ଣ୍ଣ ସମର୍ପଣ କରିଥିଲେ । ସମସ୍ତ ପରିତ୍ୟାଗ କରି ଈଶ୍ୱରଙ୍କୁ ଜୀବନରେ ସୁଯୋଗ ଦେବା ଥିଲା ତାଙ୍କ ଜୀବନର ଗୁଢ଼ ରହସ୍ୟ । ପାଉଲ କହନ୍ତି, **'ମୋ ନିମନ୍ତେ ଜୀବନଧାରଣ ଖ୍ରୀଷ୍ଟ, ମୃତ୍ୟୁ ଲାଭଜନକ' (ଫିଲିପ୍ପୀ ୧:୨୧)** । ପୁନର୍ବାର ପାଉଲ କହନ୍ତି, **'ମୁଁ ଯେପରି ମୋହର ନିରୁପିତ ପଥର ଶେଷ ପର୍ଯ୍ୟନ୍ତ ଦୌଡ଼ି ପାରେ, ଆଉ ଈଶ୍ୱରଙ୍କ ଅନୁଗ୍ରହର ସୁସମାଚାର ପକ୍ଷରେ ସାକ୍ଷ୍ୟ ଦେବା ନିମନ୍ତେ ଯେଉଁ ସେବାର କାର୍ଯ୍ୟ ପ୍ରଭୁ ଯୀଶୁଙ୍କଠାରୁ ପାଇଅଛି, ତାହା ସଂପୂର୍ଣ୍ଣ କରିପାରେ, ଏଥିପାଇଁ ମୁଁ ଆପଣା ପ୍ରାଣକୁ ପ୍ରିୟଜ୍ଞାନ ନ କରି ତାହା ନଗଣ୍ୟ ମନେ କରୁଅଛି' (ପ୍ରେରିତ ୨୦:୨୪) ।**

**'ମୁଁ ଉତ୍ତମ ଯୁଦ୍ଧରେ ପ୍ରାଣପଣ କରିଅଛି, ନିରୁପିତ ପଥର ଶେଷ ପର୍ଯ୍ୟନ୍ତ ଦୌଡ଼ିଅଛି, ମୁଁ ବିଶ୍ୱାସ ରକ୍ଷା କରିଅଛି '(୨ୟ ତିମଥୀ ୪:୭) ।**



## ସେବାକାର୍ଯ୍ୟର ମୂଲ୍ୟ

### ତ୍ୟାଗର ନିମନ୍ତେ ଆହ୍ୱାନ

**ଆଡୋନିରାମ୍ ଜଡସନ୍** ମିଶନେରୀ ଭାବରେ ବର୍ମାକୁ ଆହୂତ ହୋଇଥିଲେ । ସେ 'ଆନ୍ନା'ଙ୍କୁ ୧୮୧୨ ମସୀହା ଫେବୃୟାରୀ ୫ ତାରିଖରେ ବିବାହ କରିଥିଲେ । ବିବାହ ପୂର୍ବରୁ ଆନ୍ନାଙ୍କର ବାପାଙ୍କୁ ସେ ଏକ ଚିଠିରେ ଏହିପ୍ରକାର ଲେଖିଥିଲେ, 'ବର୍ତ୍ତମାନ ମୁଁ ତୁମକୁ ପଚାରୁଅଛି, ତୁମର ଝିଅକୁ ଅଳ୍ପ କେତେ ମାସ ମଧ୍ୟରେ ମୋ ସହିତ ବିବାହ ଦେବେ କି? ହୁଏତ ତୁମେ ତାହାକୁ ପୁନର୍ବାର ଦେଖିବାର ସୁଯୋଗ ପାଇ ନ ପାର, ମିଶନେରୀ ଜୀବନର ସମସ୍ତ ପ୍ରକାର ଦୁଃଖ, କ୍ଲେଶ ମଧ୍ୟରେ ଯିବା ପାଇଁ ତୁମେ ସମ୍ମତି ଦେବ କି? ସମୁଦ୍ରର ସମସ୍ତ ପ୍ରକାର ପ୍ରତିକୂଳ ପାଗ ପୁଣି ଭୟଙ୍କର ଜଳବାୟୁ ମଧ୍ୟରେ ଦୀର୍ଘ ପଥ ଯାତ୍ରା କରିବା ପାଇଁ ଇଚ୍ଛୁକ ହେବ କି? ଭାରତବର୍ଷର ମରଣାନ୍ତକ ରୋଗ, ଦକ୍ଷିଣାଞ୍ଚଳର ଭିନ୍ନ ଜଳବାୟୁ ମଧ୍ୟରେ ସେବାକାର୍ଯ୍ୟ କରିବା ପାଇଁ ସମ୍ମତି ପ୍ରଦାନ କରିବ କି? ସମସ୍ତ ପ୍ରକାର ନୈରାଶ୍ୟତା, ଦୁଃଖ, କଷ୍ଟ, ଅଭାବ ମଧ୍ୟରେ ଯିବା ପାଇଁ ତୁମ ଝିଅକୁ ଅନୁମତି ଦେବ କି? ସମସ୍ତ ପ୍ରକାର ନିନ୍ଦା, ତାଡ଼ନା, ହୋଇପାରେ ମୃତ୍ୟୁକୁ ଆନନ୍ଦ ମନରେ ଗ୍ରହଣ କରିବା ନିମନ୍ତେ ତୁମେ ସମ୍ମତି ଦେବ କି?'

ବାସ୍ତବରେ ଏ କିପ୍ରକାର ଏକ ସେବାର ଆହ୍ୱାନ! ସୁସମାଚାର ସେବାକାର୍ଯ୍ୟରେ ନିହିତ ମୂଲ୍ୟକୁ ଅସ୍ୱୀକାର କରାଯାଇ ନ ପାରେ । କ୍ରୁଶ ବିନା ମୁକୁଟ ଅସମ୍ଭବ । ଯଦି ଆପଣ ଜଣେ ସୁସମାଚାରର ସେବକ, ତେବେ କେଉଁ ପ୍ରକାର ତ୍ୟାଗ ଆପଣଙ୍କ ଜୀବନରେ ପ୍ରକାଶ କରିଛନ୍ତି? ଖ୍ରୀଷ୍ଟ ଓ ତାହାଙ୍କର ସୁସମାଚାର ନିମନ୍ତେ ପାଉଲ ଯେଉଁ ସମସ୍ତ କ୍ଲେଶଭୋଗ କରିଥିଲେ, ତାହା ଆମେ ୨ୟ କରନ୍ଥୀ ୪:୮-୧୨ ପଦ ଓ ୬:୩-୧୦ ପଦଗୁଡ଼ିକରେ ପାଠ କରୁ । ବାକ୍ୟରେ ଲେଖାଯାଏ, **'ଆମ୍ଭେମାନେ ସର୍ବ ପ୍ରକାରେ କ୍ଲେଶ ଭୋଗ କରୁଅଛୁ, ତଥାପି ଅବରୁଦ୍ଧ ନୋହୁଁ, ହତବୁଦ୍ଧି ହେଉଅଛୁ, ତଥାପି ନିରାଶ ନୋହୁଁ, ତାଡ଼ନାପ୍ରାପ୍ତ ହେଉଅଛୁ ତଥାପି ପରିତ୍ୟକ୍ତ ନୋହୁଁ, ଅଧଃପତିତ ହେଉଅଛୁ, ତଥାପି ବିନଷ୍ଟ ନୋହୁଁ । ଆମ୍ଭେମାନେ ସର୍ବଦା ଯୀଶୁଙ୍କର ମୃତ୍ୟୁଭୋଗ ଶରୀରରେ ଅନୁଭବ କରୁଅଛୁ, ଯେପରି ଯୀଶୁଙ୍କ ଜୀବନ ମଧ୍ୟ ଆମ୍ଭମାନଙ୍କ ଶରୀରରେ ପ୍ରକାଶିତ ହୁଏ' (୨ୟ କରନ୍ଥୀ ୪:୮-୧୦) ।**

### ତ୍ୟାଗ

ଥୋମାସ୍ ରାଗଲାଣ୍ଡ୍ ଥିଲେ କେମ୍ବ୍ରିଜ ବିଶ୍ୱ ବିଦ୍ୟାଳୟର ଜଣେ ଅତି ବିଦ୍ୱାନ ଛାତ୍ର । ପ୍ରକୃତିଗତ ଭାବରେ ବିଭିନ୍ନ ପୁସ୍ତକ ପାଠ କରିବାରେ ସେ ବିଶେଷ ଆଗ୍ରହୀ ଥିଲେ । ଥରେ ଚର୍ଚ୍ଚ ମିଶନେରୀ

ସୋସାଇଟିର ସଂପାଦକ ହେନେରୀ ଭେନ୍ କଲେଜର ଛାତ୍ରମାନଙ୍କୁ ସୁସମାଚାର ସେବାକାର୍ଯ୍ୟ ବିଷୟରେ ଅନେକ ଆହ୍ୱାନପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ । ସେ ସମସ୍ତ ଶୁଣି **ରାଗଲାଣ୍ଡଙ୍କ**ର ଜୀବନରେ ବିଶେଷ ପ୍ରେରଣା ଓ ଉଦ୍ଦୀପନା ଆସିଲା । ମନେ ହେଲା ସତେ ଯେପରି ତାଙ୍କ ଜୀବନର ସମସ୍ତ ଦୃଷ୍ଟିକୋଣ ପରିବର୍ତ୍ତନ ହୋଇଗଲା । ଈଶ୍ୱର ତାଙ୍କୁ କଥା କହିବାକୁ ଲାଗିଲେ, 'ତୁମେ ଭାରତକୁ ଯାଅ',ଏହି ସ୍ପଷ୍ଟ ଆହ୍ୱାନ ସେ ଶୁଣିବାକୁ ପାରିଲେ । ନିଶ୍ଚିତ ଭାବରେ ଏହା ଥିଲା ତାଙ୍କ ନିମନ୍ତେ ଏକ କଷ୍ଟକର ଆହ୍ୱାନ । କାରଣ ହୁଏତ ତାଙ୍କୁ, ତାଙ୍କର ସମସ୍ତ ପୁସ୍ତକ, ଉଚ୍ଚଶିକ୍ଷା ପୁଣି ବିବାହ ନିମନ୍ତେ ସ୍ଥିର କରିଥିବା ଝିଅକୁ ମଧ୍ୟ ମିଶନେରୀର ଏହି ଆହ୍ୱାନ ତଳେ ସମର୍ପଣ କରି ସମସ୍ତଙ୍କୁ ପରିତ୍ୟାଗ କରି ତାଙ୍କୁ ଈଶ୍ୱରଙ୍କର ବାଧ୍ୟ ହେବାକୁ ପଡ଼ିବ । ଅନ୍ତରର କୋହକୁ ସମ୍ଭାଳି ନ ପାରି ସେ କହିଲେ, 'ହେ ପ୍ରଭୁ, ସେହି ଝିଅକୁ ମୁଁ ତୁମ୍ଭ ବେଦୀ ତଳେ ସମର୍ପଣ କରୁଛି, ବିବାହ ନିର୍ବନ୍ଧକୁ ଭାଙ୍ଗି ଦେଇ ତୁମର ଆହ୍ୱାନର ବାଧ୍ୟ ହେବା ପାଇଁ ମୁଁ ପ୍ରସ୍ତୁତ' ।

ସମସ୍ତଙ୍କୁ ପଛରେ ପକାଇ ସେ ମାଡ୍ରାସ୍ ସହରରେ ପହଁଞ୍ଚିଲେ । ସେହି ସମୟରେ ଚର୍ଚ୍ଚ ମିଶନ୍ ସୋସାଇଟିର ମିଶନେରୀମାନେ ଦକ୍ଷିଣ ଭାରତର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିଲେ । ଉକ୍ତ ସେବାକ୍ଷେତ୍ର ଓ ମିଶନେରୀମାନଙ୍କର କାର୍ଯ୍ୟର ପରିଚାଳନା ଭାର ରାଗଲାଣ୍ଡଙ୍କ ଉପରେ ନ୍ୟସ୍ତ କରିବା ପାଇଁ ଅନୁଷ୍ଠାନ ଇଚ୍ଛା ପ୍ରକାଶ କଲେ । 'ଏଥି ନିମନ୍ତେ ତୁମର ସମସ୍ତ ପ୍ରକାର ଯୋଗ୍ୟତା ଅଛି' ଏହି କଥା ଅନୁଷ୍ଠାନର କର୍ମକର୍ତ୍ତାମାନେ ତାଙ୍କୁ କହି ଉତ୍ସାହ ଦେଇଥିଲେ । ମାତ୍ର ଉତ୍ତରରେ ରାଗଲାଣ୍ଡ କହିଲେ, 'ନା, ଏଥି ନିମନ୍ତେ ମୁଁ ଏଠାକୁ ଆସି ନାହିଁ, ଗ୍ରାମରେ ରହି ଲୋକମାନଙ୍କ ମଧ୍ୟରେ କାର୍ଯ୍ୟ କରିବା ନିମନ୍ତେ ମୁଁ ଆସିଅଛି, ଏଥିପାଇଁ ପ୍ରଭୁ ମୋତେ ଆହ୍ୱାନ କରିଛନ୍ତି' । ମାଡ୍ରାସ୍ ସହରଠାରୁ ପ୍ରାୟ ୪୦୦ କି:ମି ବଳଦଗାଡ଼ିରେ ଯାତ୍ରା କରି ଦକ୍ଷିଣାଞ୍ଚଳରେ ପହଁଞ୍ଚି ସେ ତାଙ୍କର ସେବାକାର୍ଯ୍ୟ ଆରମ୍ଭ କଲେ । ଅନ୍ୟ ମିଶନେରୀମାନେ ସୁରକ୍ଷିତ ଗୃହଗୁଡ଼ିକରେ ରହିଥିବା ବେଳେ, ଖୋଲା ପଡ଼ିଆରେ ତମ୍ବୁରେ ରହି ସୁସମାଚାର ପ୍ରଚାର କରିବାରେ ସେ ଥିଲେ ପ୍ରଥମ ମିଶନେରୀ । ଅନେକ ସମୟରେ ସେ ଗ୍ରାମ ପରିଦର୍ଶନରେ କ୍ଳାନ୍ତ ହୋଇ ବାହାର ବରଣ୍ଡାରେ ବସି ପଡୁଥିଲେ । ନୈଷ୍ଠିକ ହିନ୍ଦୁ ଗୃହକର୍ତ୍ତାମାନେ ଏହି ବିଦେଶୀ ବ୍ୟକ୍ତିଙ୍କୁ ସେହିପରି ଅବସ୍ଥାରେ ଦେଖି ଦୟା ପରବଶ ହୋଇ କିଛି ଭାତ ଖାଇବାକୁ ଦିଅନ୍ତି । ବିଦେଶୀମାନେ ଅଛୁଆଁ ଲୋକ ବୋଲି ମନେ କରି ସେମାନେ ନିଜର ବାସନରେ ତାଙ୍କୁ ଖାଦ୍ୟ ପରିବେଷଣ କରନ୍ତି ନାହିଁ । ମାତ୍ର ଏହି ବିଦେଶୀଙ୍କର କୌଣସି ବାସନ କିଅବା ପାତ୍ର ନ ଥିବାରୁ ନିଜର ଟୋପିରେ ଖାଦ୍ୟ ଦ୍ରବ୍ୟକୁ ଗ୍ରହଣ କରୁଥିଲେ ।

ରାଗଲାଣ୍ଡଙ୍କ ପକ୍ଷରେ ଲୋକମାନଙ୍କର ଭାଷାଶିକ୍ଷା କରିବା ବଡ଼ କଷ୍ଟକର ବିଷୟ ଥିଲା । ଥରେ ଯେତେବେଳେ ସେ ବାହାରକୁ ଯାଇଥିଲେ, ଲୋକମାନେ ତାଙ୍କ ଉପରକୁ କାଦୁଅ ଓ ପଥର



ଫୋପାଡ଼ି କହିଲେ, 'ତୁମେ ଏଠାକୁ ଆସିଲ, ମାତ୍ର ଆମର ଭାଷା ମଧ୍ୟ ଜାଣିଲ ନାହିଁ? ଯାଅ, ଠିକ୍ ଭାବରେ ଆମର ଭାଷା ଶିକ୍ଷା କରି ଆସ' । ରାଗଲାଣ୍ଡ ଫେରି ଆସି ନିଜର ଟିପ୍ପଣୀରେ ଲେଖିଥିଲେ, 'ମୁଁ ଗୋଟିଏ ଗହମବୀଜ ସଦୃଶ ହୋଇ ଯାଏ' । ଏହି ପ୍ରକାର ପରିସ୍ଥିତିରେ ସେ ମିଶନେରୀ କାର୍ଯ୍ୟରେ ଆଗେଇ ଚାଲିଲେ ।

୪୧ ବର୍ଷ ବୟସରେ ତାଙ୍କ ଫୁସଫୁସରେ ସେ ହଠାତ୍ ଅସୁସ୍ଥତା ଅନୁଭବ କଲେ, ଫଳରେ ତାଙ୍କୁ ସ୍ୱଦେଶ ଇଂଲଣ୍ଡକୁ ପ୍ରତ୍ୟାବର୍ତ୍ତନ କରିବାକୁ ପଡ଼ିଲା । ସେ ଫେରିଗଲେ ସତ, ମାତ୍ର ସେଠାରେ ବେଶୀ ସମୟ ରହି ନ ପାରି ପୁନର୍ବାର ତାଙ୍କର ପୂର୍ବ ମିଶନକ୍ଷେତ୍ରକୁ ଫେରି ଆସି କାର୍ଯ୍ୟ ଆରମ୍ଭ କଲେ । ମାତ୍ର ଅଳ୍ପ ସମୟ ମଧ୍ୟରେ ତାଙ୍କର ଜାଗତିକ ଜୀବନର ଅବସାନ ଘଟିଲା । ତାଙ୍କର ସମାଧି ଏବେ ମଧ୍ୟ ଦକ୍ଷିଣ ଭାରତର ସେହି ସେବା କ୍ଷେତ୍ରରେ ଅଛି । ମୃତ୍ୟୁ ବେଳକୁ କେବଳ ପାଞ୍ଚ ଛଅ ଜଣ ଲୋକ ଯୀଶୁଙ୍କୁ ବିଶ୍ୱାସ କରିଥିଲେ । ବର୍ତ୍ତମାନ ସେହି ସ୍ଥାନରେ ଏକ ବୃହତ ଉପାସନା ଗୃହ, ହଜାର ହଜାର ସୁସମାଚାରୀୟ ଖ୍ରୀଷ୍ଟ ବିଶ୍ୱାସୀମାନେ ସେଠାରେ ଉପାସନା କରୁଛନ୍ତି । ପରବର୍ତ୍ତୀ ସମୟରେ ରାଗଲାଣ୍ଡଙ୍କର ତ୍ୟାଗପୂର୍ଣ୍ଣ ସେବାକାର୍ଯ୍ୟ ତଥା ବାଧ୍ୟତାର ଜୀବନ ଅନେକଙ୍କୁ ମିଶନେରୀ ସେବାକାର୍ଯ୍ୟ ନିମନ୍ତେ ଅନୁପ୍ରାଣୀତ କରିଛି । ବାସ୍ତବରେ ,**'ପ୍ରଭୁଙ୍କ ସେବାରେ ଆମ୍ଭମାନଙ୍କର ପରିଶ୍ରମ କେବେ ନିଷ୍ଫଳ ନୁହେଁ, ଏହା ଜାଣି ପ୍ରଭୁଙ୍କ କାର୍ଯ୍ୟରେ ସୁସ୍ଥିର ଓ ଅଟଳ ରହି ସର୍ବଦା ଅଧିକରୁ ଅଧିକତର ଯତ୍ନବାନ୍ ହୁଅ'(୧ମ କରନ୍ଥୀ ୧୫:୫୮) ।**

**'ଆମ୍ଭେମାନେ ସର୍ବଦା ଯୀଶୁଙ୍କ ମୃତ୍ୟୁଭୋଗ ଶରୀରରେ ଅନୁଭବ କରୁଅଛୁ, ଯେପରି ଯୀଶୁଙ୍କ ଜୀବନ ମଧ୍ୟ ଆମ୍ଭମାନଙ୍କ ଶରୀରରେ ପ୍ରକାଶିତ ହୁଏ' (୨ୟ କରନ୍ଥୀ ୪:୧୦) ।**

## କାମିକାଜେ

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନ ଆକାଶବାହିନୀର କେତେକ ଉଡ଼ାଜାହାଜ ଚାଳକମାନେ ଆପଣାକୁ **'କାମିକାଜେ'** ଭାବରେ ପରିଚିତ କରିଥିଲେ । ବୋମା ନିକ୍ଷେପ କରିବାକୁ ସେମାନେ ଆପଣା ଉଡ଼ାଜାହାଜକୁ ଚଳାଇ ନ ଥାନ୍ତି ବରଂ ସେମାନଙ୍କର ଯାନଗୁଡ଼ିକ ବୋମା ସଦୃଶ କାର୍ଯ୍ୟ କରିଥାଏ । ସେମାନେ କେବେହେଲେ ଲକ୍ଷ୍ୟଭ୍ରଷ୍ଟ ହୁଅନ୍ତି ନାହିଁ, ମାତ୍ର ସର୍ବଶେଷରେ ଉଡ଼ାଜାହାଜ ଓ ତା'ର ଚାଳକ ଉଭୟେ ବିନଷ୍ଟ ହୁଅନ୍ତି । ସେମାନଙ୍କର ନିଶ୍ଚିତ ଶେଷାବସ୍ଥାକୁ ଜାଣି ମଧ୍ୟ, ଅନେକ ଯୁବକମାନେ ଏହି ଆତ୍ମହତ୍ୟାକାରୀ ଦଳରେ ନିଜକୁ ସାମିଲ କରିଥିଲେ, ଯେହେତୁ ନିଜର ମାତୃଭୂମି ଜାପାନ ପ୍ରତି ସେମାନଙ୍କର ପ୍ରଗାଢ଼ ଭକ୍ତି ଓ ତ୍ୟାଗପୂର୍ଣ୍ଣ ମନୋଭାବ ଥିଲା ।

ଯଦି ଏହି ଜାଗତିକ ଶାସନକର୍ତ୍ତାଙ୍କ ପ୍ରତି ସେମାନଙ୍କର ଏତେ ବିଶ୍ୱସ୍ତ ସମର୍ପଣର ମନୋଭାବ ଥିଲା, ତେବେ ସ୍ୱର୍ଗୀୟ ରାଜାମାନଙ୍କର ରାଜା ଆମଠାରୁ କେତେ ଅଧିକ ବିଶ୍ୱସ୍ତତା ଓ ତ୍ୟାଗ ଦାବୀ ନ

କରନ୍ତି? ପ୍ରେରିତ ପାଉଲ ନିଜ ବିଷୟରେ କହନ୍ତି, **'କାରଣ ମୋ ପକ୍ଷରେ ଜୀବନଧାରଣ ଖ୍ରୀଷ୍ଟ, ପୁଣି ମୃତ୍ୟୁଭୋଗ ଲାଭଜନକ' (ଫିଲିପ୍‌ପୀ ୧:୨୧) ।**

## ଡାନ୍ କ୍ର ଫୋର୍ଡ

ସେ ଜାଣିଥିଲେ ଯେ ତାଙ୍କର ବୟସ ୧୯ ବର୍ଷ, ତେବେ ମଧ୍ୟ ସେ ଆଫ୍ରିକାର ଅନ୍ଧକାରାଚ୍ଛନ୍ନ ଅଞ୍ଚଳକୁ ଯାତ୍ରା କରିଥିଲେ - ସେ ଥିଲେ ପରିବାରର ଏକମାତ୍ର ପୁତ୍ର- ଅନ୍ୟ କେତେଜଣ ସଙ୍ଗୀମାନଙ୍କ ସହିତ ମାଆ ଗ୍ଲାସଗୋ ରେଳ ଷ୍ଟେସନରେ ଠିଆ ହୋଇ ଥାଆନ୍ତି । ସାଙ୍ଗମାନେ ଯେତେବେଳେ ଆଶ୍ୱାସନାମୂଳକ କଥା କହୁଥିଲେ, ସେତେବେଳେ ମାଆ ତାଙ୍କର ଉତ୍ତର ଦେଲେ, 'ସେ ଅର୍ଥାତ୍ ଈଶ୍ୱର ଆପଣାର ଏକମାତ୍ର ପୁତ୍ରଙ୍କୁ ନିଜ ନିମନ୍ତେ ଧରି ରଖି ନ ଥିଲେ' ।

ଦୀର୍ଘ ୨୦ ବର୍ଷ ପରେ ମାଆ ତାଙ୍କର ପୁତ୍ରକୁ ଦେଖିବାର ସୁଯୋଗ ପାଇଲେ । ହଁ, ୨୦ ବର୍ଷ ଆଫ୍ରିକାରେ ମିଶନେରୀ କାର୍ଯ୍ୟକାଳ ମଧ୍ୟରେ କୌଣସି ସମୟ ଛୁଟୀ ନେଇ ଘରକୁ ଆସିବାର ସୁଯୋଗ ସେ ପାଇ ନ ଥିଲେ । ସେହି ସ୍ଥାନରେ ଡାନ୍ କ୍ର ଫୋର୍ଡ ନିଜର ପୁତ୍ରଙ୍କୁ ମଧ୍ୟ କବର ଦେଇଥିଲେ । ଏକାକୀ ଜୀବନର ଅବର୍ଣ୍ଣନୀୟ ନୈରାଶ୍ୟତା, ବାରମ୍ବାର ଜ୍ୱରର ଆକ୍ରମଣ, ଅନେକ ଥର ମୃତ୍ୟୁର ସମ୍ମୁଖୀନ, ମନରେ ଦୁଃଖ ନ ଥିବା ଏପରି କୌଣସି ମୂହୁର୍ତ୍ତ ତାଙ୍କ ନିମନ୍ତେ ନ ଥିଲା । ତଥାପି ଉର୍ଦ୍ଧ୍ୱକୁ ଚାହିଁ ରହିବା ପାଇଁ ସେ ପ୍ରୟାସ କରୁଥିଲେ । କେବଳ ଅନନ୍ତକାଳ ଓ ଚାରିପାଖରେ ଘେରି ରହିଥିବା ବହୁମୂଲ୍ୟ ଆତ୍ମାମାନଙ୍କ ନିମନ୍ତେ ତାଙ୍କର ପ୍ରାଣ ଲାଳାୟିତ ଥିଲା । ଏହା କେତେ ବାସ୍ତବ ଓ ସତ୍ୟ ! ଜଗତର ସମସ୍ତ ବିଷୟ ଅସାର । ଖ୍ରୀଷ୍ଟ କୈନ୍ଦ୍ରିକ ଜୀବନ ହିଁ ସାର । ସେଥିପାଇଁ ପାଉଲ କହନ୍ତି, **'ମୁଁ ସେହି ସ୍ୱର୍ଗୀୟ ଦର୍ଶନର ଅବାଧ୍ୟ ହେଲି ନାହିଁ ( ପ୍ରେରିତ ୨୬:୧୯) । ଯୀଶୁ କହିଲେ, 'ଯେ କେହି ମୋର ନାମ ସକାଶେ ଗୃହ, କି ଭ୍ରାତା, କି ଭଗ୍ନୀ, କି ପିତା, କି ମାତା, କି ସନ୍ତାନ ସନ୍ତତି, କି ଭୂମି ପରିତ୍ୟାଗ କରେ, ସେ ବହୁଗୁଣ ପାଇବ, ପୁଣି ଅନନ୍ତ ଜୀବନର ଅଧିକାରୀ ହେବ' (ମାଥିଉ ୧୯:୨୯) ।**

## ତିନି ବନ୍ଧୁ

ବ୍ରାଜିଲ୍‌ର କୌଣସି ଏକ ଘଞ୍ଚ ଜଙ୍ଗଲ ମଧ୍ୟରେ ପାଞ୍ଚ ଜଣ ଅଗ୍ରଣୀ ମିଶନେରୀମାନଙ୍କର କବର ଗୁପ୍ତ ଅବସ୍ଥାରେ ଏବେ ବି ରହିଛି । ୧୯୩୫ ମସୀହାରେ ନିଷ୍ଠୁର ଭାରତୀୟମାନଙ୍କର ଠେଙ୍ଗାମାଡ଼ର ଆଘାତରେ ସେମାନେ ମୃତ୍ୟୁବରଣ କରିଥିଲେ । ମଣ୍ଡଳୀର ଅର୍ଥ ସାହାଯ୍ୟକାରୀ ବନ୍ଧୁମାନଙ୍କ ପ୍ରତି ଏହା ଥିଲା ସେମାନଙ୍କର ଶେଷ ସମ୍ବାଦ, 'ପ୍ରିୟ ଭାଇମାନେ, ଏକ ବ୍ୟକ୍ତି ପରି ତୁମ୍ଭେମାନେ ଆମ୍ଭମାନଙ୍କ



ସହିତରେ ଠିଆ ହୋଇଥାଅ, ଆମ୍ଭ ମାନଙ୍କର ଶେଷ ପରିଣତି ମୃତ୍ୟୁ ହୋଇପାରେ.... ଯଦ୍ୟପି ଆମେ ତାହା ଆଶା କରୁ ନାହୁଁ.... ତଥାପି ଯେଉଁ ମହତ୍ କାର୍ଯ୍ୟ ଈଶ୍ୱର ଏହି ସ୍ଥାନରେ ଆରମ୍ଭ କରିଛନ୍ତି .... ତାହାକୁ ଅଗ୍ରସର କରାଇବା ନିମନ୍ତେ ପ୍ରାର୍ଥନା ସହ ଅଧିକ ମିଶନେରୀମାନଙ୍କୁ ପ୍ରେରଣ କର.... ଅବଶିଷ୍ଟ ପରବର୍ତ୍ତୀ ଚିଠିରେ ଲେଖିବୁ... ଈଶ୍ୱର ଯଦି ଇଚ୍ଛା କରନ୍ତି ଆମ୍ଭମାନଙ୍କୁ ନେଇଯିବା ନିମନ୍ତେ, ତେବେ ଆମର ପ୍ରାର୍ଥନା ଓ ଆକାଂକ୍ଷା ରହିଛି, ଯେପରି ଅଧିକ କାର୍ଯ୍ୟକାରୀ ଓ ଆର୍ଥିକ ସହାୟତା ଅବିଳମ୍ବେ ଏହି ଅଞ୍ଚଳର କାର୍ଯ୍ୟକୁ ଅଗ୍ରସର କରାଇବ' । କ୍ଲେଶଭୋଗ ପୂର୍ବରୁ ଶେଷ ଚିଠି 'କାର୍ଯ୍ୟକୁ ଅଗ୍ରସର କରାଇବା ନିମନ୍ତେ, ମଧ୍ୟ ହୋଇପାରେ ଆମ୍ଭମାନଙ୍କ ପ୍ରତି ତୀର ଗୁଡ଼ିକ ନିକ୍ଷିପ୍ତ ହେବ ଏବଂ ଯେତେବେଳେ ସେହି ଭାରତୀୟମାନଙ୍କୁ ଆମେ ଭେଟିବୁ, ଈଶ୍ୱର ଯେପରି ଆଶ୍ଚର୍ଯ୍ୟ ଭାବରେ ସେମାନଙ୍କ ଆକ୍ରମଣରୁ ଆମ୍ଭମାନଙ୍କୁ ସୁରକ୍ଷା କରିବେ.... ଯେହେତୁ ସେମାନେ ଅନେକଙ୍କୁ ପୂର୍ବରୁ ସେହିପରି ହତ୍ୟା କରିଥିଲେ' । ମାତ୍ର ସେମାନଙ୍କୁ ସୁରକ୍ଷା କରିବା ନିମନ୍ତେ ଈଶ୍ୱରଙ୍କ ଅଭିମତ ନ ଥିଲା । ଆଜି ସେହି ସ୍ଥାନରେ ମଣ୍ଡଳୀ ବୃଦ୍ଧି ପାଇବାରେ ଲାଗିଛି । ସାକ୍ଷ୍ୟମର ମାନଙ୍କର ରକ୍ତ ମଣ୍ଡଳୀ ବୃଦ୍ଧିର ବୀଜ ସଦୃଶ । ଯୀଶୁ କହିଲେ, 'ଗହମବୀଜ ଯଦି ନ ମରେ, ତେବେ ତାହା ଏକାକୀ ରହେ, ଯଦି ମରେ, ତେବେ ତାହା ଅଧିକ ଫଳଧାରଣ କରିବ' (ଯୋହନ ୧୨:୨୪) । ଈଶ୍ୱର ଓ ତାହାଙ୍କର ସୁସମାଚାର ନିମନ୍ତେ ଆପଣ କ'ଣ ଏକ ଗହମବୀଜ ସଦୃଶ ହେବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବେ?

## ଉଗାଣ୍ଡାର ମାକେ

'ମୁଁ ମଣ୍ଡଳୀର ସୁସମାଚାର କମିଟିକୁ ସ୍ମରଣ କରାଇବା ପାଇଁ ଇଚ୍ଛା କରୁଛି ଯେ, ଆଗାମୀ ଛଅ ମାସ ମଧ୍ୟରେ ଆମ୍ଭମାନଙ୍କ ମଧ୍ୟରୁ କାହାକୁ ହତ୍ୟା କରାଯିବାର ସମ୍ବାଦ ଆପଣମାନେ ଶୁଣିବେ । ଆମ୍ଭମାନଙ୍କ ମଧ୍ୟରୁ କେହି - ହୋଇପାରେ ମୁଁ ହେବି ପ୍ରଥମ.... । ମାତ୍ର ଯେତେବେଳେ ତୁମ୍ଭମାନଙ୍କ ନିକଟକୁ ଏହି ସମ୍ବାଦ ପହଞ୍ଚିବ, ତହିଁରେ ହତୋତ୍ସାହ କିମ୍ବା ବିସ୍ମୟାନ୍ୱୀତ ହେବ ନାହିଁ....ମାତ୍ର ତତକ୍ଷଣାତ୍ ସେହି ଶୂନ୍ୟସ୍ଥାନକୁ ପୂରଣ କରିବା ନିମନ୍ତେ ଅନ୍ୟ କାହାରିକୁ ପଠାଇବ' । ପ୍ରକୃତରେ ସେହି ଭବିଷ୍ୟତବାଣୀ ଅକ୍ଷରେ ଅକ୍ଷରେ ସଫଳ ହେଲା । ଜଣକ ପରେ ଜଣେ ସେମାନଙ୍କ ଦଳର ବନ୍ଧୁମାନେ ସ୍ଥାନୀୟ ଲୋକମାନଙ୍କର ଆକ୍ରମଣରେ ଅଥବା ଜ୍ୱରରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ, ପରିଶେଷରେ ସେ ଅର୍ଥାତ୍'ମାକେ' କେବଳ ଅବଶିଷ୍ଟ ରହିଥିଲେ ।

ବାସ୍ତବରେ କେଡ଼େ ମହତପୂର୍ଣ୍ଣ ସମର୍ପଣ ! ସେମାନେ ମୃତ୍ୟୁବରଣ କଲେ ସତ୍ୟ, ଏବେ ମଧ୍ୟ ସେମାନେ ଜୀବିତ ଅଛନ୍ତି । ସେଥିପାଇଁ ଯୀଶୁ କହିଲେ, **'ଯେ କେହି ଆପଣା ଜୀବନ ରକ୍ଷା କରିବା ପାଇଁ ଚେଷ୍ଟା କରିବ, ସେ ତାହା ହରାଇବ, ମାତ୍ର ଯେ ମୋ ନିମନ୍ତେ ପୁଣି ମୋର ସୁସମାଚାର ନିମନ୍ତେ ଆପଣା**

**ଜୀବନ ହରାଇବ, ସେ ତାହା ରକ୍ଷା କରିବ' (ମାଥିଉ ୧୬:୨୫)** । ଯୀଶୁଙ୍କର ସେହି ଆହ୍ୱାନକୁ ଆମ ଜୀବନରେ ଗ୍ରହଣ କରିବା ହିଁ ଏକ ସାର୍ଥକ ଜୀବନ ଅଟେ ।

## ଡେଭିଡ୍ ବ୍ରେନାର୍ଡ

'ପ୍ରଭୁ, ମୁଁ ଏଠାରେ, ମୋତେ ପଠାଅ···· ପୁଣି ପଠାଅ ·····ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ପଠାଅ, ମରୁଭୂମି କିମ୍ବା ପାର୍ବତ୍ୟ ଅଞ୍ଚଳର ନିଷ୍ଠୁର, କଠିଣମନା ବିଜାତୀୟମାନଙ୍କର ନିକଟକୁ ପଠାଅ···· ଜଗତର ସମସ୍ତ ଭୋଗ ବିଳାସଠାରୁ ମୋତେ ବହୁତ ଦୂରକୁ ପଠାଅ···· ମୃତ୍ୟୁ ମଧ୍ୟକୁ ମୋତେ ପଠାଅ , ଯଦି ଏହା ଦ୍ୱାରା ତୁମ୍ଭର ରାଜ୍ୟ ବିସ୍ତାରର କାରଣ ହୋଇପାରେ, ତେବେ ତୁମ୍ଭର ଇଚ୍ଛା ସଫଳ ହେଉ' ।

## ଆଲେନ୍ ଗାର୍ଡନର୍

କ୍ରମେ କ୍ରମେ ଖାଦ୍ୟ ଅଭାବରେ ସେ ମୃତପ୍ରାୟ ହୋଇ ପଡ଼ିଲେ । କିଛି ଭାତ, ଦୁଇ ଖଣ୍ଡ ଚକଲେଟ୍ ଓ କିଛି ମାଂସ ତାଙ୍କ ନିମନ୍ତେ ଓ ତାଙ୍କର ସଙ୍ଗୀମାନଙ୍କ ନିମନ୍ତେ ଅବଶିଷ୍ଟ ରହିଲା । ଏହି ପ୍ରକାରେ ତାଙ୍କର ଜୀବନରେ ସେ ସହ୍ୟ କରି ଚାଲିଥିଲେ । ତାଙ୍କର ପ୍ରାର୍ଥନା ଥିଲା, ଯାହା କିଛି ତାଙ୍କର ଜୀବନରେ ଆସୁ ନା କାହିଁକି, ଜୀବନରେ ହେଉ ବା ମରଣରେ ହେଉ ଈଶ୍ୱରଙ୍କର ଇଚ୍ଛା ସଫଳ ହେଉ । ଯଦିବା ମୃତ୍ୟୁ ଆସେ, ତେବେ ଶସ୍ୟକ୍ଷେତ୍ରକୁ ଅଧିକ କାର୍ଯ୍ୟକାରୀମାନେ କିପରି ପଠାଯାଇ ପାରିବେ, ଫଳରେ ଈଶ୍ୱରଙ୍କର ଗୌରବ ହେବା ସଙ୍ଗେ ସଙ୍ଗେ ତାହାଙ୍କର ରାଜ୍ୟ ବିସ୍ତାର ହୋଇପାରିବ ।

ସମୁଦ୍ର କୂଳ ସେ ଦିନ ସୁସ୍ଥିର, ମୁକ୍ତ ଆକାଶ ତଳେ ପଡ଼ି ରହିଥିଲା ସେମାନଙ୍କର ମୃତ ଶରୀର! ସେବାକାର୍ଯ୍ୟର ମଧ୍ୟରେ ଜଣେ ବ୍ୟକ୍ତିଙ୍କୁ ମଧ୍ୟ ସେମାନେ ଖ୍ରୀଷ୍ଟଙ୍କ ନିମନ୍ତେ ଲାଭ କରି ପାରି ନ ଥିଲେ । ଏକାକୀ ଭାବରେ ସେମାନେ ସମସ୍ତ ଦୁଃଖଭୋଗ ସହ୍ୟ କଲେ, ସେମାନଙ୍କ ସ୍ତ୍ରୀ ତଥା ପିଲାମାନେ, ଆତ୍ମୀୟସ୍ୱଜନ ସମସ୍ତେ ଦୂରରେ ରହିଲେ – ସାହାଯ୍ୟ ବହୁତ ବିଳମ୍ବରେ ପହଞ୍ଚିଲା । ତଥାପି ସେମାନେ ଆନନ୍ଦ ମନରେ ଅନ୍ଧକାରବାସୀ ସେହି ବର୍ବର ଭାରତୀୟମାନଙ୍କ ନିମନ୍ତେ ଆପଣାର ପ୍ରାଣ ଦାନ କରିବା ପାଇଁ ପ୍ରସ୍ତୁତ ଥିଲେ । ସେମାନେ ବୃଥାରେ କ'ଣ ଆପଣା ଜୀବନ ଦାନ କଲେ? ସେମାନଙ୍କ ପାତିତ ରକ୍ତ ଅତିଶୀଘ୍ର ସେହି ସ୍ଥାନରେ ଫଳ ଫଳିବାକୁ ଆରମ୍ଭ କଲା । କ୍ରମଶଃ ଅନେକେ ଯୀଶୁଙ୍କଠାରେ ବିଶ୍ୱାସ କରିବାକୁ ଲାଗିଲେ । ସୁସମାଚାର ସେବାକାର୍ଯ୍ୟର ନିଷ୍ଚିତ ମୂଲ୍ୟକୁ ବାଦ୍ ଦିଆଯାଇ ନ ପାରେ । ଏହି ଜଗତରେ ପୁଣି ଭବିଷ୍ୟତରେ ଏହାର ପୁରସ୍କାର ସୁନିଶ୍ଚିତ । ଏହା ଜାଣି ସେବାକାର୍ଯ୍ୟରେ ଅଟଳ ଓ ବିଶ୍ୱସ୍ତ ରହିବା ଏକାନ୍ତ ଆବଶ୍ୟକ ।



## ହେନେରୀ ମାର୍ଟିନ୍

ଏକ ମେଧାବୀ ଛାତ୍ର, ଗଣିତ ବିଦ୍ୟାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଏକ ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟରୁ ପୁରସ୍କାର ପ୍ରାପ୍ତ ହୋଇଥିଲେ । ଭବିଷ୍ୟତର ଉଚ୍ଚଶିକ୍ଷା ଓ କାର୍ଯ୍ୟପନ୍ଥା ବିଷୟରେ ତାଙ୍କର ଦୃଷ୍ଟି ଉଚ୍ଚସ୍ତରୀୟ ଥିଲା । ଏକ ସାଧାରଣ ମଣ୍ଡଳୀର ସହକାରୀ ପାଳକ ଭାବରେ ହସ୍ତାର୍ପିତ ହେବା ନିମନ୍ତେ ସେ ପ୍ରସ୍ତୁତ ଥିଲେ । ତାଙ୍କର ଯୋଗ୍ୟତା ଅନୁସାରେ ସେ ଅତି ସହଜରେ ଗୋଟିଏ ବଡ଼ ମଣ୍ଡଳୀର ପାଳକ ଏପରିକି ବିଶପ୍ ଭାବରେ ଆରାମ୍‌ଦାୟକ ସମସ୍ତ ପ୍ରକାର ସୁବିଧା ସୁଯୋଗର ଅଂଶୀ ହୋଇ ପାରିଥାନ୍ତେ!

୨୪ ବର୍ଷ ବୟସରେ ସେ ଭାରତ ଅଭିମୁଖେ ତାଙ୍କର ମିଶନେରୀ ଯାତ୍ରା ଆରମ୍ଭ କଲେ – ଯାତ୍ରା ପ୍ରାୟ ଏକ ବର୍ଷ ଲାଗିଲା । ୩୧ ବର୍ଷ ବୟସରେ ସେ ମୃତ୍ୟୁବରଣ କରିଥିଲେ ସତ, ମାତ୍ର ତାହା ଘଟିବା ପୂର୍ବରୁ ଅକ୍ଳାନ୍ତ ପରିଶ୍ରମ କରି ସେ ଆରବିକ୍, ହିନ୍ଦୁସ୍ଥାନୀ ଓ ପାର୍ଶି ଭାଷାରେ ନୂତନ ନିୟମ ଅନୁବାଦ କରି ପାରିଥିଲେ । ପାରସ୍ୟ ମରୁଭୂମିର ଉତ୍ତପ୍ତ ଜଳବାୟୁ ଦ୍ୱାରା ଆକ୍ରାନ୍ତ ହୋଇ ଦୁର୍ବଳ ଶରୀର ମଧ୍ୟରେ ଯାହା କିଛି ଅବଶିଷ୍ଟ ଥିଲା, ତାହା କଫ ଆକାରରେ ବାହାରି ଆସିଥିଲା । ସେ ନିଜ ଜୀବନକୁ କୌଣସି ତୁଚ୍ଛନୀୟ କାର୍ଯ୍ୟରେ କିଅବା ନିରୁତ୍ସାହିତ ଭାବରେ ବ୍ୟବହାର କରି ନ ଥିଲେ ବରଂ ନିଜକୁ ସଂପୂର୍ଣ୍ଣ ଭାବରେ ସମର୍ପଣ କରି ଉତ୍ସାହର ସହିତ କାର୍ଯ୍ୟ ସଂପୂର୍ଣ୍ଣ କରିଥିଲେ ।

ମୃତ୍ୟୁର ଦୁଇ ଦିନ ପୂର୍ବରୁ ଏପରି ହେଲା ଯେ ତାଙ୍କର ଫଟୋ ଆସି କେମ୍ବ୍ରିଜ ବିଶ୍ୱ ବିଦ୍ୟାଳୟରେ ପହଞ୍ଚିଥିଲା । ହଜାର ହଜାର ମାଇଲ୍ ଦୂରରେ ଥିବା ଯେଉଁ କ୍ଷୁଦ୍ର ମଣ୍ଡଳୀରେ ସେ ସହକାରୀ ପାଳକ ଭାବରେ ସେବାକାର୍ଯ୍ୟ କରିଥିଲେ ଓ ଚାର୍ଲସ୍ ଶିମିୟୋନ ଥିଲେ ସେହି ସମୟରେ ମୁଖ୍ୟ ପାଳକ । ସେମାନେ ଫଟୋଟିକୁ ଫିଟାଇ ଅତି ଉତ୍ସାହର ସହ କାନ୍ଥରେ ଟାଙ୍ଗି ଦେଇ ପାଳକ ଶିମିୟୋନ କହିଲେ, ପୁଣି ଯେଉଁମାନେ ତାଙ୍କୁ ଦିନେ ହୀନ ଦୃଷ୍ଟିରେ ଦେଖି ତୁଚ୍ଛ କରୁଥିଲେ, ସେମାନେ ସେହି ଫଟୋ ପ୍ରତି ଏକ ଦୃଷ୍ଟିରେ ଚାହିଁ କହିଲେ,' ତୁଚ୍ଛଜ୍ଞାନ ନ କର, ତୁଚ୍ଛଜ୍ଞାନ ନ କର' । ମାର୍ଟିନଙ୍କର ଜୀବନ କାଳ ଥିଲା ଅତି ସୀମିତ, ମାତ୍ର ତାହା ଥିଲା ପୂର୍ଣ୍ଣତାର ଜୀବନ! ଏହି ଜଗତରେ ଆମେ କେତେ ବର୍ଷ ବଞ୍ଚୁ ତାହା ବଡ଼ ବିଷୟ ନୁହେଁ, ମାତ୍ର କିପରି ଭାବରେ ବଞ୍ଚୁ ତାହା ଈଶ୍ୱରଙ୍କ ଦୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ ଅଟେ । ସେଥିପାଇଁ ଆମେ ଯତ୍ନ ସହକାରେ ଜୀବନ ଅତିବାହିତ କରିବା ଏକାନ୍ତ ଆବଶ୍ୟକ । ପାଉଲ ନିଜ ଜୀବନର ସାକ୍ଷ୍ୟ ଦେଇ କହିଲେ,**'ଯେପରି ଆମ୍ଭମାନଙ୍କ ସେବକପଦ ନିନ୍ଦିତ ନ ହୁଏ, ସେଥିପାଇଁ ଆମ୍ଭେମାନେ କୌଣସି ବିଷୟରେ ବାଧା ନ ଦେଉ, ବରଂ ବହୁ ଧୈର୍ଯ୍ୟରେ, କ୍ଳେଶରେ, ଦୁର୍ଦ୍ଦଶାରେ, ସଂକଟରେ, ପ୍ରହାରରେ,**

**କାରାବାସରେ, ବିପ୍ଳବରେ, ପରିଶ୍ରମରେ, ଜାଗରଣରେ, ଉପବାସରେ, ପବିତ୍ରତାରେ, ଜ୍ଞାନରେ, ଦୀର୍ଘସହିଷ୍ଣୁତାରେ, କୋମଳ ଭାବରେ, ପବିତ୍ରଆତ୍ମାଙ୍କଠାରେ, ଅକପଟ ପ୍ରେମରେ, ସତ୍ୟ ବାକ୍ୟରେ, ଈଶ୍ୱରଙ୍କ ଶକ୍ତିରେ, ଦକ୍ଷିଣ ଓ ବାମ ହସ୍ତରେ ଧାର୍ମିକତାର ଅସ୍ତ୍ରଶସ୍ତ୍ରରେ, ଗୌରବ ଓ ଅନାଦର ଦ୍ୱାରା, ଅଖ୍ୟାତି ଓ ସୁଖ୍ୟାତି ଦ୍ୱାରା, ପ୍ରତାରକ ତୁଲ୍ୟ ଅଥଚ ସତ୍ୟବାଦୀ, ଅପରିଚିତ ତୁଲ୍ୟ ଅଥଚ ସୁପରିଚିତ ତୁଲ୍ୟ .... ଏହି ସମସ୍ତରେ ଆମ୍ଭେମାନେ ଈଶ୍ୱରଙ୍କ ସେବକ ସଦୃଶ ଆପଣା ଆପଣାକୁ ଯୋଗ୍ୟ ବୋଲି ପ୍ରକାଶ କରୁଅଛୁ' (୨ୟ କରନ୍ଥୀ ୬:୩-୧୦) ।**

## ସେବାକାର୍ଯ୍ୟର ପୁରସ୍କାର

### ଆମର ସମକାଳୀନ ଲୋକ

ଆଫ୍ରିକାର ସୁପରିଚିତ **ଡ:ଷ୍ଟୁଆର୍ଟଙ୍କୁ** ଯେତେବେଳେ ପନ୍ଦର ବର୍ଷ, ସେତେବେଳେ ଜଣେ ମିଶନେରୀ ହେବାର ପ୍ରବଳ ଆକାଂକ୍ଷା ତାଙ୍କ ଜୀବନରେ ଆସିଥିଲା । ସେତେବେଳେ କ୍ଷେତରେ ସେ ଲଙ୍ଗଳ ବୁଲାଉଥିଲେ । ଲଙ୍ଗଳର ଦୁଇ କାଠ ଉପରେ ସେ ଆଉଜି ପଡ଼ି ନିଜର ଭବିଷ୍ୟତ ବିଷୟରେ ଚିନ୍ତାଶୀଳ ହୋଇ ପଡ଼ିଲେ । 'ମୁଁ କ'ଣ ହୋଇ ପାରିବି? ଏହି ପ୍ରଶ୍ନ ତାଙ୍କ ମନ ମଧ୍ୟରେ ହଠାତ୍ ଉଦ୍ରେକ ହେଲା । ଏହି କାର୍ଯ୍ୟରେ ପଡ଼ି ନ ରହି ଅନ୍ୟ କୌଣସି ପ୍ରକାରେ ମୋର ଜୀବନକୁ ମୁଁ ଅଧିକ ସଫଳୀକୃତ କରି ପାରିବି କି?' ତାଙ୍କ ଜୀବନରେ ଯେଉଁ ପ୍ରଧାନ ବ୍ୟକ୍ତି ୮୬ ବର୍ଷ ବୟସରେ ନିଜର ଜାଗତିକ ଜୀବନ ଶେଷ କରିଥିଲେ, ଯାହାଙ୍କର ସେବାକାର୍ଯ୍ୟ ଦ୍ୱାରା ହଜାର ହଜାର ସଂଖ୍ୟକ ଲୋକମାନେ ଯୀଶୁଙ୍କର ବାସ୍ତବ ପରିଚୟ ପାଇଥିଲେ, ସେହି ମିଶନେରୀ ଲିଭିଂଷ୍ଟୋନଙ୍କ ସହିତ ସେ ଆଫ୍ରିକାର ଅନ୍ଧକାରମୟ ସ୍ଥାନଗୁଡ଼ିକରେ ସୁସମାଚାରର ଆଲୋକ ପ୍ରକାଶ କରି ପାରିଥିଲେ । ନିଜର ସ୍ୱାର୍ଥକୁ ଜଳାଞ୍ଜଳି ଦେଇଥିବା ବ୍ୟକ୍ତିଜଣକ ହେଉଛନ୍ତି ଏହି ବ୍ୟକ୍ତି ଡ:ଷ୍ଟୁଆର୍ଟ । ଆମର ସମକାଳୀନ ଲୋକମାନଙ୍କର ଦାୟିତ୍ୱ ଆମ୍ଭମାନଙ୍କର । ଆମ୍ଭମାନଙ୍କ ସମୟରେ ଯଦି ଆମେ ସେମାନଙ୍କ ନିକଟରେ ସୁସମାଚାରକୁ ପହଁଞ୍ଚାଇ ନ ପାରିବା, ତେବେ ଅନ୍ୟ କୌଣସି ସମୟର ଲୋକମାନେ ସେମାନଙ୍କ ନିକଟରେ ପହଁଞ୍ଚି ପାରିବେ ନାହିଁ ।

ସୁଯୋଗର ସଦ୍ ବ୍ୟବହାର କରିବା ହେଉଛି ସଫଳତାର ଗୂଢ଼ ରହସ୍ୟ ! ସୁସମାଚାରର ଜରୁରୀ ଆହ୍ୱାନ ଆଜି ମଧ୍ୟ ରହିଛି- ଆମ ଦେଶର ପାଚିଲା ଶସ୍ୟ କ୍ଷେତ୍ରଗୁଡ଼ିକ ଇଚ୍ଛୁକ ମୂଲିଆମାନଙ୍କର ଅପେକ୍ଷାରେ ରହିଛି ! **'ମୁଁ କାହାକୁ ପଠାଇବି? ଓ କିଏ ଆମ୍ଭମାନଙ୍କ ପାଇଁ ଯିବ'?(ଯିଶାଇୟ ୬: ୮) । ଆପଣ କ'ଣ କହିବେ, ହେ ପ୍ରଭୁ, ମୁଁ ଏଠାରେ ଅଛି, ମୋତେ ପଠାଅ' !**



## ସାକ୍ଷ୍ୟମରର ହୃଦ୍ ସ୍ପନ୍ଦନ

ସୁଇଜରଲାଣ୍ଡର ଜଣେ ସାକ୍ଷ୍ୟମର ଅଗ୍ନିରେ ପୋଡ଼ା ହେବା ନିମନ୍ତେ ଖାଲି ପାଦରେ କାଠଗୋଛା ଉପରେ ଠିଆ ହୋଇଥିଲେ । ଏହି ପ୍ରାଣଦଣ୍ଡକୁ ତତ୍ତ୍ୱାବଧାନ କରୁଥିବା ମାଜିଷ୍ଟ୍ରେଟଙ୍କ ନିକଟକୁ ସେ ଯାଇ କହିଲେ, 'ସାର୍, ଆପଣ ଦୟାକରି ମୋର ହୃତପିଣ୍ଡ ଉପରେ ହାତ ରଖନ୍ତୁ । ମୁଁ ଅଗ୍ନିରେ ମୃତ୍ୟୁବରଣ କରିବାକୁ ଯାଉଛି । ସାଧାରଣ ଭାବ ଅପେକ୍ଷା ଯଦି ତାହା ଅଧିକ ବେଗରେ ସ୍ପନ୍ଦନ ହେଉଥିବ, ତେବେ ମୋର ଧର୍ମରେ ଆପଣ ବିଶ୍ୱାସ କରନ୍ତୁ ନାହିଁ' । ନିଜର ହୃତପିଣ୍ଡର ସ୍ପନ୍ଦନ ଅଧିକ ଥିବା ଅବସ୍ଥାରେ ଥରି ଥରି ମାଜିଷ୍ଟ୍ରେଟ୍ ଆସି ସାକ୍ଷ୍ୟମରଙ୍କ ହୃତପିଣ୍ଡ ଉପରେ ହାତ ରଖିଲେ । ପୂର୍ବପରି ତାଙ୍କର ହୃତପିଣ୍ଡର ଗତି ସୁସ୍ଥିର ରହିଛି, ଯେପରି ସେ ଅଗ୍ନି ମଧ୍ୟକୁ ଯିବା ପରିବର୍ତ୍ତେ ଶୋଇବା ନିମନ୍ତେ ଆପଣା ଶଯ୍ୟାକୁ ଯାଉଅଛନ୍ତି । ଏହା ହେଉଛି, 'ସେହି ଶକ୍ତି, ବୋଧର ଅଗମ୍ୟ ଈଶ୍ୱରଙ୍କ ଶାନ୍ତି' ଯାହାକି ଆମର ମନ ଓ ହୃଦୟକୁ ଖ୍ରୀଷ୍ଟ ଯୀଶୁଙ୍କଠାରେ ସୁସ୍ଥିର କରି ପାରେ । ଯୀଶୁ କହିଲେ, **'ଜଗତରେ ତୁମ୍ଭମାନଙ୍କ ପାଇଁ କ୍ଲେଶ ରହିଛି, ମାତ୍ର ଦେଖ, ମୁଁ ଜଗତକୁ ଜୟ କରିଛି' (ଯୋହନ ୧୬:୩୩)** । ଖ୍ରୀଷ୍ଟଙ୍କଠାରେ ହିଁ ଆମର ବିଜୟ । କେବଳ ଦୁଃଖ, କ୍ଲେଶଭୋଗରେ ନୁହେଁ, ମାତ୍ର ଦୈନନ୍ଦିନ ଜୀବନରେ ଖ୍ରୀଷ୍ଟଙ୍କର ପୁନରୁତ୍‌ଥାନର ଶକ୍ତିକୁ ନିଜ ଜୀବନରେ ଅନୁଭବ କରିବା ପ୍ରତ୍ୟେକ ଖ୍ରୀଷ୍ଟ ବିଶ୍ୱାସୀ ଜୀବନରେ ଏକାନ୍ତ ଆବଶ୍ୟକ ।

## ସଫଳତାରେ ସମାପ୍ତ

ଗୋଟିଏ ରକ୍ତପିପାସୁ ଶିକାରୀ କୁକୁର ବିଷୟରେ ଏକ କୌତୁକପୂର୍ଣ୍ଣ ଗଳ୍ପ ରହିଛି । ଥରେ ସେ ଗୋଟିଏ ହରିଣର ପଶ୍ଚାତ୍‌ଧାବନ କରୁଥିବା ସମୟରେ ଗୋଟିଏ ଗଧିଆ ତା' ପଥ ଦେଇ ଚାଲିଗଲା । ଫଳରେ ହରିଣ ପରିବର୍ତ୍ତେ ଗଧିଆ ପଛରେ ଗୋଡ଼ାଇଲା । କିଛି ସମୟ ପରେ ଗୋଟିଏ ଠେକୁଆ ସେହି ବାଟ ଦେଇ ଚାଲିଗଲା । ପରବର୍ତ୍ତୀ ସମୟରେ ଗୋଟିଏ ମୂଷା ସେହି ବାଟ ଦେଇ ଚାଲିଯିବାରୁ ଶିକାରୀ କୁକୁରଟି ମୂଷାକୁ ଧରିବା ନିମନ୍ତେ ଗାତ ପାଖରେ ଜଗି ରହିଲା । ଯେଉଁ ଶିକାରୀ କୁକୁର ସେହି ସୁନ୍ଦର ହରିଣକୁ ଶିକାର କରିବା ନିମନ୍ତେ ପଛରେ ଗୋଡ଼ାଉଥିଲା, ଶେଷରେ ସେ ମୂଷାକୁ ଧରିବା ନିମନ୍ତେ ଗାତ ପାଖରେ ଛକି ବସିଛି!

ଅନେକ ସମୟରେ ତାହା ହିଁ ଆମ୍ଭମାନଙ୍କ ଜୀବନରେ ଘଟିଥାଏ । ଯେକୌଣସି ବିଷୟ ଉତ୍ତମ ଭାବରେ ଆରମ୍ଭ କରିବା ଅପେକ୍ଷା କିପରି ତାହା ସମାପ୍ତ କରୁ, ତାହାହିଁ ଗୁରୁତ୍ୱପୂର୍ଣ୍ଣ ବିଷୟ । ଏ ବିଷୟରେ ବାଇବଲ ଆମ୍ଭମାନଙ୍କୁ ଅନେକଙ୍କ ଜୀବନ ମାଧ୍ୟମରେ ସଚେତନ କରାଏ । ଶାଉଲ ରାଜା ଉତ୍ତମ ଭାବରେ ଜୀବନ ଆରମ୍ଭ କରି ବିଫଳତାରେ ଶେଷ କଲେ । ପରବର୍ତ୍ତୀ ସମୟରେ ଶାଉଲ

(ପରିବର୍ତ୍ତିତ ପାଉଲ) ବିରୋଧାତ୍ମକ ମନୋଭାବରେ ଜୀବନ ଆରମ୍ଭ କରି, ବିଜୟରେ ଆପଣା ଯାତ୍ରା ସଫଳ କରିଥିଲେ । ଗାଲାତୀୟ ମଣ୍ଡଳୀର ବିଶ୍ୱାସୀମାନଙ୍କୁ ପାଉଲ ଲେଖନ୍ତି, **'ହେ ନିର୍ବୋଧ ଗାଲାତୀୟମାନେ , କିଏ ତୁମ୍ଭମାନଙ୍କୁ ମୋହିତ କଲା? ତୁମ୍ଭମାନଙ୍କ ଚକ୍ଷୁ ସମ୍ମୁଖରେ ତ କ୍ରୁଶରେ ହତ ଯୀଶୁଖ୍ରୀଷ୍ଟଙ୍କ ଚିତ୍ର ଅଙ୍କିତ ହୋଇଥିଲା..... ଆତ୍ମାରେ ଆରମ୍ଭ କରି ତୁମ୍ଭେମାନେ କି ଏବେ ଶରୀରରେ ସିଦ୍ଧ ହେବାକୁ ଯାଉଅଛ?' (ଗାଲାତୀ ୩:୧, ୩) ।** ଏହା ଆମ୍ଭମାନଙ୍କ ଜୀବନରେ କ'ଣ ସତ୍ୟ କି? **'ଆସ ଆମ୍ଭେମାନେ ଯେଉଁ ଆହ୍ୱାନରେ ଆହୂତ, ବାଜିରୂପ ଫଳ ପାଇବା ନିମନ୍ତେ ବିଶ୍ୱାସ ରକ୍ଷା କରି, ଶେଷ ପର୍ଯ୍ୟନ୍ତ ଧାବମାନ ହେଉ' (୨ୟ ତିମଥୀ ୪:୭)** । ଯୀଶୁ ନିଜ ବିଷୟରେ ସାକ୍ଷ୍ୟ ଦେଇ କହିଲେ, **'ତୁମ୍ଭେ ମୋତେ ଯେଉଁ କର୍ମ କରିବାକୁ ଦେଇଅଛ, ତାହା ମୁଁ ସମାପ୍ତ କରି ପୃଥିବୀରେ ତୁମ୍ଭଙ୍କୁ ମହିମାନ୍ୱିତ କରିଅଛି' (ଯୋହନ ୧୭:୪) ।**

## ନିରୁତ୍ସାହିତ ନ ହୁଅ

ପ୍ରତିକୂଳ ପରିସ୍ଥିତିରେ ଗତି କଲାବେଳେ ନିରୁତ୍ସାହିତ ହେବାର ପ୍ରଲୋଭନକୁ ପ୍ରତିରୋଧ କରିବା ଆବଶ୍ୟକ । ଯୁବକ **ଉଇଲିୟମ୍ ଉଇଲବର୍** ଇଂଲଣ୍ଡରେ ପ୍ରଚଳିତ କ୍ରୀତଦାସ ବ୍ୟବସାୟ ବିରୁଦ୍ଧରେ ଦୀର୍ଘ ୧୦ ବର୍ଷ ପ୍ରାଣପଣ କରିଥିଲେ । ୧୭୮୦ ମସୀହାର ପ୍ରାରମ୍ଭରେ ପୁନର୍ବାର ସେ ବିଫଳତାର ସମ୍ମୁଖୀନ ହୋଇ ବିଶେଷ ନିରୁତ୍ସାହିତ ହୋଇ ପଡ଼ିଲେ । କ୍ଳାନ୍ତ ଓ ନୈରାଶ୍ୟପୂର୍ଣ୍ଣ ଭାବରେ ସେ ଆପଣା ବାଇବଲଟିକୁ ବିଭିନ୍ନ ସ୍ଥାନରୁ ପଢ଼ିବା ପାଇଁ ଆରମ୍ଭ କଲେ । ଖଣ୍ଡିଏ ଛୋଟ କାଗଜ ବାଇବଲ ଭିତରୁ ବାହାରି ତଳେ ପଡ଼ିଗଲା । ମୃତ୍ୟୁ ପୂର୍ବରୁ ବିଶିଷ୍ଟ ସୁସମାଚାର ପ୍ରଚାରକ ଜନ୍ ୱେସଲୀ ତାଙ୍କ ନିକଟକୁ ଲେଖିଥିବା ସେହି ଚିଠି । ଉଇଲିୟମ୍ ପୁନର୍ବାର ଚିଠିଟିକୁ ପଢ଼ିବା ପାଇଁ ଆରମ୍ଭ କଲେ, 'ଈଶ୍ୱରଙ୍କ ଐଶ୍ୱରୀକ ଶକ୍ତି ଯଦି ତୁମକୁ ନ ଉଠାନ୍ତି..... ତେବେ ମୁଁ ଜାଣି ପାରୁ ନାହିଁ କିପରି ତୁମେ ଏହି ଘୃଣ୍ୟ କ୍ରୀତଦାସ ପ୍ରଥାର ବିରୁଦ୍ଧରେ ନିଜର ଗୌରବମୟ ପ୍ରଚେଷ୍ଟାକୁ ଆଗେଇ ନେଇ ପାରିବ, ଯାହାକି ଇଂଲଣ୍ଡ ତଥା ସମସ୍ତ ମନୁଷ୍ୟ ଜାତି ନିମନ୍ତେ ଧର୍ମର ଏକ ଲଜ୍ଜ୍ୟାଜନକ ବିଷୟ ! ଈଶ୍ୱର ଯଦି ତୁମକୁ ଏଥିନିମନ୍ତେ ନ ଉଠାନ୍ତି, ତେବେ ମନୁଷ୍ୟ ଓ ଶୟତାନର ଏହି କାର୍ଯ୍ୟ ବିରୁଦ୍ଧରେ ଠିଆ ହୋଇ ତୁମେ କ୍ଳାନ୍ତ ଓ ଶକ୍ତିହୀନ ହୋଇ ପଡ଼ିବ । ଯଦି ଈଶ୍ୱର ତୁମର ସପକ୍ଷ, କିଏ ତୁମର ବିପକ୍ଷ ହୋଇ ପାରିବ? ଓଃ ! ଉତ୍ତମ କାର୍ଯ୍ୟ କରିବାରେ କ୍ଳାନ୍ତ କିଅବା ନିରୁତ୍ସାହିତ ନ ହୁଅ । ଈଶ୍ୱରଙ୍କ ନାମରେ ପୁଣି ତାହାଙ୍କ ଶକ୍ତିରେ ଅଗ୍ରସର ହୁଅ' । ଚିଠିଟି ପଢ଼ି ଉଇଲବର୍ ଆପଣା କାର୍ଯ୍ୟରେ ଅଗ୍ରସର ହେବା ନିମନ୍ତେ ନୂତନ ପ୍ରେରଣା ପାଇଲେ ଏବଂ ଈଶ୍ୱର ତାହାଙ୍କ କାର୍ଯ୍ୟକୁ ଆଶୀର୍ବାଦଯୁକ୍ତ କଲେ । ୧୮୩୩ ମସୀହାରେ ତାଙ୍କର ମୃତ୍ୟୁ ପୂର୍ବରୁ ଇଂଲଣ୍ଡର ବିଚାରାଳୟରେ କ୍ରୀତଦାସ ପ୍ରଥାକୁ ଇଂଲଣ୍ଡରୁ ସମୂଳେ ଲୋପ କରିବା ନିମନ୍ତେ ସିଦ୍ଧାନ୍ତ ନିଆ ଯାଇଥିଲା ।



ଆପଣ କ'ଣ ନିରୁତ୍ସାହିତ? କ୍ରମାଗତ ପ୍ରତିବାଧାର ସମ୍ମୁଖୀନ ହୋଇ ଚାଲିଛନ୍ତି? ସଫଳତା ତୁମଠାରୁ ଦୂରରେ ଥିଲା ପରି ମନେ ହେଉଛି କି ? ସାହସ ଧର, ଏହି ଯୁଦ୍ଧ ତୁମର ନୁହେଁ, ମାତ୍ର ଈଶ୍ୱରଙ୍କର । ତାହାଙ୍କର ଶକ୍ତିରେ ଆମେ ସମସ୍ତ ଅନ୍ଧକାରର ଶକ୍ତିକୁ ଜୟ କରି ପାରିବା । ପ୍ରେରିତ ପାଉଲ ଗାଲାତୀୟ ମଣ୍ଡଳୀର ବିଶ୍ୱାସୀମାନଙ୍କୁ ଉତ୍ସାହିତ କରି ଲେଖନ୍ତି, **'ଆମ୍ଭେମାନେ ଉତ୍ତମ କର୍ମ କରିବାରେ ଶ୍ରାନ୍ତ ନ ହେଉ , କାରଣ କ୍ଳାନ୍ତ ନୋହିଲେ ଉପଯୁକ୍ତ ସମୟରେ ଶସ୍ୟ କାଟିବା' (ଗାଲାତୀ ୬:୯) ।**

## ବନ୍ଦରକୁ ସୁରକ୍ଷା କର

ଜଣେ ବ୍ୟକ୍ତି ଗୋଟିଏ ଛୋଟ ଦ୍ୱୀପରେ ଥିବା ଏକ ବତୀଘରର ତତ୍ତ୍ୱାବଧାନ କରୁଥିଲେ । ଦିନେ ସେ ତାଙ୍କର ହୃତପିଣ୍ଡରେ ହଠାତ୍ ଯନ୍ତ୍ରଣା ଅନୁଭବ କଲେ । ବେତାର ଯନ୍ତ୍ର ମାଧ୍ୟମରେ ସ୍ଥଳଭୂମିକୁ ସମ୍ବାଦ ପଠାଇବା ନିମନ୍ତେ ସେ ତାଙ୍କର ସ୍ତ୍ରୀଙ୍କୁ କହିଲେ, ଯେପରି ଶୀଘ୍ର ଗୋଟିଏ ଡଙ୍ଗାରେ କେହି ଆସି ତାଙ୍କୁ ଚିକିତ୍ସା ନିମନ୍ତେ ଡାକ୍ତରଖାନାକୁ ନେଇ ପାରିବେ । ସମ୍ବାଦ ପାଇ ଅଳ୍ପ ସମୟ ମଧ୍ୟରେ ଡଙ୍ଗାରେ କେତେଜଣ ଆସି ତାଙ୍କୁ ନିକଟବର୍ତ୍ତୀ ଏକ ଡାକ୍ତରଖାନାକୁ ନେଇଗଲେ । ଡଙ୍ଗାରେ ବସିଥିବା ଅବସ୍ଥାରେ ସେ ତାଙ୍କ ସ୍ତ୍ରୀଙ୍କୁ କହିଲେ, 'ତୁମେ ଏହି ବତୀଘରର ତତ୍ତ୍ୱାବଧାନ କରୁଥାଅ, ଯେପରି କୌଣସି ଜାହାଜର ଦୁର୍ଘଟଣା ନ ଘଟେ' । ସେଥିରେ ସେହି ସ୍ତ୍ରୀ ବତୀଘରକୁ ଜଗି ରହିଲେ । ସ୍ୱାମୀଙ୍କର ଅପେକ୍ଷାରେ ରହିଥିଲେ ମଧ୍ୟ ସେ ପୁନର୍ବାର ଫେରି ଆସି ନ ଥିଲେ, ପଥ ମଧ୍ୟରେ ସେ ମୃତ୍ୟୁବରଣ କରିଥିଲେ ।

ଆଜି ଆମ୍ଭମାନଙ୍କ ହସ୍ତରେ ଛୋଟ, ବଡ଼ ଅନେକ ଦାୟିତ୍ୱ ସମର୍ପିତ ହୋଇଛି । ଈଶ୍ୱରଙ୍କ ପକ୍ଷରେ ଓ ଅନ୍ୟମାନଙ୍କ ନିକଟର ଆମେ ପ୍ରତ୍ୟେକେ ଜଣେ ଜଣେ ଭଣ୍ଡାରଘରିଆ । ଶେଷ ପର୍ଯ୍ୟନ୍ତ ଆପଣା ଦାୟିତ୍ୱରେ ବିଶ୍ୱସ୍ତ ରହୁ, ଯେପରି ଅନ୍ୟମାନଙ୍କର ଜୀବନ ସୁରକ୍ଷାର କାରଣ ହୋଇ ପାରିବା। ଈଶ୍ୱରଙ୍କ ବାକ୍ୟରେ ଲେଖାଯାଏ, **'ଅତଏବ, ହେ ମୋହର ପ୍ରିୟ ଭାଇମାନେ, ପ୍ରଭୁଙ୍କ ସେବାରେ ତୁମ୍ଭମାନଙ୍କର ପରିଶ୍ରମ ନିଷ୍ଫଳ ନୁହେଁ, ଏହା ଜାଣି ପ୍ରଭୁଙ୍କ କାର୍ଯ୍ୟରେ ସୁସ୍ଥିର ଓ ଅଟଳ ରହି ସର୍ବଦା ଅଧିକରୁ ଅଧିକତର ଯତ୍ନବାନ ହୁଅ' (୧ମ କରନ୍ଥୀ ୧୫: ୫୮) ।.**

**'ମୁଁ ଉତ୍ତମ ଯୁଦ୍ଧରେ ପ୍ରାଣପଣ କରିଅଛି, ନିରୂପିତ ପଥର ଶେଷ ପର୍ଯ୍ୟନ୍ତ ଦୌଡ଼ିଅଛି, ମୁଁ ବିଶ୍ୱାସ ରକ୍ଷା କରିଅଛି' (୨ୟ ତିମଥୀ ୪:୭) ।**

## ପୁରସ୍କୃତ ସେବାକାର୍ଯ୍ୟ

ଦିନେ ରବିବାର ଉପାସନା ଆରମ୍ଭ ହେବା ପୂର୍ବରୁ ଉକ୍ତ ମଣ୍ଡଳୀର ଜଣେ ଦିକନ ବନ୍ଧୁ ବୟସ୍କ

ପାଳକଙ୍କୁ ଭର୍ତ୍ସନା କରି କହିଲେ, 'ପାଳକ ମହାଶୟ, ଆପଣଙ୍କର ପ୍ରଚାର ଓ ସେବାକାର୍ଯ୍ୟରେ କିଛି ଭୁଲ୍ ରହି ଯାଉଛି, ଗତ ବର୍ଷ ମଧ୍ୟରେ କେବଳ ଗୋଟିଏ ସାନବାଳକ ବ୍ୟତୀତ ମଣ୍ଡଳୀର ସଭ୍ୟ ସଂଖ୍ୟା ବିଶେଷ ବୃଦ୍ଧି ପାଇ ନାହିଁ । ସେହି ଦିନ ଉପାସନା ସମୟରେ ପାଳକଙ୍କ ହୃଦୟ ବିଶେଷ ଦୁଃଖିତ ଓ ଭାରଗ୍ରସ୍ତ ହୋଇ ପଡ଼ିଥିଲା । ପ୍ରଚାର ସମାପ୍ତ ହେଲା ପରେ ମଣ୍ଡଳୀରେ ନିଜର ପାଳକୀୟ ସେବାକାର୍ଯ୍ୟକୁ ପରିତ୍ୟାଗ କରିବା ପାଇଁ ସେ ମନସ୍ଥ କରିଥିଲେ । ଉପାସକମାନେ ଚାଲିଗଲା ପରେ ସେହି ନୂଆ ବାଳକଟି ପାଳକଙ୍କ ନିକଟକୁ ଆସି ପଚାରିଲା, 'ଆପଣ କ'ଣ ଭାବୁଛନ୍ତି ଯେ, ମୁଁ ଯଦି ଯଥେଷ୍ଟ ପରିଶ୍ରମ କରି ଉଚ୍ଚଶିକ୍ଷା ପ୍ରାପ୍ତ ହୁଏ, ତେବେ ଯାଇ ଜଣେ ପ୍ରଚାରକ କିଅବା ଜଣେ ମିଶନେରୀ ହୋଇ ପାରିବି?' ସେଥିରେ ପାଳକ ମହାଶୟଙ୍କ ଆଖିରେ ଲୁହ ଭରିଗଲା । ପାଳକ କହିଲେ, 'ରବର୍ଟ, ତୁମର ଜୀବନ ଉପରେ ଈଶ୍ୱରଙ୍କ ହସ୍ତ ଥିବାର ମୁଁ ଆଜି ଉପଲବ୍ଧି କରି ପାରୁଛି । ମୋର ପୁତ୍ର, ଈଶ୍ୱର ତୁମକୁ ଆଶୀର୍ବାଦ କରନ୍ତୁ । ହଁ, ମୁଁ ନିଶ୍ଚିତ ଯେ ଦିନେ ତୁମେ ଜଣେ ପ୍ରଚାରକ ହୋଇ ପାରିବ' ।

ଅନେକ ବର୍ଷ ପରେ ଜଣେ ବୟସ୍କ ମିଶନେରୀ ଆଫ୍ରିକାରୁ ସ୍ୱସ୍ଥାନ ଇଂଲଣ୍ଡ ସହରକୁ ଫେରି ଆସିଥିଲେ । ଅତି ସମ୍ମାନର ସହ ଲୋକମାନେ ତାଙ୍କର ନାମକୁ ପ୍ରକାଶ କରିଥିଲେ । ତାଙ୍କର ସେବାକାର୍ଯ୍ୟ ଦ୍ୱାରା ଅନେକେ ଆଫ୍ରିକାର ଲୋକମାନେ ଯୀଶୁଙ୍କର ପରିଚୟ ପାଇଥିଲେ, ଏପରିକି ଅତି ନିଷ୍ଠୁର ନେତାମାନେ ମଧ୍ୟ ସୁସମାଚାର ଦ୍ୱାରା ପରିବର୍ତ୍ତିତ ହୋଇଥିଲେ । ଉକ୍ତ ବ୍ୟକ୍ତି ଥିଲେ ବିଶିଷ୍ଟ ମିଶନେରୀ **ରବର୍ଟ ମୋଫେଟ**, ଯେଉଁ ରବର୍ଟ କି ଅନେକ ବର୍ଷ ପୂର୍ବେ ସେହି ପୁରାତନ ସ୍କଟଲାଣ୍ଡ ମଣ୍ଡଳୀର ପାଳକଙ୍କ ସହିତ ରବିବାର ଉପାସନା ସମୟରେ ନିଜର ଜୀବନର ସମର୍ପଣ ବିଷୟ ପ୍ରକାଶ କରିଥିଲେ ।

ଆଜି ମଧ୍ୟ ରବର୍ଟଙ୍କ ପରି ଯୁବା ପୁଅ ଝିଅମାନଙ୍କୁ ଈଶ୍ୱର ତାହାଙ୍କ ସୁସମାଚାରର ବାର୍ତ୍ତାବାହକ ଭାବରେ ବ୍ୟବହାର କରିବାକୁ ଖୋଜୁଛନ୍ତି । ଆମର ପାରିପାର୍ଶ୍ୱିକ ଅବସ୍ଥା ଯାହା ହେଉ ନା କାହିଁକି, ଆମର ଆଭ୍ୟନ୍ତରୀଣ ସମର୍ପଣ ଈଶ୍ୱରଙ୍କ ସେବାକାର୍ଯ୍ୟର ମୌଳିକ ଯୋଗ୍ୟତା । ପାଉଲ କହନ୍ତି,

**'କାରଣ ହେ ଭାଇମାନେ, ତୁମ୍ଭମାନଙ୍କ ଆହ୍ୱାନ ବିଷୟ ଭାବି ଦେଖ, ସାଂସାରିକ ମତାନୁସାରେ ଅନେକ ଜ୍ଞାନୀ, ଅନେକ କ୍ଷମତାପନ୍ନ ବା ଅନେକ କୁଳୀନ ଆହୂତ ହୋଇ ନାହାନ୍ତି, କିନ୍ତୁ ଯେପରି କୌଣସି ମର୍ତ୍ତ୍ୟ ଈଶ୍ୱରଙ୍କ ଛାମୁରେ ଗର୍ବ ନ କରେ, ଏଥିପାଇଁ ଈଶ୍ୱର ଜ୍ଞାନୀମାନଙ୍କୁ ଲଜ୍ଜା ଦେବା ନିମନ୍ତେ ଜଗତର ମୂର୍ଖ ବିଷୟ ସବୁ ମନୋନୀତ କଲେ, ପୁଣି ବଳବାନ ବିଷୟସବୁକୁ ଲଜ୍ଜା ଦେବା ନିମନ୍ତେ ଈଶ୍ୱର ଜଗତର ଦୁର୍ବଳ ବିଷୟ ସବୁ ମନୋନୀତ କଲେ, ଆଉ ଯାହା ଜଗତ ଚକ୍ଷୁରେ ମାନ୍ୟଗଣ୍ୟ, ସେ ସବୁକୁ ବ୍ୟର୍ଥ କରିବା ନିମନ୍ତେ ଈଶ୍ୱର ଜଗତର ନୀଚ ଓ ତୁଚ୍ଛ ବିଷୟଗୁଡ଼ିକ, ହଁ, ନଗଣ୍ୟ ବିଷୟଗୁଡ଼ିକ ମନୋନୀତ କଲେ' (୧ମ କରନ୍ଥୀ ୧:୨୬-୨୯) ।**



## ଶେଷ ପର୍ଯ୍ୟନ୍ତ ବିଶ୍ୱସ୍ତ

୧୯୮୧ ମସୀହାରେ **ବିଲ୍ ବ୍ରୋଡହର୍ଷ୍ଟ** , ମେବ୍ରାସ୍କାର ଓମାହା ସହରର ଏକ ଦଶହଜାର ମିଟର ଲମ୍ବା ରାସ୍ତା ଦୌଡ଼ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ । ଦଶ ବର୍ଷ ପୂର୍ବରୁ ମସ୍ତିଷ୍କରେ ଅସ୍ତ୍ରୋପଚାର ହେତୁ ତାଙ୍କର ବାମ ପାଖ ସଂପୂର୍ଣ୍ଣ ଅବଶ ହୋଇ ପଡ଼ିଥିଲା । ମାତ୍ର ଜୁଲାଇ ମାସର ଏକ କୁହୁଡ଼ିଆ ପ୍ରାତଃକାଳରେ ପ୍ରାୟ ୧୨୦୦ ପୁରୁଷ ଓ ମହିଳାମାନଙ୍କ ସହିତ ଦୌଡ଼ର ଆରମ୍ଭ ସ୍ଥାନରେ ସେ ଠିଆ ହୋଇ ଥିଲେ । ବନ୍ଧୁକ ଫୁଟିଲା- ଉପସ୍ଥିତ ଦର୍ଶକବୃନ୍ଦ ଆଗକୁ ଦ୍ରୁତ ଗତିରେ ଦୌଡ଼ିବାକୁ ଲାଗିଲେ । ବିଲ୍ ତାଙ୍କର ଅବଶ ବାମ ଗୋଡ଼ ଆଗକୁ କରି, ତା'ଉପରେ ଭରା ଦେଇ ଡାହାଣ ଗୋଡ଼କୁ ଭୂମି ଉପରକୁ ଉଠାଇ ଦୌଡ଼ିବାକୁ ଆରମ୍ଭ କଲେ । କିଛି ଦୂର ଦୌଡ଼ିବା ମଧ୍ୟରେ ଦୌଡ଼ାଳୀମାନେ ଦୃଷ୍ଟିଗୋଚରରୁ ଅନ୍ତର୍ହିତ ହୋଇଗଲେ । ମୁଖମଣ୍ଡଳରେ ଝାଳ, ପାଦ ଗଣ୍ଠିରେ ଗଭୀର ଯନ୍ତ୍ରଣା, ତଥାପି ବିଲ୍ ଦୌଡୁଥାଆନ୍ତି - ୨ ଘଣ୍ଟା ୨୯ ମିନିଟ୍ ଅଗ୍ରସର ହେଲା ପରେ ବିଲ୍ ଦୌଡ଼ର ଶେଷ ସୀମାରେ ଆସି ପହଞ୍ଚିଲେ । ଦୌଡ଼ାଳୀମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଆସି ତାଙ୍କୁ କହିଲେ, 'ମୋ ଅପେକ୍ଷା ତୁମେ ଅଧିକ ପରିଶ୍ରମ କରିଅଛ' । ଏହି କଥା କହି ପ୍ରସିଦ୍ଧ ଗଣ ଦୌଡ଼ାଳୀ ବିଲ୍ ରୋଜର୍ ତାଙ୍କର ପୁରସ୍କାର ପ୍ରାପ୍ତ ନୂତନ ମେଡାଲଟିକୁ ବିଲ୍ ବ୍ରୋଡହର୍ଷ୍ଟଙ୍କର ଗଳାରେ ପିନ୍ଧାଇ ଦେଲେ । ଶାରୀରିକ ଅକ୍ଷମତା ସତ୍ତ୍ୱେ ବିଲ୍ ଶେଷ ପର୍ଯ୍ୟନ୍ତ ଧୈର୍ଯ୍ୟଧରି ଦୌଡ଼ି ଶେଷରେ ବିଜୟଲାଭ କରିଥିଲେ ।

ଖ୍ରୀଷ୍ଟିୟ ଜୀବନ ଦୌଡ଼ରେ କିଏ ସର୍ବ ପ୍ରଥମ ହେଉଛି, ତାହା ବଡ଼ ବିଷୟ ନୁହେଁ, ମାତ୍ର ଯେ ଧୈର୍ଯ୍ୟ ସହିତ ଶେଷ ପର୍ଯ୍ୟନ୍ତ ବିଶ୍ୱସ୍ତ ଭାବରେ ଦୌଡ଼ି ପାରିବ, ସେ ହିଁ ପ୍ରକୃତ ବିଜୟୀ, ପୁରସ୍କାର ପାଇବା ନିମନ୍ତେ ଯୋଗ୍ୟ ବ୍ୟକ୍ତି । ଆଜି ଆମେ କିପରି ଦୌଡୁଛୁ? କେଉଁ ବିଷୟ ଗୁଡ଼ିକ ଆମର ଦୌଡ଼ାରେ ପ୍ରତିବନ୍ଧକ ସୃଷ୍ଟି କରୁଛି? ନିଜ ଜୀବନର ସାକ୍ଷ୍ୟ ଦେଇ ପାଉଲ କହିଲେ, **'ଅତଏବ, ଏଡ଼େ ବୃହତ୍ତ ମେଘ ତୁଲ୍ୟ ସାକ୍ଷୀମାନଙ୍କ ଦ୍ୱାରା ବେଷ୍ଟିତ ହେବାରୁ ଆସ, ଆମ୍ଭେମାନେ ପ୍ରତ୍ୟେକ ଭାର ଓ ସହଜରେ ବେଷ୍ଟନକାରୀ ପାପ ପରିତ୍ୟାଗ କରି ବିଶ୍ୱାସର ନେତା ଓ ସିଦ୍ଧିଦାତା ଯୀଶୁଙ୍କୁ ଲକ୍ଷ୍ୟ କରି ଧୈର୍ଯ୍ୟ ସହକାରେ ଆମ୍ଭମାନଙ୍କ ଗନ୍ତବ୍ୟ ପଥରେ ଧାବମାନ ହେଉ' (ଏବ୍ରୀ ୧୨:୧) । ' ମୁଁ ଉତ୍ତମ ଯୁଦ୍ଧରେ ପ୍ରାଣପଣ କରିଅଛି , ନିରୂପିତ ପଥର ଶେଷ ପର୍ଯ୍ୟନ୍ତ ଦୌଡ଼ିଅଛି । ମୁଁ ବିଶ୍ୱାସ ରକ୍ଷା କରିଅଛି । ଅଦ୍ୟାବଧି ମୋ ନିମନ୍ତେ ଧାର୍ମିକତାର ମୁକୁଟ ରଖା ଯାଇଅଛି, ତାହା ସେହି ମହାଦିନ ରେ ନ୍ୟାୟବାନ୍ ବିଚାରକର୍ତ୍ତା ପ୍ରଭୁ ମୋତେ ଦେବେ' (୨ୟ ତିମଥି ୪:୭-୮) ।**

# ଭୂମିକା

ଆଜି ଆମେ ଏକ ଘଡ଼ି ସନ୍ଧି ସମୟରେ ବାସ କରୁଛୁ, ଯେତେବେଳେ ଆମର ବ୍ୟକ୍ତିଗତ, ପାରିବାରିକ ଓ ସେବାକାର୍ଯ୍ୟରେ ଅନେକ ଦୁର୍ବଳତା ଓ ଭଗ୍ନ ସ୍ଥାନ ସବୁ ଦେଖାଯାଉଛି । ମାତ୍ର ଈଶ୍ୱର ତାଙ୍କର ଉଚ୍ଚତର ସଂକଳ୍ପ ସାଧନ କରିବାରେ ବିଶ୍ୱସ୍ତ । ଏହି **'ଦୃଷ୍ଟାନ୍ତ'** ପୁସ୍ତକରେ ପ୍ରକାଶିତ ଜୀବନ୍ତ ସାକ୍ଷ୍ୟ ଓ ଘଟଣାଗୁଡ଼ିକ ମୋର ବ୍ୟକ୍ତିଗତ ଓ ସେବାର ଜୀବନରେ ବିଶେଷ ଆଶୀର୍ବାଦ ଆଣିଛି । ବିଭିନ୍ନ ପୁସ୍ତକ ଓ ପତ୍ରିକାଗୁଡ଼ିକୁ ପଢ଼ିବା ସମୟରେ ମୁଁ ସେଗୁଡ଼ିକୁ ଏକ ଟିପ୍‌ପଣୀରେ ଲେଖି ରଖୁଥିଲି, ଯେପରି ପରବର୍ତ୍ତୀ ସମୟରେ ସେଗୁଡ଼ିକୁ ପୁନର୍ବାର ପଢ଼ିବା ଦ୍ୱାରା ନୂତନ ଉତ୍ସାହ ପାଇ ପାରିବି । କେତେକ ଘଟଣାକୁ ଉଦାହରଣ ଭାବରେ ମୋର ପ୍ରଚାରରେ ମଧ୍ୟ ବ୍ୟବହାର କରିଛି ଏବଂ ତାହା ଅନେକଙ୍କ ଜୀବନରେ ଉତ୍ସାହ ଓ ଆଶୀର୍ବାଦ ଆଣିଛି ।

କିଛି ମାସ ପୂର୍ବରୁ ହଠାତ୍ ପ୍ରଭୁ ମୋର ମନରେ ଉକ୍ତ ଜୀବନ୍ତ ସାକ୍ଷ୍ୟ ଓ ଘଟଣାଗୁଡ଼ିକୁ ଏକ ପୁସ୍ତକ ଆକାରରେ ପ୍ରକାଶ କରିବା ପାଇଁ ପ୍ରେରଣା ଦେଲେ । ମୁଁ ଅନୁଭବ କଲି, ଯଦି ଏଗୁଡ଼ିକ ମୋର ଜୀବନକୁ ଉତ୍ସାହିତ କରିଛି, ତାହା ନିଶ୍ଚିତ ଭାବରେ ଅନ୍ୟମାନଙ୍କ ଜୀବନରେ ମଧ୍ୟ ଆଶୀର୍ବାଦ ଆଣିବ । ଉକ୍ତ ପ୍ରେରଣାକୁ ଚାପି ନ ପାରି ସେଗୁଡ଼ିକୁ ଆମ ଭାଷାରେ ସରଳ ଭାବରେ ଅନୁବାଦ କରିବାକୁ ଆରମ୍ଭ କଲି । ଅନୁବାଦ କରିବା ସମୟରେ କେତେକ ଘଟଣା ପୁନର୍ବାର ମୋର ଆଖିରେ ଲୁହ ଭରି ଦେଇଥିଲା, ଫଳରେ ନିଜ ଜୀବନକୁ ପୁନର୍ବାର ନୂତନ ସମର୍ପଣରେ ପ୍ରଭୁଙ୍କ ନିକଟରେ ଉତ୍ସର୍ଗ କରିଥିଲି ।

ଉକ୍ତ ଘଟଣାଗୁଡ଼ିକ କାଳ୍ପନିକ ନୁହେଁ, ମାତ୍ର ଯାହା ଅନ୍ୟମାନଙ୍କ ଜୀବନରେ ଘଟିଛି, ତାହା କେବଳ ଉଲ୍ଲେଖ କରାଯାଇଛି । ମୋର ବିଶ୍ୱାସ ଆମ୍ଭମାନଙ୍କ ଜୀବନରେ ଈଶ୍ୱର ସେ ସମସ୍ତଠାରୁ ଅଧିକ ଗଭୀର ଓ ମହାନ୍ କାର୍ଯ୍ୟ ସାଧନ କରିବା ପାଇଁ ଆଜି ମଧ୍ୟ ସମର୍ଥ ଅଟନ୍ତି । ସେଥିପାଇଁ ଈଶ୍ୱରଙ୍କୁ ଧନ୍ୟବାଦ ସହ ଆନନ୍ଦ ମନରେ ଏହି **ଦୃଷ୍ଟାନ୍ତ** ପୁସ୍ତକଟିକୁ ଆପଣଙ୍କ ବ୍ୟବହାର ନିମନ୍ତେ ଉପସ୍ଥାପନା କରୁଛି ।

ଏହା ବ୍ୟକ୍ତିଗତ, ପାରିବାରିକ ଓ ସେବାକାର୍ଯ୍ୟ ନିମନ୍ତେ ଏକ ଉପାଦେୟ ପୁସ୍ତକ । ଯଦି କୌଣସି ଘଟଣା କିଅବା ସାକ୍ଷ୍ୟ ଆପଣଙ୍କ ଜୀବନରେ ଆଶୀର୍ବାଦ ଆଣିବ, ତେବେ ଅନ୍ୟମାନଙ୍କ ନିକଟକୁ ଗୋଟିଏ ପୁସ୍ତକ ପଠାଇବା ପାଇଁ କୁଣ୍ଠାବୋଧ କରିବେ ନାହିଁ । ଗୋଟିଏ ଦୁଇଟି ଘଟଣା ଶୁଣି କେତେକ ଭାଇ, ଭଉଣୀ ଏହି ପୁସ୍ତକର ମୁଦ୍ରଣ ନିମନ୍ତେ କିଛି ଆର୍ଥିକ ସାହାଯ୍ୟ ଦେଇଥିବାରୁ ସେମାନଙ୍କ ନିକଟରେ ଆମେ କୃତଜ୍ଞ । ସଂପୂର୍ଣ୍ଣ ପୁସ୍ତକଟିକୁ ସଂଶୋଧନ ଓ କଂପ୍ୟୁଟରରେ ଲେଖିବା ପାଇଁ ମୋର ସ୍ତ୍ରୀ ଅନେକ ପରିଶ୍ରମ କରିଛନ୍ତି । ଅନୁବାଦ କରିବା ସମୟଠାରୁ ମୁଦ୍ରଣ ପର୍ଯ୍ୟନ୍ତ ଆମର ନିତ୍ୟ ପ୍ରାର୍ଥନା ଯେପରି ଏହି ପୁସ୍ତକଟିରେ ଲିଖିତ ଅନ୍ୟୂନ ଗୋଟିଏ ଘଟଣା ଅନ୍ତତଃ ଗୋଟିଏ ଜୀବନକୁ ଈଶ୍ୱରଙ୍କ ନିମନ୍ତେ ଉତ୍ସାହିତ କରିବ । ଆତ୍ମିକ ସତ୍ୟତାକୁ ଯୀଶୁ ବିଭିନ୍ନ ଦୃଷ୍ଟାନ୍ତ ମାଧ୍ୟମରେ ଲୋକମାନଙ୍କ ଜୀବନକୁ ସ୍ପର୍ଶ କରିଥିଲେ । ସେଥିପାଇଁ ଆମ୍ଭମାନଙ୍କ ଜୀବନରେ ଈଶ୍ୱରଙ୍କ କାର୍ଯ୍ୟ କେବେ ନିଷ୍ଫଳ ନୁହେଁ, ଯଦି କେବଳ ତାଙ୍କୁ ଆମ ଜୀବନରେ କାର୍ଯ୍ୟ କରିବାକୁ ସୁଯୋଗ ଦେଉ ।

ଯଦ୍ୟପି ଗତ କିଛି ବର୍ଷ ଧରି ଆମେ ବାଙ୍ଗାଲୋର ସହରରେ ରହି ବୟସ୍କ ବାପା, ମାଆମାନଙ୍କୁ ସାକ୍ଷାତ କରିବାରେ ସମୟ ଦେଉଛୁ, ତଥାପି ଅତୀତରେ ଆପଣମାନଙ୍କର ସ୍ନେହ, ସହଭାଗୀତା ଓ ସବୁ ପ୍ରକାର ସାହାଯ୍ୟ ଓ ପ୍ରାର୍ଥନା ନିକଟରେ ଆମେ ଚିର ଋଣୀ । ଆପଣଙ୍କ ପରିବାରକୁ ଆମେ ଭୁଲି ଯାଇ ନାହୁଁ, ନିତ୍ୟ ପ୍ରାର୍ଥନାରେ ସ୍ମରଣ ରଖିଛୁ । ଆଶା କରେ, ଆମର ପୂର୍ବ ପ୍ରକାଶିତ **'ଈଶ୍ୱରଙ୍କ ବାକ୍ୟର ପ୍ରସଙ୍ଗମାଳା'** ପୁସ୍ତିକାଟି ଆପଣଙ୍କର ହସ୍ତଗତ ହୋଇଥିବ । ଦୂରରୁ ପ୍ରସ୍ତୁତ ଏହି ପୁସ୍ତକଟି ଆପଣମାନଙ୍କ ସହିତ ଆମର ସଂପର୍କକୁ ଅଧିକ ବାସ୍ତବ ଓ ଘନିଷ୍ଠ କରିବ । ଆମ୍ଭମାନଙ୍କ ନିମନ୍ତେ ଓ ଆମର ପିଲାମାନଙ୍କର ପରିବାରଗୁଡ଼ିକ ନିମନ୍ତେ ପ୍ରାର୍ଥନା କରିବାକୁ ଅନୁରୋଧ କରୁଛୁ । ଧନ୍ୟବାଦ ଓ ପ୍ରାର୍ଥନା ସହ ,

ପ୍ରଭୁଙ୍କ ସେବାରେ ଆପଣମାନଙ୍କର ପ୍ରିୟ

**ସୁନୀଲ ଭାଇ ଓ ବୋଉ**

# ଦୃଷ୍ଟାନ୍ତ

(ସଂଗୃହୀତ)

ସୁନୀଲ କୁମାର ନାୟକ

ପ୍ରଥମ ସଂସ୍କରଣ —— ୨୦୧୬ ମସୀହା —— ୨୦୦୦ ଖଣ୍ଡ

ମୂଲ୍ୟ ୪୦ ଟଙ୍କା

## ସୂଚୀପତ୍ର


| | ପ୍ରସଙ୍ଗ | ପୃଷ୍ଠା |
|---|---|---|
| ୧ - | ଜୀବିତ ଈଶ୍ୱର | ୧ |
| ୨ - | ଅତୁଳନୀୟ ଖ୍ରୀଷ୍ଟ | ୬ |
| ୩ - | ଈଶ୍ୱରଙ୍କ ବାକ୍ୟ | ୧୫ |
| ୪ - | ପ୍ରାର୍ଥନା | ୨୦ |
| ୫ - | ଖ୍ରୀଷ୍ଟିୟ ଜୀବନ | ୨୫ |
| ୬ - | ବହୁମୂଲ୍ୟ ଜୀବନ | ୪୪ |
| ୭ - | ଖ୍ରୀଷ୍ଟିୟ ସାକ୍ଷ୍ୟ | ୫୦ |
| ୮ - | ଦାନ | ୬୨ |
| ୯ - | ଖ୍ରୀଷ୍ଟିୟ ସେବାକାର୍ଯ୍ୟ | ୬୮ |
| ୧୦ - | ସେବାକାର୍ଯ୍ୟର ମୂଲ୍ୟ | ୮୦ |
| ୧୧ - | ସେବାକାର୍ଯ୍ୟର ପୁରସ୍କାର | ୮୬ |